ମହାତ୍ମା ଯିଶୁ ଶିଷ୍ୟମାନଙ୍କ ସହ ନାବରେ ବସି ଯାତ୍ରା କରୁଥାନ୍ତି। ନାବର ଏକ ପାର୍ଶ୍ୱରେ ଶାନ୍ତ ଚିତ୍ତରେ ବସିଥାନ୍ତି ଯିଶୁ । ସନ୍ଧ୍ୟାର ଶାନ୍ତ ବାତାବରଣ ଥିଲା । ଥଣ୍ଡା ପବନ ବହୁଥାଏ । ଏଭଳି ଏକ ରମଣୀୟ ସନ୍ଧ୍ୟାରେ ନାଆ ଚାଲିଥାଏ । ଅନୁଗାମୀମାନେ ନାଆ ଭିତରେ ବସି ନିଃଶଙ୍କରେ ପରସ୍ପର ମଧ୍ୟରେ ଆଳାପ ଆଲୋଚନାରେ ମଜ୍ଜି ଯାଇଥାନ୍ତି । ନାଆଟି ଧୀରେ ଧୀରେ ଗନ୍ତବ୍ୟ ପଥରେ ଅଗ୍ରସର ହେଉଥାଏ। ହଠାତ୍ ପାଣିପାଗ ବଦଳି ଯାଇଥିଲା । ଆକାଶରେ କଳାହାଣ୍ଡିଆ ମେଘ ଦେଖାଦେଇ ଜୋର ପବନ ବହିବାକୁ ଲାଗିଲା । ନାଆ ପବନରେ ଦୋହଲିବା ସହ ସେଥିରେ ପାଣି ପଶିବାକୁ ଆରମ୍ଭ କଲା । କେବଳ ଯିଶୁଙ୍କୁ ଛାଡ଼ି ସବୁ ଶିଷ୍ୟ ଭୟଭୀତ ହୋଇପଡ଼ିଲେ । ଯିଶୁଙ୍କର କିନ୍ତୁ ସେ ଆଡ଼କୁ ନଜର ନଥିଲା କି ତିଳେ ମାତ୍ର ଭୟଭୀତ ହୋଇନଥିଲେ। ଅନୁଗାମୀମାନଙ୍କର ଯିଶୁଙ୍କ ଉପରେ ଆସ୍ଥା ଥିବାରୁ କିଛି ଗୋଟିଏ ଅଲୌକିକ ଘଟଣା ଘଟିବ ବୋଲି ସମସ୍ତେ ଚୁପ୍ ଚାପ୍ ଥିଲେ । ହେଲେ ଉଚ୍ଚା ଉଚ୍ଚା ଢେଉ ଯୋଗୁଁ ନାଆରେ ପାଣିପଶି ବୁଡ଼ିବା ଅବସ୍ଥାକୁ ଆସିବାରୁ କାକୁସ୍ଥ ହୋଇ କହିଥିଲେ- 'ପ୍ରଭୁ! ଆମେ ବୁଡ଼ିଯିବୁ, କିନ୍ତୁ ଆପଣଙ୍କର କୌଣସି ଚିନ୍ତା ନାହିଁ?' ଯିଶୁ ଏହା ଶୁଣି ସହଜ ଢଙ୍ଗରେ ପବନ ଓ ଢେଉ ଉଦ୍ଦେଶ୍ୟରେ କହିଥିଲେ ଶାନ୍ତ ହୋଇଯାଅ, ଥମି ଯାଅ । ଯିଶୁଙ୍କ ଏଭଳି କହିବା ପରେ ପରେ ପବନ ଥମି ଯାଇଥିଲା, ଢେଉ ଶାନ୍ତ ପଡ଼ିଥିଲା। ନିସ୍ତରଙ୍ଗ ଜଳରାଶିରେ ନାବଟି ସ୍ୱାଭାବିକ ଗତି କରିଥିଲା ପୂର୍ବଭଳି। ଶିଷ୍ୟମାନେ ଅତି ଆନନ୍ଦରେ ଖୁସି ହୋଇ ତାଳି ମାରିବାକୁ ଲାଗିଲେ । ତାଙ୍କର ଏଭଳି ମତିଗତି ଦେଖି ଯିଶୁ ହସି ହସି କହିଥିଲେ, ତୁମେମାନେ ଏପରି ଡରୁଥିଲ କାହିଁକି? କ'ଣ ଏ ପର୍ଯ୍ୟନ୍ତ ତୁମର ଅଲୌକିକ ଶକ୍ତି ଉପରେ ବିଶ୍ୱାସ ଆସୁନାହିଁ I ବିଶ୍ୱାସ କରିବା ଶିଖ । ବିଶ୍ୱାସ ମାଧ୍ୟମରେ ଜୀବନରେ ଏକ ପ୍ରଶାନ୍ତି ଉପଲବ୍ଧି ଆସିବ। ଅଲୌକିକ ଶକ୍ତିର ବିକାଶ ହେବ । ବିଶ୍ୱାସ ରଖୁଥିବା ବ୍ୟକ୍ତିର ମନ ଭୟଶୂନ୍ୟ। ଶିଷ୍ୟମାନେ ଯିଶୁଙ୍କ ସହିତ ସହମତ ହୋଇଥିଲେ ଓ ଭବିଷ୍ୟତରେ ଐଶ୍ୱରୀୟ ଶକ୍ତି ଉପରେ ଦୃଢ଼ ବିଶ୍ୱାସର ସହ ଚାଲିବା ପାଇଁ ସଂକଳ୍ପ କରିଥିଲେ। ବସ୍ତୁତଃ ବିଶ୍ୱାସ ହିଁ ସେହି ଶ୍ରଦ୍ଧାକୁ ଜନ୍ମ ଦେଇଥାଏ ଯାହା ଅତୁଟ ଆତ୍ମିକ ବଳର ସୃଜନକର୍ତ୍ତା ହୋଇଥାଏ । ଏହି ବଳ ସମ୍ପନ୍ନ ବ୍ୟକ୍ତି ହିଁ ମାନସିକ ଦୃଢ଼ତା ପ୍ରାପ୍ତ ହୋଇଥାଏ, ଯାହା ଫଳରେ ତା'ର ଚଲାପଥରେ ଆସୁଥିବା ସବୁ ପ୍ରକାର ପ୍ରତିବନ୍ଧକ ପ୍ରତିହତ ହୋଇଥାଏ ଓ ସଫଳତାର ଦ୍ୱାର ଉନ୍ମୁକ୍ତ ହୋଇଯାଇଥାଏ ।

ଅନୁଚ୍ଛେଦଟିର ମୁଖ୍ୟ ବିଷୟବସ୍ତୁ କ'ଣ ଚିହ୍ନଟ କର ?

A. ସମୁଦ୍ର ଯାତ୍ରା

B. ପବନର ପ୍ରଭାବ

C. ବିଶ୍ୱାସ ଓ ଆଧ୍ୟାତ୍ମିକ ଶକ୍ତିର ମହତ୍ତ୍ୱ ✓

D. ଶିଷ୍ୟମାନଙ୍କ ଭୟ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q5 Odia

ଅନୁଚ୍ଛେଦରେ କେଉଁ ବ୍ୟକ୍ତିଙ୍କର ଉଦାହରଣ ଦିଆଯାଇଛି ଚିହ୍ନଟ କର ?

A. ଶିଷ୍ୟମାନଙ୍କ ଆଲୋଚନା

B. ଯିଶୁଙ୍କ ✓

C. ନାଆର ଗତି

D. ସନ୍ଧ୍ୟାର ପରିବେଶ

Q6 Odia

ଏହି ଅନୁଚ୍ଛେଦ ପାଇଁ ଉପଯୁକ୍ତ ଶୀର୍ଷକଟି ଚିହ୍ନଟ କର ?

A. ଶିଷ୍ୟମାନଙ୍କ ଭୟ

B. ନୌକା ଯାତ୍ରା

C. ପବନ ଓ ଢେଉ

D. ବିଶ୍ୱାସର ଶକ୍ତି ✓

Q7 Odia

ଅନୁଚ୍ଛେଦର ସ୍ୱର ଚିହ୍ନଟ କର ?

A. ହାସ୍ୟମୟ

B. ଆଧ୍ୟାତ୍ମିକ ✓

C. ଆଲୋଚନାମୂଳକ

D. ବ୍ୟଙ୍ଗାତ୍ମକ

Q8 Odia

ଏହି ଅନୁଚ୍ଛେଦର ଗଢଣ ଚିହ୍ନଟ କର ?

A. ସମସ୍ୟା-ସମାଧାନ ମୂଳକ

B. ତୁଳନାତ୍ମକ

C. ବିଶ୍ଳେଷଣାତ୍ମକ

D. କାହାଣୀମୂଳକ ✓

Q9 Odia

'ତତ୍ସମ' ଶବ୍ଦ କହିଲେ କାହାକୁ ବୁଝାଏ?

A. ସଂସ୍କୃତ ସହିତ ସମାନ ✓

B. ପ୍ରାକୃତ ସହିତ ସମାନ

C. ଦ୍ରାବିଡ଼ ସହିତ ସମାନ

D. ପାର୍ସୀ ସହିତ ସମାନ

Q10 Odia

ଯେଉଁ ବିଶେଷଣ ପଦ ସର୍ବନାମ ପଦର ପରେ ବ୍ୟବହୃତ ହୋଇ ସର୍ବନାମ ପଦକୁ ବିଶେଷିତ କରେ ,ତାକୁ କ'ଣ କୁହାଯାଏ ?

A. ଗୁଣବାଚକ ବିଶେଷଣ

B. ସଂଖ୍ୟାବାଚକ ବିଶେଷଣ

C. ବିଶେଷଣର ବିଶେଷଣ

D. ସର୍ବନାମର ବିଶେଷଣ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

"ଡେଙ୍ଗା ମୁଣ୍ଡରେ ଠେଙ୍ଗା"- ଏହି ଲୋକୋକ୍ତିର ଠିକ୍ ଅର୍ଥ କ'ଣ ?

A. ପଛୁଆ ଲୋକ ଉପରେ ଦାୟିତ୍ୱ ଥାଏ

B. ସବୁ ଲୋକ ସମାନ ଦାୟିତ୍ୱ ନିଅନ୍ତି

C. ଆଗୁଆ ଲୋକ ଉପରେ ଦାୟିତ୍ୱ ଓ ବିପଦ ଥାଏ ✓

D. ଦାୟିତ୍ୱ କେହି ନେବେ ନାହିଁ

Q12 Odia

'ଋଷି ଜଟା ଛିଣ୍ଡାଇ ମରିବା' - ରୂଢିଟିର ପ୍ରକୃତ ଅର୍ଥ କଣ ?

A. ଅତି ଅସହିଷ୍ଣୁ ଲୋକ ସାହିଷ୍ଣୁ ହେବା

B. ଋଷି ନିଜେ ଅନ୍ୟକୁ ମାରିବା

C. ଅତି ସହିଷ୍ଣୁଲୋକ ଅସହିଷ୍ଣୁ ହେବା ✓

D. ଅନ୍ୟମାନେ ଋଷିଙ୍କ ଜଟା ଛିଣ୍ଡାଇ ମାରିବା

Q13 Odia

'ଚଉଦ ପୁରୁଷ ଉଦ୍ଧାରିବା' ରୂଢ଼ିର ଅର୍ଥ କଣ ?

A. ଅଭିମାନ କରିବା

B. ଗାଳି କରିବା ✓

C. ସମ୍ମାନ ଦେବା

D. ଶ୍ରାଦ୍ଧ କରିବା

Q14 Odia

ଓହୋ! କେଡ଼େ ବଡ଼ ରିଷ୍ଟ କଟିଗଲା ।- ଉକ୍ତ ବାକ୍ୟ ମଧ୍ୟରୁ ଭାବସୂଚକ ଅବ୍ୟୟ ପଦଟି ବାଛ ।

A. ଓହୋ ✓

B. କେଡ଼େ

C. ବଡ଼

D. ରିଷ୍ଟ

Q15 Odia

ସେ <u>ଆସ୍ତେ ଆସ୍ତେ</u> କଥା ହୁଅନ୍ତି । ରେଖାଙ୍କିତ ପଦଟି କେଉଁ ପ୍ରକାର ପଦ?

A. କ୍ରିୟା ପଦ

B. ବିଶେଷଣ ପଦ

C. କ୍ରିୟା ବିଶେଷଣ ✓

D. ବିଶେଷ୍ୟ ପଦ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 7 · 24 May 2026 · 12:30 PM - 2:00 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ବୃକ୍ଷଗୁଡ଼ିକ ବାୟୁ ଶୁଦ୍ଧ କରେ ।

A. Trees purify the air. ✓

B. Tree purifies airs.

C. Trees is purify the airs.

D. The trees are purifies air.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Mahatma Gandhi was the leader of India's freedom movement.

A. ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ସଂଗ୍ରାମର ନେତା ଥିଲେ। ✓

B. ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ଆନ୍ଦୋଳନର ନେତା ଅଟନ୍ତି।

C. ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ଆନ୍ଦୋଳନର ନେତା ଅଛନ୍ତି।

D. ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ଆନ୍ଦୋଳନର ନେତା ହେଉଛନ୍ତି।

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Ayushman Bharat scheme provides free healthcare to poor families.

A. ଆୟୁଷ୍ମାନ ଭାରତ ଯୋଜନା ଗରିବ ପରିବାରଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ କରେ। ✓

B. ଆୟୁଷ୍ମାନ ଭାରତ ଯୋଜନା ଗରିବ ପରିବାର ନିଶୁଳ୍କ ଚିକିତ୍ସା ସେବା ପ୍ରଦାନ କରେ।

C. ଆୟୁଷ୍ମାନ ଭାରତ ଯୋଜନା ଗରିବ ପରିବାରମାନଙ୍କୁ ନିଶୁଳ୍କ ଚିକିତ୍ସା ଦେଇ।

D. ଆୟୁଷ୍ମାନ ଭାରତ ଯୋଜନା ଗରିବ ପରିବାରଙ୍କୁ ଚିକିତ୍ସା ସେବା ଦିଏ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q4 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ଼। ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ।

ଭାରତର ମୁଲ୍ଲାପେରିୟାର ଡ୍ୟାମ୍ ଐତିହାସିକ ଭାବରେଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବହୁ ମହତ୍ତ୍ୱପୂର୍ଣ୍ଣ ଡ୍ୟାମ୍ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଏ। ଏହା ତାମିଲନାଡୁ ସୀମା ନିକଟରେ କେରଳର ଇଡୁକ୍କି ଜିଲ୍ଲାରେ ପେରିୟାର ନଦୀ ଉପରେ ଅବସ୍ଥିତ। ଏହି ଡ୍ୟାମ୍ ଜଣେ ବ୍ରିଟିଶ ଇଞ୍ଜିନିୟର କର୍ଣ୍ଣେଲ ଜନ୍ ପେନିକୁଇକଙ୍କ ତତ୍ତ୍ୱାବଧାନରେ ବ୍ରିଟିଶ ଶାସନ ସମୟରେ 1887 ଏବଂ 1895 ମଧ୍ୟରେ ନିର୍ମିତ ହୋଇଥିଲା।ଏହା ବର୍ତ୍ତମାନ ତାମିଲନାଡୁରେ ଥିବା ମଦୁରାଇ ପ୍ରେସିଡେନ୍ସିର ଶୁଷ୍କ ଅଞ୍ଚଳକୁ ଜଳସେଚନ ପାଣି ଯୋଗାଇବା ପାଇଁ ନିର୍ମିତ ହୋଇଥିଲା। ଏହି ଡ୍ୟାମ୍ ହେଉଛି ଚୁନା ମୋର୍ଟାର ଏବଂ ସୁର୍ଖୀରେ ନିର୍ମିତ ଏକ ଗୁରୁତ୍ୱ ବନ୍ଧ, ଯାହା 19 ଶ ଶତାବ୍ଦୀରେ ଏକ ସାଧାରଣ ନିର୍ମାଣ ସାମଗ୍ରୀ ଥିଲା। ମୁଲ୍ଲାପେରିୟାର ଡ୍ୟାମ୍ ଏକ ସୁଡଙ୍ଗ ମାଧ୍ୟମରେ ଜଳକୁ ପୂର୍ବ ଦିଗରେ ତାମିଲନାଡୁର ଭାଇଗାଇ ନଦୀ ଅବବାହିକାକୁ ପରିବର୍ତ୍ତନ କରେ, ଯାହା ଥେନି, ମାଦୁରାଇ, ଶିବଗଙ୍ଗା ଏବଂ ଡିଣ୍ଡିଗୁଲ ସମେତ ଅନେକ ଜିଲ୍ଲାରେ ଜଳସେଚନ ଏବଂ ପାନୀୟ ଜଳ ଆବଶ୍ୟକତାକୁପରିପୂରଣ କରେ।

ଏହି ସଂରଚନାଟି ଭୌଗୋଳିକ ଭାବରେ କେରଳରେ ଅବସ୍ଥିତଥିବା ବେଳେ 1886 ମସିହାରେ ସ୍ୱାକ୍ଷରିତ ଏକ ଦୀର୍ଘକାଳୀନ ଲିଜ୍ ଚୁକ୍ତିନାମା ଅନୁଯାୟୀ, ତାମିଲନାଡୁଏହି ଡ୍ୟାମ୍ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରୁଛି । ବର୍ଷ ବର୍ଷ ଧରି, ଏହି ବନ୍ଧ ସୁରକ୍ଷା ଏବଂ ଜଳସ୍ତର ପରିଚାଳନା ସମ୍ପର୍କରେ ଆନ୍ତଃରାଜ୍ୟ ଆଲୋଚନାର କେନ୍ଦ୍ରରେ ରହିଛି। କେରଳ, ଡ୍ୟାମ୍ ର ବୟସ ଏବଂ ଗଠନମୂଳକ ସ୍ଥିରତା ବିଷୟରେ ଚିନ୍ତା ପ୍ରକାଶ କରିଛି, ବିଶେଷକରି ଏହି ଅଞ୍ଚଳରେ ଭୂକମ୍ପ କାର୍ଯ୍ୟକଳାପ ପରିପ୍ରେକ୍ଷୀରେ, ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜଳଭଣ୍ଡାର ଜଳସ୍ତର ହ୍ରାସ କରିବା ପାଇଁ ସମର୍ଥନ କରିଛି। ଅନ୍ୟପକ୍ଷରେ, ତାମିଲନାଡୁ ନିରନ୍ତର ରକ୍ଷଣାବେକ୍ଷଣ ଏବଂ କୋର୍ଟ-ନିରୀକ୍ଷଣ ସୁଦୃଢ଼ୀକରଣ ପଦକ୍ଷେପ ଯୋଗୁଁ ଡ୍ୟାମ୍ ସୁରକ୍ଷିତ ବୋଲି ବଜାୟ ରଖିଛି ଏବଂ ଜଳସେଚନ ଏବଂ ଜଳ ଯୋଗାଣ ପାଇଁ ଡ୍ୟାମ୍ ର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରୁଛି।

ଭାରତର ସୁପ୍ରିମକୋର୍ଟ ସୁରକ୍ଷା ଏବଂ ଜଳସ୍ତର ସମସ୍ୟା ସମ୍ବନ୍ଧରେ ଅନେକ ରାୟ ପ୍ରଦାନ କରିଛନ୍ତି, ଜାତୀୟ ସ୍ୱାର୍ଥ ସୁନିଶ୍ଚିତ କରିବା ସହିତ ଉଭୟ ରାଜ୍ୟର ଚିନ୍ତାକୁ ସନ୍ତୁଳିତ କରିଛନ୍ତି। ଉଭୟ ରାଜ୍ୟ ମଧ୍ୟରେ ମତ ପାର୍ଥକ୍ୟ ସତ୍ତ୍ୱେ, ଉଭୟେ ବନ୍ଧ ପରିଚାଳନା ପାଇଁ ଆଇନଗତ ଏବଂ ବୈଷୟିକ ତନ୍ତ୍ର ଅନୁସରଣ କରୁଛନ୍ତି। ମୁଲ୍ଲାପେରିଆର ଏକ ଗୁରୁତ୍ୱପୂର୍ଣ୍ଣ ସଂରଚନା ଭାବରେ ଇଞ୍ଜିନିୟରିଂ ସଫଳତା, ଆନ୍ତଃରାଜ୍ୟ ସହଯୋଗ ଏବଂ ବୈଜ୍ଞାନିକ ଜଳ ପରିଚାଳନାର ଆବଶ୍ୟକତାକୁଦର୍ଶାଉଛି। ଏହାର ଐତିହ୍ୟ ଭାରତର ସଂଘୀୟ ବ୍ୟବସ୍ଥାରେ ଭିତ୍ତିଭୂମି ସୁରକ୍ଷା, ପରିବେଶଗତ ଚିନ୍ତା ଏବଂ ସମାନ ଜଳ ବଣ୍ଟନର ଗୁରୁତ୍ୱ ଉପରେ ଆଲୋକପାତ କରିଥାଏ।

ମୁଲ୍ଲାପେରିୟାର ଡ୍ୟାମ୍ କେଉଁ ରାଜ୍ୟରେ ଅବସ୍ଥିତ?

A. ତାମିଲନାଡୁ

B. କେରଳ ✓

C. କର୍ଣ୍ଣାଟକ

D. ଆନ୍ଧ୍ରପ୍ରଦେଶ

Q5 Odia

ମୁଲ୍ଲାପେରିୟାର ଡ୍ୟାମ୍ କେଉଁ ନଦୀ ଉପରେ ନିର୍ମିତ ହୋଇଥିଲା?

A. କାବେରୀ

B. ଭାଇଗାଇ

C. ପେରିୟାର ✓

D. ପାମ୍ବା

Q6 Odia

ମୁଲ୍ଲାପେରିୟାର ଡ୍ୟାମ୍ ନିର୍ମାଣର ତଦାରଖ କିଏ କରିଥିଲେ?

A. ଆର୍ଥର କଟାନ୍

B. ଜନ୍ ପେନିକୁଇକ୍ ✓

C. ଏମ୍. ବିଶ୍ୱେଶ୍ୱରାୟ

D. ୱିଲିୟମ୍ ବେଣ୍ଟଲି

Q7 Odia

ଡ୍ୟାମ୍ ନିର୍ମାଣ କାର୍ଯ୍ୟକେବେ ସମାପ୍ତ ହୋଇଥିଲା?

A. 1900

B. 1895 ✓

C. 1880

D. 1920

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q8 Odia

ଡ୍ୟାମ୍ ର ମୁଖ୍ୟ ଉଦ୍ଦେଶ୍ୟକଣ?

A. ବନ୍ୟା ନିୟନ୍ତ୍ରଣ

B. ନୌଚାଳନ

C. ଜଳସେଚନ ଏବଂ ଜଳ ଯୋଗାଣ ✓

D. ଜଳବିଦ୍ୟୁତ୍ ଉତ୍ପାଦନ

Q9 Odia

ତୁମେ ମୋ ଠାରୁ <u>ଶୁଣିକରି</u> ଯିବ । ରେଖାଙ୍କିତ ପଦଟିର କ୍ରିୟାପଦ ଚୟନ କର ।

A. ଅକର୍ମକ କ୍ରିୟା

B. ସକର୍ମକ କ୍ରିୟା

C. ଦ୍ୱିକର୍ମକ କ୍ରିୟା

D. ମିଶ୍ର କ୍ରିୟା ✓

Q10 Odia

"ଠାସକୁ ମାରିବା" ଏହି ରୂଢିଟିର ଅର୍ଥ ଚିହ୍ନଟ କର ।

A. ଅମାନ୍ୟ କରିବା

B. ଅନୁମାନ କରି କହିବା ✓

C. ଅନ୍ୟକୁ ଠକିବା

D. ଖୁବ୍ ନିରୀହ

Q11 Odia

“କୁହୁଡ଼ି ପହଁରିବା” ଏହି ରୂଢିଟିର ଅର୍ଥ ଚୟନ କର ।

A. ଦୋଷ ଖୋଜିବା

B. ଚିନ୍ତିତ ହେବା

C. ବୃଥା ପରିଶ୍ରମ ✓

D. ଆଶ୍ଚର୍ଯ୍ୟ ହେବା

Q12 Odia

ନିମ୍ନଲିଖିତ ମଧ୍ୟରୁ କେଉଁଟି ତତ୍ସମ ଶବ୍ଦ ?

A. ଗହୀର

B. ଘିଅ

C. ଗରଜ

D. <u>ଗୁରୁ</u> ✓

Q13 Odia

ଲୋକଟି ଗଛତଳେ ନିଶ୍ଚିନ୍ତରେ <u>ଶୋଇଅଛି</u> । ଉକ୍ତ ବାକ୍ୟରେ ରେଖାଙ୍କିତ ପଦଟି କେଉଁ କ୍ରିୟାପଦ ଚିହ୍ନଟ କର ।

A. ଅସମାପିକା କ୍ରିୟା

B. ଅକର୍ମକ କ୍ରିୟା ✓

C. ଦ୍ୱିକର୍ମକ କ୍ରିୟା

D. ମିଶ୍ର କ୍ରିୟା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

'ହେ ନାରାୟଣ, ଆଉ କେତେଦିନ ଏ କଷଣ ଦେଉଥିବ ?" ଏହି ବାକ୍ୟରେ ବ୍ୟବହୃତ ସମ୍ବୋଧନ ସୂଚକ ଅବ୍ୟୟ କେଉଁଟି ?

A. ଆଉ

B. କେତେଦିନ

C. କଷଣ

D. ହେ ✓

Q15 Odia

"ଠାସକୁ ମାରିବା" - ଏହି ରୂଢିର ଠିକ୍ ଅର୍ଥ କ'ଣ ?

A. ସତ୍ୟ କଥା କହିବା

B. ଅନୁମାନ କରି କହିବା ✓

C. ଜୋରରେ ଚିତ୍କାର କରିବା

D. କାହାକୁ ଗାଳି ଦେବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 8 · 24 May 2026 · 4:00 PM - 5:30 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଚନ୍ଦ୍ର ପୃଥିବୀର ଉପଗ୍ରହ ଅଟେ ।

- **A.** The Moon is the satellite of Earth. ✓
- **B.** Moon are a satellite of Earth.
- **C.** The Moon be satellite on Earth.
- **D.** Moon is satellites of the Earths.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ସେ ବଜାରରୁ ତଟକା ପନିପରିବା ଆଣିଥିଲେ ।

- **A.** He bought fresh vegetables from the market. ✓
- **B.** He buy fresh vegetable on market.
- **C.** He was bought vegetables from markets.
- **D.** He buyed fresh vegetables in the market.

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
କୃତ୍ରିମ ବୁଦ୍ଧିମତା ସଫ୍ଟୱାର ସ୍ୱତଃ ଭିନ୍ନ ଛବିଗୁଡିକକୁ ପରସ୍ପରଠୁ ଭିନ୍ନ ବିଚାର କରିବାରେ ସାହାଯ୍ୟ କରିପାରେ ।

- **A.** AI software can automatically detect which images are different from each other accurately. ✓
- **B.** AI software can automatic detect which images are different from each others accurate.
- **C.** AI software can automatically detects which image are different from each other accurately.
- **D.** AI software can automatically detect which images is different from each other accurate.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q4 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

“ସିନ୍ଧୁ ଉପତ୍ୟକା ସଭ୍ୟତା" ଶବ୍ଦଟି ସିନ୍ଧୁ ନଦୀର ନାମରୁ ଆସିଛି, ଏହା ଦକ୍ଷିଣ ଏସିଆର ପ୍ରମୁଖ ନଦୀଗୁଡ଼ିକ ମଧ୍ୟରୁ ଗୋଟିଏ ଯାହା ବର୍ତ୍ତମାନର ପାକିସ୍ତାନ ଏବଂ ଉତ୍ତର-ପଶ୍ଚିମ ଭାରତ ଦେଇ ପ୍ରବାହିତ ହୁଏ। ଏହି ନାମ ଏହାର ଭୌଗୋଳିକ ସ୍ଥଳବିଶେଷ ଏବଂ ସିନ୍ଧୁ ନଦୀ ଅବବାହିକାରେ ହୋଇଥିବା ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ଉଭୟକୁ ପ୍ରତିଫଳିତ କରେ।

"ସିନ୍ଧୁ" ଶବ୍ଦର ଏକ ପ୍ରାଚୀନ ଭାଷାଗତ ଇତିହାସ ଅଛି। ଏହା ପୁରୁଣା ପାରସ୍ୟ ଶବ୍ଦ "Hinduš" କୁ ଫେରିଯାଏ, ଯାହା ସିନ୍ଧୁ ନଦୀ ଚାରିପାଖର ଭୂମିକୁ ବୁଝାଏ। ପାରସ୍ୟ ଲୋକମାନେ ଏହି ଶବ୍ଦକୁ ସଂସ୍କୃତ ଶବ୍ଦ "ସିନ୍ଧୁ " ରୁ ଗ୍ରହଣ କରିଥିଲେ, ଯାହାର ଅର୍ଥ "ନଦୀ" କିମ୍ବା ବିଶେଷ ଭାବରେ "ସିନ୍ଧୁ ନଦୀ"। ଭାରତୀୟ ଉପମହାଦେଶର ସବୁଠାରୁ ପୁରୁଣା ଗ୍ରନ୍ଥ ମଧ୍ୟରୁ ଗୋଟିଏ, ରଗ ବେଦରେ, ସିନ୍ଧୁ କେବଳ ନଦୀ ନୁହେଁ ବରଂ ଏହାର ଚାରିପାଖର ଅଞ୍ଚଳକୁ ମଧ୍ୟ ବର୍ଣ୍ଣନା କରିବାକୁ ବାରମ୍ବାର ଦେଖାଯାଏ । ଯେତେବେଳେ ପାରସ୍ୟମାନେ ସିନ୍ଧୁ ନଦୀର ସମ୍ମୁଖୀନ ହେଲେ, ସିନ୍ଧୁରେ ପ୍ରାରମ୍ଭିକ "s" ଶବ୍ଦକୁ "h" ଭାବରେ ଉଚ୍ଚାରଣ କରାଯାଇଥିଲା ।

“ସିନ୍ଧୁ" ନାମଟି ଲାଟିନ ଭାଷା ମାଧ୍ୟମରେ ଇଂରାଜୀରେ ଆସିଛି | ଏଥିରୁ ଇଂରାଜୀ ଶବ୍ଦ "ଇଣ୍ଡିଆ" ବିକଶିତ ହୋଇଥିଲା, ଯାହା ମୂଳତଃ ସିନ୍ଧୁ ନଦୀ ସେପାରିରେ ଥିବା ଭୂମିକୁ ବୁଝାଉଥିଲା। ତେଣୁ, ସଭ୍ୟତାର ନାମ - ସିନ୍ଧୁ ଉପତ୍ୟକା ସଭ୍ୟତା - ଆଧୁନିକ ଇଂରାଜୀରେ ପ୍ରବେଶ କରିବା ପୂର୍ବରୁ ସଂସ୍କୃତ, ପାରସ୍ୟ, ଗ୍ରୀକ୍ ଏବଂ ଲାଟିନ୍ ଦେଇ ଗତି କରିଥିବା ଏକ ଭାଷାଗତ ଶୃଙ୍ଖଳକୁ ପ୍ରତିଫଳିତ କରେ।

ଏହି ସଭ୍ୟତା ଅନ୍ୟ ଏକ ଶବ୍ଦ ହରପ୍ପା ସଭ୍ୟତା ଦ୍ୱାରା ମଧ୍ୟ ବେଶ ପରିଚିତ , ଯାହା ହରପ୍ପାଙ୍କ ନାମ ଅନୁସାରେ ନାମିତ ହୋଇଛି। "ହରପ୍ପା" ନିଜେ ସ୍ଥାନୀୟ ଗ୍ରାମର ଆଧୁନିକ ନାମରୁ ଆସିଛି, ପ୍ରାଚୀନ ଏବଂ ଆଧୁନିକ ଭୂଗୋଳ ମଧ୍ୟରେ ଏକ ନିରନ୍ତରତା ରଖିଛି ।

ତେଣୁ, "ସିନ୍ଧୁ ଉପତ୍ୟକା ସଭ୍ୟତା" ଶବ୍ଦର ବ୍ୟୁତ୍ପତ୍ତି ସିନ୍ଧୁ କ୍ଷେତ୍ର ସହିତ ଜଡିତ ନାମଗୁଡ଼ିକର ଦୀର୍ଘ ଐତିହାସିକ ଏବଂ ଭାଷାଗତ ବିବର୍ତ୍ତନକୁ ପ୍ରକାଶ କରିଥାଏ । ଏହା ଆଲୋକିତ କରେ ଯେ ସାଂସ୍କୃତିକ ସମ୍ପର୍କ ଏବଂ ବିଜୟ ଆଜି ଆମେ ବ୍ୟବହାର କରୁଥିବା ଶବ୍ଦକୁ କିପରି ଆକାର ଦେଇଥିଲା। ସିନ୍ଧୁରୁ ସିନ୍ଧୁ ପର୍ଯ୍ୟନ୍ତ, ଏହି ନାମଟି ମାନବଜାତିର ପ୍ରାରମ୍ଭିକ ସଭ୍ୟତା ମଧ୍ୟରୁ ଗୋଟିଏକୁ ବଞ୍ଚାୟ ରଖିଥିବା ଭୌତିକ ନଦୀ ଏବଂ ପ୍ରାଚୀନ ଭାରତକୁ ବ୍ୟାପକ ବିଶ୍ୱରେ ପରିଚିତ କରାଇବାର ଭାଷାଗତ ଯାତ୍ରା ଉଭୟକୁ ମୂର୍ତ୍ତିମନ୍ତ କରେ।

ସଂସ୍କୃତରେ ସିନ୍ଧୁ ଶବ୍ଦର ଅର୍ଥ ହେଉଛି:

A. ପର୍ବତ

B. ନଦୀ ✓

C. ସଭ୍ୟତା

D. ଭୂମି

Q5 Odia

"ସିନ୍ଧୁ" ନାମଟି କେଉଁ ଭାଷା ମାଧ୍ୟମରେ ଇଂରାଜୀରେ ଆସିଛି?

A. ଗ୍ରୀକ୍

B. ପାର୍ସୀ

C. ଲାଟିନ୍ ✓

D. ଆରବି

Q6 Odia

ସିନ୍ଧୁର ପାରସିକ ରୂପ କଣ ଥିଲା:

A. ହିନ୍ଦୁ ✓

B. ଇଣ୍ଡୋସ୍

C. ଭାରତ

D. ସପ୍ତ ସିନ୍ଧୁ

Q7 Odia

"ହରପ୍ପା ସଭ୍ୟତା" ଶବ୍ଦଟି କେଉଁ ଉପରେ ଆଧାରିତ:

A. ସିନ୍ଧୁ ନଦୀ

B. ସ୍ଥାନୀୟ ଗ୍ରାମର ଆଧୁନିକ ନାମରୁ ✓

C. ଜଣେ ପ୍ରାଚୀନ ରାଜାଙ୍କ ନାମ

D. ରଗ ବେଦିକ ଗ୍ରନ୍ଥଗୁଡ଼ିକ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q8 Odia

ଉପରୋକ୍ତ ଗଦ୍ୟାଂଶ ପାଇଁ ନିମ୍ନରେ ଦିଆଯାଇଥିବା ଶୀର୍ଷକମଧ୍ୟରୁ ଉପଯୁକ୍ତ ଶୀର୍ଷକ ଚିହ୍ନଟ କର।

A. ସିନ୍ଧୁ ଉପତ୍ୟକା ସଭ୍ୟତାର ବିକାଶ

B. ସିନ୍ଧୁ ଉପତ୍ୟକା ସଭ୍ୟତାର ଭାଷାବିଜ୍ଞାନ

C. ସିନ୍ଧୁ ଉପତ୍ୟକା ସଭ୍ୟତାର ଇତିହାସ

D. "ସିନ୍ଧୁ ଉପତ୍ୟକା ସଭ୍ୟତା" ଶବ୍ଦର ବ୍ୟୁତ୍ପତ୍ତି ✓

Q9 Odia

ମାତୃଭୂମି ସରଗଠାରୁ ଗରୀୟାନ । ଏହି ବାକ୍ୟରେ "ଗରୀୟାନ" ଶବ୍ଦଟି କେଉଁ ପ୍ରକାରର ବିଶେଷଣ ?

A. ବିଶେଷଣର ବିଶେଷଣ

B. ତୁଳନାତ୍ମକ ବିଶେଷଣ ✓

C. ସାର୍ବନାମିକ ବିଶେଷଣ

D. ବିଧେୟ ବିଶେଷଣ

Q10 Odia

"ଠଅ ବୁଲିଯିବା"-ଏହି ରୁଢିର ଠିକ୍ ଅର୍ଥ କଣ ?

A. ଗୋଲ ବୁଲିଯିବା

B. କିଛି ଆରମ୍ଭ ହେବା

C. ସବୁ ଶେଷ ହୋଇଯିବା ✓

D. ଅଧିକ ଲାଭ ହେବା

Q11 Odia

"କାନ୍ଧ ଲଗେଇବା"-ଏହି ରୂଢିର ଠିକ୍ ଅର୍ଥ କଣ ?

A. ଝଗଡା କରିବା

B. ସାହାଯ୍ୟ କରିବା ✓

C. ରାଗ କରିବା

D. ପାଖରେ ରହିବା

Q12 Odia

ତୁ ଯେତେ ମାଠିବୁ ମାଠ, ମୁଁ ସେହି ଦରପୋଡ଼ା କାଠ । ଏଥିରେ ଥିବା ଅବ୍ୟୟ ପଦଟିକୁ ଚିହ୍ନଟ କର |

A. ଯେତେ ✓

B. ମାଠିବୁ

C. ମୁଁ

D. ଦରପୋଡ଼ା

Q13 Odia

ଜଣେ 'ସଜ୍ଜନ' ବ୍ୟକ୍ତି ସବୁବେଳେ _____ ର ସାଙ୍ଗ ଛାଡ଼ିବା ଉଚିତ୍।
(ନିମ୍ନରେ ପ୍ରଦତ୍ତ ଶବ୍ଦ ମଧ୍ୟରୁ ସଠିକ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର)

A. ଖରାପ

B. ଦୁର୍ଜ୍ଜନ ✓

C. ମନ୍ଦ

D. ଅଧମ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

ମାଳବିକା ମାଛ କାଟୁଛି । ଏହି ବାକ୍ୟରେ 'କାଟୁଛି' କେଉଁ ପ୍ରକରାର କ୍ରିୟା ?

A. ଅକର୍ମକ କ୍ରିୟା

B. ଦ୍ୱିକର୍ମକ କ୍ରିୟା

C. ସକର୍ମକ କ୍ରିୟା ✓

D. ନାମଧାତୁ କ୍ରିୟା

Q15 Odia

"ଜିରାରୁ ଶିରା କାଢିବା"- ଏହି ରୂଢିର ଠିକ୍ ଅର୍ଥ କ'ଣ ?

A. ଛୋଟ କଥାକୁ ଗୁରୁତ୍ୱ ଦେବା

B. ଅଯଥା ଦୋଷ ଦେଖାଇବା ✓

C. ନୂତନ କଥା ଶିଖିବା

D. ସତ୍ୟ କଥା କହିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 9 · 24 May 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ନିର୍ବାଚନଗୁଡିକ ପ୍ରତି ପାଞ୍ଚ ବର୍ଷରେ ଅନୁଷ୍ଠିତ ହୋଇଥାଏ ।

- **A.** Elections are held every five years. ✓
- **B.** Election held in every five year.
- **C.** Elections is holding each five year.
- **D.** The election are happens five years.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Sachin Tendulkar is known as the God of Cricket.

- **A.** ସଚିନ ତେନ୍ଦୁଲକର କ୍ରିକେଟର ଭଗବାନ ବୋଲି ଜଣାଶୁଣା ଅଟନ୍ତି। ✓
- **B.** ସଚିନ ତେନ୍ଦୁଲକର କ୍ରିକେଟ ଭଗବାନ ହୋଇଛନ୍ତି।
- **C.** ସଚିନ ତେନ୍ଦୁଲକର କ୍ରିକେଟ ଭଗବାନ ଜଣାଯାଏ।
- **D.** ସଚିନ ତେନ୍ଦୁଲକର କ୍ରିକେଟ ଭଗବାନ ମନାଯାଇଛି।

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Konark Sun Temple is famous for its beautiful stone carvings.

- **A.** କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ସୁନ୍ଦର ପଥର କାରୁକାର୍ଯ୍ୟ ପାଇଁ ବିଖ୍ୟାତ ଅଟେ। ✓
- **B.** କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ସୁନ୍ଦର ପଥର ଖୋଦା ପାଇଁ ପ୍ରସିଦ୍ଧ।
- **C.** କୋଣାର୍କ ସୂର୍ଯ୍ୟ ମନ୍ଦିର ସୁନ୍ଦର ପଥର ଖୋଦା ପାଇଁ ପ୍ରସିଦ୍ଧ ଅଟେ।
- **D.** କୋଣାର୍କ ସୂର୍ଯ୍ୟ ମନ୍ଦିର ସୁନ୍ଦର ପଥର ଖୋଦା ପାଇଁ ପ୍ରସିଦ୍ଧ ହେଲା।

Q4 Odia

“କଳାକନା ବୁଲାଇବା ” ଏହି ରୂଢିଟିର ଅର୍ଥ ଚିହ୍ନଟ କର ।

- **A.** ସର୍ବସ୍ୱ ଲୁଟିନେବା ✓
- **B.** ମଳିନ ପଡ଼ିଯିବା
- **C.** ବିପଦକୁ ଡାକି ଆଣିବା
- **D.** ମୃତ୍ୟୁବରଣ କରିବା

Q5 Odia

“ବାଆକୁ ବତା” ଏହି ରୂଢିଟିର ଅର୍ଥ ଲେଖ ।

- **A.** ଅତି ବିଶ୍ୱାସୀ
- **B.** କ୍ଷୀଣ ଆଶ୍ରୟ ✓
- **C.** ଅତି ଦୁଷ୍ଟ
- **D.** କଷ୍ଟ ଅର୍ଜିତ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ବିକଳ୍ପମାନଙ୍କ ମଧ୍ୟରୁ ଶୁଦ୍ଧ ବାକ୍ୟ ଥିବା ବିକଳ୍ପଟିକୁ ବାଛନ୍ତୁ ।

A. ଅକ୍ଷୟ ତୃତୀୟା ଓଡ଼ିଆ ଶଂସ୍କୃତିର ରୁଚିମନ୍ତ ପ୍ରତୀକ ।

B. ଅକ୍ଷୟ ତୃତୀୟା ଓଡ଼ିଆ ଷଂସ୍କୃତିର ରୁଚିମନ୍ତ ପ୍ରତୀକ ।

C. ଅକ୍ଷୟ ତୃତୀୟା ଓଡ଼ିଆ ସଂସ୍କୃତିର ରୁଚିମନ୍ତ ପ୍ରତୀକ । ✓

D. ଅକ୍ଷୟ ତୃତୀୟା ଓଡ଼ିଆ ଶଂଶୃତିର ରୁଚିମନ୍ତ ପ୍ରତୀକ ।

Q7 Odia

ଡାକ୍ତରମାନେ ଅକ୍ଲାନ୍ତ ପରିଶ୍ରମ କରି ରୋଗୀଟିକୁ ଜିଆଇଲେ । ରେଖାଙ୍କିତ ପଦର ସଠିକ୍ କ୍ରିୟାପଦ ଦର୍ଶାଅ

A. ସକର୍ମକ କ୍ରିୟା ✓

B. ଅକର୍ମକ କ୍ରିୟା

C. ପ୍ରେରଣାର୍ଥକ କ୍ରିୟା

D. ମିଶ୍ର କ୍ରିୟା

Q8 Odia

ପୁରାଣପଣ୍ଡା ଲୋକଙ୍କୁ ଭାଗବତ ଶୁଣାଇଲେ।ଏହି ବାକ୍ୟରେ ଥିବା କ୍ରିୟା ପଦଟିକୁ ଚିହ୍ନଟ କର।

A. ପୁରାଣପଣ୍ଡା

B. ଲୋକଙ୍କୁ

C. ଭାଗବତ

D. ଶୁଣାଇଲେ ✓

Q9 Odia

ନିମ୍ନୋକ୍ତ ଅନୁଚ୍ଛେଦକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଚୟନ କର ।
ଗୋସ୍ୱାମୀ ତୁଳସୀ ଦାସଙ୍କ ସହ ଭକ୍ତପ୍ରବର ସୂରଦାସ ଭେଟ ହୋଇଯାଇଥିଲେ ମାର୍ଗରେ । ଅନେକ ଦିନର ବ୍ୟବଧାନରେ ତୁଳସୀଙ୍କ ସହ ଭେଟ ହୋଇଥିବାରୁ ସୂରଦାସ ନିଜକୁ କୃତାର୍ଥ ମଣିଥିଲେ । ଦୁହେଁ ରାସ୍ତାପାର୍ଶ୍ୱ ଥିବା ଏକ ବୃକ୍ଷ ଛାୟାରେ ବସି ଆଧ୍ୟାତ୍ମିକ ଆଲୋଚନାରେ ମଜ୍ଜି ଯାଇଥିଲେ । ଆଲୋଚନାରେ ବ୍ୟସ୍ତ ଥିଲାବେଳେ ଅଚାନକ ଏକ ହାତୀ ସମ୍ମୁଖ ଦିଗରୁ ଆସୁଥିବାର ଲକ୍ଷ୍ୟ କରିଥିଲେ । ହାତୀଟିର ହାବଭାବରୁ ଏହା ଉନ୍ମତ୍ତ ହୋଇଯାଇଥିବା ଜଣାପଡୁଥାଏ । ରାସ୍ତାରେ ଯିବା ଆସିବା କରୁଥିବା ଲୋକେ ଭୟଭୀତ ହୋଇ ଯିଏ ଯୁଆଡ଼େ ପ୍ରାଣ ବିକଳରେ ପଳାଇ ଯାଇଥିଲେ । ହଠାତ୍ ଲୋକଙ୍କ କଳରୋଳ ଶୁଣି ଦୁହେଁ ଆସନ୍ନ ବିପଦର ଆଭାସ ପାଇଯାଇଥିଲେ ।
ପାଗଳ ହାତୀ ସେମାନଙ୍କ ଆଡ଼କୁ ଆସୁଥିବା ଦେଖି ସୂରଦାସ ଆତଙ୍କିତ ଅବସ୍ଥାରେ ବସିବା ସ୍ଥାନରୁ ଉଠି ପଡ଼ିଥିଲେ । ଖାଲି ଉଠି ନ ଥିଲେ, ସେହି ସ୍ଥାନରୁ ପଳାଇ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ । ଏହା ଲକ୍ଷ୍ୟ କରି ଗୋସ୍ୱାମୀ ତୁଳସୀ ଦାସ କହିଥିଲେ- 'ଆରେ! ଏ କ'ଣ କରୁଛନ୍ତି, ହାତୀକୁ ତା ମାର୍ଗରେ ପଳାଇ ଯିବାକୁ ଦିଅ । ନିଜେ କାହିଁକି ପଳାଇ ଯିବାର ଉପକ୍ରମ କରୁଛନ୍ତି ? ଲାଗୁଛି ଭଗବାନଙ୍କ ଉପରେ ଆପଣଙ୍କର ଅଖଣ୍ଡ ବିଶ୍ୱାସ ନାହିଁ । କ'ଣ ଦୀନଦୁଃଖୀହାରୀ ପ୍ରଭୁ ତୁମକୁ ରକ୍ଷା କରିବାକୁ ଅସମର୍ଥ । ତାଙ୍କର ଅପାର ଶକ୍ତି ଉପରେ ତୁମର କ'ଣ ଭରସା ନାହିଁ ?' ଏହା ଶୁଣି ସୂରଦାସ ମୃଦୁ ହସ ହସି କହିଥିଲେ, 'ଆପଣଙ୍କ ଭଗବାନ ଧନୁର୍ଦ୍ଧାରୀ (ଗୋସ୍ୱାମୀ ତୁଳସୀ ଦାସ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପରମ ଭକ୍ତ ଥିଲେ । ଶ୍ରୀରାମ ଧନୁର୍ଦ୍ଧାରୀ ହୋଇଥିବାରୁ ଏହା କହିଥିଲେ) ହୋଇଥିବା କାରଣରୁ ଆପଣଙ୍କୁ ରକ୍ଷା କରିବାରେ ପୂର୍ଣ୍ଣସକ୍ଷମ; ହେଲେ ମୋର ଆରାଧ୍ୟ ବାଲଗୋପାଳ ଭଲା ମୋତେ କିପରି ରକ୍ଷା କରିବାକୁ ସକ୍ଷମ ହେବେ ?' ସୂରଦାସ ଏହା କହିବାର ମର୍ମ ବୁଝିପାରିଥିଲେ ତୁଳସୀ । ସୂରଦାସଙ୍କର ଆପଣା ଉପାସ୍ୟଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଥିଲା- ଏହା ସତ୍ୟ । ହେଲେ ଆପଣା ସୁରକ୍ଷା ନିମିତ୍ତ ବାଲଗୋପାଳଙ୍କ ଉପରେ ଭରସା କରି ରହିବାକୁ ଉଚିତ ମଣିନଥିଲେ । ଏହି କାରଣରୁ ଉନ୍ମତ୍ତ ହାତୀ କବଳରୁ ରକ୍ଷା ପାଇବା ପାଇଁ ସେଠାରୁ ଖସି ଯିବାକୁ ଉଚିତ ମଣିଥିଲେ । ଏହାର ସାରମର୍ମ ହେଲା ଈଶ୍ୱରଙ୍କୁ ଯିଏ ଯେଉଁ ରୂପରେ ଶ୍ରଦ୍ଧାର ସହ ଦେଖୁଥାନ୍ତି, ସେହି ରୂପ ତାଙ୍କ ହୃଦୟରେ ଦୃଢ଼ ସ୍ଥାନ ନେଇଥାଏ ଓ ସେହି ରୂପରେ ପୂଜା କରିବାରେ ଆନନ୍ଦ ପାଉଥାନ୍ତି ।

ଅନୁଚ୍ଛେଦରେ ଥିବା 'କଳରୋଳ' ଶବ୍ଦର ଅର୍ଥ କ'ଣ ?

A. ପକ୍ଷୀମାନଙ୍କ କାକଳି

B. ଅନେକ ଲୋକଙ୍କର ମିଳିତ ଚିତ୍କାର ✓

C. ହାତୀର ଗର୍ଜ୍ଜନ

D. ବାଦ୍ୟଯନ୍ତ୍ରର ଶବ୍ଦ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

ଏହି ଅନୁଚ୍ଛେଦଟିର ସ୍ୱର ଚିହ୍ନଟ କର?

A. ସମାଲୋଚନାତ୍ମକ

B. କୌତୁକିଆ

C. ବ୍ୟଙ୍ଗାତ୍ମକ

D. ଆଧ୍ୟାତ୍ମିକ ✓

Q11 Odia

ଅନୁଚ୍ଛେଦ ଅନୁଯାୟୀ, ଗୋସ୍ୱାମୀ ତୁଳସୀ ଦାସ କେଉଁ ଭଗବାନଙ୍କର ପରମ ଭକ୍ତ ଥିଲେ ?

A. ଶ୍ରୀକୃଷ୍ଣ

B. ଶିବ

C. ଧନୁର୍ଦ୍ଧାରୀ ଶ୍ରୀରାମ ✓

D. ବାଲଗୋପାଳ

Q12 Odia

ଏହି ଅନୁଚ୍ଛେଦ ପାଇଁ ଉପଯୁକ୍ତ ଶୀର୍ଷକଟି କ'ଣ ହେବ ?

A. ପାଗଳ ହାତୀର ଆତଙ୍କ

B. ତୁଳସୀ ଓ ସୂରଦାସଙ୍କ ଭେଟ

C. ଭାବ ଅନୁଯାୟୀ ଭଗବାନ ✓

D. ଶ୍ରୀରାମ ଓ ବାଲଗୋପାଳଙ୍କ ଯୁଦ୍ଧ

Q13 Odia

ସୂରଦାସ କେଉଁ କାରଣ ପାଇଁ ନିଜକୁ 'କୃତାର୍ଥ' ମଣିଥିଲେ ?

A. ହାତୀ କବଳରୁ ବଞ୍ଚିଯାଇଥିବାରୁ ।

B. ଅନେକ ଦିନ ପରେ ତୁଳସୀ ଦାସଙ୍କ ସହ ଭେଟ ହୋଇଥିବାରୁ । ✓

C. ବାଲଗୋପାଳଙ୍କ ଦର୍ଶନ ପାଇଥିବାରୁ ।

D. ଗଛ ମୂଳେ ବସିବାକୁ ସୁଯୋଗ ପାଇଥିବାରୁ ।

Q14 Odia

"ତୁମେ ଏବେ ଆସ" ଏହି ବାକ୍ୟରେ କ୍ରିୟା ବିଶେଷଣ ପଦଟି କିଏ?

A. ତୁମେ

B. ଏବେ ✓

C. ଆସ

D. କୌଣସିଟି ନୁହେଁ

Q15 Odia

ନିମ୍ନଲିଖିତ ମଧ୍ୟରୁ 'ଅଗ' ଶବ୍ଦର ବିପରୀତ କେଉଁଟି ?

A. ଶୀର୍ଷ

B. ମୂଳ ✓

C. ଆରମ୍ଭ

D. ଶେଷ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 10 · 25 May 2026 · 12:30 PM - 2:00 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଭାରତ ମଙ୍ଗଳ ଗ୍ରହକୁ ଏକ ମହାକାଶୀୟ ଯାନ ପ୍ରେରଣ କରିଛି ।

A. D. India has sent a spacecraft to Mars. ✓

B. C. India send spacecrafts on Mars.

C. A. India was sending space craft in Mars.

D. B. India have sent one space craft to Mars.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The umpire declared the batsman out after review.

A. B. ଅମ୍ପାୟାର ରିଭ୍ୟୁ ପରେ ବ୍ୟାଟ୍ସମାନଙ୍କୁ ଆଉଟ ଘୋଷଣା କଲେ। ✓

B. A. ରିଭିଉ ପରେ ଅମ୍ପାୟର ବ୍ୟାଟସମାନ ଆଉଟ ଘୋଷଣା କରିଲେ।

C. C. ରିଭିଉ ପରେ ଅମ୍ପାୟର ବ୍ୟାଟସମାନକୁ ଆଉଟ କରିଲେ।

D. D. ରିଭିଉ ପରେ ଅମ୍ପାୟର ବ୍ୟାଟସମାନ ଘୋଷଣା ଆଉଟ କଲେ।

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Meenakshi Temple is known for its magnificent architecture and sculptures.

A. A. ମୀନାକ୍ଷୀ ମନ୍ଦିର ଏହାର ଅଦ୍ଭୁତ ସ୍ଥାପତ୍ୟ ଓ ମୂର୍ତ୍ତିକଳା ପାଇଁ ପରିଚିତ। ✓

B. C. ମୀନାକ୍ଷୀ ମନ୍ଦିର ଏହାର ଅଦ୍ଭୁତ ସ୍ଥାପତ୍ୟ ଓ ମୂର୍ତ୍ତି ପାଇଁ ପରିଚିତ ଅଛି।

C. D. ମୀନାକ୍ଷୀ ମନ୍ଦିର ଅଦ୍ଭୁତ ସ୍ଥାପତ୍ୟ ଓ ମୂର୍ତ୍ତି ପାଇଁ ପରିଚିତ ହେଲା।

D. B. ମୀନାକ୍ଷୀ ମନ୍ଦିର ଏହାର ଅଦ୍ଭୁତ ସ୍ଥାପତ୍ୟ ଓ ମୂର୍ତ୍ତିକଳା ଅଛି।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q4 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ତାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ।

ଭାରତୀୟ ଇତିହାସର ସବୁଠାରୁ ଦୁଃଖଦ ଡ୍ୟାମ୍ ବିପର୍ଯ୍ୟୟ ମଧ୍ୟରୁ ଗୋଟିଏ ଭାବେ ମୋର୍ଭି ଡ୍ୟାମ୍ ବିଫଳତାକୁ ସ୍ମରଣକରାଯାଏ। ଏହାକୁ ମାଚ୍ଛୁ ଡ୍ୟାମ୍ ବିପର୍ଯ୍ୟୟ ମଧ୍ୟ କୁହାଯାଏ । 11 ଅଗଷ୍ଟ 1979 ରେ,ପ୍ରବଳ ମୌସୁମୀ ବର୍ଷା ଯୋଗୁଁ ହୋଇଥିବା ଅଭୂତପୂର୍ବ ବନ୍ୟା ଯୋଗୁଁ ଗୁଜରାଟର ମୋର୍ଭି (ମୋର୍ବି) ସହର ନିକଟରେ ଅବସ୍ଥିତ ମାଚ୍ଛୁ-2 ଡ୍ୟାମ୍ ଭୁଶୁଡ଼ି ପଡ଼ିଥିଲା। ମାଚ୍ଛୁ ନଦୀ ଉପରେ ନିର୍ମିତ ଏହି ଡ୍ୟାମ୍ ଜଳସେଚନ, ବନ୍ୟା ନିୟନ୍ତ୍ରଣ ଏବଂ ଜଳ ଯୋଗାଣ ପାଇଁ ଉଦ୍ଦିଷ୍ଟ ଥିଲା। ହେଲେ ନିରନ୍ତର ଏବଂ ପ୍ରବଳ ବର୍ଷା ଯୋଗୁଁ ଡ୍ୟାମ୍ ର କ୍ଷମତାଠାରୁ ଜଳ ର ମାତ୍ରା ଅଧିକ ବଢ଼ି ଯାଇଥିଲା। ହଠାତ୍ ଫାଟ ଯୋଗୁଁ ଏକ ବିରାଟ ଜଳପ୍ରବାହ ବାହାରିଥିଲା ଯାହା ମୋର୍ଭି ସହର ଏବଂ ଆଖପାଖ ଗ୍ରାମ ଦେଇ ପ୍ରବାହିତ ହୋଇଥିଲା, ଏହା ଫଳରେ ବହୁ ପରିମାଣର କ୍ଷୟକ୍ଷତି ଘଟିଥିଲା। ବନ୍ୟା ଜଳ ଘର, ରାସ୍ତା, ସେତୁ ଏବଂ ଭିତ୍ତିଭୂମିକୁ ଭସେଇ ନେବା ସହ ଅଞ୍ଚଳଟି ସମ୍ପୂର୍ଣ୍ଣ ଧ୍ୱଂସପ୍ରାପ୍ତ ହୋଇଯାଇଥିଲା।

ଯଦିଓ ସରକାରୀଭାବେ ପ୍ରାୟ 1800 ଲୋକଙ୍କ ପ୍ରାଣହାନୀ ଘଟିଥିବା ବିଷୟ ଦର୍ଶାଯାଇଥିଲା , ତେବେ ଏହି ଘଟଣାରେ 10,000 ରୁ 15,000 ଲୋକ ପ୍ରାଣ ହରାଇଥିବା ବିଷୟ ଅନେକ ସ୍ୱାଧୀନ ଆକଳନରେ କାହାଯାଏ । ତେଣୁ ଏହାକୁ ବିଶ୍ୱ ସ୍ତରରେ ସବୁଠାରୁ ଭୟଙ୍କର ଡ୍ୟାମ୍ ବିଫଳତା ମଧ୍ୟରୁ ଗୋଟିଏବୋଲି ବିବେଚନା କରାଯାଏ। ଏହି ଦୁଃଖଦ ଘଟଣା ସେହି ସମୟର ଡ୍ୟାମ୍ ସୁରକ୍ଷା, ଜରୁରୀକାଳୀନ ଯୋଜନା ଏବଂ ଇଞ୍ଜିନିୟରିଂ ଅଭ୍ୟାସ ବିଷୟରେ ପ୍ରମୁଖଉଦବେଗକୁ ଉଜାଗର କରିଥିଲା। ଏହି ଘଟଣାର ତଦନ୍ତ ପାଇଁ ଏକ ନ୍ୟାୟିକ କମିଶନ ଗଠନ କରାଯାଇଥିଲା ଏବଂ ବିଫଳତା ସାଂରଚନିକ ଦୁର୍ବଳତା, ଅପର୍ଯ୍ୟାପ୍ତ ସ୍ପିଲୱେ କ୍ଷମତା ଏବଂ ପ୍ରଭାବଶାଳୀ ବିପର୍ଯ୍ୟୟ ପ୍ରସ୍ତୁତିର ଅଭାବ ଯୋଗୁଁ ଏହା ଘଟିଥିଲା ବୋଲି ଦର୍ଶାଯାଇଥିଲା |ଏହି ବିପର୍ଯ୍ୟୟପରେ ସମଗ୍ର ଭାରତରେ ନିୟମିତ ରକ୍ଷଣାବେକ୍ଷଣ, ଉପଯୁକ୍ତ ଜଳବିଜ୍ଞାନ ଅଧ୍ୟୟନ ଏବଂ ବଡ଼ ନଦୀବନ୍ଧ ପାଇଁ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାର ଆବଶ୍ୟକତା ଉପରେ ଚର୍ଚ୍ଚା ଜୋର ଧରିଥିଲା।

ଭାରତ ସରକାର ,ପରବର୍ତ୍ତୀ ବର୍ଷଗୁଡ଼ିକରେ, କଠୋର ଡ୍ୟାମ୍ -ସୁରକ୍ଷା ନିର୍ଦ୍ଦେଶାବଳୀ ଏବଂ ତଦାରଖ ପ୍ରୋଟୋକଲ ପ୍ରଚଳନ କରିଥିଲେ, ଏବଂ ଡ୍ୟାମ୍ ସୁରକ୍ଷା ଆଇନ ପ୍ରସ୍ତୁତ କରିବା ସମୟରେ ମୋରଭି ଦୁଃଖଦ ଘଟଣାକୁ ପ୍ରାୟତଃ ଉଲ୍ଲେଖ କରାଯାଇଛି, ଯେଉଁଥିରେ ଡ୍ୟାମ୍ ସୁରକ୍ଷା ଆଇନ, 2021 ଅନ୍ତର୍ଭୁକ୍ତ।ଇଞ୍ଜିନିୟରିଂ ଦକ୍ଷତା , ଉପଯୁକ୍ତ ଯୋଜନା ଏବଂ ବୃହତ ଭିତ୍ତିଭୂମି ପ୍ରଣାଳୀର ନିରନ୍ତର ତଦାରଖଉପରେ ଗୁରୁତ୍ୱଦେବାବେଳେ ବର୍ତ୍ତମାନ ମଧ୍ୟ , ଏହିଦୁଃଖଦ ବିପର୍ଯ୍ୟୟ ଏକ ଯନ୍ତ୍ରଣାଦାୟକଘଟଣା ଭାବରେ ସ୍ମରଣ କରାଯାଏ । ମୋର୍ଭି ଡ୍ୟାମ୍ ବିଫଳତା, ତଦାରଖ ବିଫଳତା ଏବଂ ପ୍ରକୃତିର ଅନିଶ୍ଚିତତାର ମାନବୀୟ ମୂଲ୍ୟ ଉପରେ ଏକ ଉଚିତ ଶିକ୍ଷା ଭାବରେ ସାମୂହିକ ସ୍ମୃତିରେ ଲିପିବଦ୍ଧ ହୋଇ ରହିଛି।

ମୋର୍ଭିଡ୍ୟାମ ବିଫଳତାକେବେ ଘଟିଥିଲା ?

A. D. 1975

B. C. 1979 ✓

C. A. 1985

D. B. 1991

Q5 Odia

ଡ୍ୟାମ କେଉଁ ନଦୀ ଉପରେ ନିର୍ମିତ ହୋଇଥିଲା?

A. B. ପେରିୟାର

B. D. ମାହି

C. C. ମାଚ୍ଛୁ ✓

D. A. ତାପ୍ତି

Q6 Odia

ଡ୍ୟାମ ବିଫଳତାର ମୁଖ୍ୟ କାରଣ କଣ ଥିଲା?

A. B. ଭୂମିକମ୍ପ

B. D. ପ୍ରବଳ ବର୍ଷା ଏବଂ ବନ୍ୟା ✓

C. A. ଆତଙ୍କବାଦୀ ଆକ୍ରମଣ

D. C. ନିର୍ମାଣ ସମୟରେ ଡିଜାଇନ୍ ପରିବର୍ତ୍ତନ

Q7 Odia

କିଛି ସ୍ୱାଧୀନ ରିପୋର୍ଟରେ ଆନୁମାନିକ ମୃତ୍ୟୁ ସଂଖ୍ୟା କେତେ ପର୍ଯ୍ୟନ୍ତ ପହଞ୍ଚିଥିଲା ?

A. C. 500

B. D. 5000

C. A. 15000 ✓

D. B. 30000

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q8 Odia

ଭାରତରେ ଡ୍ୟାମ ସୁରକ୍ଷା ସଂସ୍କାର ଉପରେ ଗୁରୁତ୍ୱ ଦେବାପାଇଁ କେଉଁ ଆଇନପ୍ରଣୟନ କରାଯାଇଛି ?

A. D. ବିପର୍ଯ୍ୟୟ ପରିଚାଳନା ଆଇନ, 2005

B. A. ଡ୍ୟାମ ସୁରକ୍ଷା ଆଇନ, 2021 ✓

C. C. ଜଳ ଆଇନ, 1974

D. B. ପରିବେଶ ସୁରକ୍ଷା ଆଇନ, 1986

Q9 Odia

"ଧୀରପାଣି ପଥର କାଟେ" - ଏହି ଲୋକୋକ୍ତିର ଅର୍ଥ ଲେଖ ।

A. C. ଧୀରସ୍ଥିର ଭାବରେ କାମ କଲେ ସଫଳତା ମିଳେ ✓

B. B. ଦରିଦ୍ରର ବଡ଼ବଡ଼ କଥା

C. A. ଅସଫଳତାରୁ ଶିକ୍ଷା ଲାଭ

D. D. ସ୍ଥାନେ ଉଦରେ ଚଳଣି ଭିନ୍ନ

Q10 Odia

'ବୃଥା ଆୟୋଜନରେ ବ୍ୟସ୍ତ ରହି ଅସଲ ଲକ୍ଷ୍ୟ ହରାଇବା' ଏହି ଅର୍ଥ ବୁଝାଉଥିବା ଲୋକୋକ୍ତିଟି ଚିହ୍ନଟ କର ।

A. C. ମାଛି ପଡ଼ିଲେ ନବଖଣ୍ଡ

B. B. ପାଗ ବାନ୍ଧୁ ବାନ୍ଧୁ କଚିରି ବରଖାସ୍ତ ✓

C. A. ମାଙ୍କଡ଼ ହାତରେ ଶାଳଗ୍ରାମ

D. D. ତେଲିଆ ମୁଣ୍ଡରେ ତେଲ

Q11 Odia

ସଠିକ୍ ବନାନ ଥିବା ବାକ୍ୟଟି ଚିହ୍ନଟ କର ।

A. D. କାହା ଉପରେ ରାଗରେ ପ୍ରତିଶୋଧ ନେବା ଉଚିତ୍ ନୁହେଁ । ✓

B. B. ପ୍ରତିସୋଧ ନେବା ରାଗରେ କାହା ଉପରେ ଉଚିତ୍ ନୁହେଁ ।

C. C. କାହା ଉପରେ ପ୍ରତିଷୋଧ ନେବା ଉଚିତ୍ ନୁହେଁ ରାଗରେ ।

D. A. ପ୍ରତୀସୋଧ ନେବା ଉଚିତ୍ ନୁହେଁ ରାଗରେ କାହା ଉପରେ ।

Q12 Odia

ନିମ୍ନଲିଖିତ ମଧ୍ୟରୁ ସାଦୃଶ୍ୟବୋଧକ ଅବ୍ୟୟ କେଉଁଟି ?

A. C. ଯେବେ

B. B. ଯେଣୁ

C. A. ଯେତିକି

D. D. ଯେପରି ✓

Q13 Odia

ଧନ କିମ୍ବା ଯୌବନ କେହି ଚିରସ୍ଥାୟୀ ନୁହେଁ । ଏଥିରେ ଥିବା ଅବ୍ୟୟ ପଦଟିକୁ ଚିହ୍ନଟ କର |

A. A. କିମ୍ବା ✓

B. D. କେହି

C. C. ଚିରସ୍ଥାୟୀ

D. B. ନୁହେଁ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପରିମାଣକୁ ବୁଝାଏ,ତାକୁ କ'ଣ କୁହାଯାଏ ?

A. C. ସଂଖ୍ୟାବାଚକ ବିଶେଷଣ

B. A. ଅବସ୍ଥାବାଚକ ବିଶେଷଣ

C. B. ପୂରଣବାଚକ ବିଶେଷଣ

D. D. ପରିମାଣବାଚକ ବିଶେଷଣ ✓

Q15 Odia

"ଦଇବ ଦଉଡି ମଣିଷ ଗାଈ,ଜେଣିକି ଟାଣଇ ତେଣିକି ଯାଇ"- ଏହି ଲୋକୋକ୍ତିର ଠିକ୍ ଅର୍ଥ କିଏ ?

A. A. ମଣିଷ ସ୍ୱାଧୀନ ଭାବେ ଚାଲିଥାଏ

B. D. ମଣିଷ ସବୁ କାମ ନିଜେ କରେ

C. C. ଭାଗ୍ୟର କୌଣସି ଭୂମିକା ନାହିଁ

D. B. ବିଧି ନିର୍ଦ୍ଦେଶରେ ମଣିଷ ପରିଚାଳିତ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 11 · 25 May 2026 · 4:00 PM - 5:30 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ନୀଲ ଆର୍ମଷ୍ଟ୍ରଙ୍ଗ୍ ଚନ୍ଦ୍ରପୃଷ୍ଠରେ ପ୍ରଥମ ମଣିଷ ଥିଲେ ।

A. Neil Armstrong was the first man on the Moon. ✓

B. Neil Armstrong were first man in Moon.

C. Neil Armstrong is first men on moon.

D. Neil Armstrong be the first man of Moon.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Beti Bachao Beti Padhao scheme promotes education for girls across India.

A. ବେଟି ବଚାଅ ବେଟି ପଢାଅ ଯୋଜନା ସାରା ଭାରତରେ ବାଳିକାଙ୍କର ପାଠପଢ଼ାକୁ ପ୍ରୋତ୍ସାହନ କରେ। ✓

B. ବେଟି ବଚାଓ ବେଟି ପଢାଓ ଯୋଜନା କନ୍ୟାଶିକ୍ଷା ପ୍ରୋତ୍ସାହିତ ଭାରତରେ କରିଲା।

C. ବେଟି ବଚାଓ ବେଟି ପଢାଓ ଯୋଜନା କନ୍ୟାଶିକ୍ଷାକୁ ପ୍ରୋତ୍ସାହନ ଦେଇ।

D. ବେଟି ବଚାଓ ବେଟି ପଢାଓ ଯୋଜନା କନ୍ୟାଶିକ୍ଷା ପ୍ରୋତ୍ସାହନ ହେଲା।

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ମୋ ସାନ ଭାଇ ପ୍ରତିଦିନ ପାର୍କ ଯାଏ ।

A. My younger brother is going to the park every day.

B. My younger brother goes to the park every day. ✓

C. My younger brother had gone to the park every day.

D. My younger brother was going to the park every day.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q4 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଭାରତ, ପାରମ୍ପରିକ ଭାବରେ ଏକ କୃଷିଜାତ ଦେଶ ଭାବରେ ପରିଚିତ କିନ୍ତୁ ଦ୍ରୁତ ସହରୀକରଣ, ଶିଳ୍ପ ପ୍ରସାର, ଭିତ୍ତିଭୂମି ବିକାଶ ଏବଂ ପରିବେଶଗତ ଅବକ୍ଷୟ ଯୋଗୁଁ ଏହାର ଚାଷଯୋଗ୍ୟ ଜମିରେ ନିରନ୍ତର ହ୍ରାସ ପାଉଛି। ଜନସଂଖ୍ୟା ବୃଦ୍ଧି ପାଇବା ସହିତ, ଗୃହ, ବାଣିଜ୍ୟିକ ସ୍ଥାନ ଏବଂ ରାସ୍ତାର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ଫଳରେ ଉର୍ବର କୃଷି କ୍ଷେତ୍ର ଗୁଡ଼ିକୁ ନିର୍ମାଣ କ୍ଷେତ୍ରରେ ପରିଣତ କରାଯାଇଛି। ବିଭିନ୍ନ ସରକାରୀ ଏବଂ ଗବେଷଣା ରିପୋର୍ଟ ଅନୁଯାୟୀ, ଭାରତ ପ୍ରତିବର୍ଷ ହଜାର ହଜାର ହେକ୍ଟର ଚାଷଯୋଗ୍ୟ ଜମି ହରାଉଛି। ଜମି ବିଖଣ୍ଡନ ହେଉଛି ଅନ୍ୟ ଏକ କାରଣ, କାରଣ ବଂଶାନୁକ୍ରମିକ କୃଷି ଜମି ପରିବାର ସଦସ୍ୟଙ୍କ ମଧ୍ୟରେ ବର୍ଦ୍ଧିତ ହୋଇ ଚାଷର ଆର୍ଥିକ ସମ୍ଭାବନା ହ୍ରାସ କରୁଛି। ରାସାୟନିକ ସାର, କୀଟନାଶକ ଏବଂ ଅସନ୍ତୁଳିତ କୃଷି ପଦ୍ଧତିର ଅତ୍ୟଧିକ ବ୍ୟବହାର ଯୋଗୁଁ ମାଟି ଅବକ୍ଷୟ, ଉତ୍ପାଦକତାକୁ ଆହୁରି ହ୍ରାସ କରେ। ଜଳବାୟୁ ପରିବର୍ତ୍ତନ ବର୍ଷା ଢାଞ୍ଚାରେ ପରିବର୍ତ୍ତନ, ମରୁଡ଼ି ଏବଂ ବନ୍ୟାର ବାରମ୍ବାରତା ବୃଦ୍ଧି ଏବଂ ରାଜସ୍ଥାନ ଭଳି ଦୁର୍ବଳ ଅଞ୍ଚଳରେ ମରୁଭୂମିକରଣର ତ୍ୱରାନ୍ୱିତ ହେବା ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଭୂତଳ ଜଳ ହ୍ରାସ ପଞ୍ଜାବ ଏବଂ ହରିୟାଣା ଭଳି ରାଜ୍ୟରେ କୃଷି ସମ୍ଭାବନାକୁ ହ୍ରାସ କରିଛି, ଯେଉଁଠାରେ ଜଳସେଚନ ବ୍ୟବସ୍ଥାର ଅତ୍ୟଧିକ ବ୍ୟବହାର ମୃତ୍ତିକା ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଛି ଏବଂ ଜଳ ସାରଣୀକୁ ହ୍ରାସ କରିଛି। ଏହା ବ୍ୟତୀତ, ଖଣି କାର୍ଯ୍ୟ ଏବଂ ଅନୁପଯୁକ୍ତ ବର୍ଜ୍ୟବସ୍ତୁ ନିଷ୍କାସନ ଜମିକୁ ଦୂଷିତ କରେ, ଯାହା ଏହାକୁ ଚାଷ ପାଇଁ ଅନୁପଯୁକ୍ତ କରିଥାଏ। କୃଷି ପ୍ରସାରଣ ପାଇଁ ଜଙ୍ଗଲ କ୍ଷୟ ପ୍ରାରମ୍ଭରେ ଚାଷ ଜମିକୁ ବୃଦ୍ଧି କରେ, କିନ୍ତୁ ଦୀର୍ଘକାଳୀନ ପ୍ରଭାବ ମଧ୍ୟରେ ମୃତ୍ତିକା କ୍ଷୟ ଏବଂ ପୁଷ୍ଟିକର ପଦାର୍ଥର କ୍ଷତି ଅନ୍ତର୍ଭୁକ୍ତ, ଯାହା ଶେଷରେ ଚାଷଯୋଗ୍ୟ ଜମିକୁ ହ୍ରାସ କରେ। ଏହି ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ କାର୍ଯ୍ୟକ୍ରମ, ଜୈବିକ କୃଷିକୁ ପ୍ରୋତ୍ସାହନ ଏବଂ ଭୂମି ଏକତ୍ରୀକରଣ ପ୍ରୟାସ ଭଳି ସରକାରୀ ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି। ଭାରତର ଖାଦ୍ୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ସ୍ଥାୟୀ କୃଷି ପଦ୍ଧତି, ବର୍ଷାଜଳ ଅମଳ ଏବଂ ଉର୍ବର ମାଟିର ସଂରକ୍ଷଣ ଅତ୍ୟାବଶ୍ୟକ। କୃଷି ଜମି ସଂରକ୍ଷଣ କେବଳ କୃଷକମାନଙ୍କ ପାଇଁ ନୁହେଁ ବରଂ ଦେଶର ସାମଗ୍ରିକ ଆର୍ଥିକ ସ୍ଥିରତା ଏବଂ ପୁଷ୍ଟିକର ଆବଶ୍ୟକତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହା ମୃତ୍ତିକା ସଂରକ୍ଷଣ, ଯୋଜନାବଦ୍ଧ ସହରାଞ୍ଚଳ ବିକାଶ ଏବଂ ପରିବେଶଗତ ଭାବରେ ସନ୍ତୁଳିତ ବିକାଶ ରଣନୀତିକୁ ପ୍ରାଥମିକତା ଦେଉଥିବା ନୀତି ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଭାରତରେ ଚାଷଯୋଗ୍ୟ ଜମି ହ୍ରାସର ମୁଖ୍ୟ କାରଣ କଣ ?

A. ସାକ୍ଷରତା ବୃଦ୍ଧି

B. ସହରୀକରଣ ✓

C. ପର୍ଯ୍ୟଟନ

D. ବ୍ୟାଙ୍କିଂ କ୍ଷେତ୍ର

Q5 Odia

ଜମିର ଖଣ୍ଡୀକରଣ କେଉଁ କାରଣରୁ ଘଟେ ?

A. ଶିଳ୍ପ ନୀତି

B. ଉତ୍ତରାଧିକାର ଆଇନ ✓

C. ପରିବହନ ବ୍ୟବସ୍ଥା

D. ପାଣିପାଗ ପରିବର୍ତ୍ତନ

Q6 Odia

ସାର ର ଅତ୍ୟଧିକ ବ୍ୟବହାର ଦ୍ୱାରା କଣ ହୁଏ ?

A. ମାଟିର ଉର୍ବରତା ଉନ୍ନତି

B. ମାଟି ଅବକ୍ଷୟ ✓

C. ବର୍ଷା ବୃଦ୍ଧି

D. ଜଙ୍ଗଲ ବୃଦ୍ଧି

Q7 Odia

ଭାରତର କେଉଁ ଅଞ୍ଚଳ ମରୁଭୂମିକରଣ ବିପଦର ସମ୍ମୁଖୀନ ହେଉଛି?

A. ରାଜସ୍ଥାନ ✓

B. କେରଳ

C. ସିକିମ

D. ଗୋଆ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q8 Odia

କେଉଁ ସରକାରୀ ଯୋଜନା ଉନ୍ନତ ଜଳସେଚନକୁ ପ୍ରୋତ୍ସାହିତ କରେ?

A. ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ✓

B. ଆୟୁଷ୍ମାନ ଭାରତ

C. ଡିଜିଟାଲ ଇଣ୍ଡିଆ

D. ସ୍ୱଚ୍ଛ ଭାରତ ମିଶନ

Q9 Odia

"ଆଉଁସିଲା କୁକୁର ମୁହଁରେ ମୂତେ ।" ଏହି ଲୋକୋକ୍ତିର ଠିକ୍ ଅର୍ଥ କଣ ?

A. ଅତ୍ୟଧିକ ସ୍ନେହକଲେ ମଧ୍ୟ ଲୋକ ଖୁସି ନୁହନ୍ତି ।

B. ଯେଉଁଠାରେ ସମ୍ମାନ ନାହିଁ, ସେଠାରେ ରହିବା ଉଚିତ ନୁହେଁ ।

C. କୁକୁରକୁ ଆଉଁସିଲେ ସେ ମୂତିଦିଏ ।

D. ଅତି ଗେହ୍ଲାରୁ ସମ୍ମାନ ହାନି । ✓

Q10 Odia

ଶାରୀରିକ ଶିକ୍ଷକ ପିଲାମାନଙ୍କୁ କବାଡ଼ି ଖେଳାଉଛନ୍ତି । ରେଖାଙ୍କିତ ପଦଟି କେଉଁ କ୍ରିୟାପଦ?

A. ଦ୍ୱିକର୍ମକ କ୍ରିୟା ✓

B. ସକର୍ମକ କ୍ରିୟା

C. ଅକର୍ମକ କ୍ରିୟା

D. ସମାପିକା କ୍ରିୟା

Q11 Odia

'ରାଗରେ ମନ ମାରି ବସିବା' – ଅର୍ଥ ପ୍ରକାଶ କରୁଥିବା ରୂଢିଟିକୁ ଚିହ୍ନଟ କର ।

A. ଜୋକ ପରି ଲାଗିବା

B. ସାରୁ ଭିତରେ ସାରୁ

C. ଛୁଞ୍ଚି ପରି ମୁହଁ କରିବା ✓

D. ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା

Q12 Odia

କଅଁଳ ବଚନ ହୃଦୟ ଜିଣେ । ଏହି ବାକ୍ୟରେ ଗୁଣବାଚକ ବିଶେଷଣ କେଉଁଟି ?

A. ବଚନ

B. କଅଁଳ ✓

C. ହୃଦୟ

D. ଜିଣେ

Q13 Odia

ଗଛଟି 'ସଜୀବ' ହୋଇଥିବାରୁ ବଢୁଛି, କିନ୍ତୁ ପଥରଟି _____ ହୋଇଥିବାରୁ ସ୍ଥିର ଅଛି।
(ନିମ୍ନରେ ପ୍ରଦତ୍ତ ଶବ୍ଦ ମଧ୍ୟରୁ ସଠିକ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର)

A. ଅଜୀବ

B. ମୃତ

C. ନିର୍ଜୀବ ✓

D. ଜଡ଼

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

ଯେଉଁ କ୍ରିୟାରେ କର୍ମ ଥାଏ,ତା'କୁ କଣ କୁହାଯାଏ ?

A. ସକର୍ମକ କ୍ରିୟା ✓

B. ଅକର୍ମକ କ୍ରିୟା

C. ଦ୍ୱିକର୍ମକ କ୍ରିୟା

D. ସମାପିକା କ୍ରିୟା

Q15 Odia

"ତିଳକୁ ତାଳ କରିବା"-ଏହି ରୁଢ଼ିର ଠିକ୍ ଅର୍ଥ କ'ଣ ?

A. ଛୋଟ କଥାକୁ ବଡ କରିବା ✓

B. ବଡ କଥାକୁ ଛୋଟ କରିବା

C. ସତ୍ୟ କଥା କହିବା

D. ନିରବ ରହିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 12 · 25 May 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଭାରତର ନ୍ୟାୟତନ୍ତ୍ର ସ୍ୱାଧୀନ ଅଟେ ।

A. C. The judiciary of India is independent. ✓

B. B. Judiciary of India are independence.

C. A. India's judiciary be independents.

D. D. Judiciary of India is independency.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Virat Kohli scored a century in the final match.

A. D. ବିରାଟ କୋହଲି ଫାଇନାଲ ମ୍ୟାଚରେ ଏକ ଶତକ କରିଥିଲେ। ✓

B. C. ବିରାଟ କୋହଲି ଶେଷ ମ୍ୟାଚରେ ଏକ ଶତକ କରିଲା।

C. A. ବିରାଟ କୋହଲି ଶେଷ ମ୍ୟାଚରେ ଏକ ଶତକ କରିଛି।

D. B. ବିରାଟ କୋହଲି ଶେଷ ମ୍ୟାଚରେ ଶତକ କରିଅଛନ୍ତି।

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Indian Ocean is the third largest ocean in the world.

A. B. ଭାରତୀୟ ମହାସାଗର ବିଶ୍ୱର ତୃତୀୟ ବୃହତ ମହାସାଗର ଅଟେ। ✓

B. C. ଭାରତ ସାଗର ବିଶ୍ୱର ତୃତୀୟ ବଡ଼ ସାଗର ଅଛି।

C. D. ଭାରତ ସାଗର ବିଶ୍ୱ ତୃତୀୟ ବଡ଼ ସାଗର ହେଉଛି।

D. A. ଭାରତ ସାଗର ବିଶ୍ୱର ତୃତୀୟ ବଡ଼ ସାଗର ହୋଇ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q4 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଭାରତୀୟ ସମ୍ବିଧାନର ପ୍ରସ୍ତାବନା, ସମ୍ବିଧାନର ମାର୍ଗଦର୍ଶୀ ଦର୍ଶନ, ମୂଲ୍ୟବୋଧ ଏବଂ ଉଦ୍ଦେଶ୍ୟକୁ ରୂପରେଖ ପ୍ରଦାନ କରିବା ନେଇ ଏକ ପ୍ରାରମ୍ଭିକ ବିବୃତ୍ତି ଭାବରେ କାର୍ଯ୍ୟ କରିଥାଏ । 26 ନଭେମ୍ବର 1949 ରେ ଗୃହୀତ ଏବଂ 26 ଜାନୁଆରୀ 1950 ରେ କାର୍ଯ୍ୟକାରୀ ହେଇଥିବା, ଏହା ଏକ ନ୍ୟାୟପୂର୍ଣ୍ଣ, ପ୍ରଗତିଶୀଳ ଏବଂ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା ରାଷ୍ଟ୍ରଭାବେ ଭାରତର ଲୋକଙ୍କ ଆକାଂକ୍ଷାକୁ ପ୍ରତିଫଳିତ କରେ। ପ୍ରସ୍ତାବନା ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ଗଣରାଜ୍ୟ ଭାବରେ ପ୍ରତିପାଦିତ କରିଥାଏ । ଏହା ନାଗରିକମାନଙ୍କୁ ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱଭାବ ର ସୁନିଶ୍ଚିତ କରେ। ଏହି ଆଦର୍ଶଗୁଡ଼ିକ ସାମ୍ବିଧାନିକ ଢାଞ୍ଚା ଉପରେ ଆଧାରିତ ମୂଳଦୁଆ ଭାବରେ କାର୍ଯ୍ୟ କରେ। ଭାରତ ସ୍ୱାଧୀନ ଏବଂ ବାହ୍ୟ ନିୟନ୍ତ୍ରଣରୁ ମୁକ୍ତ ବୋଲି "ସାର୍ବଭୌମ" ହୃଦୟଙ୍ଗମ କରାଇଥାଏ । "ସମାଜବାଦୀ" ସାମାଜିକ ଏବଂ ଅର୍ଥନୈତିକ ନ୍ୟାୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଓ ଅସମାନତା ହ୍ରାସକୁ ସୁନିଶ୍ଚିତ କରେ । "ଧର୍ମନିରପେକ୍ଷ" ଅର୍ଥ ସମସ୍ତ ଧର୍ମ ପାଇଁ ସମାନ ସମ୍ମାନ ଏବଂ ସ୍ୱାଧୀନତା ଦେବା ହୋଇଥିବା ବେଳେ "ଗଣତାନ୍ତ୍ରିକ" ପ୍ରତିନିଧିମାନଙ୍କୁ ନିର୍ବାଚିତ କରିବା ଏବଂ ଶାସନରେ ଅଂଶଗ୍ରହଣ କରିବାରେ ଲୋକଙ୍କ ଭୂମିକାକୁ ଗୁରୁତ୍ୱ ଦିଏ । "ଗଣରାଜ୍ୟ" ସୂଚାଇଥାଏ ଯେ ରାଷ୍ଟ୍ରମୁଖ୍ୟ ନିର୍ବାଚିତ, ବଂଶାନୁକ୍ରମିକ ଶାସକ ନୁହେଁ।

ପ୍ରସ୍ତାବନାରେ ସାମାଜିକ, ଆର୍ଥିକ ଏବଂ ରାଜନୈତିକ ନ୍ୟାୟର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି ଯାହା ଦ୍ୱାରା ଭେଦଭାବ ଦୂର ହେବ ଏବଂ ସମାନ ସୁଯୋଗ ପ୍ରଦାନ କରାଯିବ । ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ବିଶ୍ୱାସ ଏବଂ ଉପାସନାର ସ୍ୱାଧୀନତା ବ୍ୟକ୍ତିବିଶେଷଙ୍କ ବିଶ୍ୱାସ ବାଛିବା ଏବଂ ସ୍ୱାଧୀନ ଭାବରେ ଚିନ୍ତାଧାରା ପ୍ରକାଶ କରିବାର ସ୍ୱାଧୀନତାକୁ ସୁରକ୍ଷା ଦିଏ। ସ୍ଥିତି ଏବଂ ସୁଯୋଗର ସମାନତା ନିଶ୍ଚିତ କରେ ଯେ ପ୍ରତ୍ୟେକ ନାଗରିକଙ୍କୁ ଆଇନ ସମ୍ମୁଖରେ ସମାନ ଭାବରେ ବ୍ୟବହାର କରାଯିବ। ଭ୍ରାତୃତ୍ୱର ଧାରଣା ନାଗରିକମାନଙ୍କ ମଧ୍ୟରେ ଏକତା, ମର୍ଯ୍ୟାଦା ଏବଂ ଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରେ, ଯାହା ଜାତୀୟ ଅଖଣ୍ଡତାକୁ ସୁନିଶ୍ଚିତ କରେ। 1976 ମସିହାରେ 42ତମ ସମ୍ବିଧାନ ସଂଶୋଧନ ଦ୍ୱାରା ଯୋଡା ଯାଇଥିବା "ସମାଜବାଦୀ," "ଧର୍ମନିରପେକ୍ଷ" ଏବଂ "ସଚ୍ଚୋଟତା" ଶବ୍ଦଗୁଡ଼ିକ ପ୍ରସ୍ତାବନାର ଆତ୍ମାକୁ ଆହୁରି ମଜବୁତ କରିଛି । ଯଦିଓ ପ୍ରସ୍ତାବନା ଆଇନ ଅଦାଲତରେ ପ୍ରଯୋଗଯୋଗ୍ୟ ନୁହେଁ, ତଥାପି ଏହା ଏକ ମାର୍ଗଦର୍ଶକ ଆଲୋକ ଭାବରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସାମ୍ବିଧାନିକ ବ୍ୟବସ୍ଥା ଗୁଡ଼ିକୁ ବ୍ୟାଖ୍ୟା କରିବା ପାଇଁ ସୁପ୍ରିମକୋର୍ଟ ଏହାକୁ ଉଲ୍ଲେଖ କରିଛି । ଏହା ସମ୍ବିଧାନ ପ୍ରଣେତାଙ୍କ ଦୃଷ୍ଟିକୋଣକୁ ଦର୍ଶାଏ ଏବଂ ରାଷ୍ଟ୍ର ପାଇଁ ଏକ ନୈତିକ ଦିଗଦର୍ଶକ ଭାବରେ କାର୍ଯ୍ୟ କରେ। ମୋଟା ମୋଟି ଭାବେ କହିବାକୁ ଗଲେ , ପ୍ରସ୍ତାବନା ସମ୍ବିଧାନର ଆତ୍ମା ଭାବରେ କାର୍ଯ୍ୟ କରେ, ପ୍ରତ୍ୟେକ ନାଗରିକଙ୍କୁ ଭାରତର ଗଣତାନ୍ତ୍ରିକ ଆଦର୍ଶ ଏବଂ କଲ୍ୟାଣ, ମର୍ଯ୍ୟାଦା ଏବଂ ଏକତା ପ୍ରତି ପ୍ରତିବଦ୍ଧତାକୁ ସ୍ମରଣ କରାଇଥାଏ ।

ଭାରତର ପ୍ରସ୍ତାବନା କେବେ ଗୃହୀତ ହୋଇଥିଲା ?

A. C. 15 ଅଗଷ୍ଟ 1947

B. D. 26 ନଭେମ୍ବର 1949 ✓

C. B. 26 ଜାନୁଆରୀ 1950

D. A. 2 ଅକ୍ଟୋବର 1950

Q5 Odia

ପ୍ରସ୍ତାବନାରେ କେଉଁ ଶବ୍ଦଟି ବାହ୍ୟ ନିୟନ୍ତ୍ରଣରୁ ସ୍ୱାଧୀନତାକୁ ବୁଝାଏ?

A. C. ଗଣତନ୍ତ୍ର

B. A. ସାର୍ବଭୌମ ✓

C. B. ଧର୍ମନିରପେକ୍ଷ

D. D. ସମାଜବାଦୀ

Q6 Odia

କେଉଁ ସଂଶୋଧନ ପ୍ରସ୍ତାବନାରେ "ସମାଜବାଦୀ" ଏବଂ "ଧର୍ମନିରପେକ୍ଷ" ଶବ୍ଦ ଯୋଡିଥିଲା?

A. B. 44 ତମ ସଂଶୋଧନ

B. C. 24 ତମ ସଂଶୋଧନ

C. D. 42 ତମ ସଂଶୋଧନ ✓

D. A. 52 ତମ ସଂଶୋଧନ

Q7 Odia

"ମର୍ଯ୍ୟାଦା ଏବଂ ସୁଯୋଗର ସମାନତା" ଅର୍ଥ:

A. D. ସମାନ ଧାର୍ମିକ ଅଧିକାର

B. B. ସମାନ ରାଜନୈତିକ ଶକ୍ତି

C. A. ନାଗରିକଙ୍କ ପାଇଁ ସମାନ ବ୍ୟବହାର ଏବଂ ସୁଯୋଗ ✓

D. C. ସମାନ ଦଣ୍ଡ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q8 Odia

ପ୍ରସ୍ତାବନାଟି କଣ ?

A. B. ଆଇନଗତ ଭାବରେ ପ୍ରବର୍ତ୍ତନଯୋଗ୍ୟ

B. C. ସମ୍ବିଧାନର ମୁଖ୍ୟ ଅଂଶ

C. A. ସମ୍ବିଧାନର ଏକ ମାର୍ଗଦର୍ଶକ ନୀତି ✓

D. D. ସମ୍ବିଧାନର ଏକ ସୂଚୀ

Q9 Odia

"ରକ୍ତଚାଉଳ ଚୋବାଇବା" ଏହି ରୂଢିଟିର ଅର୍ଥ ଲେଖ ।

A. C. କୌଶଳରେ ଆୟତ୍ତ କରିବା

B. A. ପ୍ରଶ୍ରୟ ଦେବା

C. B. ରାଗ ଜର୍ଜରିତ ହେବା ✓

D. D. ନାପସନ୍ଦ କରିବା

Q10 Odia

ଛାତ୍ରୀ କବିତା ବିଦ୍ୟାଳୟରେ ନିର୍ଭୟରେ ଉତ୍ତର ଦେଲା । ଉକ୍ତ ବାକ୍ୟରେ ଥିବା କ୍ରିୟା ବିଶେଷଣଟିକୁ ଚୟନ କର ।

A. D. କବିତା

B. C. ବିଦ୍ୟାଳୟ

C. B. ନିର୍ଭୟରେ ✓

D. A. ଉତ୍ତର

Q11 Odia

'ନୀତିରୁ ବିଚ୍ୟୁତ ନହେବା'-ଏହି ଅର୍ଥ ବୁଝାଉଥିବା ଲୋକୋକ୍ତିଟି ଚିହ୍ନଟ କର ।

A. B. ଠିକିଲେ ଶିଖନ୍ତି

B. C. ଢ଼େଙ୍ଗା ମୁଣ୍ଡରେ ଠେଙ୍ଗା

C. A. ଖଣ୍ଡାଧାରରେ ଚାଲିବା ✓

D. D. ସବୁ ଦୃଷ୍ଟିରୁ ଅଯୋଗ୍ୟ

Q12 Odia

ତତଲା ପାଣିରେ ଘର ପୋଡେନି । ଏହି ବାକ୍ୟରେ ଅବସ୍ଥାବାଚକ ବିଶେଷଣ କେଉଁଟି ?

A. B. ତତଲା ✓

B. C. ପାଣିରେ

C. A. ଘର

D. D. ପୋଡେନି

Q13 Odia

ଦିନେ ଯିଏ 'ଧନୀ' ଥିଲା, ସମୟ ଚକ୍ରରେ ଆଜି ସେ _____।

A. A. ଅଭାବୀ

B. B. ନିର୍ଧନ ✓

C. C. ନିର୍ଧନୀ

D. D. କାଙ୍ଗାଳ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

କେଉଁ କ୍ରିୟାପଦ ବାକ୍ୟର ଅସମ୍ପୂର୍ଣ୍ଣତା ବା ଅସମାପ୍ତି ସୂଚିତ କରେ ?

A. B. ସମାପିକା କ୍ରିୟା

B. C. ଅସମାପିକା କ୍ରିୟା ✓

C. A. କାଳବାଚକ କ୍ରିୟା

D. D. ସହାୟକ କ୍ରିୟା

Q15 Odia

ନିମ୍ନଲିଖିତ ମଧ୍ୟରୁ ତତ୍ସମ ଶବ୍ଦ କେଉଁଟି ?

A. C. ମାର୍ଫତ

B. D. ଅଗ୍ନି ✓

C. A. ମସିହା

D. B. ହଜାର

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 13 · 26 May 2026 · 12:30 PM - 2:00 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Engineers use concrete and steel to build strong bridges.

- **A.** D. ଇଂଜିନିୟରମାନେ ମଜବୁତ ପୋଲ ନିର୍ମାଣ କରିବା ପାଇଁ କଂକ୍ରିଟ ଏବଂ ଷ୍ଟିଲ ବ୍ୟବହାର କରନ୍ତି। ✓
- **B.** C. ଇଞ୍ଜିନିୟର ଦୃଢ଼ ସେତୁ ନିର୍ମାଣ ପାଇଁ କଂକ୍ରିଟ୍ ଓ ଇସ୍ପାତ ବ୍ୟବହାର କରେ।
- **C.** B. ଇଞ୍ଜିନିୟରମାନେ ଦୃଢ଼ ସେତୁ ନିର୍ମାଣ କଂକ୍ରିଟ୍ ଓ ଇସ୍ପାତ ବ୍ୟବହାର କରନ୍ତି।
- **D.** A. ଇଞ୍ଜିନିୟରମାନେ ଦୃଢ଼ ସେତୁ ପାଇଁ କଂକ୍ରିଟ୍ ଇସ୍ପାତ ବ୍ୟବହାର କରନ୍ତି।

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Godavari is the second longest river in India after the Ganga.

- **A.** B. ଗଙ୍ଗା ନଦୀ ପରେ ଗୋଦାବରୀ ନଦୀ ଭାରତର ଦ୍ୱିତୀୟ ଦୀର୍ଘତମ ନଦୀ ଅଟେ। ✓
- **B.** A. ଗୋଦାବରୀ ଗଙ୍ଗା ପରେ ଭାରତ ଦ୍ୱିତୀୟ ଲମ୍ବା ନଦୀ ଅଛି।
- **C.** C. ଗୋଦାବରୀ ଭାରତର ଦ୍ୱିତୀୟ ଲମ୍ବା ନଦୀ ଗଙ୍ଗା ପରେ ଅଛନ୍ତି।
- **D.** D. ଗୋଦାବରୀ ଗଙ୍ଗା ପରେ ଭାରତର ଦ୍ୱିତୀୟ ଲମ୍ବା ନଦୀ ହେଲା।

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ମୁଁ ପ୍ରତିଦିନ ବ୍ୟାୟମ କରେ ।

- **A.** B. I exercise every day. ✓
- **B.** A. I always exercise..
- **C.** D. I was doing exercise every day..
- **D.** C. Every day I am doing exercise.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q4 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଗହମ ହେଉଛି ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ଫସଲ ମଧ୍ୟରୁ ଗୋଟିଏ ଏବଂ ଏହା ଦେଶ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ମୁଖ୍ୟତଃ ଏକ ରବି ଫସଲ, ଅର୍ଥାତ୍ ଏହାକୁ ଶୀତଦିନେ ବୁଣାଯାଏ ଏବଂ ବସନ୍ତ ଋତୁରେ ଅମଳ କରାଯାଏ। ଗହମକୁ ବୃଦ୍ଧି ସମୟରେ ଥଣ୍ଡା ଏବଂ ଶୁଷ୍କ ଜଳବାୟୁ ଏବଂ ପାଚିବା ସମୟରେ ଉଷ୍ମ ସୂର୍ଯ୍ୟ କିରଣ ଆବଶ୍ୟକ ହୁଏ। ଗହମ ଚାଷ ପାଇଁ ଆଦର୍ଶ ତାପମାତ୍ରା ବୁଣା ସମୟରେ 10°C ରୁ 15°C ଏବଂ ପାଚିବା ସମୟରେ 20°C ରୁ 25°C ପର୍ଯ୍ୟନ୍ତ ହୋଇଥାଏ। ଏହାର ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଶୀତକାଳୀନ ବର୍ଷା, ପ୍ରାୟ 75-100 ସେ.ମି., କିମ୍ବା ନିୟନ୍ତ୍ରିତ ଜଳସେଚନ ଅତ୍ୟାବଶ୍ୟକ। ଭଲ ନିଷ୍କାସନ ହୋଇଥିବା ପଟୁ ମାଟି, ହ୍ୟୁମସ୍, ନାଇଟ୍ରୋଜେନ୍ ଏବଂ ଫସଫରସ୍ ଆଦି , ଗହମ ଚାଷ ପାଇଁ ସବୁଠାରୁ ଉପଯୁକ୍ତ। ସମତଳ ଏବଂ ମଧ୍ୟମ ଉର୍ବରତା ଥିବା ଅଞ୍ଚଳ ଗୁଡ଼ିକ ଅଧିକ ପରିମାଣର ଚାଷ ପାଇଁ ସହାୟକ ହୋଇଥିବା ବେଳେ କେନାଲ ଏବଂ ନଳକୂପ ବ୍ୟବହାର କରି ସମୟୋଚିତ ଜଳସେଚନ କରିବା ମଧ୍ୟ ଲାଭଦାୟକ ହୋଇଥାଏ ।

ଭାରତ ବିଶ୍ୱର ଶୀର୍ଷ ଗହମ ଉତ୍ପାଦନକାରୀ ଦେଶମାନଙ୍କ ମଧ୍ୟରେ ସ୍ଥାନିତ ହୋଇଛି , ଏବଂ ଇଣ୍ଡୋ- ଗାଙ୍ଗେୟ ସମତଳ ଅଞ୍ଚଳ ଦେଶର ମୁଖ୍ୟ ଗହମ କ୍ଷେତ୍ର ପାଲଟିଛି । ଉତ୍ତର ପ୍ରଦେଶ, ଭାରତରେ ସବୁଠାରୁ ଅଧିକ ଗହମ ଉତ୍ପାଦନ କରେ, ଏହା ପରେ ମଧ୍ୟପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି, ଯାହା ଉନ୍ନତ ଜଳସେଚନ ଏବଂ କୃଷି ପ୍ରଯୁକ୍ତିବିଦ୍ୟା ଯୋଗୁଁ ଦ୍ରୁତ ଗତିରେ ଗହମ ଚାଷକୁ ବିସ୍ତାର କରିଛି। ପଞ୍ଜାବ ଏବଂ ହରିୟାଣା ସେମାନଙ୍କର ଉଚ୍ଚ ଉତ୍ପାଦକତା ସ୍ତର ମୁଖ୍ୟତଃ ଯାନ୍ତ୍ରିକୀକରଣ, ନିଶ୍ଚିତ ଜଳସେଚନ ଏବଂ ସବୁଜ ବିପ୍ଳବ ପରଠାରୁ ଉଚ୍ଚ-ଅମଳକ୍ଷମ କିସମ ଗ୍ରହଣ ପାଇଁ ବେଶ ଜଣାଶୁଣା । ଅନ୍ୟାନ୍ୟ ଯୋଗଦାନକାରୀ ରାଜ୍ୟଗୁଡ଼ିକ ମଧ୍ୟରେ ରାଜସ୍ଥାନ, ବିହାର ଏବଂ ଗୁଜରାଟ ମଧ୍ୟ ଅନ୍ତର୍ଭୁକ୍ତ | ତେବେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ କମ୍ ପରିମାଣରେ ଗହମ ଉତ୍ପାଦନ କରନ୍ତି। ହରିୟାଣାର ହିସାର ଏବଂ କର୍ଣ୍ଣାଲ, ଉତ୍ତର ପ୍ରଦେଶର ଗଙ୍ଗା-ଯମୁନା ଦୋଆବ ଏବଂ ମଧ୍ୟପ୍ରଦେଶର ଇନ୍ଦୋର ଭଳି ଜିଲ୍ଲାଗୁଡ଼ିକ ଉଲ୍ଲେଖନୀୟ ଗହମ ଚାଷକାରୀ ଅଞ୍ଚଳ ଅଟନ୍ତି । ଆଧୁନିକ କୃଷି କୌଶଳ, ଉନ୍ନତ ବିହନ ଏବଂ ଜଳସେଚନ ସୁବିଧା ଉପରେ ଅଧିକ ଗୁରୁତ୍ୱ ଦେଇ ଭାରତ, ଜାତୀୟ ଖାଦ୍ୟ ସୁରକ୍ଷାରେ ଏକ ପ୍ରମୁଖ ଅବଦାନକାରୀ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରି ଗହମ ଉତ୍ପାଦନ ବୃଦ୍ଧି କରିଚାଲିଛି।

ଭାରତରେ ଗହମ ମୁଖ୍ୟତଃ କେଉଁ ଫସଲ ଭାବେ ଚାଷ କରାଯାଏ?

A. B. ଖରିଫ ଫସଲ

B. C. ରବି ଫସଲ ✓

C. A. ଜୈବ ଫସଲ

D. D. ଗ୍ରୀଷ୍ମ ଫସଲ

Q5 Odia

ଗହମ ବୁଣା ପାଇଁ ଆଦର୍ଶ ତାପମାତ୍ରା କେଉଁଟି ?

A. A. 20°C–30°C

B. C. 5°C–10°C

C. D. 10°C–15°C ✓

D. B. 30°C–35°C

Q6 Odia

ଭାରତରେ କେଉଁ ରାଜ୍ୟ ସର୍ବାଧିକ ଗହମ ଉତ୍ପାଦନ କରେ?

A. B. ହରିୟାଣା

B. C. ପଞ୍ଜାବ

C. A. ଉତ୍ତର ପ୍ରଦେଶ ✓

D. D. ମଧ୍ୟପ୍ରଦେଶ

Q7 Odia

ଗହମ ଚାଷ ପାଇଁ କେଉଁ ପ୍ରକାରର ମାଟି ସବୁଠାରୁ ଉପଯୁକ୍ତ?

A. B. କଳା ମାଟି

B. D. ପଟୁ ମାଟି ✓

C. A. ଲୁହା ପଥର ମାଟି

D. C. ବାଲିଆ ମାଟି

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q8 Odia

ଭାରତରେ ପ୍ରମୁଖ ଗହମ ଚାଷ କରୁଥିବା ସମତଳ ଅଞ୍ଚଳଗୁଡ଼ିକ କେଉଁଟି ?

A. D. ଗୋଦାବରୀ ସମତଳ ଭୂମି

B. A. ଇଣ୍ଡୋ-ଗାଙ୍ଗେୟ ସମତଳ ଭୂମି ✓

C. C. ବ୍ରହ୍ମପୁତ୍ର ସମତଳ ଭୂମି

D. B. ଉପକୂଳବର୍ତ୍ତୀ ସମତଳ ଭୂମି

Q9 Odia

ସହସା ଝଡ ତୋଫାନ ଆସିଲା । ଏହି ବାକ୍ୟରେ ଅବ୍ୟୟ ପଦର ବ୍ୟବହାର ଦ୍ୱାରା ଗଠିତ କ୍ରିୟା ବିଶେଷଣ କିଏ ?

A. D. ସହସା ✓

B. A. ଝଡ

C. C. ତୋଫାନ

D. B. ଆସିଲା

Q10 Odia

"ବିରାଡ଼ି ଛିଡ଼ିବା" ଏହି ରୂଢିଟିର ଅର୍ଥ ଚୟନ କର ।

A. B. ଅନୁକୂଳ ବିଗିଡ଼ି ଯିବା ✓

B. C. ଉପେକ୍ଷା କରିବା

C. A. ଠକିବା

D. D. ଧର୍ଯ୍ୟ ଧରିବା

Q11 Odia

ନିମ୍ନଲିଖିତ ମଧ୍ୟରୁ ତତ୍ସମ ଶବ୍ଦ କିଏ ?

A. A. ନିଆଁ

B. D. ପାନିଆଁ

C. B. ମେଘ ✓

D. C. ଡେଙ୍ଗା

Q12 Odia

ଗୀତା ମୁଖ୍ୟମନ୍ତ୍ରୀଙ୍କୁ ଅନେକଥର ଚିଠି <u>ଲେଖିଛି</u> । ରେଖାଙ୍କିତ ପଦଟି କେଉଁ କ୍ରିୟାପଦ ଚିହ୍ନଟ କର ?

A. B. ଦ୍ୱିକର୍ମକ କ୍ରିୟା ✓

B. A. ଅମିଶ୍ର କ୍ରିୟା

C. D. ମିଶ୍ର କ୍ରିୟା

D. C. ଧ୍ୱନାତ୍ମକ କ୍ରିୟା

Q13 Odia

'ସ୍ୱାବଲମ୍ବୀ ହେବା'- ଏହି ଅର୍ଥ ବୁଝାଉଥିବା ଲୋକୋକ୍ତିଟି ଚିହ୍ନଟ କର ।

A. C. ଆଡୁରେ ନିୟମ ନାସ୍ତି

B. A. ଆପଣା ଶିଙ୍ଗରେ ମାଟି ତାଡ଼ିବା ✓

C. B. ଆପେ ବଞ୍ଚିଲେ ବାପର ନାଁ

D. D. ଅଳପ ଧନ ବିକଳ ମନ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

କ୍ରିୟାପଦ କ'ଣ ସୂଚିତ କରେ ?

A. B. ବ୍ୟକ୍ତି

B. A. କାର୍ଯ୍ୟ ✓

C. D. ବସ୍ତୁ

D. C. ସମ୍ପର୍କ

Q15 Odia

"ଆମ ଦେଶର ଉନ୍ନତି ପାଇଁ ଚେଷ୍ଟା କର" - ଏହି ବାକ୍ୟରେ 'ଉନ୍ନତି'ର ଶୁଦ୍ଧ ବନାନ କଣ?

A. A. ଉନତି

B. B. ଉନ୍ନତୀ

C. D. ଉନ୍ନତି ✓

D. C. ଉନତୀ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 14 · 26 May 2026 · 4:00 PM - 5:30 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ସୌର ଜଗତର ବୃହତମ ଗ୍ରହ ବୃହସ୍ପତି ଅଟେ ।

- **A.** Jupiter is the largest planet in the solar system. ✓
- **B.** Saturn is the smallest planet in the solar system.
- **C.** Jupiter is the hottest star in the sky.
- **D.** Mars is the biggest planet in the solar system.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ରେଳପଥଟି ଦୁଇଟି ଷ୍ଟେସନକୁ ଯୋଡୁଛି ।

- **A.** The railway track connects two stations. ✓
- **B.** Railway track connect two station.
- **C.** The railway tracks connecting both station.
- **D.** Railway track are connect with stations.

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ହିନ୍ଦୁଧର୍ମ ପୂଜା କରିବା ପାଇଁ ବିଶିଷ୍ଟ ପଦ୍ଧତି ଏବଂ ନୈତିକ ଦିଶା ନିର୍ଦ୍ଦେଶ ନିର୍ଦ୍ଧାରିତ କରେ ।

- **A.** Hinduism prescribes specific rituals and ethical guidelines to perform worship properly. ✓
- **B.** Hinduism prescribes specific rituals and ethical guideline to perform worship properly.
- **C.** Hinduism prescribe specific rituals and ethical guidelines to performs worship properly.
- **D.** Hinduism prescribes specific ritual and ethical guideline to performs worship properly.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q4 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ମଧ୍ୟଯୁଗୀୟ ଓଡ଼ିଶାର ଇତିହାସ, ପ୍ରାୟ ସପ୍ତମ ଶତାବ୍ଦୀରୁ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ବ୍ୟାପୀ, ସାଂସ୍କୃତିକ ଉଜ୍ଜ୍ୱଳତା, ସ୍ଥାପତ୍ୟ ଉତ୍କର୍ଷତା ଏବଂ ରାଜନୈତିକ ଶକ୍ତିର ଏକ ସୁବର୍ଣ୍ଣ ଯୁଗକୁ ଦର୍ଶାଇଥାଏ । ଏହି ସମୟ ମଧ୍ୟରେ, ଐତିହାସିକ ଭାବରେ କଳିଙ୍ଗ ଏବଂ ପରେ ଉତ୍କଳ ଭାବରେ ପରିଚିତ ଓଡ଼ିଶା, ଭୌମକର, ସୋମବଂଶୀ, ପୂର୍ବ ଗଙ୍ଗ ଏବଂ ଗଜପତି ଭଳି ଅନେକ ଶକ୍ତିଶାଳୀ ରାଜବଂଶର ଉତ୍ଥାନ ଦେଖିଥିଲା। ପ୍ରତ୍ୟେକ ରାଜବଂଶ ଏହି ଅଞ୍ଚଳର ଐତିହ୍ୟରେ ପ୍ରଚୁର ଅବଦାନ ଦେଇଥିଲା ଓ କଳା, ସ୍ଥାପତ୍ୟ, ଧର୍ମ ଏବଂ ସାହିତ୍ୟରେ ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଅଷ୍ଟମ ଶତାବ୍ଦୀରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରିଥିବା ଭୌମକର ମାନେ ବୌଦ୍ଧ ଧର୍ମର ଉଲ୍ଲେଖନୀୟ ପୃଷ୍ଠପୋଷକ ଥିଲେ ଏବଂ ଉପକୂଳ ଓଡ଼ିଶାରେ ସ୍ତୂପ, ବିହାର ଏବଂ ମନ୍ଦିର ନିର୍ମାଣ ପାଇଁ ଦାୟୀ ଥିଲେ। ସେମାନଙ୍କ ପରେ ଆସିଥିବା ସୋମବଂଶୀମାନେ ହିନ୍ଦୁ ମନ୍ଦିର ନିର୍ମାଣ ପରମ୍ପରାକୁ ସୁଦୃଢ଼ କରିଥିଲେ ଏବଂ ରେଖା ଦେଉଳ (ପବିତ୍ରସ୍ଥାନ), ପିଢା ଦେଉଳ (ସମାବେଶ ଗୃହ) ଏବଂ ଖଖରା ଦେଉଳ (ଦେବୀଙ୍କ ମନ୍ଦିର) ଦ୍ୱାରା ଚିହ୍ନିତ ବୈଶିଷ୍ଟ୍ୟପୂର୍ଣ୍ଣ କଳିଙ୍ଗ ସ୍ଥାପତ୍ୟ ଶୈଳୀ ବିକଶିତ କରିଥିଲେ।

ଏକାଦଶ ରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ପୂର୍ବ ଗଙ୍ଗମାନଙ୍କ ଅଧୀନରେ ମଧ୍ୟଯୁଗୀୟ ଓଡ଼ିଶା ସଂସ୍କୃତିର ଶୀର୍ଷ ହାସଲ ହୋଇଥିଲା । ଦ୍ୱାଦଶ ଶତାବ୍ଦୀରେ ରାଜା ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱ କାଳରେ ପୁରୀର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଥିଲା । ଏହି ମନ୍ଦିର ଓଡ଼ିଆ ଆଧ୍ୟାତ୍ମିକ ଏକତାର ପ୍ରତୀକ ହୋଇ ଆଜି ପର୍ଯ୍ୟନ୍ତ ଏକ ପ୍ରମୁଖ ତୀର୍ଥସ୍ଥଳ ହୋଇ ରହିଛି। ପରେ, ରାଜା ନରସିଂହଦେବ-ପ୍ରଥମ ତ୍ରୟୋଦଶ ଶତାବ୍ଦୀରେ କୋଣାର୍କରେ ଭବ୍ୟ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ, ଯାହାକୁ ପ୍ରାୟତଃ "କଳା ପାଗୋଡା" କୁହାଯାଏ। ଏହି ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ପଥର ସ୍ଥାପତ୍ୟର ଏକ ଉତ୍କୃଷ୍ଟ କୃତି, ଯାହା ସୂର୍ଯ୍ୟ ଦେବତା ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ବିଶାଳ ରଥ ଆକାରରେ ଡିଜାଇନ୍ କରାଯାଇଛି। କୋଣାର୍କର ଜଟିଳ କାରୁକାର୍ଯ୍ୟ ଏବଂ ସ୍ମାରକୀ ସ୍କେଲ ମଧ୍ୟଯୁଗୀୟ ଓଡ଼ିଆ କାରିଗରମାନଙ୍କ ଇଞ୍ଜିନିୟରିଂ ଏବଂ କଳାତ୍ମକ ପ୍ରତିଭାର ସ୍ପଷ୍ଟ ପ୍ରମାଣ ଦିଏ।

ପଞ୍ଚଦଶ ଶତାବ୍ଦୀରେ, ଗଜପତି ରାଜବଂଶ ପ୍ରମୁଖତା ହାସଲ କରିଥିଲା । କଟକକୁ ସେମାନଙ୍କର ରାଜଧାନୀ ଭାବରେ ପ୍ରତିଷ୍ଠା କରିଥିଲେ ଏବଂ ପୂର୍ବ ଭାରତରେ ଓଡ଼ିଶାର ରାଜନୈତିକ ପ୍ରଭାବକୁ ବିସ୍ତାର କରିଥିଲା। ଗଜପତି ମାନେ ମଧ୍ୟ ଜଗନ୍ନାଥ ଧର୍ମକୁ ସମର୍ଥନ କରିଥିଲେ ଏବଂ ଏହି ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିଥିଲେ। ମଧ୍ୟଯୁଗୀୟ ଓଡ଼ିଶାର ମନ୍ଦିର ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସାମୁଦ୍ରିକ ବାଣିଜ୍ୟ ଏବଂ ସାହିତ୍ୟରେ ଅବଦାନ - ବିଶେଷକରି ସଂସ୍କୃତ ଏବଂ ପ୍ରାରମ୍ଭିକ ଓଡ଼ିଆରେ - ଏହାକୁ ମଧ୍ୟଯୁଗୀୟ ଭାରତୀୟ ସଭ୍ୟତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ମଧ୍ୟରୁ ଗୋଟିଏ ଭାବେ ବିବେଚନା କରାଯାଏ ।

କେଉଁ ରାଜବଂଶ ପୁରୀରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ?

A. ସୋମବଂଶୀ

B. ପୂର୍ବ ଗଙ୍ଗ ✓

C. ଗଜପତି

D. ଭୌମକର

Q5 Odia

କୋଣାର୍କର ସୂର୍ଯ୍ୟ ମନ୍ଦିର କେଉଁ ରାଜାଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା?

A. ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବ

B. କପିଳେନ୍ଦ୍ର ଦେବ

C. ନରସିଂହଦେବ ✓

D. ଯଯାତି କେଶରୀ

Q6 Odia

କଳିଙ୍ଗ ସ୍ଥାପତ୍ୟ ଶୈଳୀ ମୁଖ୍ୟତଃ କେଉଁ ତିନୋଟି ମନ୍ଦିର ପ୍ରକାରର?

A. ଭିମାନା, ମାଣ୍ଡାପା, ଶିଖରା

B. ରେଖା ଦେଉଳ , ପିଢା ଦେଉଳ , ଖଖରା ଦେଉଳ ✓

C. ଗରାବଗ୍ରିହା, ଆଣ୍ଟାରାଲା, ସଭା ମଣ୍ଡପ

D. ଦ୍ରାବିଡା, ନାଗାରା, ଭେସାରା

Q7 Odia

କେଉଁ ରାଜବଂଶ ମଧ୍ୟଯୁଗୀୟ ଓଡିଶାରେ ବୌଦ୍ଧ ଧର୍ମର ପୃଷ୍ଠପୋଷକତା ପାଇଁ ବେଶ ପରିଚିତ?

A. ଗଙ୍ଗାପାଟିସ୍

B. ଭୌମକର ✓

C. ପୂର୍ବ ଗଙ୍ଗା

D. ସୋମବଂଶୀ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q8 Odia

କେଉଁ ସହକୁ ଗଜପତି ରାଜବଂଶ ରାଜଧାନୀ ଭାବରେ ପ୍ରତିଷ୍ଠା କରିଥିଲେ?

A. ପୁରୀ

B. ଭୁବନେଶ୍ୱର

C. କଟକ ✓

D. କୋଣାର୍କ

Q9 Odia

"ଏକା ବିଦ୍ୟା ସୁରକ୍ଷିତା"- ଏହି ଲୋକୋକ୍ତିର ଠିକ୍ ଅର୍ଥ କଣ ?

A. ଅନେକ ବିଷୟ ଅଳ୍ପ ଅଳ୍ପ ଜାଣିବା ଭଲ ।

B. କେବଳ ପୁସ୍ତକ ପଢିଲେ ଜ୍ଞାନ ବଢେ ।

C. ଗୋଟିଏ ବିଷୟକୁ ଭଲ ଭାବେ ଆୟତ୍ତ କରିବା । ✓

D. ସମସ୍ତ ବିଷୟ ସମାନ ଭାବେ ଜାଣିବା ।

Q10 Odia

ଅଳପ ଧନ,ବିକଳ ମନ । ଏହି ବାକ୍ୟରେ "ଅଳପ' କେଉଁ ପ୍ରକାରର ବିଶେଷଣ ?

A. ଗୁଣବାଚକ ବିଶେଷଣ

B. ପରିମାଣବାଚକ ବିଶେଷଣ ✓

C. ସଂଖ୍ୟାବାଚକ ବିଶେଷଣ

D. ସୂଚନାବାଚକ ବିଶେଷଣ

Q11 Odia

'ଗଣେଶ' ଶବ୍ଦର ଶୁଦ୍ଧ ବନାନ ଚିହ୍ନଟ କର ।

A. ଗନେଶ

B. ଗଣେଷ

C. ଗଣେସ

D. ଗଣେଶ ✓

Q12 Odia

'ଉପର ମୁହାଁ ଓଟ' – ରୂଢିଟିର ଅର୍ଥ କଣ ?

A. ଜାତକରେ ରାଜଯୋଗ ହେବା

B. ଉଦ୍ଧତ ସ୍ୱଭାବ ବିଶିଷ୍ଟ ✓

C. ସମ୍ପର୍କ ରଖିବା

D. ସୌଭାଗ୍ୟ ଉଦୟ ହେବା

Q13 Odia

ଛାତ୍ରମାନେ ବହିଗୁଡ଼ିକ ---------- । ଉପଯୁକ୍ତ କ୍ରିୟା ପଦଟି ବାଛି ଶୂନ୍ୟସ୍ଥାନ ପୂରଣ କର ।

A. ଖାଉଛନ୍ତି

B. ପଢୁଛନ୍ତି ✓

C. ପିଉଛନ୍ତି

D. ଆସୁଛନ୍ତି

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

'ସଭ୍ୟ' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

A. ସବ୍ୟପୂର୍ଣ୍ଣ

B. ସବ୍ୟହୀନ

C. ଅପସବ୍ୟ

D. ଅସଭ୍ୟ ✓

Q15 Odia

ସେ ଘନ ଘନ ନିଶ୍ୱାସ ନେଉଅଛି । ରେଖାଙ୍କିତ ପଦଟି କେଉଁ ପ୍ରକାର ପଦ?

A. କ୍ରିୟା ବିଶେଷଣ ✓

B. ବିଧେୟ ବିଶେଷଣ

C. ଅବସ୍ଥାବାଚକ ବିଶେଷଣ

D. ବିଶେଷଣର ବିଶେଷଣ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 15 · 26 May 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ପିଠାପୁଲି ଓଡ଼ିଶାର ଏକ ପାରମ୍ପାରିକ ମିଠା ଅଟେ ।

A. D. Pithapuli is a traditional sweet of Odisha. ✓

B. B. Pithapuli are tradition sweet Odisha.

C. C. Pithapuli be sweet traditional of Odisha.

D. A. Pithapuli is one traditional sweets.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Many Indian authors have written famous novels in English.

A. B. ଅନେକ ଭାରତୀୟ ଲେଖକମାନେ ଇଂରାଜୀରେ ସୁପରିଚିତ ଉପନ୍ୟାସଗୁଡିକ ଲେଖିଛନ୍ତି। ✓

B. C. ଅନେକ ଭାରତୀୟ ଲେଖକ ଉପନ୍ୟାସ ପଢ଼ିନାହାନ୍ତି।

C. D. ଭାରତୀୟ ଲେଖକମାନେ କେବଳ ହିନ୍ଦିରେ ଲେଖନ୍ତି।

D. A. ଭାରତୀୟ ଲେଖକମାନେ ଗୀତ ଲେଖନ୍ତି।

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Brihadeeswarar Temple in Tamil Nadu is dedicated to Lord Shiva.

A. D. ତାମିଲନାଡୁର ବୃହଦେଶ୍ୱର ମନ୍ଦିର ଭଗବାନ ଶିବଙ୍କ ପାଇଁ ସମର୍ପିତ ଅଟେ। ✓

B. A. ତାମିଲନାଡୁ ବୃହଦୀଶ୍ୱର ମନ୍ଦିର ଭଗବାନ ଶିବକୁ ଉତ୍ସର୍ଗିତ ହେଲା।

C. B. ତାମିଲନାଡୁର ବୃହଦୀଶ୍ୱର ମନ୍ଦିର ଭଗବାନ ଶିବ ଉତ୍ସର୍ଗିତ ଅଛି।

D. C. ତାମିଲନାଡୁ ବୃହଦୀଶ୍ୱର ମନ୍ଦିର ଭଗବାନ ଶିବଙ୍କ ପାଇଁ ଉତ୍ସର୍ଗ କରିଲା।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q4 Odia

নিম্নলিখিত অনুচ্ছেদর বিষয়বস্তুକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଭାରତରେ ଜୈବିକ କୃଷି ସାମ୍ପ୍ରତିକ ବର୍ଷଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଗତି ପାଇଛି କାରଣ ଲୋକମାନେ ସୁସ୍ଥ ଖାଦ୍ୟ ଏବଂ ପରିବେଶଗତ ସ୍ଥାୟୀତ୍ୱର ଗୁରୁତ୍ୱ ବିଷୟରେ ଅଧିକ ସଚେତନ ହୋଇଛନ୍ତି। ଜୈବିକ କୃଷି ହେଉଛି ଏପରି ଚାଷ ପଦ୍ଧତି ଯାହା ରାସାୟନିକ ସାର, କୀଟନାଶକ ଏବଂ ଜେନେଟିକାଲ୍ ପରିବର୍ତ୍ତିତ ବିହନ ବ୍ୟବହାରକୁ ଏଡ଼ାଇ ଦିଏ। ଏହା ବଦଳରେ, ଏହା ଫସଲ ଘୂର୍ଣ୍ଣନ, ଚାଷକ୍ଷେତ୍ର ଖତ ବ୍ୟବହାର, ଜୈବିକ ସାର, ସବୁଜ ସାର ଏବଂ ଜୈବିକ କୀଟପତଙ୍ଗ ନିୟନ୍ତ୍ରଣ ଭଳି ପ୍ରାକୃତିକ ଅଭ୍ୟାସ ଉପରେ ଧ୍ୟାନ ଦିଏ। ଏହି ବ୍ୟବସ୍ଥା ମାଟିର ଉର୍ବରତାକୁ ପ୍ରୋତ୍ସାହିତ କରେ, ଜୈବିକ ବିବିଧତାକୁ ଉନ୍ନତ କରେ ଏବଂ କୃଷି ଜମିର ଦୀର୍ଘକାଳୀନ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରେ।

ଭାରତରେ ପ୍ରାକୃତିକ କୃଷି ପଦ୍ଧତିର ଏକ ସମୃଦ୍ଧ ପରମ୍ପରା ଅଛି, ଏବଂ ଆଧୁନିକ ଜୈବିକ କୃଷି ଏହି ପୁରୁଣା ପଦ୍ଧତିଗୁଡ଼ିକୁ ବୈଜ୍ଞାନିକ ଉପାୟରେ ପୁନର୍ଜୀବିତ କରିଥାଏ । ସିକିମ୍ ରାଜ୍ୟ 2016 ରେ ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ଜୈବିକ ରାଜ୍ୟ ଭାବେ ପରିଗଣିତ ହୋଇଥିଲା ଏବଂ ଜୈବିକ ପଦ୍ଧତିଗୁଡ଼ିକୁ ବଡ଼ ପରିମାଣରେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ଦର୍ଶାଇଥିଲା । ରାଜସ୍ଥାନ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତରାଖଣ୍ଡ ଭଳି ଅନ୍ୟାନ୍ୟ ରାଜ୍ୟ ମଧ୍ୟ ଜୈବିକ କୃଷିରେ ପ୍ରମୁଖ ଅବଦାନକାରୀ। ଭାରତ ସରକାର ପରମ୍ପରାଗତ କୃଷି ବିକାଶ ଯୋଜନା (PKVY) ଏବଂ ଉତ୍ତର ପୂର୍ବ କ୍ଷେତ୍ର ପାଇଁ ମିଶନ ଜୈବିକ ମୂଲ୍ୟ ଶୃଙ୍ଖଳା ବିକାଶ (MOVCD-NER) ଭଳି ଯୋଜନା ମାଧ୍ୟମରେ ଜୈବିକ କୃଷିକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରୁଛନ୍ତି, ଯାହା ଚାଷୀମାନଙ୍କୁ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାରେ ଏବଂ ଉତ୍ତମ ବଜାରରେ ପହଞ୍ଚିବାରେ ସାହାଯ୍ୟ କରେ।

ରାସାୟନିକ-ମୁକ୍ତ ଖାଦ୍ୟ ପାଇଁ ଗ୍ରାହକଙ୍କ ଚାହିଦା ବୃଦ୍ଧି ପାଉଥିବାରୁ ଘରୋଇ ଏବଂ ଆନ୍ତର୍ଜାତୀୟ ବଜାରରେ ଜୈବିକ ଉତ୍ପାଦର ଅଧିକ ଅନୁସନ୍ଧାନ କରାଯାଉଛି। ତଥାପି, ଜୈବିକ କୃଷି କମ୍ ପ୍ରାରମ୍ଭିକ ଅମଳ, ମାଟି ପୁନରୁଦ୍ଧାର ପାଇଁ ଅଧିକ ପରିବର୍ତ୍ତନ ସମୟ ଏବଂ ଚାଷୀଙ୍କ ପାଇଁ ସୀମିତ ବଜାର ସଂଯୋଗ ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଏହି ଅସୁବିଧା ସତ୍ତ୍ୱେ, ଜୈବିକ କୃଷି ଦୀର୍ଘକାଳୀନ ସୁବିଧା ପ୍ରଦାନ କରେ, ଯେଉଁଥିରେ ଉତ୍ତମ ଫସଲ, ଉନ୍ନତ ମାଟି ଗଠନ, ପରିବେଶଗତ ସନ୍ତୁଳନ ଏବଂ ଭବିଷ୍ୟତରେ ଚାଷୀଙ୍କ ପାଇଁ ଉତ୍ତମ ଜୀବିକା ଅନ୍ତର୍ଭୁକ୍ତ। ନିରନ୍ତର ସମର୍ଥନ ଏବଂ ସଚେତନତା ସହିତ, ଭାରତରେ ଜୈବିକ କୃଷି ଆହୁରି ବୃଦ୍ଧି ପାଇବ ଏବଂ ସ୍ଥାୟୀ କୃଷି ଏବଂ ଖାଦ୍ୟ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

ଜୈବିକ କୃଷି _____ ର ବ୍ୟବହାରକୁ ଏଡାଏ।

A. B. ପ୍ରାକୃତିକ ସାର

B. C. ରାସାୟନିକ ସାର ✓

C. A. ଫସଲ ପରିବର୍ତ୍ତନ

D. D. କମ୍ପୋଷ୍ଟ

Q5 Odia

କେଉଁ ରାଜ୍ୟ ପ୍ରଥମ ସମ୍ପୂର୍ଣ୍ଣ ଜୈବିକ ରାଜ୍ୟ ହୋଇଥିଲା?

A. C. କର୍ଣ୍ଣାଟକ

B. A. ପଞ୍ଜାବ

C. B. ସିକିମ ✓

D. D. କେରଳ

Q6 Odia

ଜୈବିକ କୃଷି _____ କୁ ପ୍ରୋତ୍ସାହିତ କରେ।

A. C. ମାଟି ପ୍ରଦୂଷଣ

B. D. ଜୈବିକ ବିବିଧତା ✓

C. A. ରାସାୟନିକ ନିର୍ଭରଶୀଳତା

D. B. ବୃଦ୍ଧି ପାଉଥିବା କୀଟନାଶକ ବ୍ୟବହାର

Q7 Odia

PKVY ଯୋଜନା କାହା ସହିତ ଜଡିତ?

A. B. ଶିଳ୍ପ ବିକାଶ

B. C. ଜୈବିକ କୃଷି ✓

C. A. ଡିଜିଟାଲ ଶିକ୍ଷା

D. D. ସହରାଞ୍ଚଳ ଯୋଜନା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q8 Odia

ଜୈବିକ କୃଷିରେ _____ଏକ ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି |

A. B. ଶ୍ରମିକର ଆବଶ୍ୟକତା ନାହିଁ

B. A. ପ୍ରାରମ୍ଭିକ ଉତ୍ପାଦନ କମ୍ ✓

C. C. ଅତ୍ୟଧିକ ରାସାୟନିକ ବ୍ୟବହାର

D. D. ବଜାର ଚାହିଦା ନାହିଁ

Q9 Odia

ଦେଶ ସ୍ୱାଧୀନ ହୋଇଛି, କିନ୍ତୁ ଲୋକଙ୍କ ଲୋକଙ୍କ ଦୁଃଖ ଦୂର ହୋଇନି- ଉକ୍ତ ବାକ୍ୟରେ ଅବ୍ୟୟ ପଦଟି ଚିହ୍ନଟ କର ?

A. C. ସ୍ୱାଧୀନ

B. B. ଲୋକ

C. D. ଦୂର

D. A. କିନ୍ତୁ ✓

Q10 Odia

ନିମ୍ନରେ ଦିଆଯାଇଥିବା ଶବ୍ଦ ମଧ୍ୟରୁ କେଉଁଟି ତଦ୍ଭବ ଶବ୍ଦ ଲେଖ ।

A. C. ବାପା ✓

B. D. ନବ

C. A. ବାମ

D. B. ନଦୀ

Q11 Odia

ସଠିକ୍ ବନାନ ଥିବା ବାକ୍ୟଟି ଚିହ୍ନଟ କର ।

A. B. ଚାଲି ନଜାଣି ବାଟର ଦୋଶ ।

B. C. ବାଟର ଦୋସ ଚାଲି ନଜାଣି ।

C. A. ଦୋଶୀ ଚାଲି ନଜାଣି ବାଟର ।

D. D. ଚାଲି ନଜାଣି ବାଟର ଦୋଷ । ✓

Q12 Odia

ନିମ୍ନଲିଖିତ ମଧ୍ୟରୁ ପରିମାଣସୂଚକ ଅବ୍ୟୟ ପଦ କେଉଁଟି ?

A. A. ସିନା

B. D. ସେମିତି

C. B. ସେବେ

D. C. ସେତିକି ✓

Q13 Odia

'ସମୟସୂଚକ ଅବ୍ୟୟ' କାହାକୁ କୁହାଯାଏ ।

A. B. ଯେଉଁ ଅବ୍ୟୟ ସ୍ଥାନକୁ ବୁଝାଏ ।

B. D. ଯେଉଁ ଅବ୍ୟୟ କାରଣକୁ ବୁଝାଏ ।

C. C. ଯେଉଁ ଅବ୍ୟୟ ସମୟ ବା କାଳକୁ ବୁଝାଏ । ✓

D. A. ଯେଉଁ ଅବ୍ୟୟ ପରିମାଣକୁ ବୁଝାଏ ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

'ଦଗା ଦେବା'- ରୂଢ଼ିଟିର ଅର୍ଥ କଣ?

A. C. ମିଛ କହିବା

B. D. ଚିହ୍ନ କରିବା

C. B. ଆଘାତ ଦେବା

D. A. ଠକିବା ✓

Q15 Odia

ନିମ୍ନଲିଖିତ ମଧ୍ୟରୁ ତତ୍ସମ ଶବ୍ଦ କେଉଁଟି ?

A. A. ଭେଣ୍ଟି

B. B. ନେତ

C. C. ଥକା

D. D. ବାଷ୍ପ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 16 · 28 May 2026 · 12:30 PM - 2:00 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Engineers are designing a new railway bridge across the river.

- **A.** ଇଂଜିନିଅରମାନେ ନଦୀ ପାର ଏକ ନୂତନ ରେଳ ପୋଲ ପାଇଁ ଡିଜାଇନ ପ୍ରସ୍ତୁତ କରୁଛନ୍ତି। ✓
- **B.** ଇଞ୍ଜିନିଅରମାନେ ନଦୀ ଉପରେ ରେଲ ସେତୁ ତିଆରି କରିଛନ୍ତି।
- **C.** ଇଞ୍ଜିନିଅର ନଦୀ ରେ ରେଲ ସେତୁ ଡିଜାଇନ ହୋଇଛି।
- **D.** ଇଞ୍ଜିନିଅରମାନେ ନଦୀ ସେତୁ ଡିଜାଇନ ହେଉଛି।

Q2 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ମୋ ଭାଇ ପ୍ରତିଦିନ ଘର ଘର ବୁଲି ଲୁଗା ବିକ୍ରି କରିବାକୁ ଯାଏ।

- **A.** My brother goes door to door every day to sell cloth. ✓
- **B.** My brother is selling cloth door to door every day.
- **C.** My brother will go door to door for selling cloth.
- **D.** My brother goes door to door every day.

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମେ ବାଙ୍ଗାଲୋର ରେ ରହିବା ସମୟରେ ସବୁଦିନ ଫୁଟବଲ ଖେଳିବାକୁ ଯାଉଥିଲୁ ।

- **A.** We go to play football every day when we are in Bangalore.
- **B.** We used to go to play football every day when we lived in Bangalore. ✓
- **C.** We were going to play football when we lived in Bangalore.
- **D.** We had gone to play football when we were in Bangalore.

Q4 Odia

> ନିମ୍ନୋକ୍ତ ଅନୁଚ୍ଛେଦକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଚୟନ କର ।
> ବୁଦ୍ଧଦେବ ତାଙ୍କର ପଞ୍ଚଶିଷ୍ୟଙ୍କୁ କହିଥିଲେ ଯେ, ସନ୍ୟାସୀଗଣ ଦୁଇଟି ଅତିଶୟ ପନ୍ଥାଠାରୁ ଦୂରରେ ରହିବା ଉଚିତ । ପ୍ରଥମଟି ହେଉଛି ଭୋଗବିଳାସରେ ମାତିରହି ଜୀବନଯାପନ କରିବା, ଯାହା ଏକାନ୍ତ ଦୁଃଖଦାୟକ । ଏପରି କରିଥାନ୍ତି କେବଳ ହୀନ ଓ ଅନାର୍ଯ୍ୟ ଶ୍ରେଣୀର ଲୋକମାନେ । ଏଣୁ ଏହା ସର୍ବଥା ବର୍ଜନୀୟ। ସେହିପରି ଦ୍ୱିତୀୟଟି ହେଉଛି ଶରୀରକୁ କ୍ଳେଶ ଦେଇ ସାଧନା କରିବା; ଏହା ଅତୀବ ଦୁଃଖଦାୟକ ଏବଂ ନିରର୍ଥକ । ଏଣୁ ଏ ମାର୍ଗଟି ମଧ୍ୟ ବର୍ଜନୀୟ। ଏହି ଦୁଇ ଅତିଶୟ ପନ୍ଥା ପରିହାର କରି ଜୀବନରେ ପରମ ଶାନ୍ତି, ଦିବ୍ୟଜ୍ଞାନ ତଥା ଦିବ୍ୟାନନ୍ଦ ଆନୟନ ନିମନ୍ତେ ପ୍ରକୃତ ପନ୍ଥା ହେଉଛି ନିର୍ବାଣ ମାର୍ଗ । ଏହା ଦୁଇ ଅତିଶୟ ପନ୍ଥାର ମଧ୍ୟମ ପନ୍ଥା ବା ମଧ୍ୟମ ମାର୍ଗ । ଏହି ମଧ୍ୟମ ମାର୍ଗର ସନ୍ଧାନ ଦେଇଥିଲେ ନିଜେ ଭଗବାନ ବୁଦ୍ଧ । ଏହି ମଧ୍ୟମ ମାର୍ଗର ଅନ୍ୟ ନାମ 'ଅଷ୍ଟାଙ୍ଗିକ ମାର୍ଗ' । ସେଗୁଡ଼ିକ ହେଉଛି ସମ୍ୟକ୍ ଦୃଷ୍ଟି, ସମ୍ୟକ୍ ସଂକଳ୍ପ, ସମ୍ୟକ୍ ବଚନ, ସମ୍ୟକ୍ କର୍ମାନ୍ତ, ସମ୍ୟକ୍ ଅଜୀବ, ସମ୍ୟକ୍ ବ୍ୟାୟାମ, ସମ୍ୟକ୍ ସ୍ମୃତି ଓ ସମ୍ୟକ ସମାଧି । ଆର୍ଯ୍ୟ ଅଷ୍ଟାଙ୍ଗିକ ମାର୍ଗର ପ୍ରଥମ ସୋପାନ ସମ୍ୟକ୍ ଦୃଷ୍ଟିର ଅର୍ଥ ଚାରି ଆର୍ଯ୍ୟସତ୍ୟର ଜ୍ଞାନପ୍ରାପ୍ତି । ଏହି ଦୃଷ୍ଟି ଦିବ୍ୟଦୃଷ୍ଟି ଅଟେ, ଯାହାବଳରେ ଭଗବାନ ବୁଦ୍ଧ ବୋଧଦ୍ରୁମ ତଳେ ଜ୍ଞାନତତ୍ତ୍ୱ ପ୍ରାପ୍ତ ହୋଇଥିଲେ ଓ ନିର୍ବାଣପଥ ଦେଖିପାରିଥିଲେ। ଏହିପରି ଦୃଷ୍ଟି ଯଦି ମାନବଠାରେ ଜାତ ହୁଏ, ତେବେ ବିଶ୍ୱରୁ ଅହଂକାର ଓ ସ୍ୱାର୍ଥଜନିତ ବାଦବିବାଦର ଅବସାନ ଘଟିବ ଏବଂ ବିଶ୍ୱରେ ଶାନ୍ତି ମଧ୍ୟ ପ୍ରତିଷ୍ଠିତ ହେବ।

ଅନୁଚ୍ଛେଦର ଗଢଣ କିପରି ଚିହ୍ନଟ କର ?

- **A.** ବର୍ଣ୍ଣନାତ୍ମକ
- **B.** ବ୍ୟାଖ୍ୟାତ୍ମକ
- **C.** ଭାବାତ୍ମକ
- **D.** ଦର୍ଶନ ଭିତ୍ତିକ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q5 Odia

ଅନୁଚ୍ଛେଦର ମୁଖ୍ୟ ବିଷୟବସ୍ତୁ ଚିହ୍ନଟ କର ।

A. ନିର୍ବାଣ ମାର୍ଗ ✓

B. ଐଶ୍ୱର୍ଯ୍ୟ ପ୍ରାପ୍ତି

C. ବ୍ରହ୍ମ ଦର୍ଶନ

D. ଦୁଃଖ ନିରୋଧ

Q6 Odia

ଅନୁଚ୍ଛେଦର ସ୍ୱର ଚିହ୍ନଟ କର ।

A. ରାଜନୈତିକ

B. ଅସ୍ତିତ୍ୱବାଦୀ

C. ଆଧ୍ୟାତ୍ମିକ ✓

D. ବୈପ୍ଳବାତ୍ମକ

Q7 Odia

ମଧ୍ୟମ ମାର୍ଗର ଅନ୍ୟ ନାମ କ'ଣ ? ଉଲ୍ଲେଖ କର ।

A. ସମ୍ୟକ୍ ବ୍ୟାୟାମ

B. ସମ୍ୟକ୍ ସ୍ମୃତି

C. ସମ୍ୟକ୍ ସମାଧି

D. ଅଷ୍ଟାଙ୍ଗିକ ମାର୍ଗ ✓

Q8 Odia

ମାଧ୍ୟମ ମାର୍ଗର କିଏ ସନ୍ଧାନ ଦେଇଥିଲେ ?

A. ବୁଦ୍ଧଦେବ ✓

B. ଅନାର୍ଯ୍ୟ

C. ପଞ୍ଚଶିଷ୍ୟ

D. ଦିବ୍ୟଦୃଷ୍ଟି ଥିବା ବ୍ୟକ୍ତି

Q9 Odia

ଫସର ଫାଟିବା | ଏହି ରଢ଼ିର ଅର୍ଥ କ'ଣ ?

A. ବ୍ୟର୍ଥହେବା ✓

B. ସଫଳ ହେବା

C. ଫସଲ ଆରମ୍ଭ କରିବା

D. ଲାଭଦାୟକ ଫସଲ ନଷ୍ଟ ହେବା

Q10 Odia

'ଭୁଆଁ ବୁଲାଇବା ' ଏହି ରଢ଼ିର ଅର୍ଥ କ'ଣ ?

A. ଅନ୍ୟକୁ ସାହାଯ୍ୟ କରିବା

B. ସତ୍ୟ କହିବା

C. ଭଣ୍ଡେଇବା/ ବିଭିନ୍ନ ବାହାନା ଦେଖାଇ ଠକିବା ✓

D. ମନ୍ତ୍ର ଜପିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ 'ନାମଧାତୁ' କ୍ରିୟାର ଉଦାହରଣ?

A. ପଢୁଛି

B. ଗୋଡ଼ାଉଛି ✓

C. ହସୁଛି

D. ଦେଖୁଛି

Q12 Odia

ସତେ ଭାରତ ହକିରେ ପୂର୍ବ ଗୌରବ ଫେରିପାଇବ? ଏହି ବାକ୍ୟରେ ଥିବା ବିଶେଷଣ ପଦଟିକୁ ଚିହ୍ନଟ କର।

A. ହକିରେ

B. ସତେ ✓

C. ପୂର୍ବ ଗୌରବ

D. ଭାରତ

Q13 Odia

"ଉଦୀଚୀ" ର ବିପରୀତ ଶବ୍ଦ କେଉଁଟି ?

A. ଅବାଚୀ ✓

B. ପୂର୍ବାଚୀ

C. ଦକ୍ଷିଣାଚୀ

D. ଉତ୍ତରାଚୀ

Q14 Odia

"ରାସ୍ତାରେ ସାବଧାନରେ ଚାଲିବା ଉଚିତ୍" ଏଠାରେ 'ସାବଧାନରେ' କି ପଦ?

A. ସାଧାରଣ ବିଶେଷଣ

B. କ୍ରିୟା ବିଶେଷଣ ✓

C. ଅବ୍ୟୟ

D. କ୍ରିୟା ପଦ

Q15 Odia

"ମୁଣ୍ଡ ଝାଳ ତୁଣ୍ଡରେ ମାରିବା"- ଏହି ରୁଢିର ଠିକ୍ ଅର୍ଥ କ'ଣ ?

A. ଅନ୍ୟକୁ ଠକି ଉପାର୍ଜନ କରିବା

B. କଠିନ ପରିଶ୍ରମ କରି ପେଟ ପୋଷିବା ✓

C. ରାଗରେ କାହାକୁ ମାରିବା

D. ସୁଖ ସ୍ୱଚ୍ଛନ୍ଦରେ ରହିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 17 · 28 May 2026 · 4:00 PM - 5:30 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ସୂର୍ଯ୍ୟ ଏକ ତାରା ଅଟେ, ଗ୍ରହ ନୁହେଁ ।

- **A.** The Sun is a star, not a planet. ✓
- **B.** The Sun is a planet like Earth.
- **C.** The Sun is a moon of Jupiter.
- **D.** The Sun is a galaxy.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ସମୁଦ୍ର ପତନର ବୃଦ୍ଧି ଏକ ଗମ୍ଭୀର ସମସ୍ୟା ଅଟେ ।

- **A.** Rising sea level is a serious problem. ✓
- **B.** The sea levels are raise problem serious.
- **C.** Sea level rise be problems serious.
- **D.** Rising sea levels is an problems.

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ପାଇଲଟ ଉଡ଼ାଜାହାଜକୁ ସାବଧାନରେ ଏହାର ଉତଥାନ, ଉଡାଣ ଏବଂ ଅବତରଣ ପ୍ରକ୍ରିୟା ସମୟରେ ନିୟନ୍ତ୍ରଣ କରନ୍ତି ।

- **A.** The pilot carefully controls the aircraft during takeoff, flight, and landing operations. ✓
- **B.** The pilot carefully control the aircraft during takeoff, flight, and landing operations.
- **C.** The pilot carefully controls aircraft during takeoff, flight, and landing operations.
- **D.** The pilot careful controls the aircraft during takeoff, flight, and landing operations.

Q4 Odia

ଛାତ୍ରମାନେ ଶିକ୍ଷକଙ୍କ କଥା _____ ଶୁଣିଲେ।

- **A.** ଧ୍ୟାନ ଦେଇ ✓
- **B.** ଧ୍ୟାନ ଦେଲେ
- **C.** ଧ୍ୟାନ ଦେବେ
- **D.** ଉପସ୍ଥିତ ରହିଲେ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q5 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଭାରତରେ ଓଡ଼ିଶା ହେଉଛି ଲୁହାପଥରର ପ୍ରମୁଖ ଉତ୍ପାଦନକାରୀ ଏବଂ ଦେଶର ଇସ୍ପାତ ଏବଂ ଖଣିଜ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପ୍ରଚୁର ଖଣିଜ ସମ୍ପଦ ର ଭଣ୍ଡାର ସହିତ ଏହି ରାଜ୍ୟ ପ୍ରତିବର୍ଷ ଭାରତର ମୋଟ ଲୁହାପଥର ଉତ୍ପାଦନର ଏକ ପ୍ରମୁଖ ଅଂଶ ଅବଦାନ କରିଥାଏ । ଓଡ଼ିଶାର ପ୍ରମୁଖ ଲୁହାପଥର ସମୃଦ୍ଧ ଜିଲ୍ଲାଗୁଡ଼ିକ ହେଉଛି କେଉଁଝର, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ, ଯାହା ମିଳିତ ଭାବରେ ଏସିଆର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ର ମଧ୍ୟରୁ ଗୋଟିଏ ଗଠନ କରେ। କେଉଁଝର ଜିଲ୍ଲାର ଯୋଡା-ବାର୍ବିଲ ଅଞ୍ଚଳ, ସୁନ୍ଦରଗଡ଼ର କୋଇରା କ୍ଷେତ୍ର ସହିତ, ଉଚ୍ଚମାନର ହେମାଟାଇଟ୍ ଗଚ୍ଛିତ ପାଇଁ ବିଶେଷ ଭାବରେ ପ୍ରସିଦ୍ଧ। ଯୋଡା ପୂର୍ବ, କଟାମାଟି, ବନସାପାଣି, ଠାକୁରାଣୀ, ଦୈତାରୀ, ବୋଲାନି ଏବଂ କୋଇରା ଖଣି ପରି ପ୍ରମୁଖ ଖଣି ଦେଶ ସାରା ବିଭିନ୍ନ ଇସ୍ପାତ କାରଖାନାକୁ ଲୁହାପଥର ଯୋଗାଣ କରେ। ଓଡ଼ିଶା ଖଣି ନିଗମ (OMC) ପରି ସରକାରୀ କ୍ଷେତ୍ରର ଉପକ୍ରମ ଏବଂ ଟାଟା ଷ୍ଟିଲ୍, JSW ଷ୍ଟିଲ୍, ରୁଙ୍ଗଟା ମାଇନ୍ସ, ସେରାଙ୍ଗୁଡ଼ିନ୍ ଆଣ୍ଡ୍ କୋ. ଏବଂ ଆର୍ସେଲରମିତ୍ତଲ ନିପନ୍ ଷ୍ଟିଲ୍ ଭଳି ଘରୋଇ କମ୍ପାନୀଗୁଡ଼ିକ ଏହି ଅଞ୍ଚଳରେ ଖଣି ଏବଂ ଖଣି ପ୍ରକ୍ରିୟାକରଣରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର (ଖେଳାଳି)।

ଓଡ଼ିଶାର ଲୁହାପଥର ଭଣ୍ଡାର କଳିଙ୍ଗନଗର, ଯାଜପୁର, ରାଉରକେଲା ଏବଂ ଅନୁଗୁଳ ଭଳି ଶିଳ୍ପ କେନ୍ଦ୍ରଗୁଡ଼ିକର ଅଭିବୃଦ୍ଧି ଲାଗି ସହାୟକ ହୋଇଛି , ଯାହା ରାଜ୍ୟର ଶିଳ୍ପାୟନ ଏବଂ ନିଯୁକ୍ତି ସୁଯୋଗକୁ ବୃଦ୍ଧି କରୁଛି। ଲୁହାପଥର ଏବଂ ପ୍ରକ୍ରିୟାକୃତ ଇସ୍ପାତ ଉତ୍ପାଦ ରପ୍ତାନି ପାଇଁ ରାଜ୍ୟ ପାରାଦୀପ ଭଳି ପ୍ରମୁଖ ବନ୍ଦର ସହିତ ମଧ୍ୟ ସଂଯୁକ୍ତ ଅଛି । ତେବେ , ଖଣି ଜନିତ କାର୍ଯ୍ୟକଳାପ ଯୋଗୁଁ ପରିବେଶଗତ ଏବଂ ସାମାଜିକ ଚ୍ୟାଲେଞ୍ଜ ଗୁଡିକର ସମ୍ମୁଖୀନ ହେବାକୁ ପଡିଥାଏ। ଜଙ୍ଗଲ କ୍ଷୟ, ମୃତ୍ତିକା କ୍ଷୟ, ଧୂଳି ପ୍ରଦୂଷଣ ଏବଂ ସ୍ଥାନୀୟ ପରିସଂସ୍ଥା ଉପରେ ପ୍ରଭାବ ଭଳି ସମସ୍ୟା ଚିନ୍ତାର ବିଷୟ ହୋଇପଡିଛି। ଦାୟିତ୍ୱପୂର୍ଣ୍ଣ ଖଣିଜ ଉତ୍ତୋଳନ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା କଠୋର ନିୟାମକ ଢାଞ୍ଚା, ସ୍ଥାୟୀ ଖଣି ଅଭ୍ୟାସ ଏବଂ ପୁନରୁଦ୍ଧାର ପଦକ୍ଷେପ କାର୍ଯ୍ୟକାରୀ କରିଛି। ନିଯୁକ୍ତି, କଲ୍ୟାଣକାରୀ ଯୋଜନା ଏବଂ ଭିତ୍ତିଭୂମି ବିକାଶ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟର ସଶକ୍ତିକରଣ ଖଣି ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ , ଓଡ଼ିଶାରେ ଲୁହାପଥର ଖଣି, ରାଜ୍ୟ ଅର୍ଥନୀତି ଏବଂ ଭାରତର ଇସ୍ପାତ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାବେଳେ ଜାରିରହିଥିବା ସଂସ୍କାରଗୁଡ଼ିକ ବିକାଶକୁ ସ୍ଥାୟୀତ୍ୱ ଏବଂ ପରିବେଶ ସଂରକ୍ଷଣ ସହିତ ସନ୍ତୁଳିତ କରିବା ଲକ୍ଷ୍ୟ ରଖିଛି।

ଭାରତରେ କେଉଁ ଖଣିଜ ପଦାର୍ଥର ପ୍ରମୁଖ ଉତ୍ପାଦନକାରୀ ହେଉଛି ଓଡ଼ିଶା?

A. କୋଇଲା

B. ଲୁହାପଥର ✓

C. ବକ୍ସାଇଟ୍

D. ତମ୍ବା

Q6 Odia

କେଉଁଟି ଓଡ଼ିଶାର ପ୍ରମୁଖ ଲୁହାପଥର ଖଣି କ୍ଷେତ୍ର ମଧ୍ୟରେ ଅନ୍ତର୍ଭୁକ୍ତ?

A. କୋରାପୁଟ-ରାୟଗଡ଼ା

B. ଯୋଡା-ବାର୍ବିଲ ଅଞ୍ଚଳ ✓

C. ପୁରୀ-କୋଣାର୍କ ବେଲ୍ଟ

D. ଭଦ୍ରକ- ବାଲେଶ୍ୱର

Q7 Odia

କେଉଁ ସରକାରୀ କ୍ଷେତ୍ର ସଂଗଠନ ଓଡ଼ିଶାର ଏକ ପ୍ରମୁଖ ଖଣି ଉତ୍ତୋଳନକାରୀ?

A. ନାଲକୋ (NALCO)

B. ଓଡ଼ିଶା ଖଣି ନିଗମ ✓

C. ବାଲକୋ (BALCO)

D. କୋଲ ଇଣ୍ଡିଆ

Q8 Odia

କେଉଁ ବନ୍ଦର ଓଡ଼ିଶାରୁ ଲୁହାପଥର ରପ୍ତାନି ପରିଚାଳନା କରେ?

A. ମାର୍ମାଗାଓ

B. ପାରାଦୀପ ✓

C. ବିଶାଖାପାଟଣା

D. କାଣ୍ଡଲା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q9 Odia

କେଉଁଟି ହେଉଛି ଲୁହାପଥର ଖଣି ସହିତ ଜଡିତ ପ୍ରମୁଖ ପରିବେଶଗତ ଚିନ୍ତା ?

A. ସାମୁଦ୍ରିକ ପ୍ରଦୂଷଣ

B. ମରୁଭୂମିକରଣ

C. ଜଙ୍ଗଲ ହ୍ରାସ ଏବଂ ମୃତ୍ତିକା କ୍ଷୟ ✓

D. ହିମବାହ ତରଳିବା

Q10 Odia

"ଆପଣା ହାତ ଜଗନ୍ନାଥ "-ଏହି ଲୋକୋକ୍ତିର ଠିକ୍ ଅର୍ଥ କଣ ?

A. ନିଜ ଉପରେ ଭରସା ନ କରି ଜଗନ୍ନାଥଙ୍କୁ ହାତ ଟେକିଦେବା ।

B. ନିଜ ଉପରେ ଭରସା କରି କାମ କରିବା । ✓

C. ନିଜେ କାମ କରିବାଠୁ ଅନ୍ୟକୁ କହିବା ଭଲ ।

D. ଜଗନ୍ନାଥ ନିଜ ହାତରେ ଅଛନ୍ତି ବୋଲି ଭାବିବା ।

Q11 Odia

ସଂସ୍କୃତ ଶବ୍ଦ 'ହସ୍ତ'ରୁ ସୃଷ୍ଟି ହୋଇଥିବା 'ହାତ' ଶବ୍ଦଟି କି ପ୍ରକାର ଶବ୍ଦ?

A. ତତ୍ସମ

B. ଦେଶଜ

C. ତଦ୍ଭବ ✓

D. ବୈଦେଶିକ

Q12 Odia

"ଛାତିକି ପଥର କରିବା"-ଏହି ରୂଢିର ଠିକ୍ ଅର୍ଥ କଣ ?

A. ରାଗ କରିବା

B. ଧୈର୍ଯ୍ୟ ଧରିବା ✓

C. ଭୟଭୀତ ହେବା

D. ଛାତିରେ ପଥର ରଖିବା

Q13 Odia

ଆମେ ପୁରୀ ଯାଇ ଜଗନ୍ନାଥକୁ ଦର୍ଶନ କଲୁ ।- ରେଖାଙ୍କିତ ପଦଟି କେଉଁ ପ୍ରକାର କ୍ରିୟାପଦ?

A. ଅମିଶ୍ର କ୍ରିୟା

B. ମିଶ୍ରକ୍ରିୟା ✓

C. କେଉଁବି ନୁହେଁ

D. ଅସମାପିକା କ୍ରିୟା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

ଗତ୍ତିଆ ଜିନିଷ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ବିପଦ ।- ଉକ୍ତ ବାକ୍ୟ ମଧ୍ୟରୁ ଗୁଣବାଚକ ବିଶେଷଣ ପଦଟି ବାଛ ।

A. ଗତ୍ତିଆ ✓

B. ଜିନିଷ

C. ବ୍ୟବହାର

D. ସ୍ୱାସ୍ଥ୍ୟ

Q15 Odia

'ନିଷ୍ପାପ' ଶବ୍ଦର ବିପରୀତ ଶବ୍ଦଟି ଲେଖ ।

A. ପାପୀ ✓

B. ଅପାପୀ

C. ପାପି

D. ନିଷ୍ପାପୀ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 18 · 28 May 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
କୋଣାର୍କ ସୂର୍ଯ୍ୟ ମନ୍ଦିର ଏକ ୟୁନେସ୍କୋ ବିଶ୍ୱ ଐତିହାସିକ କୀର୍ତ୍ତି ସ୍ଥଳ ଅଟେ ।

- **A.** The Konark Sun Temple is a UNESCO World Heritage Site. ✓
- **B.** The Konark Sun Temple is a railway station.
- **C.** The Konark Sun Temple is a museum in Delhi.
- **D.** The Konark Sun Temple is a political building.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ସେ ପ୍ରତିଦିନ ସକାଳରେ ଚା' ପିଅନ୍ତି ।

- **A.** He drinks tea every morning. ✓
- **B.** He drink tea every mornings.
- **C.** He is drinking tea on every morning.
- **D.** He drunk tea daily morning.

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଦେଶ ମଧ୍ୟରେ ଜାହାଜଗୁଡିକ ମହାସାଗର ଏବଂ ସମୁଦ୍ର ଦେଇ ମାଲସାମଗ୍ରୀ ପରିବହନ ପାଇଁ ବ୍ୟବହୃତ ହୁଏ ।

- **A.** Ships are used to transport goods safely across oceans and seas between countries. ✓
- **B.** Ships is used to transport goods safely across oceans and seas between country.
- **C.** Ships are used to transport good safely across oceans and seas between countries.
- **D.** Ship are used transport goods safely across oceans and seas between countries.

Q4 Odia

ସେ ଟ୍ରେନ୍ ଧରିବାକୁ _____ ଆସିଥିଲେ।

- **A.** ସାମ୍ପ୍ରତିକ
- **B.** ବିଳମ୍ବରେ ✓
- **C.** ପରେ
- **D.** ଶେଷ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q5 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

1930 ରୁ 1933 ମଧ୍ୟରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦ୍ୱାରା ଲିଖିତ ସବୁଠାରୁ ଉଲ୍ଲେଖନୀୟ କୃତି ମଧ୍ୟରୁ ଗୋଟିଏ ହେଉଛି "ଗ୍ଲିମ୍ପସେସ୍ ଅଫ୍ ୱାର୍ଲ୍ଡ ହିଷ୍ଟ୍ରି"। ଏହି ପୁସ୍ତକଟି ଭାରତର ବିଭିନ୍ନ ଜେଲରୁ ନେହେରୁ ତାଙ୍କ ଝିଅ ଇନ୍ଦିରା ଗାନ୍ଧୀଙ୍କୁ ଲେଖିଥିବା 196 ଟି ଚିଠିର ଏକ ସଂକଳନ । ଏହି ଚିଠିଗୁଡ଼ିକ କେବଳ ଇତିହାସର ପାଠ ଭାବରେ ନୁହେଁ ବରଂ ମାନବ ସଭ୍ୟତା, ସଂସ୍କୃତି ଏବଂ ଚିନ୍ତାଧାରାର ବିକାଶର ପରିଚୟ ଭାବରେ ଉଦ୍ଦିଷ୍ଟ ଥିଲା। ନେହେରୁ, ତାଙ୍କର ବିଶାଳ ଜ୍ଞାନ ଏବଂ ମାନବତା ପ୍ରତି ଗଭୀର ପ୍ରେମ ସହିତ, ଏହି ଚିଠିଗୁଡ଼ିକ ଜରିଆରେ ବିଶ୍ୱ ଇତିହାସକୁ ଏପରି ଭାବରେ ବ୍ୟାଖ୍ୟା କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଏବଂ ସାର୍ବଜନୀନ ଥିଲା। ଏହି ପୁସ୍ତକଟି ହଜାର ହଜାର ବର୍ଷ ବ୍ୟାପିଛି - ମିଶର, ମେସୋପୋଟାମିଆ ଏବଂ ଭାରତର ପ୍ରାରମ୍ଭିକ ସଭ୍ୟତାରୁ ଆରମ୍ଭ କରି ଗ୍ରୀସ୍ ଏବଂ ରୋମର ମହାନ ସାମ୍ରାଜ୍ୟ ପର୍ଯ୍ୟନ୍ତ, ଏବଂ ଆହୁରି ମଧ୍ୟ ଇସଲାମର ଉତ୍ଥାନ, ୟୁରୋପୀୟ ନବଜାଗରଣ ଏବଂ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଆଧୁନିକ ବିଶ୍ୱ ଘଟଣାବଳୀ ପର୍ଯ୍ୟନ୍ତ।

ନେହେରୁଙ୍କ "ଗ୍ଲିମ୍ପସେସ୍ ଅଫ୍ ୱାର୍ଲ୍ଡ ହିଷ୍ଟ୍ରି" ଲେଖିବାର ଉଦ୍ଦେଶ୍ୟ କେବଳ ଇନ୍ଦିରାଙ୍କୁ ଶିକ୍ଷା ଦେବା ନୁହେଁ ବରଂ ବିଶ୍ୱ ବିଷୟରେ ଏକ ଏମିତି ଦୃଷ୍ଟିକୋଣର ପ୍ରସାର କରିବା ମଧ୍ୟ ଥିଲା ଯାହା ଏକତା, ପ୍ରଗତି ଏବଂ ଶାନ୍ତି ଉପରେ ଗୁରୁତ୍ୱାରୋପ କରିଥିଲା। ସେ ବିଶ୍ୱାସ କରୁଥିଲେ ଯେ ଇତିହାସ କେବଳ ଯୁଦ୍ଧ ଏବଂ ବିଜୟର ଏକ ରେକର୍ଡ ନୁହେଁ ବରଂ ମାନବ ବିକାଶ ଏବଂ ସ୍ୱାଧୀନତା ଏବଂ ନ୍ୟାୟ ପାଇଁ ସଂଘର୍ଷର ଏକ କାହାଣୀ । ଏହି କାର୍ଯ୍ୟକୁ ଅନନ୍ୟ କରିଥାଏ ନେହରୁଙ୍କ ଇତିହାସ ପ୍ରତି ଦୃଷ୍ଟିକୋଣ |ସେ ରାଜନୈତିକ ଘଟଣାଗୁଡ଼ିକୁ ସାମାଜିକ ପରିବର୍ତ୍ତନ, ବୈଜ୍ଞାନିକ ଆବିଷ୍କାର ଏବଂ ଦାର୍ଶନିକ ଚିନ୍ତାଧାରା ସହିତ ସଂଯୋଗ କରନ୍ତି। ତାଙ୍କର ବର୍ଣ୍ଣନା ଶୈଳୀ ଆକର୍ଷଣୀୟ, ଐତିହାସିକ ତଥ୍ୟକୁ ନୈତିକ ପ୍ରତିଫଳନ ସହିତ ମିଶ୍ରଣ କରେ। ଚିଠିଗୁଡ଼ିକ ନେହରୁଙ୍କ ଗଭୀର ମାନବବାଦ ଏବଂ ଆନ୍ତର୍ଜାତୀୟତାକୁ ମଧ୍ୟ ପ୍ରକାଶ କରିଥାଏ ; ସେ ସମସ୍ତ ଜାତିକୁ ଗୋଟିଏ ମାନବ ପରିବାରର ଅଂଶ ଭାବରେ ଦେଖୁଥିଲେ ଏବଂ ପ୍ରାୟତଃ ଅତ୍ୟାଚାର କିମ୍ବା ସାମ୍ରାଜ୍ୟବାଦ ବିନା ଏକ ବିଶ୍ୱ ପାଇଁ ତାଙ୍କର ଆଶା ପ୍ରକାଶ କରିଥିଲେ।

କାରାଗାର କାନ୍ଥ ପଛରୁ ଲିଖିତ, ପୁସ୍ତକଟି ନେହରୁଙ୍କ ବୌଦ୍ଧିକ ସ୍ଥିରତା ଏବଂ ଆଶାବାଦୀ ଆତ୍ମାର ଏକ ପ୍ରମାଣ । ତାଙ୍କର ବନ୍ଦୀତ୍ୱ ସତ୍ତ୍ୱେ, ସେ ଜ୍ଞାନ ଏବଂ କୌତୁହଳରେ ପରିପୂର୍ଣ୍ଣ ମାନବ ସଭ୍ୟତାର ଏକ ବ୍ୟାପକ ଦୃଶ୍ୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ । ବିଶ୍ୱ ଇତିହାସର ଝଲକ କେବଳ ଐତିହାସିକ ଲେଖା ନୁହେଁ ବରଂ ରାଜନୈତିକ ଦର୍ଶନ ଏବଂ ସାହିତ୍ୟର ମଧ୍ୟ ଏକ ଉଦାହରଣ ଅଟେ।

"ଗ୍ଲିମ୍ପସେସ୍ ଅଫ୍ ୱାର୍ଲ୍ଡ ହିଷ୍ଟ୍ରି" ନେହେରୁଙ୍କ ଦ୍ୱାରା ଲିଖିତ କେତୋଟି ଚିଠିର ଏକ ସଂକଳନ ?

A. 150

B. 196 ✓

C. 210

D. 175

Q6 Odia

"ଗ୍ଲିମ୍ପସେସ୍ ଅଫ୍ ୱାର୍ଲ୍ଡ ହିଷ୍ଟ୍ରି" ରେ ଚିଠିଗୁଡ଼ିକ କାହାକୁ ସମ୍ବୋଧିତ କରାଯାଇଥିଲା?

A. ମହାତ୍ମା ଗାନ୍ଧୀ

B. କମଳା ନେହେରୁ

C. ଇନ୍ଦିରା ଗାନ୍ଧୀ ✓

D. ସରୋଜିନୀ ନାଇଡୁ

Q7 Odia

ଏହି ପୁସ୍ତକରେ ସଂକଳିତ ଚିଠିଗୁଡ଼ିକ କେଉଁ ବର୍ଷରେ ନେହେରୁ ଲେଖିଥିଲେ?

A. 1920–1923

B. 1930–1933 ✓

C. 1942–1945

D. 1919–1921

Q8 Odia

"ଗ୍ଲିମ୍ପସେସ୍ ଅଫ୍ ୱାର୍ଲ୍ଡ ହିଷ୍ଟ୍ରି" ଲେଖିବାରେ ନେହେରୁଙ୍କ ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା?

A. ରାଜନୀତି ବିଜ୍ଞାନ ପଢ଼ାଇବା

B. ତାଙ୍କ ଝିଅକୁ ବିଶ୍ୱ ଇତିହାସ ଏବଂ ମାନବ ସଭ୍ୟତା ବିଷୟରେ ଶିକ୍ଷା ଦେବା ✓

C. ବ୍ରିଟିଶ ଶାସନକୁ ସମାଲୋଚନା କରିବା

D. ଭାରତର ସ୍ୱାଧୀନତା ସଂଗ୍ରାମକୁ ଦଲିଲ କରିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q9 Odia

ପୁସ୍ତକରେ ନେହେରୁଙ୍କ ଇତିହାସ ପ୍ରତି ଦୃଷ୍ଟିକୋଣକୁ ନିମ୍ନଲିଖିତ ମଧ୍ୟରୁ କେଉଁଟି ସର୍ବୋତ୍ତମ ଭାବରେ ବର୍ଣ୍ଣନା କରେ?

A. କେବଳ ଯୁଦ୍ଧ ଏବଂ ସାମ୍ରାଜ୍ୟ ଉପରେ କେନ୍ଦ୍ରିତ

B. ସାମାଜିକ, ସାଂସ୍କୃତିକ ଏବଂ ବୈଜ୍ଞାନିକ ବିକାଶ ଅନ୍ତର୍ଭୁକ୍ତ ✓

C. ଭାରତୀୟ ଇତିହାସ ପର୍ଯ୍ୟନ୍ତ ସୀମିତ

D. ସମ୍ପୂର୍ଣ୍ଣ ପୌରାଣିକ କାହାଣୀ ଉପରେ ଆଧାରିତ

Q10 Odia

"ଉଣା ହିଡ ଯେଉଁଠି, ପାଣି ଗଡେ ସେଇଠି"- ଏହି ଲୋକୋକ୍ତିର ଠିକ୍ ଅର୍ଥ କଣ ?

A. ଯେଉଁଠି ପାଣି ଥାଏ,ସେଠି ହିଡ ଭାଙ୍ଗିଯାଏ ।

B. ଦୁର୍ବଳତା ପରାଜୟର କାରଣ । ✓

C. ପାଣି ସବୁଠାରେ ସମାନ ଭାବେ ବହେ ।

D. ଶକ୍ତିଶାଳୀ ଲୋକ ସବୁଠାରେ ଜିତନ୍ତି ।

Q11 Odia

ଯୁଦ୍ଧରେ 'ଜୟ' ପରେ _____ ର ସମ୍ଭାବନା ମଧ୍ୟ ଥାଏ।
(ନିମ୍ନରେ ପ୍ରଦତ୍ତ ଶବ୍ଦ ମଧ୍ୟରୁ ସଠିକ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର)

A. ହାର୍

B. ବିଫଳତା

C. ପରାଜୟ ✓

D. କ୍ଷତି

Q12 Odia

'ହିମାଳୟ ପୃଥିବୀର ଉଚ୍ଚତମ ଶୃଙ୍ଗ' ଏଠାରେ 'ଉଚ୍ଚତମ' କେଉଁ ପ୍ରକାରର ବିଶେଷଣ ଭାବେ ପରିଗଣିତ?

A. ପୂରଣବାଚକ ବିଶେଷଣ

B. ତୁଳନାତ୍ମକ ବିଶେଷଣ ✓

C. ବିଧେୟ ବିଶେଷଣ

D. ଅବସ୍ଥାବାଚକ ବିଶେଷଣ

Q13 Odia

'ସ୍ୱର୍ଗକୁ ବତୀ ଦେବା'- ରୂଢ଼ିଟିର ଅର୍ଥ କଣ?

A. ପାଗ ବାନ୍ଧିବା

B. ସ୍ତ୍ରୀ ରୂପ ଧାରଣ କରିବା

C. ବଂଶ ରକ୍ଷା କରିବା ✓

D. ହାତ ଗୋଡ଼ ବାନ୍ଧିଦେବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

ନିମ୍ନୋକ୍ତରେ ଥିବା ପଦମାନଙ୍କ ମଧ୍ୟରୁ କେଉଁଟି କ୍ରିୟା ପଦ ବାଛ ।

A. ଭାତ

B. ଅନ୍ଧାର

C. ସୁନ୍ଦର

D. ଦେବା ✓

Q15 Odia

ନିମ୍ନଲିଖିତ ମଧ୍ୟରୁ ତଦ୍ଭବ ଶବ୍ଦ କେଉଁଟି ?

A. ଆଇଁଷ ✓

B. ପିସ୍ତଲ

C. ବୋତଲ

D. ବାସନ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 19 · 29 May 2026 · 12:30 PM - 2:00 PM · Odia (Odia)

Odia

Q1 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାନାର୍ଥବୋଧକ ଶବ୍ଦ ଲେଖ।
ବାଘଟି ବହୁତ "ଶକ୍ତିଶାଳୀ" ପ୍ରାଣୀ।

- **A.** B. ଦୁର୍ବଳ
- **B.** C. ସବଳ ✓
- **C.** A. ଭୀତୁ
- **D.** D. ଶାନ୍ତ

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଜଗନ୍ନାଥ ମନ୍ଦିର ଭାରତର ପୁରୀ ସହରରେ ଅବସ୍ଥିତ ଅଟେ ।

- **A.** A. The Jagannath Temple is located in the city of Puri in India. ✓
- **B.** B. The Jagannath Temple located at city Puri in India.
- **C.** D. Jagannath Temple is locate in city of Puri, India.
- **D.** C. The Jagannath Temple are located in Puri city of India.

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The film industry creates employment for many artists.

- **A.** C. ଚଳଚ୍ଚିତ୍ର ଉଦ୍ୟୋଗ ଅନେକ କଳାକାରଙ୍କ ପାଇଁ ରୋଜଗାର ପ୍ରଦାନ କରେ। ✓
- **B.** B. ସିନେମା ଶିଳ୍ପ କଳାକାର ଚାକିରି ଦେଉଛି।
- **C.** A. ସିନେମା ଶିଳ୍ପ ଅନେକ କଳାକାର ଚାକିରି ହୋଇଥାଏ।
- **D.** D. ସିନେମା ଶିଳ୍ପ ଅନେକ କଳାକାରଙ୍କ ଚାକିରି ତିଆରି ହୋଇଛି।

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଶ୍ରମିକ ମାନେ ସେମାନଙ୍କ କାମ ଠିକ ସମୟରେ ପୁରା କରିନାହାନ୍ତି ।

- **A.** A. The workers have not completed their work on time. ✓
- **B.** B. The workers are not completing their work on time.
- **C.** C. The workers had not completed their work.
- **D.** D. The workers will not complete their work on time.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q5 Odia

নিম୍ନোক্ত অনুচ্ছেদକু পଢି প্রশ্নগুଡିକର ଉତ୍ତର ଚୟନ କର ।
ବିଦେଶୀ ଭାଷାରେ ଶିକ୍ଷା ଦେବାରେ ଗୋଟିଏ ପ୍ରଧାନ ଅସୁବିଧା ହେଉଛି ଶିକ୍ଷାଟା ସହଜରେ ଲୋକଙ୍କ ଭିତରେ ପ୍ରସାରିତ ହୋଇପାରେ ନାହିଁ । ବିଦେଶୀ ଶିକ୍ଷା ସମସ୍ତେ ପାଇପାରନ୍ତି ନାହିଁ । ଯେଉଁ କେତେ ଜଣ ପାଆନ୍ତି, ସେମାନେ ସ୍କୁଲ, କଲେଜରୁ ଫେରି ଘରେ ପହଞ୍ଚିଲେ ସାଧାରଣତଃ ବିଦେଶୀ ଭାଷାକୁ ଆଉ ବ୍ୟବହାର କରନ୍ତି ନାହିଁ । ଧରନ୍ତୁ ଇଂରେଜି କଥା । ଆମ ଦେଶରେ ଖୁବ୍ କମ୍ ପରିବାର ଅଛନ୍ତି ଯେଉଁଠି ସମସ୍ତେ ଇଂରେଜି ଜାଣନ୍ତି । ସମସ୍ତେ ଇଂରେଜି ଜାଣିଥିଲେ ମଧ୍ୟ ମାତୃଭାଷାପରି କେହି ତାକୁ ବ୍ୟବହାର କରନ୍ତି ନାହିଁ । କୌଣସି ବିଦେଶୀ ଭାଷାକୁ ମାତୃଭାଷାପରି ବ୍ୟବହାର କରିବା ସ୍ୱାଭାବିକ ନୁହେଁ କିମ୍ବା ସହଜ ବି ନୁହେଁ । ତା'ଛଡ଼ା ପରିବାରର ଲୋକେ ଇଂରେଜି ନ ଜାଣିଥିବାରୁ ପାଠୁଆ ପୁଅଝିଅଙ୍କ ଇଂରେଜି ବହିରୁ କୌଣସି ଜ୍ଞାନ ଆହରଣ କରିପାରନ୍ତି ନାହିଁ । ତେଣୁ ଜ୍ଞାନଟା ସହଜରେ ପ୍ରସାରିତ ନହୋଇ ସଙ୍କୁଚିତ ହୋଇ ରହେ । ଧରନ୍ତୁ, ଘରେ ଟେବୁଲ ଉପରେ ଖଣ୍ଡିଏ ବହି ରଖାହୋଇଛି । ବହିଟା ଯଦି ମାତୃଭାଷାରେ ଲେଖା ହୋଇଥାଏ, ତେବେ ବିଷୟବସ୍ତୁ ଯାହା ଥାଉନା କାହିଁକି, ଘରର ଯେକୌଣସି ଲୋକ ସେଥିପ୍ରତି ଆଗ୍ରହ ପ୍ରକାଶ କରିବେ ନିଶ୍ଚୟ । କିଛି ନ ହେଲେ ବି ବହିର ନାଁଟା ପଢ଼ିପାରିବେ । ଧରନ୍ତୁ, ଧାନଚାଷ ବିଷୟରେ ଖଣ୍ଡିଏ ପୁସ୍ତକ ଓଡ଼ିଆ ଭାଷାରେ ଲେଖା ହୋଇଛି । ତାକୁ ଦେଖିଲେ ଯେକୌଣସି କୃଷକର କୌତୂହଳ ହେବ, ଏଥିରେ ସନ୍ଦେହ କ'ଣ ଅଛି ? ପ୍ରତିଦିନ ଯେ ଚାଷ କରୁଛନ୍ତି, ବର୍ଷ ବର୍ଷ ଧରି ନାନା ଅଭିଜ୍ଞତା ଭିତରେ ଯେ ସମୟ କାଟୁଛନ୍ତି, ସେ ନିଶ୍ଚୟ ଜାଣିବାକୁ ଚାହିଁବେ– ପୃଥିବୀର ଅନ୍ୟ ଅଭିଜ୍ଞ କୃଷକମାନେ କୃଷି ବିଷୟରେ କ'ଣ କହିଛନ୍ତି । ଖୁବ୍ ଗଭୀର ତଥ୍ୟଗୁଡା ଅବା ବୁଝି ନପାରିବେ, ସାଧାରଣ କଥାଗୁଡା ତ ନିଶ୍ଚୟ ଜାଣିପାରିବେ । କିନ୍ତୁ ପାଠଗୁଡ଼ା ଇଂରେଜିରେ ଲେଖା ହୋଇଥିବାରୁ ବହିକୁ ଛୁଇଁବା ତାଙ୍କ ପକ୍ଷରେ ଅସମ୍ଭବ ହେଉଛି । ଏହି ଦୃଷ୍ଟିରୁ ବିଚାର କଲେ ବିଦେଶୀ ଭାଷା ମାଧ୍ୟମରେ ଦିଆଯାଉଥିବା ଶିକ୍ଷା ଲୋକଙ୍କ ଭିତରେ ସହଜରେ ବିସ୍ତୃତ ହୋଇପାରୁନାହିଁ । ବିଲାତ ପ୍ରଭୃତି ଦେଶରେ ଦେଖିବା କଥା ତାଙ୍କ ବହି । ବିଲେଇ, କୁକୁର ପାଳିବା ଠାରୁ ଆରମ୍ଭ କରି ଉଡ଼ାଜାହାଜ ଉଡ଼େଇବା ପର୍ଯ୍ୟନ୍ତ ସବୁପ୍ରକାର ଜ୍ଞାନକୁ ସରଳ ଭାଷାରେ ଲୋକେ ବୁଝିଲାପରି ଲେଖି ଦିଆଯାଉଛି । ଯେକୌଣସି ଲୋକ ବହି ଖଣ୍ଡିଏ କିଣିନେଇ ପଢୁଛି । ତାରି ଫଳରେ ଜ୍ଞାନ ସହଜରେ ବିସ୍ତୃତ ହୋଇପାରୁଛି । କିନ୍ତୁ ଆମ ଦେଶରେ ଜ୍ଞାନଭଣ୍ଡାରଟା ଇଂରେଜିରେ ଥିବାରୁ କୋଟି କୋଟି ଜନତା ଆଖି ଥାଉଁ ଥାଉଁ ଅନ୍ଧ । ଯେ ଇଂରେଜି ପଢ଼ିପାରୁଛି, ସେହି ପାରଙ୍ଗମତା ପାଇଁ ତା ମନରେ ଯେଉଁ ଅଭିମାନ ଓ ଯେ ନ ପଢ଼ିପାରୁଛି, ସେହି ଅପାରଗତା ପାଇଁ ତାର ଯେଉଁ ନ୍ୟୁନମନ୍ୟତା ୟାକୁଇ ନେଇ ଦେଶ ଦୁଇଭାଗରେ ବିଭକ୍ତ ହୋଇଛି, ପାଠୁଆ ଓ ଅପାଠୁଆ, ଏକାଘର ଭିତରେ ଉଠିଛି ଅଦୃଶ୍ୟ ପାଚେରି । ବିଦେଶୀ ମାଧ୍ୟମର ଏହି ଅପ୍ରାକୃତିକ ପାଚେରିକୁ ଭାଙ୍ଗିବା ପାଇଁ ପ୍ରଥମେ ପ୍ରୟାସ କରିଥିଲେ ସେହି ଅଦୃଶ୍ୟଦ୍ରଷ୍ଟା ।

ଉକ୍ତ ଅନୁଚ୍ଛେଦଟିର ଉପଯୁକ୍ତ ଶୀର୍ଷକ ଟିକୁ ଚୟନ କର ।

A. A. ମାତୃଭାଷା ଓ ଲୋକଶିକ୍ଷା ✓

B. B. ଇଂରାଜି ବିଷୟବସ୍ତୁ

C. C. ବିଦେଶୀଭାଷା

D. D. ଇଂରାଜି ଭାଷାରେ ଜ୍ଞାନର ଭଣ୍ଡାର

Q6 Odia

ଅନୁଚ୍ଛେଦର ମୁଖ୍ୟ ବିଷୟବସ୍ତୁ ଟିକୁ ଚୟନ କର ?

A. C. ପଦାର୍ଥ ବିଜ୍ଞାନ

B. B. ଅର୍ଥନୀତି ବିଜ୍ଞାନ

C. A. ଭାଷାର ଗୁରୁତ୍ୱ ✓

D. D. ସଂସ୍କୃତି

Q7 Odia

"ଅଭିଜ୍ଞ" ଶବ୍ଦଟିର ବିପରୀତ କ'ଣ ?

A. B. ମର୍ତ୍ତ୍ୟ

B. A. ବିଷ

C. D. ଅନଭିଜ୍ଞ ✓

D. C. ବହୁତ

Q8 Odia

ଜନସାଧାରଣ କେଉଁ ଭୁଲ କରୁଛନ୍ତି ?

A. D. ମାତୃଭାଷା ଅବହେଳା ✓

B. B. ସମୟ ନଷ୍ଟ

C. A. ସାବଧାନତା

D. C. ଏଥିରୁ କୌଣସିଟି ନୁହେଁ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q9 Odia

କେଉଁ ଭାଷାରେ ଶିକ୍ଷା ଦେବା ଏକ ପ୍ରଧାନ ଅସୁବିଧା ହେଉଛି ?

A. C. ବିଦେଶୀ ଭାଷା ✓

B. D. ଓଡ଼ିଆ ଭାଷା

C. A. ଇଂରାଜି ଭାଷା

D. B. ବଙ୍ଗଳା ଭାଷା

Q10 Odia

ଭାଗବତର ତୃତୀୟ ସ୍କନ୍ଧରେ ଭଗବାନ୍ କପିଳଙ୍କ ଜନ୍ମବୃତ୍ତାନ୍ତ ବର୍ଣ୍ଣିତ । ଏହି ବାକ୍ୟରେ ଥିବା ବିଶେଷଣ ପଦଟିକୁ ଚିହ୍ନଟ କର।

A. B. ଜନ୍ମବୃତ୍ତାନ୍ତ

B. D. ତୃତୀୟ ✓

C. A. ଭଗବାନ୍ କପିଳଙ୍କ

D. C. ଭାଗବତର

Q11 Odia

"ବାଃ! କି ସୁନ୍ଦର ଦୃଶ୍ୟ" - ଏଠାରେ 'ବାଃ' କେଉଁ ଶ୍ରେଣୀର ଅବ୍ୟୟ ପଦ?

A. D. ସମ୍ବୋଧନସୂଚକ

B. A. ଭାବବାଚକ ଅବ୍ୟୟ ✓

C. C. ପଦାନ୍ୱୟୀ

D. B. ନିଷେଧାର୍ଥକ

Q12 Odia

ରାମଚନ୍ଦ୍ର ପିତୃସତ୍ୟ ପାଳିଲେ ଏବଂ ବନରେ ଚଉଦ ବର୍ଷ ବାସ କଲେ । ଏହି ବାକ୍ୟରେ 'ଏବଂ' କେଉଁ ପ୍ରକାରର ଅବ୍ୟୟ ?

A. A. ବିଯୋଜକ ଅବ୍ୟୟ

B. B. ସମୟସୂଚକ ଅବ୍ୟୟ

C. D. ସମ୍ଭାବନାସୂଚକ ଅବ୍ୟୟ

D. C. ସଂଯୋଜକ ଅବ୍ୟୟ ✓

Q13 Odia

ଶୁଦ୍ଧବାକ୍ୟଟି ଲେଖ ।

A. D. ନଦୀଟି ପର୍ବତକୁ ଧାଉଁଛନ୍ତି ।

B. C. ପର୍ବତରୁ ଧାଉଁଅଛି ନଦୀଟି ।

C. B. ନଦୀଟି ଧାଉଁଅଛି ପର୍ବତରୁ ।

D. A. ନଦୀଟି ପର୍ବତରୁ ଧାଉଁଅଛି । ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

ଶୁଦ୍ଧ ବାକ୍ୟଟି ଲେଖ ।

A. B. ଛାତ୍ରଟି ବିଦ୍ୟାଳୟର ଷାଣ୍ମାସିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି । ✓

B. A. ଛାତ୍ରଟି ବିଦ୍ୟାଳୟର ଶାଣ୍ମାସିକ ପରୀକ୍ଷାରେ ପଢୁଛି ।

C. C. ଛାତ୍ରଟି ବିଦ୍ୟାଳୟର ଷାଣ୍ମାଷିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି ।

D. D. ଛାତ୍ରଟି ବିଦ୍ୟାଳୟର ଷାଣ୍ମାଶିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି ।

Q15 Odia

ନିମ୍ନଲିଖିତ ମଧ୍ୟରୁ 'ଅବାଧ୍ୟ' ଶବ୍ଦର ବିପରୀତ କେଉଁଟି ?

A. B. ଅନୁଶାସିତ

B. A. ବାଧ୍ୟ ✓

C. C. ସ୍ୱାଧୀନ

D. D. ଅନିୟମିତ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 20 · 29 May 2026 · 4:00 PM - 5:30 PM · Odia (Odia)

Odia

Q1 Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ମନ ___ ରହିଲେ ସବୁ କାର୍ଯ୍ୟ ସଠିକ ରୂପରେ ସମ୍ପନ୍ନ ହୁଏ ।"

A. ତରତର

B. ଦୟାରେ

C. ମନ୍ଦମନ୍ଦ

D. ଶାନ୍ତିରେ ✓

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The bowler delivered six perfect balls in the over.

A. ବୋଲର ଏକ ଓଭରରେ ଉତ୍ତମ ଛ'ଟି ବଲ ଫିଙ୍ଗିଥିଲେ। ✓

B. ବୌଲର ଓଭର ଛଅ ବଲ ଫେଙ୍ଗିଲେ।

C. ବୌଲର ଓଭରରେ ସଠିକ ବଲ ଫେଙ୍ଗିଛନ୍ତି।

D. ବୌଲର ଛଅଟି ଓଭରରେ ବଲ ଫେଙ୍ଗିଥିଲେ।

Q3 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ବିପରୀତ ଶବ୍ଦ ଚୟନ କରନ୍ତୁ
ଶୁଖିଲା

A. କଞ୍ଚା

B. ଆଦ୍ର ✓

C. ପତ୍ର

D. ଗଛ

Q4 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ ।
ମାନବ

A. ମନୁଷ୍ୟ ✓

B. ପଶୁ

C. ଦାନବ

D. ଦୈତ୍ୟ

Q5 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ତୁମ ଗାଁ ର ପ୍ରଥମ ସରପଞ୍ଚ କିଏ ଥିଲେ ?

A. Who was the first Sarpanch of your village? ✓

B. Who are the first Sarpanch of your village?

C. Who will be the first Sarpanch of your village?

D. Who was the Sarpanch of your village?

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଗତ ମାସରେ, ଯେତେବେଳେ ଆମେ ହାଇଦ୍ରାବାଦ ଯାଇଥିଲୁ, ହଠାତ୍ ଆମର ଜଣେ ପିଲାଦିନର ବନ୍ଧୁଙ୍କୁ ଭେଟିଲୁ।

A. Last month, when we visited Hyderabad, we suddenly met one of childhood friends of ours. ✓

B. Last month, when we were visiting Hyderabad, we met one of our childhood friend.

C. Last month, when we were visiting Hyderabad, we suddenly met one of my friends.

D. Last month, when we were visiting Hyderabad, we met a friend .

Q7 Odia

ଦିଲୀପ ଭଲ ଖେଳୁଛି, କିନ୍ତୁ ପଢୁନି।ଏହି ବାକ୍ୟରେ ଥିବା ଅବ୍ୟୟ ପଦଟିକୁ ଚିହ୍ନଟ କର।

A. ଦିଲୀପ

B. କିନ୍ତୁ ✓

C. ଭଲ

D. ଖେଳୁଛି

Q8 Odia

ନିମ୍ନଲିଖିତ ମଧ୍ୟରୁ "ଦାତା" ଶବ୍ଦର ବିପରୀତ କିଏ ?

A. ଭୋକ୍ତା

B. ଗ୍ରାହ୍ୟ

C. ଗ୍ରହୀତବ୍ୟ

D. ଗ୍ରହୀତା ✓

Q9 Odia

ନିମ୍ନଲିଖିତ ଅନୁଚ୍ଛେଦକୁ ପାଠ କରି ପ୍ରଶ୍ନଗୁଡିକର ଉତ୍ତର ବାଛ ।
ମାନବ ସମାଜ ଆଜି ବିକାଶର ଚରମ ସୋପାନରେ ଉପନୀତ । ବିଜ୍ଞାନର ଅବିଶ୍ୱାସନୀୟ ଅଗ୍ରଗତି ଫଳରେ ମାନବ ସଭ୍ୟତା ଆଜି ନୂତନ ଦିଗକୁ ଛୁଇଁ ପାରିଛି । ନବ ସଭ୍ୟତା ଯେତେ ଯେତେ ଆଗକୁ ଯାଉଛି ଆମେ ସେତେ ସତେ ଆମ ପରମ୍ପରା ଓ ଐତିହ୍ୟକୁ ପାଶୋରିବାରେ ଲାଗିଛେ । ପ୍ରାଚୁର୍ଯ୍ୟର ଆଲୋକ ଆମ ସାମ୍ନାରେ ଏମିତି ଭେଳିକି ଲଗାଇ ଦେଇଛି ଯେ, ଆମ ଆଖ ପାଖର ମଣିଷମାନଙ୍କୁ ଆମେ ଏବେ ଅବହେଳା କରିବାରେ ଲାଗିଛେ । ତେଣୁ ଏହି ପ୍ରବାଦଟି ମନେ ପକାଇବା ଉଚିତ ଯେ -'ଦୀପତଳ ଅନ୍ଧାର' । ଦୀପର ଧର୍ମ ହେଉଛି ଅନ୍ୟକୁ ଆଲୋକ ପ୍ରଦାନ କରି ସମାଜର କଲ୍ୟାଣ ସାଧନ କରିବା । କିନ୍ତୁ ପ୍ରଦୀପର ଆଲୋକରେ ତା'ର ଚାରିପାଖ ଆଲୋକିତ ହେଉଥିବା ବେଳେ ଏହାର ତଳ ପାଖ ଅନ୍ଧାରରେ ରହିଥାଏ । ସେଥିପାଇଁ କୁହାଯାଇଛି-'ଦୀପତଳ ଅନ୍ଧାର' । ଏହି ପ୍ରବାଦଟିକୁ ଆଲୋଚନା କଲେ ଜଣାଯାଏ ଯେ ସଭ୍ୟତାର ବିକାଶ ଚରମସୀମା ଛୁଇଁଥିଲେ ହେଁ ଅନ୍ଧବିଶ୍ୱାସର ଚଉହଦିରେ ଅନେକ ଛୋଟ ଛୋଟ ଜିନିଷ ଲୁଚି ରହି ସମାଜରେ ଅଶେଷ କ୍ଷତି ଘଟାଇ ଥାଏ । ସେହିପରି ସମଗ୍ର ବିଶ୍ୱରେ ଯୁକ୍ତରାଷ୍ଟ୍ର ଆମେରିକା ସବୁ କ୍ଷେତ୍ରରେ ଅଗ୍ରଣୀ ହେଲେ ହେଁ ସେଠାରେ ମଧ୍ୟ ଦୁର୍ନୀତି,ଗରିବୀ ଓ ବର୍ଣ୍ଣବୈଷମ୍ୟ ଭଳି ସମସ୍ୟା ରହିଛି ଯାହା ବିଶ୍ୱବ୍ୟାପୀ ଅପନିନ୍ଦାର ଖୋରାକ ଯୋଗାଇଥାଏ ଏବଂ 'ଦୀପତଳ ଅନ୍ଧାର' ଭଳି ଲାଗେ ।

ଏହି ଅନୁଚ୍ଛେଦରେ 'ବିକାଶର ଚରମ ସୋପାନ' ବାକ୍ୟର ସବୁଠାରୁ ଉପଯୁକ୍ତ ଅର୍ଥ କଣ ?

A. ଆରମ୍ଭ ଅବସ୍ଥା

B. ସାଧାରଣ ଅବସ୍ଥା

C. ଅବନତିର ଅବସ୍ଥା

D. ସର୍ବୋଚ୍ଚ ଉନ୍ନତି ସ୍ତର ✓

Q10 Odia

ଏହି ଅନୁଚ୍ଛେଦରେ 'ପରମ୍ପରା ଓ ଐତିହ୍ୟକୁ ପାଶୋରିବା'ର ଅର୍ଥ କଣ ?

A. ସମ୍ମାନ କରିବା

B. ରକ୍ଷା କରିବା

C. ଅବହେଳା କରିବା ✓

D. ପ୍ରଚାର କରିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

ଏହି ଅନୁଚ୍ଛେଦରେ 'ଦୀପତଳ ଅନ୍ଧାର' ପ୍ରବାଦଟି କେଉଁ ପରିସ୍ଥିତିକୁ ବୁଝାଏ ?

A. ସମସ୍ତେ ଖୁସି ଥିବା ଅବସ୍ଥା

B. ନିକଟର ଅସୁବିଧାକୁ ଅଣଦେଖା କରିବା ✓

C. ଦୂରରେ ଥିବା ଘଟଣାକୁ ଦେଖିବା

D. ସମସ୍ତଙ୍କୁ ସାହାଯ୍ୟ କରିବା

Q12 Odia

ଏହି ଅନୁଚ୍ଛେଦରେ 'ବର୍ଣ୍ଣବୈଷ୍ଟବ' ଶବ୍ଦଟି କାହାକୁ ସୁଚାଏ ?

A. ଶିକ୍ଷାର ଅଭାବ

B. ଧନ-ସମ୍ପତ୍ତିର ଅଭାବ

C. ଚର୍ମରଙ୍ଗ ଆଧାରିତ ଭେଦଭାବ ✓

D. ଭାଷାର ପାର୍ଥକ୍ୟ

Q13 Odia

ଏହି ଅନୁଚ୍ଛେଦରେ 'ବିଜ୍ଞାନର ଅଗ୍ରଗତି' ବାସ୍ତବ ଜୀବନରେ କଣ ସୁଚାଏ ?

A. ନୂତନ ସଂସ୍କୃତି ଗଢିବା

B. ଅନ୍ଧବିଶ୍ୱାସ ବଢିବା

C. ପରମ୍ପରାର ନାଶ

D. ମାନବ ସଭ୍ୟତାର ଉନ୍ନତି ✓

Q14 Odia

ଜ୍ଞାନୀ ଲୋକ ସମ୍ମାନ ଲାଭ କରନ୍ତି । ଏହି ବାକ୍ୟରେ 'ଜ୍ଞାନୀ' କେଉଁ ପ୍ରକାରର ବିଶେଷଣ ?

A. ଗୁଣବାଚକ ବିଶେଷଣ ✓

B. ପରିମାଣବାଚକ ବିଶେଷଣ

C. ସଂଖ୍ୟାବାଚକ ବିଶେଷଣ

D. ସୂଚନାବାଚକ ବିଶେଷଣ

Q15 Odia

"ସେ କାର୍ଯ୍ୟରେ ଆବଶ୍ୟକୀୟ ସାମଗ୍ରୀ ଆଣ" ଏହି ବାକ୍ୟର ଶୁଦ୍ଧ ରୂପ କଣ ହେବ?

A. ସେ କାର୍ଯ୍ୟରେ ଆବଶ୍ୟକ ସାମଗ୍ରୀ ଆଣ । ✓

B. ସେ କାର୍ଯ୍ୟରେ ଆବଶ୍ୟକୀୟା ସାମଗ୍ରୀ ଆଣ ।

C. ସେ କାର୍ଯ୍ୟରେ ଆବଶ୍ୟକତା ସାମଗ୍ରୀ ଆଣ ।

D. କୌଣସିଟି ନୁହେଁ ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 21 · 29 May 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Mount Everest attracts thousands of climbers every year.

- **A.** A. ମାଉଣ୍ଟ ଏଭେରେଷ୍ଟ ପ୍ରତ୍ୟେକ ବର୍ଷ ହଜାର ଚଢାଳିଙ୍କୁ ଆକର୍ଷିତ କରେ। ✓
- **B.** B. ଏଭରେଷ୍ଟ ପର୍ବତ ପ୍ରତିବର୍ଷ ହଜାର ଅଭିରୋହୀ ଆସିଥାନ୍ତି।
- **C.** D. ଏଭରେଷ୍ଟ ପର୍ବତ ହଜାର ଅଭିରୋହୀ ଆକର୍ଷିତ ହୁଏ।
- **D.** C. ଏଭରେଷ୍ଟ ପର୍ବତ ପ୍ରତିବର୍ଷ ଅଭିରୋହୀଙ୍କୁ ଆସେ।

Q2 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମ ଗଣିତ ଶିକ୍ଷକ ଆମକୁ କହିଲେ " ଆମେ ପ୍ରତିଦିନ ଗଣିତ ଅଭ୍ୟାସ କରିବା ଉଚିତ " ।

- **A.** B. Our math teacher told us “We will practice math every day”.
- **B.** D. Our math teacher said “We should practice maths”.
- **C.** A. Our math teacher told us “We should practice math every day”. ✓
- **D.** C. Our math teacher told us to practice maths ”.

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମେ ପ୍ରତି ବର୍ଷ ଗ୍ରୀଷ୍ମ ଛୁଟି ରେ ଆମ ମାମୁଁ ଘରକୁ ଯାଉ ।

- **A.** B. We visit our uncle's house every year during summer vacation. ✓
- **B.** A. During summer vacation, we go to visit our uncle's house.
- **C.** C. We visit our uncle's house during summer vacation.
- **D.** D. We had gone to our uncle's house during summer vacation.

Q4 Odia

ଡେଙ୍ଗା ମୁଣ୍ଡରେ ଠେଙ୍ଗା'ଏହି ହିତବାଣୀର ଅର୍ଥ କ'ଣ ?

- **A.** B. ବିପଦ ପ୍ରତି ସାବଧାନ ରହିବା
- **B.** D. ଡ଼େଙ୍ଗା ଲୋକ ଉଚ୍ଚତାରେ ବଡ଼ ହୋଇଥିବାରୁ ମୁଣ୍ଡରେ ସର୍ବଦା ଠେଙ୍ଗା ବାଜେ
- **C.** A. ମୁରବି ଉପରେ ବିପଦ, ଆଗୁଆ ଲୋକ ବିପଦରେ ପଡ଼ିଥାଏ ✓
- **D.** C. ସଚେତନ ହେବା

Q5 Odia

"ଘନ ଘନ ମେଘ ଗର୍ଜନ କରୁଛି" - ଏଠାରେ 'ଘନ ଘନ' କେଉଁ ଅବ୍ୟୟର ଉଦାହରଣ?

- **A.** C. ବୀପ୍ସାର୍ଥକ ଅବ୍ୟୟ ✓
- **B.** D. ସଙ୍କେତ ସୂଚକ
- **C.** A. ପଦବିକାର
- **D.** B. ସମୁଚ୍ଚୟୀ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ଚାଟ୍ଣିନୀ ବାଟରେ ଚାଲୁଚାଲୁ ପଡ଼ିଗଲା।ଏହି ବାକ୍ୟରେ ଥିବା କ୍ରିୟାବିଶେଷଣ ପଦଟିକୁ ଚିହ୍ନଟ କର।

A. C. ଚାଟ୍ଣିନୀ

B. B. ଚାଲୁଚାଲୁ ✓

C. A. ପଡ଼ିଗଲା

D. D. ବାଟରେ

Q7 Odia

ନିମ୍ନୋକ୍ତ ବାକ୍ୟଗୁଡିକ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚିହ୍ନଟ କର।

A. D. ଗ୍ରୀଷ୍ମ ଋତୁରେ ଆମ୍ବ, ପଣସ, ସପୁରି ପାଚେ । ✓

B. B. ଆମ୍ବ, ଋତୁରେ ଗ୍ରୀଷ୍ମ, ପଣସ, ସପୂରି ପାଚେ ।

C. A. ଗ୍ରୀଷ୍ମ ପଣସ ଋତୁରେ ଆମ୍ବ, ସପୁରୀ ପାଚେ ।

D. C. ଗ୍ରୀଷ୍ମ ସପୁରି ପାଚେ ଋତୁରେ ଆମ୍ବ, ପଣଷ।

Q8 Odia

ନିମ୍ନୋକ୍ତ ବାକ୍ୟଗୁଡିକ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚିହ୍ନଟ କର।

A. D. ପିତା ଚତୁର, କିନ୍ତୁ ପୁତ୍ର ସେପରି ନୁହେଁ | ✓

B. B. ପିତା ଚତୁର, କିନ୍ତୁ ପୂତ୍ର ସେପରି ନୁହେଁ |

C. C. ପିତା ଚତ୍ୱର, କିନ୍ତୁ ପୁତ୍ର ସେପରି ନୁହେଁ |

D. A. ପିତା ଚତୁର, କିନ୍ତୁ ପୁତ୍ର ସେପରୀ ନୁହେଁ |

Q9 Odia

ମଦନ ମକା ଦାନ୍ତୁଛି । ଏହି ବାକ୍ୟରେ 'ଦାନ୍ତୁଛି' କେଉଁପ୍ରକାରର କ୍ରିୟା ?

A. C. ସାଧାରଣ କ୍ରିୟା

B. B. ନାମଧାତୁ କ୍ରିୟା ✓

C. A. ସଂଯୁକ୍ତ କ୍ରିୟା

D. D. ଆକର୍ମକ କ୍ରିୟା

Q10 Odia

"ପ୍ରତ୍ୟେକ ବାଳକମାନେ ପଢୁଛନ୍ତି" - ବାକ୍ୟଟିରେ କେଉଁ ପ୍ରକାର ଅଶୁଦ୍ଧି ରହିଛି?

A. A. ବନାନଗତ

B. B. ସନ୍ଧିଗତ

C. C. ବଚନଗତ ✓

D. D. ଲିଙ୍ଗଗତ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

> ପ୍ରଦତ୍ତ ଅନୁଚ୍ଛେଦ ଆଧାରରେ ନିମ୍ନ ପ୍ରଶ୍ନଗୁଡ଼ିକର ଉପଯୁକ୍ତ ଉତ୍ତର ନିର୍ଦ୍ଧାରଣ କରନ୍ତୁ।
> ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନର ଏକ ଭୟଙ୍କର ସଙ୍କଟ ଦେଇ ଗତି କରୁଛି। ଏହି ପରିପ୍ରେକ୍ଷୀରେ, ପରିବେଶର ସୁରକ୍ଷା ପାଇଁ ସୌର ଶକ୍ତି, ପବନ ଶକ୍ତି ଏବଂ ଜଳ ବିଦ୍ୟୁତ୍ ଭଳି ସ୍ୱଚ୍ଛ ତଥା ନବୀକରଣୀୟ ଶକ୍ତିର ଉତ୍ସଗୁଡ଼ିକର ବ୍ୟବହାର ବର୍ତ୍ତମାନ ଅତ୍ୟାବଶ୍ୟକ ହୋଇପଡ଼ିଛି। କୋଇଲା କିମ୍ବା ପେଟ୍ରୋଲିୟମ ଭଳି ପାରମ୍ପରିକ ଜୀବାଶ୍ମ ଇନ୍ଧନଗୁଡ଼ିକ ପରିବେଶ ଉପରେ କୁପ୍ରଭାବ ପକାଉଥିବା ବେଳେ, ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକ ବାୟୁମଣ୍ଡଳକୁ ପ୍ରଦୂଷିତ କରନ୍ତି ନାହିଁ କିମ୍ବା ପ୍ରାକୃତିକ ସମ୍ପଦର ଭଣ୍ଡାରକୁ ହ୍ରାସ କରନ୍ତି ନାହିଁ। ଏହା ପ୍ରକୃତିର ସନ୍ତୁଳନ ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଶ୍ୱର ବିଭିନ୍ନ ଦେଶର ସରକାର ଏବଂ ବୈଜ୍ଞାନିକମାନେ ବର୍ତ୍ତମାନ କାର୍ବନ ପଦଚିହ୍ନ (କାର୍ବନ ଫୁଟ-ପ୍ରିଣ୍ଟ) ହ୍ରାସ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏକ ସବୁଜ ଓ ସୁନ୍ଦର ଭବିଷ୍ୟତ ଗଠନ କରିବା ଲକ୍ଷ୍ୟରେ ବିଭିନ୍ନ ସ୍ଥାୟୀ ପ୍ରଯୁକ୍ତିବିଦ୍ୟାର ବିକାଶ ଓ ଏଥିରେ ପୁଞ୍ଜି ନିବେଶକୁ ପ୍ରାଧାନ୍ୟ ଦିଆଯାଉଛି। ସ୍ୱଚ୍ଛ ଶକ୍ତିର ବହୁଳ ଗ୍ରହଣୀୟତା କେବଳ ପରିବେଶ ସଂରକ୍ଷଣ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ନୂତନ ଶିଳ୍ପାୟନର ମାର୍ଗ ପ୍ରଶସ୍ତ କରିଥାଏ। ଏହି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଦେଶର ଆର୍ଥିକ ଅଭିବୃଦ୍ଧିକୁ ମଧ୍ୟ ବେଗବାନ କରାଯାଇପାରିବ। ସଂକ୍ଷେପରେ କହିବାକୁ ଗଲେ, ସ୍ୱଚ୍ଛ ଶକ୍ତିର ଆଦର ଆମ ସମାଜକୁ ଏକ ସନ୍ତୁଳିତ ଏବଂ ସମୃଦ୍ଧ ପରିବେଶ ଦେବାରେ ସାହାଯ୍ୟ କରିବ।

ଏହି ଅନୁଚ୍ଛେଦ ପାଇଁ ଉପଯୁକ୍ତ ଶୀର୍ଷକ କ'ଣ ହେବ?

- **A.** A. ସ୍ୱଚ୍ଛ ଶକ୍ତି ଏବଂ ଅର୍ଥନୈତିକ ଅଭିବୃଦ୍ଧି ✓
- **B.** B. ସ୍ୱଚ୍ଛ ଶକ୍ତିର ଉତ୍ସ
- **C.** D. ଭାରତୀୟ ଶକ୍ତି କ୍ଷେତ୍ର
- **D.** C. ସ୍ୱଚ୍ଛ ଶକ୍ତିର ଗୁରୁତ୍ୱ

Q12 Odia

ନିମ୍ନରେ ଉଲ୍ଲେଖ କରାଯାଇଥିବା ସ୍ୱଚ୍ଛ ଶକ୍ତିର ଉତ୍ସ ଗୁଡିକ ମଧ୍ୟରୁ ନିକୃଷ୍ଟ ଉତ୍ସର ନାମ କୁହ।

- **A.** B. ସୌର
- **B.** A. ପବନ
- **C.** C. ଜଳ
- **D.** D. କୋଇଲା ✓

Q13 Odia

ସ୍ୱଚ୍ଛ ଶକ୍ତି କେଉଁ ଉପାୟରେ ପରିବେଶକୁ ସାହାଯ୍ୟ କରେ?

- **A.** D. ପ୍ରାକୃତିକ ସମ୍ପଦ ହ୍ରାସ କରେ
- **B.** B. ପରିବେଶ ପ୍ରଦୂଷଣ କରେନାହିଁ ✓
- **C.** C. ଶକ୍ତିର ଚାହିଦା ହ୍ରାସ କରେ
- **D.** A. ଶକ୍ତିର ବ୍ୟବହାର ହ୍ରାସ କରେ

Q14 Odia

ଜୀବାଶ୍ମ ଇନ୍ଧନ କେଉଁ ପ୍ରକାରର ଶକ୍ତି ଉତ୍ସ।

- **A.** A. ନବୀକରଣୀୟ ଶକ୍ତିର ଉତ୍ସ
- **B.** B. ପ୍ରତିଧ୍ୱନି-ଅନୁକୂଳ ଶକ୍ତି
- **C.** C. ଅଣ-ନବୀକରଣୀୟ ଶକ୍ତି ଉତ୍ସ ✓
- **D.** D. ମାନବ ନିର୍ମିତ ଶକ୍ତି ଉତ୍ସ

Q15 Odia

ସ୍ୱଚ୍ଛ ଶକ୍ତି କେଉଁ ଉପାୟରେ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିପାରିବ?

- **A.** D. ପ୍ରତିଯୋଗିତାମୂଳକ ଶିକ୍ଷା ବ୍ୟବସ୍ଥା ସୃଷ୍ଟି କରିବା
- **B.** A. ନୂତନ ଶିଳ୍ପ ସୃଷ୍ଟି କରିବା ✓
- **C.** C. ବୈଷୟିକ ଶିକ୍ଷା ପ୍ରଦାନ କରିବା
- **D.** B. ଜନସଂଖ୍ୟା ବୃଦ୍ଧି ହ୍ରାସ କରିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 22 · 30 May 2026 · 12:30 PM - 2:00 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ସେ ଦିନକୁ ଦୁଇଥର ନିଜର ଦାନ୍ତ ଘଷନ୍ତି ।

- **A.** She brushes her teeth twice a day. ✓
- **B.** She brush her teeths two times day.
- **C.** She brushing teeth two time a days.
- **D.** She brushes tooth twice daily.

Q2 Odia

ଉପଯୁକ୍ତ କ୍ରିୟା ବାଛି ଶୂନ୍ୟସ୍ଥାନ ପୂରଣ କରନ୍ତୁ:

ତୁମ ଅକ୍ଷର ମୁଁ _____।

- **A.** ପଢିପାରୁନାହାନ୍ତି
- **B.** ପଢିପାରୁନାହିଁ ✓
- **C.** ପଢିପାରିବେନି
- **D.** ପଢିପାରିଲା

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ସରକାରୀ ହାସପାତାଳ ଗୁଡିକରେ ରୋଗୀ ମାନଙ୍କ ଲାଗି ଅନେକ ବ୍ୟବସ୍ଥା ରହିଛି ।

- **A.** Government hospitals have many facilities for the patients. ✓
- **B.** Government hospitals have many facilities .
- **C.** Government hospitals had many facilities for the patients.
- **D.** Government hospitals are giving facilities to the patients.

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଦିଲ୍ଲୀ ର ନୂଆଁ ସଂସଦ ଭବନ ଖୁବ ସୁନ୍ଦର ହୋଇଛି ।

- **A.** The new Parliament House in Delhi is very beautiful. ✓
- **B.** The new Parliament House in Delhi will be very beautiful.
- **C.** The new Parliament House in Delhi was very beautiful.
- **D.** The new Parliament House has become very beautiful.

Q5 Odia

'ରୁକୁଣାରଥ ଅଣଲେଉଟା' ଏହି ଲୋକୋକ୍ତି କେଉଁ ଅର୍ଥକୁ ପ୍ରକାଶ କରୁଅଛି ?

- **A.** ଅଯଥା ମୁଣ୍ଡ ଖେଳାଇବା
- **B.** ଅପରିବର୍ତ୍ତନୀୟ ମତ ✓
- **C.** ଅସାରପରିକଳ୍ପନା
- **D.** ସବୁ କାମ ସହଜରେ ହୁଏନାହିଁ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

"ଆଳିଆ ଲେଖାରେ ବାଳିଆ ବନ୍ଧୁ"- ଏହି ଲୋକୋକ୍ତିର ଠିକ୍ ଅର୍ଥ କଣ ?

A. ଧନୀ ଲୋକଙ୍କ ସହିତ ବନ୍ଧୁ ।

B. ଅତ୍ୟନ୍ତ ନିକଟ ବନ୍ଧୁ ଯିଏ ସବୁ କାମରେ ସାଥି ହୁଏ ।

C. ଲେଖା ଯୋଖା ଆଧାରରେ ବନ୍ଧୁ । ✓

D. ଆବଶ୍ୟକ ସମୟରେ ବନ୍ଧୁକୁ ଛାଡିଦେବା ।

Q7 Odia

'ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବ' ଏହି ହିତବାଣୀର ଅର୍ଥ କ'ଣ ?

A. ଅଳସ କରିବା

B. କାମିକା ଲୋକ ସବୁ ସ୍ଥାନରେ କାମ କରିପାରେ ✓

C. ଢିଙ୍କି କୁଟି କୁଟି ସ୍ୱର୍ଗକୁ ଯିବା

D. ଧନ ହାରାଇବା

Q8 Odia

ଅନୁଚ୍ଛେଦଟିକୁ ଭଲ ଭାବେ ପାଠ କରି ନିମ୍ନୋକ୍ତ ପ୍ରଶ୍ନଗୁଡିକର ଉତ୍ତର ଦିଅ।
ମନୁଷ୍ୟ ଯେପରି କର୍ମ କରିଥାଏ, ତାକୁ ସେପରି ଫଳ ମିଳିଥାଏ । ଅଧିକନ୍ତୁ ମହତ କର୍ମର ପ୍ରଭାବରେ ସୁଫଳ ମିଳିବା ବେଳେ ଦୁଷ୍କର୍ମର ଫଳ ଜୀବନକୁ ବିଷମୟ କରିଦେଇଥାଏ । ଦର୍ଶନ ଶାସ୍ତ୍ରର ଆଲୋଚନାରୁ ଜଣାଯାଏ ଯେ ମନୁଷ୍ୟ ଯେଉଁ କର୍ମକରେ ତାହା ଏ ଜନ୍ମରେ କିଛି ଭୋଗ ହୋଇଥାଏ ଓ କିଛି କର୍ମର ଫଳ ସଞ୍ଚିତ ହୋଇ ରହିଯାଏ । ତାହା ପର ଜନ୍ମରେ ଭୋଗ କରିବାକୁ ପଡ଼େ । ସେହି ସଞ୍ଚିତ ହୋଇ ରହିଯାଇଥିବା ପୂର୍ବଜନ୍ମର କର୍ମଫଳକୁ 'ପ୍ରାରବ୍ଧ' ବୋଲି କୁହାଯାଏ । ଭଗବାନଙ୍କର ବା ଦଇବର ବିଶ୍ୱର ଅତି ଉତ୍ତମ ଅଟେ । ସେ ପୂର୍ବ-ଜନ୍ମର କର୍ମ ଅନୁସାରେ ଏ ଜନ୍ମରେ ଜୀବର ଭୋଗଭୋଗ ପାଇଁ ବିଧିବିଧାନ କରିଥାନ୍ତି । ପରିଶ୍ରମ ବଳରେ ମଣିଷ ନିଜ ସ୍ଥିତିର ଉପର ପାବଚ୍ଛକୁ ଯିବା ପାଇଁ କ୍ଷମହେବା କଥା । କିନ୍ତୁ ସମସ୍ତଙ୍କ ଭାଗ୍ୟରେ ତାହା ଘଟେ ନାହିଁ । କାରଣ ମଣିଷ ଚେଷ୍ଟାର ଉର୍ଦ୍ଧ୍ୱରେ ରହିଛି ନିୟତି ବା ଦୈବର ବିଧାନ । ଭାଗ୍ୟ ନିୟନ୍ତ୍ରଣ କ୍ଷମତା ରହିଛି ଦଇବ ହାତରେ । ଉଦାହରଣ ସ୍ୱରୂପ; ସମାନ ପରିଶ୍ରମ କରି ପରୀକ୍ଷାରେ ସମାନ ନମ୍ବର ନରଖୁ, ଅଧିକ ମେଧାବୀ ଛାତ୍ରଛାତ୍ରୀ ତାଙ୍କ ତଳସ୍ତରର ଛାତ୍ରଛାତ୍ରୀଙ୍କ ଠାରୁ କମ୍ ନମ୍ବର ରଖିବା, କମ୍ ଜ୍ଞାନର ଅଧିକାରୀ ଉଚ୍ଚ କ୍ଷମତାରେ ଆସୀନ ହେବା, କଠୋର ପରିଶ୍ରମ କରି ମଧ୍ୟ ନିଜ ଇଚ୍ଛାମୁତାବକ ରକିରି, ଅଧିକାର, କ୍ଷମତା, ଯଶ ନପାଇବା ଆଦି ଫଳମାନ ପୂର୍ବାର୍ଜିତ କର୍ମ ଅନୁଯାୟୀ ଦୈବହସ୍ତରେ ବନ୍ଧା ହୋଇଥାଏ । ସେ ଉପଯୁକ୍ତ ସମୟରେ ଯାହାକୁ ଯାହା ଦେବା କଥା, ତାହା ପ୍ରଦାନ କରିଥାନ୍ତି । ଏଥିରେ ଅନ୍ୟପ୍ରତି ଅସୂୟା ପ୍ରକାଶ କରିବା ଉଚିତ ନୁହେଁ କି ମର୍ମାହତ ହୋଇ ଭଗ୍ନ ମନୋରଥରେ କର୍ମପ୍ରତି ନିଃସ୍ପୃହ ହେବା ବିଧେୟ ନୁହେଁ । କାରଣ ଏ ଜନ୍ମ-ସୁକର୍ମ ର କେହି ସାକ୍ଷୀ ନଥିଲେ ମଧ୍ୟ ବିଧାତା ଧର୍ମପୁରୁଷ ରୂପେ ସେ ସମସ୍ତ ଦେଖି ପରଜନ୍ମ ପାଇଁ ସୁଫଳମାନ ଯୋଇଦେଇଥାନ୍ତି ଓ ଦୁଷ୍କର୍ମୀଙ୍କ ପାଇଁ ଦଣ୍ଡବିଧାନ କରିଥାନ୍ତି ।

କେଉଁ କର୍ମର ପ୍ରଭାବରେ ମଣିଷକୁ ସୁଫଳ ମିଳିଥାଏ ?

A. ପରୋକ୍ଷ କର୍ମ

B. ମନ୍ଦ କର୍ମ

C. ଭଲ କର୍ମ

D. ମହତ କର୍ମ ✓

Q9 Odia

ଭାଗ୍ୟ ନିୟନ୍ତ୍ରଣ କ୍ଷମତା କାହା ହାତରେ ରହିଛି?

A. ମଣିଷ ହାତରେ

B. ଦଇବ ହାତରେ ✓

C. ସରକାରଙ୍କ ହାତରେ

D. ଭାଗ୍ୟ ହାତରେ

Q10 Odia

କାହା ବଳରେ ମଣିଷ ନିଜ ସ୍ଥିତିର ଉପର ପାବଚ୍ଛକୁ ଯିବା ପାଇଁ କ୍ଷମ ହୋଇଥାଏ ?

A. ପରିଶ୍ରମ ବଳରେ ✓

B. ଅର୍ଥ ବଳରେ

C. ଧର୍ମ ବଳରେ

D. ବିଶ୍ୱାସ ବଳରେ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

'ସୁକର୍ମ'ର ବିପରୀତ ଶବ୍ଦ କଣ?

A. କର୍ମ

B. ସୁଧର୍ମ

C. ଦୁର୍ନାମ

D. ଦୁଷ୍କର୍ମ ✓

Q12 Odia

କିଏ ଧର୍ମ ପୁରୁଷ ରୂପେ ପରଜନ୍ମ ପାଇଁ ସୁଫଳ ଯୋଗ ଦେଇଥାନ୍ତି ?

A. ପିତାମାତା

B. ବିଧାତା ✓

C. ଭାଗ୍ୟ

D. ସାଙ୍ଗସାଥୀ

Q13 Odia

କବିତା ତାଙ୍କୁ ଠନ୍ ଠନ୍ କରି ଶହେଟଙ୍କା ଗଣିଦେଲେ – ରେଖାଙ୍କିତ ପଦଟି କେଉଁ ଅବ୍ୟୟ ।

A. ପ୍ରଶ୍ନସୂଚକ ଅବ୍ୟୟ

B. ସମ୍ମତିସୂଚକ ଅବ୍ୟୟ

C. ଶବ୍ଦାନୁକାରୀ ଅବ୍ୟୟ ✓

D. ବିକଳ୍ପାର୍ଥକ ଅବ୍ୟୟ

Q14 Odia

ନିମ୍ନୋକ୍ତ ଶବ୍ଦଗୁଡ଼ିକ ମଧ୍ୟରୁ ତତ୍ସମ ଶବ୍ଦଟିକୁ ଚିହ୍ନଟ କର ?

A. ଚର୍ମ ✓

B. କାନ

C. ଅଗି

D. ଭୂଇଁ

Q15 Odia

ନିମ୍ନୋକ୍ତରେ ଥିବା ପଦମାନଙ୍କ ମଧ୍ୟରୁ କେଉଁଟି କ୍ରିୟା ପଦ ନୁହେଁ ବାଛ ।

A. ଗଛ ✓

B. ଖାଇବା

C. ଦେଖିବା

D. ପଢ଼ିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 23 · 30 May 2026 · 4:00 PM - 5:30 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଢେଙ୍କାନାଳ ଓଡ଼ିଶାର ଏକ ପ୍ରସିଦ୍ଧ ହସ୍ତତନ୍ତ କେନ୍ଦ୍ର ଅଟେ ।

- **A.** Dhenkanal is a famous handicraft center of Odisha. ✓
- **B.** Dhenkanal is the capital city of Odisha.
- **C.** Dhenkanal is a hill station in North India.
- **D.** Dhenkanal is a temple in Andhra Pradesh.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଟିକଟଘରଟି ରେଳ ଷ୍ଟେସନରେ ରହିଅଛି ।

- **A.** The ticket counter is at the railway station. ✓
- **B.** Ticket counter are in railway station.
- **C.** Ticket counters is on the station railway.
- **D.** The ticket counter be in the railway stations.

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
କୃତ୍ରିମ ବୁଦ୍ଧିମତା ମନୁଷ୍ୟ ମସ୍ତିଷ୍କର ଚିନ୍ତନ ପ୍ରଣାଳୀ ପରି ଅନୁକରଣ କରେ ।

- **A.** Artificial Intelligence imitates the thinking process of the human brain. ✓
- **B.** Artificial Intelligence is a machine that replaces human brains.
- **C.** Artificial Intelligence can think without any data.
- **D.** Artificial Intelligence destroys human thoughts.

Q4 Odia

ନିମ୍ନୋକ୍ତ ଅନୁଚ୍ଛେଦକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଚୟନ କର ।

ଧର୍ମର ପରିଭାଷା ଅବିଚଳ, ଅଟଳ, ଶାଶ୍ୱତ । ଏହା ମନୁଷ୍ୟର ସମ୍ବେଦନାର ଜାଗରଣ। ଧର୍ମର ବ୍ୟାଖ୍ୟାକୁ ଜଟିଳ କରିବା ପ୍ରକ୍ରିୟା ବିଭିନ୍ନ ସମୟରେ ତଥାକଥିତ ଧର୍ମାନ୍ଧମାନେ ହିଁ ଆରମ୍ଭ କରିଥାନ୍ତି । ଧର୍ମର ପରିଭାଷା ସରଳ । ଜଣେ ଛୋଟ ପିଲା କହିପାରିବ ଯେ ଅନ୍ୟକୁ ପୀଡ଼ା ଦେବା ଅଧର୍ମ, ଅନ୍ୟର ପୀଡ଼ା ଉପଶମ ଧର୍ମର ପରିଚାୟକ । ଦୁଃଖୀର ଦୁଃଖ ଅପନୋଦନ, ପଥଚ୍ଛାଡ଼ି ଅପଥରେ ଘୂରି ବୁଲୁଥିବା ବ୍ୟକ୍ତିଙ୍କୁ ସତ୍‌ପଥକୁ ଆଣିବା ଧର୍ମର ସ୍ୱରୂପ ନୁହେଁ ତ ଆଉ କ'ଣ? ପ୍ରସିଦ୍ଧ ଦାର୍ଶନିକ, ସନ୍ଥ, ଲେଖକ ଲିଓ ଟଲଷ୍ଟୟଙ୍କ ସମ୍ପର୍କିତ ନିମ୍ନୋକ୍ତ ପ୍ରେରଣାଦାୟୀ, ଶିକ୍ଷାପ୍ରଦ ପ୍ରସଙ୍ଗ। ଟଲଷ୍ଟୟ ଖାଲି ପ୍ରସିଦ୍ଧ ଲେଖକ ନଥିଲେ । ତାଙ୍କଠାରେ ଅନ୍ୟ ଏକ ବିଶେଷ ଗୁଣ ଥିଲା ଯାହାକୁ ହୁଏତ ଅନେକେ ଜାଣି ନଥିବେ। ଟଲଷ୍ଟୟ ଥିଲେ ଜଣେ ସମ୍ବେଦନଶୀଳ ବ୍ୟକ୍ତିତ୍ୱ । ଅନ୍ୟର ଦୁଃଖ ସହି ପାରୁନଥିଲେ। ନିଜର ସାଧ୍ୟମତେ ସାହାଯ୍ୟ କରୁଥିଲେ ଦୁଃଖୀ, ନିପୀଡ଼ିତଙ୍କୁ । ଏହି କାରଣରୁ ପ୍ରତ୍ୟହ ତାଙ୍କ ଘର ସମ୍ମୁଖରେ ଭିକାରିଙ୍କ ଲମ୍ବା ଧାଡ଼ି ଲାଗୁଥିଲା । କାହାକୁ ବି ନିରାଶ କରୁନଥିଲେ । କାହା କାହାରିକୁ ଅର୍ଥ, ବସ୍ତ୍ର, ଏପରିକି ପିନ୍ଧିଥିବା କୋଟ୍ ମଧ୍ୟ ଦାନ ଦେଇ ଦେଉଥିଲେ । ଖୁବ୍‌ଶୀଘ୍ର ଏପରି ସ୍ଥିତି ହେଲା ଯେତେବେଳେ କି ତାଙ୍କ ପାଖରେ ଦାନ ଦେବାକୁ କିଛି ନଥିଲା । ସେଦିନ ଯାଚକଙ୍କ ଧାଡ଼ିରେ ସବା ପଛରେ ଜଣେ ବ୍ୟକ୍ତି ଠିଆ ହୋଇଥାନ୍ତି । ଦୁର୍ବଳ କାରଣରୁ ବହୁତ ଆଗରୁ ଆସିଥିଲେ ମଧ୍ୟ ସମ୍ମୁଖକୁ ଆସି ପାରି ନଥିଲେ- ଭିଡ଼ କମିବାରୁ ସବା ପଛରେ ଟଲଷ୍ଟୟଙ୍କ ନିକଟକୁ ଆସିଥିଲେ । ସେତେବେଳକୁ ଟଲଷ୍ଟୟ ସବୁ ଦାନ ଦେଇ ଖାଲି ହୋଇ ଯାଇଥାନ୍ତି। ପଛରେ ଆସିଥିବା ବ୍ୟକ୍ତିଙ୍କୁ ଦେଖି ଗଳାରେ ଲଗାଇ ଆଲିଙ୍ଗନ କରି କହିଥିଲେ- ଭାଇ! ଏବେ ତୁମକୁ ଦେବାକୁ ମୋ ନିକଟରେ କିଛି ବଞ୍ଚି ନାହିଁ (ବଳକା ନାହିଁ) । କାଲି ଆସିଲେ ନିଶ୍ଚୟ ତୁମ ପାଇଁ କିଛି ରଖିଥିବି । ତାଙ୍କଠାରୁ ଏଭଳି ଶୁଣି ଯାଚକ କହିଥିଲେ- 'ଆପଣ ଏଭଳି କହନ୍ତୁ ନାହିଁ ମହାତ୍ମା । ଆପଣ ଆଜି ଆଜି ଯାହା ମୋତେ ଦେଇଛନ୍ତି, ପୂର୍ବରୁ ମୋତେ କେହିବି କେବେ ତାହା ଦେଇ ନଥିଲେ । ଧନ ଦାନକାରୀ ତ ଅନେକ ମିଳିବେ, ମିଳିବେ, ହେଲେ ହେ ଏଭଳି ପ୍ରେମ, ଆଦର ଦାନକାରୀ ଜଣେ ବି ମିଳିବେ ନାହିଁ । ଅନନ୍ୟ ପ୍ରେମ- ସମ୍ବେଦନ କେବଳ ଆପଣ ହିଁ ଦେଇଛନ୍ତି ଯାହା ମୋ ଭଳି ନିଃସ୍ୱ ପାଇଁ ମହାର୍ଘ ସମ୍ପଦ।'

ଅନୁଚ୍ଛେଦଟିର ସ୍ୱର ଚିହ୍ନଟ କର ?

- **A.** ହାସ୍ୟମୟ
- **B.** ପ୍ରେରଣାଦାୟୀ ଓ ଶିକ୍ଷାପ୍ରଦ ✓
- **C.** ଆଲୋଚନାମୂଳକ
- **D.** ବ୍ୟଙ୍ଗାତ୍ମକ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q5 Odia

'ଜଟିଳ' ଶବ୍ଦର ବିପରୀତ ଶବ୍ଦଟି କ'ଣ?

A. କଠିନ

B. ସରଳ ✓

C. ଗୁରୁତର

D. ଅସ୍ପଷ୍ଟ

Q6 Odia

'ସମ୍ବେଦନଶୀଳ' ଶବ୍ଦଟି କେଉଁ ବ୍ୟକ୍ତିଙ୍କୁ ବୁଝାଏ?

A. ଯେଉଁ ବ୍ୟକ୍ତି ଅନ୍ୟଙ୍କୁ କଷ୍ଟ ଦେଇଥାଏ

B. ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖ ବୁଝି ସହାନୁଭୂତି ଦେଖାଏ ✓

C. ଯେଉଁ ବ୍ୟକ୍ତି ସବୁକିଛିକୁ ଅବହେଳା କରେ

D. ଯେଉଁ ବ୍ୟକ୍ତି ସଦା କ୍ରୋଧିତ ରହେ

Q7 Odia

ଅନୁଚ୍ଛେଦର ମୁଖ୍ୟ ବିଷୟବସ୍ତୁକୁ ଚିହ୍ନଟ କର ।

A. ଧର୍ମର ଜଟିଳତା

B. ଦାନର ପ୍ରକାର

C. ସମ୍ବେଦନଶୀଳ ବ୍ୟକ୍ତିତ୍ୱ ✓

D. ଯାଚକମାନଙ୍କ ଜୀବନ

Q8 Odia

ଏହି ଅନୁଚ୍ଛେଦର ଗଢ଼ଣ ଚିହ୍ନଟ କର ?

A. ବର୍ଣ୍ଣନାତ୍ମକ ✓

B. କାହାଣୀମୂଳକ

C. ପରୀକ୍ଷାମୂଳକ

D. ବିଶ୍ଳେଷଣାତ୍ମକ

Q9 Odia

"ଖୋଳ ପର୍ବତ ମାର ମୂଷା"- ଏହି ଲୋକୋକ୍ତିର ଠିକ୍ ଅର୍ଥ କଣ ?

A. ବଡ କାମ ପାଇଁ ଅଳ୍ପ ପରିଶ୍ରମ କରିବା ।

B. ସାମାନ୍ୟ କାର୍ଯ୍ୟ ପାଇଁ କଠିନ ପରିଶ୍ରମ କରିବା । ✓

C. କଷ୍ଟ କରିଲେ ବଡ ଫଳ ମିଳେ ।

D. କାମ ନକରି ବସି ରହିବା ।

Q10 Odia

ନିମ୍ନଲିଖିତ ମଧ୍ୟରୁ ତଦ୍ଭବ ଶବ୍ଦ କେଉଁଟି ?

A. ଯବ

B. ଜନ୍ଦା

C. ଯଅ ✓

D. ଜନ୍ତାଳ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

ବର୍ଷାରେ ପାଣି ଟୋପାଟୋପା ପଡୁଛି।ଏହି ବାକ୍ୟରେ ଥିବା କ୍ରିୟାବିଶେଷଣ ପଦଟିକୁ ଚିହ୍ନଟ କର।

A. ବର୍ଷାରେ

B. ଟୋପାଟୋପା ✓

C. ପାଣି

D. ପଡୁଛି

Q12 Odia

'ସମ୍ଭାବନାସୂଚକ ଅବ୍ୟୟ' କାହାକୁ କୁହାଯାଏ ?

A. ଯେଉଁ ଅବ୍ୟୟ କାଳକୁ ବୁଝାଏ ।

B. ଯେଉଁ ଅବ୍ୟୟ ସମ୍ଭାବନା ପ୍ରକାଶ କରେ । ✓

C. ଯେଉଁ ଅବ୍ୟୟ ସ୍ଥାନକୁ ବୁଝାଏ ।

D. ଯେଉଁ ଅବ୍ୟୟ ସମ୍ବୋଧନକୁ କରେ ।

Q13 Odia

'ପୋଥି ବାଇଗଣ' - ରୂଢ଼ିର ଅର୍ଥ ଲେଖ ।

A. ପୁସ୍ତକ ବହିର୍ଭୂତ ବିଦ୍ୟା

B. ପୁସ୍ତକଗତ ବିଦ୍ୟା ✓

C. ପୋଥିଗତ ଚିତ୍ର

D. ପୋଥି ପାରିବା

Q14 Odia

ଶର୍ମିଷ୍ଠା ଭଲ କହିପାରେ, --------- ଗାଇପାରେ ନାହିଁ । - ଉପଯୁକ୍ତ ଅବ୍ୟୟ ପଦଟି ବାଛି ଶୂନ୍ୟ ସ୍ଥାନ ପୂରଣ କର ।

A. ତେଣୁ

B. ଯେଉଁଥିପାଇଁ

C. ମାତ୍ର ✓

D. ଯଦି

Q15 Odia

ନିମ୍ନଲିଖିତ ମଧ୍ୟରୁ ତଦ୍ଭବ ଶବ୍ଦ କେଉଁଟି ?

A. କଫି

B. ଗିରଫ

C. ବାଙ୍ଗ ✓

D. ଚଷମା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 24 · 30 May 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The captain decided to bat first after winning the toss.

- **A.** ଟସ ଜିତିବା ପରେ କ୍ୟାପଟେନ ପ୍ରଥମେ ବ୍ୟାଟିଂ ପାଇଁ ଚୟନ କଲେ। ✓
- **B.** ଟସ୍ ଜିତିଲେ ପରେ ଅଧିନାୟକ ବ୍ୟାଟ କରିଥିଲେ।
- **C.** ଟସ୍ ଜିତିବା ପରେ ଅଧିନାୟକ ପ୍ରଥମେ ବୋଲିଂ କଲେ।
- **D.** ଅଧିନାୟକ ବ୍ୟାଟିଂ ପାଇଁ ନିଷ୍ପତ୍ତି ଜିତିଲେ।

Q2 Odia

ସଠିକ ତତ୍ଭବ ଶବ୍ଦ ବାଛନ୍ତୁ: "ଶ୍ୱାସ" ର ତତ୍ଭବ କଣ?

- **A.** ଶ୍ୱାସା
- **B.** ସ୍ୱାସ
- **C.** ସାସ ✓
- **D.** ସାଶ

Q3 Odia

ଉପଯୁକ୍ତ କ୍ରିୟା ବାଛି ଶୂନ୍ୟସ୍ଥାନ ପୂରଣ କରନ୍ତୁ:

ସେ ଯାଇଥିଲେ ମୁଁ _____।

- **A.** ଯାଇଥିଲି
- **B.** ଯାଇଥାନ୍ତି ✓
- **C.** ଯାଇଥାନ୍ତେ
- **D.** ଯାଇଥାନ୍ତୁ

Q4 Odia

ନିମ୍ନରେ ଦିଆଯାଇଥିବା ବାକ୍ୟରେ ବିଶେଷଣ ପଦ ସହିତ ଖାଲିସ୍ଥାନ ପୂରଣ କରନ୍ତୁ ।

ବ୍ରାହ୍ମଣୀ ଠାରୁ ମହାନଦୀ _____।

- **A.** ଦୀର୍ଘତମ
- **B.** ଦୀର୍ଘତର ✓
- **C.** ଦୀର୍ଘ
- **D.** କ୍ଷୁଦ୍ର

Q5 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ ।
ଚାକର

- **A.** ଅନୁଚର ✓
- **B.** ସାଥି
- **C.** ମାଲିକ
- **D.** କାମ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ନବରାତ୍ର ସମୟରେ ଆମେ ନଅ ପ୍ରକାର ରଙ୍ଗ ର ପୋଷାକ ପରିଧାନ କରୁ |

A. During Navratri, we wear clothes of different colors.

B. During Navratri, we wear clothes of nine different colours. ✓

C. During Navratri, we will wear clothes of nine different colors.

D. During Navratri, we wore clothes of nine different colors.

Q7 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଲୋକଙ୍କୁ ଚାକିରି କ୍ଷେତ୍ରରେ ସଂରକ୍ଷଣ ଦିଆଯାଉଛି ।

A. Reservations are being given to people below the poverty line.

B. Reservations were being given in jobs to people below the poverty line.

C. Reservations are being given in jobs to people below the poverty line. ✓

D. Reservations are being given in jobs to poor people .

Q8 Odia

'ଆଶ୍ରା ପାଇବା' – ଅର୍ଥ ପ୍ରକାଶ କରୁଥିବା ରୂଢିଟିକୁ ନିମ୍ନରୁ ଚିହ୍ନଟ କର ।

A. କୂଳରେ ଲାଗିବା ✓

B. କପାଳ ଫାଟିବା

C. କୁହୁଡ଼ିରେ ପହଁରିବା

D. କାଠ ପାଲଟି ଯିବା

Q9 Odia

ବିଶେଷ୍ୟ ବା ବିଶେଷଣ ପଦରୁ ଗଠିତ ଧାତୁକୁ କଣ କୁହାଯାଏ?

A. ମୌଳିକ ଧାତୁ

B. ପ୍ରେରଣାର୍ଥକ ଧାତୁ

C. ନାମଧାତୁ ✓

D. କୃଦନ୍ତ

Q10 Odia

"ରକ୍ତଚାଉଳ ଚୋବେଇବା"- ରୁଢିର ଠିକ୍ ଅର୍ଥ କ'ଣ ?

A. ଭୋକ ଲାଗି ଖାଇବା

B. ରାଗ ଜର୍ଜରିତା ହେବା ✓

C. ଖୁସି ହୋଇ ରହିବା

D. ଅଳ୍ପ ଖାଇବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

> ନିମ୍ନଲିଖିତ ଅନୁଚ୍ଛେଦକୁ ପାଠକରି ପ୍ରଶ୍ନ ଗୁଡ଼ିକର ଉତ୍ତର ବାଛ ।
> ଖାଦ୍ୟ ବସ୍ତ୍ର ଆଦି ଯୋଗାଉଥିବା କୃଷିଜାତ ଦ୍ରବ୍ୟକୁ ଫସଲ କୁହାଯାଏ । ଜମିରେ ବିହନ ବୁଣି କିମ୍ବା ରୋପଣକରି ଫସଲ କରାଯାଇଥାଏ। କିନ୍ତୁ ଅରଣ୍ୟ ଫସଲ କହିଲେ ଅରଣ୍ୟ ସମ୍ପଦ ଯଥା ବୃକ୍ଷଲତା, ଜୀବଜନ୍ତୁ ଓ ଖଣିଜ ପଦାର୍ଥ ଆଦିକୁ ବୁଝାଇଥାଏ। ଜମିର ଫସଲ ପରି ଅରଣ୍ୟ ଫସଲକୁ ଚାଷ କରାଯାଏ ନାହିଁ । ତାହା ଆପେ ଆପେ ସୃଷ୍ଟି ହୋଇଥାଏ । ମାଆ ଗଛର ମଞ୍ଜି ପବନରେ, ଜଳସ୍ରୋତରେ କିମ୍ବା ଜୀବଜନ୍ତୁମାନଙ୍କ ଦ୍ୱାରା ଅନ୍ୟତ୍ର ପରିବାହିତ ହୋଇ ଭୂଇଁରେ ପଡ଼ି ଅଙ୍କୁରୋଦ୍ଗମ ହୋଇଥାଏ। କୃଷିଜାତ ଦ୍ରବ୍ୟପରି ଅରଣ୍ୟ ଫସଲର ଉପକାରିତା ବ୍ୟାପକ। ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ମନୁଷ୍ୟର ମୁଖ୍ୟ ଆବଶ୍ୟକତା ଗୁଡ଼ିକ ଏହା ପୂରଣ କରିଥାଏ। ଚାଷକର୍ମ ନ ଜାଣିଥିବା ଆଦିମମାନବ ପାଇଁ ଅରଣ୍ୟର ଫଳ, ମୂଳ ଓ ପଶୁପକ୍ଷୀଙ୍କ ମାଂସ ହେଲା ଖାଦ୍ୟ, ଗଛର ପତ୍ର ଓ ବକଳ ହେଲା ବସ୍ତ୍ର ଏବଂ ଗଛ କୋରଡ଼ ଯୋଗାଉଥିଲା ବାସସ୍ଥାନ। ଆଜିକାଲି ଜମିରେ ଚାଷ କରାଯାଉଥିବା ଖାଦ୍ୟଶସ୍ୟ, ତୈଳବୀଜ, ତନ୍ତୁ ଜାତୀୟ ଫସଲ, ପାନୀୟ, ଅର୍ଥକାରୀ ଫସଲ ଓ ଫଳମୂଳର ଜନନୀ ହେଉଛି ଏହି ଅରଣ୍ୟ। ଆଦିମ ଶସ୍ୟ ଏହି ଅରଣ୍ୟରୁ ହିଁ ମିଳିଥାଏ। ମନୁଷ୍ୟ କ୍ରମେ କ୍ରମେ ଯେପରି ଉନ୍ନତ ହେଲା ଠିକ୍ ସେହିପରି ଶସ୍ୟର ମଧ୍ୟ ଉନ୍ନତି ଘଟିଲା।

ଜଙ୍ଗଲରେ ଗଛମାନେ ମାନବ ସାହାଯ୍ୟ ବିନା ଆପେ ଆପେ ବଢୁଛନ୍ତି । ଏହାର ମୁଖ୍ୟ କାରଣ କ'ଣ ?

A. ଚାଷୀଙ୍କ ଉପଯୁକ୍ତ ଦେଖାଶୁଣା

B. ପ୍ରାକୃତିକ ଭାବେ ମଞ୍ଜି ପ୍ରସାରଣ ✓

C. ରାସାୟନିକ ସାରର ପ୍ରୟୋଗ

D. ଜଳସେଚନ ଉପଯୁକ୍ତ ବ୍ୟବସ୍ଥା

Q12 Odia

ଆଦିମ ମନୁଷ୍ୟ ଗଛର ପତ୍ର ଓ ବକଳ ବ୍ୟବହାର କରୁଥିଲେ କାହିଁକି ?

A. ଖାଦ୍ୟ ପାଇଁ

B. ବସ୍ତ୍ର ପାଇଁ ✓

C. ଖେଳଣା ପାଇଁ

D. ଔଷଧ ପାଇଁ

Q13 Odia

ଜମିର ଫସଲ ଓ ଅରଣ୍ୟର ଫସଲ ମଧ୍ୟରେ ମୁଖ୍ୟ ତଫାତ କ'ଣ ?

A. ଦୁହେଁ ମନୁଷ୍ୟ ଦ୍ୱାରା କରାଯାଏ

B. ଅରଣ୍ୟ ଫସଲ ଚାଷ କରାଯାଏ ନାହିଁ ✓

C. କୃଷି ଫସଲ ସ୍ୱତଃ ହୁଏ

D. ଦୁହେଁ ଅନୁପଯୋଗୀ ଅଟନ୍ତି

Q14 Odia

ପୁରୁଣା ସମୟରେ ଆଦିମ ମନୁଷ୍ୟ ଜଙ୍ଗଲରୁ ଖାଦ୍ୟ ଓ ବସ୍ତ୍ର ପାଉଥିଲେ । ଏହା ଆମକୁ କ'ଣ ଶିଖାଏ ?

A. ମଣିଷକୁ କୃଷିର ପ୍ରୟୋଜନ ନାହିଁ

B. ଅରଣ୍ୟ ମନୁଷ୍ୟର ମୂଳ ଆବଶ୍ୟକତା ପୂରଣ କରେ ✓

C. ଜଙ୍ଗଲର କୌଣସି ଉପକାର ନାହିଁ

D. ମନୁଷ୍ୟ ସହରରେ ବଞ୍ଚିପାରେ

Q15 Odia

ଯେଉଁ ଫସଲକୁ ମନୁଷ୍ୟ ଚାଷ କରେନାହିଁ ,କିନ୍ତୁ ପ୍ରାକୃତିକ ଭାବେ ଉତ୍ପନ୍ନ ହୁଏ, ସେହି ଫସଲ କ'ଣ ?

A. ଧାନ ଫସଲ

B. ଗହମ ଫସଲ

C. ଅରଣ୍ୟ ଫସଲ ✓

D. ଡାଲି ଫସଲ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 25 · 31 May 2026 · 12:30 PM - 2:00 PM · Odia (Odia)

Odia

Q1 Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ଇଚ୍ଛା ଏବଂ ଉଦ୍ୟମ ଥିଲେ ସଫଳତା ___ ଜଣଙ୍କ ଜୀବନରେ ଆସିଥାଏ ।"

A. ଦୟାରେ

B. ଧୀରେ ଧୀରେ ✓

C. ଖୁସିରେ

D. ବାରମ୍ବାର

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଭାରତର ସଂସଦ ନୂତନ ବିଧିଗୁଡିକକୁ ଅନୁମୋଦିତ କରନ୍ତି ।

A. The Parliament of India passes new laws. ✓

B. The Parliament of India pass new law.

C. Parliament India passing the laws.

D. Parliament of India are passes laws.

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Rivers play a vital role in agriculture and transportation.

A. ନଦୀଗୁଡିକ କୃଷି ଏବଂ ପରିବହନ ନିମନ୍ତେ ଏକ ଅତ୍ୟାବଶ୍ୟକ ଭୂମିକା ନିର୍ବାହ କରେ। ✓

B. ନଦୀମାନେ କୃଷି ପରିବହନରେ ଭୂମିକା ଖେଳନ୍ତି।

C. ନଦୀମାନେ କୃଷି ପରିବହନ ମୁଖ୍ୟ ହୋଇଥାଏ।

D. ନଦୀ କୃଷି ପରିବହନରେ ଭଲ ଅଛନ୍ତି।

Q4 Odia

'ଗୋବର ଗଣେଶ' ରୂଢିର ଅର୍ଥ କ'ଣ?

A. ଗୋବରରେ ଗଣେଶ ତିଆରି କରୁଛି

B. ବାହାରୁ ଚମକ୍ ଦେଖାଏ କିନ୍ତୁ ଭିତରେ କିଛି ନାହିଁ ✓

C. ଗଣେଶ ମୂର୍ତ୍ତି ଗୋବରରେ ବୁଡ଼ି ରହିଛି

D. ଗୋବର ଖାଇ ଗଣେଶ ପୂଜା କରୁଛି

Q5 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ ।
ତୁରଙ୍ଗ

A. ଧାବକ

B. ଘୋଡା ✓

C. ତୀବ୍ର

D. ତେଜ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ତାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ରାଜା ଖାରବେଳ ପ୍ରାଚୀନ ଓଡ଼ିଶାର ସବୁଠାରୁ ପ୍ରସିଦ୍ଧ ଶାସକ ଏବଂ ମହାମେଘବାହନ ରାଜବଂଶର ଜଣେ ଶ୍ରେଷ୍ଠ ରାଜା ଥିଲେ। ସେ ପ୍ରାୟ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଏକ ପ୍ରାଚୀନ ଏବଂ ଶକ୍ତିଶାଳୀ ରାଜ୍ୟ କଳିଙ୍ଗ ଉପରେ ଶାସନ କରିଥିଲେ। ତାଙ୍କ ଜୀବନ ଏବଂ ସଫଳତା ବିଷୟରେ ସୂଚନାର ପ୍ରମୁଖ ଉତ୍ସ ଭୁବନେଶ୍ୱର ନିକଟସ୍ଥ ଉଦୟଗିରିର ଏକ ଗୁମ୍ଫା କାନ୍ଥରେ ଖୋଦିତ ହାତୀଗୁମ୍ଫା ଶିଳାଲେଖରୁ ଆସିଛି। ପ୍ରାକୃତ ଭାଷା ଏବଂ ବ୍ରାହ୍ମୀ ଲିପିରେ ଲିଖିତ ଏହି ଶିଳାଲେଖରେ , ଖାରବେଳ ଙ୍କ ରାଜତ୍ୱ, ନୀତି, ସାମରିକ ଅଭିଯାନ ଏବଂ ସଂସ୍କୃତି ଏବଂ ଧର୍ମ ପ୍ରତି ଅବଦାନର ଏକ ସ୍ପଷ୍ଟ ବର୍ଣ୍ଣନା କରାଯାଇଛି ।

ଖାରବେଳ କଳା, ବିଜ୍ଞାନ ଏବଂ ସାମରିକ ତାଲିମରେ ପୁଙ୍ଖାନୁପୁଙ୍ଖ ଶିକ୍ଷା ଗ୍ରହଣ କରିବା ପରେ ସିଂହାସନ ଆରୋହଣ କରିଥିଲେ। ତାଙ୍କ ରାଜତ୍ୱ ସମୃଦ୍ଧି, ପ୍ରଶାସନିକ ଦକ୍ଷତା ଏବଂ ତାଙ୍କ ପ୍ରଜାଙ୍କ କଲ୍ୟାଣ ପାଇଁ ସେ ସଦା ସର୍ବଦା ଚର୍ଚ୍ଚା କରୁଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ କ୍ଷତିଗ୍ରସ୍ତ ନଗର ପ୍ରାଚୀର ଏବଂ ସାର୍ବଜନୀନ କୋଠା ଗୁଡ଼ିକର ମରାମତି କରିବା ସହ ବହୁ ଜନ କଲ୍ୟାଣ କାର୍ଯ୍ୟ କରିଥିଲେ । ସେ ବାଣିଜ୍ୟ ଏବଂ କୃଷିକୁ ପ୍ରୋତ୍ସାହିତ କରିବା ସହ ସଙ୍ଗୀତ, ନୃତ୍ୟ ଏବଂ କ୍ରୀଡାକୁ ମଧ୍ୟ ସମର୍ଥନ କରୁଥିଲେ | ଏହା କଳିଙ୍ଗରେ ଆର୍ଥିକ ଏବଂ ସାଂସ୍କୃତିକ ପୁନରୁଦ୍ଧାରର କାରଣ ପାଲଟିଥିଲା।

ସାମରିକ ଦୃଷ୍ଟିରୁ, ଖାରବେଳ ତାଙ୍କର ସଫଳ ଅଭିଯାନ ପାଇଁ ଚିର ସ୍ମରଣୀୟ ରହିବେ । ସେ ସମ୍ରାଟ ଅଶୋକଙ୍କ ଠୁ ପୂର୍ବରୁ ମିଳିଥିବା ପରାଜୟ ପରେ କଳିଙ୍ଗର ହଜିଯାଇଥିବା ଗୌରବକୁ ପୁନରୁଦ୍ଧାର କରିଥିଲେ । ସେ ଉତ୍ତର ଏବଂ ଦକ୍ଷିଣ ଭାରତରେ ଅଭିଯାନର ଏକ ଶୃଙ୍ଖଳା ମାଧ୍ୟମରେ ତାଙ୍କର ସାମ୍ରାଜ୍ୟକୁ ବିସ୍ତାର କରିଥିଲେ, କଳିଙ୍ଗର ପ୍ରଭାବକୁ ଏହାର ସୀମା ବାହାରକୁ ବିସ୍ତାର କରିଥିଲେ। ହାତୀଗୁମ୍ଫା ଶିଳାଲେଖ ଅନୁସାରେ, ସେ ଦକ୍ଷିଣରେ ସାତବାହନମାନଙ୍କୁ ପରାସ୍ତ କରିଥିଲେ ଏବଂ ଉତ୍ତରରେ ମଗଧର ଶକ୍ତିଶାଳୀ ଶାସକମାନଙ୍କୁ ମଧ୍ୟ ଚ୍ୟାଲେଞ୍ଜ କରିଥିଲେ । ତାଙ୍କ ବିଜୟ କଳିଙ୍ଗକୁ ଧନ ଏବଂ ପ୍ରତିଷ୍ଠା ଆଣିଥିଲା, ଏହାକୁ ପ୍ରାଚୀନ ଭାରତର ଏକ ପ୍ରମୁଖ ରାଜନୈତିକ ଶକ୍ତିରେ ପରିଣତ କରିଥିଲା।

ଖାରବେଳ ଜୈନ ଧର୍ମର ଜଣେ ମହାନ ପୃଷ୍ଠପୋଷକ ମଧ୍ୟ ଥିଲେ । ସେ ପ୍ରାଚୀନ ଜୈନ ସ୍ମାରକୀଗୁଡ଼ିକର ପୁନଃନିର୍ମାଣ କରିଥିଲେ, ଉଦୟଗିରି ଏବଂ ଖଣ୍ଡଗିରି ପାହାଡ଼ରେ ଭିକ୍ଷୁ ମାନଙ୍କ ପାଇଁ ଗୁମ୍ଫା ଖନନ କରିଥିଲେ ଏବଂ ଧାର୍ମିକ ସହିଷ୍ଣୁତାକୁ ପ୍ରୋତ୍ସାହିତ କରିଥିଲେ । ତାଙ୍କ ଶାସନ କାଳରେ ଜୈନ ଧର୍ମ, ହିନ୍ଦୁ ଧର୍ମ ଏବଂ ବୌଦ୍ଧ ଧର୍ମ ସମେତ ବିଭିନ୍ନ ଧର୍ମ ମଧ୍ୟରେ ସମନ୍ୱୟର ପ୍ରତୀକ ଥିଲା। ତାଙ୍କ ଶାସନ କାଳରେ, କଳିଙ୍ଗ କଳା, ସ୍ଥାପତ୍ୟ ଏବଂ ଆଧ୍ୟାତ୍ମିକତାର କେନ୍ଦ୍ର ଭାବରେ ସମୃଦ୍ଧ ହୋଇଥିଲା।

ରାଜା ଖାରବେଳ କେଉଁ ରାଜବଂଶର ଥିଲେ?

A. ମୌର୍ଯ୍ୟ ରାଜବଂଶ

B. ମହାମେଘବାହନ ରାଜବଂଶ ✓

C. ସାତବାହନ ରାଜବଂଶ

D. ଗୁପ୍ତ ରାଜବଂଶ

Q7 Odia

ଖାରବେଳ ଙ୍କ ରାଜତ୍ୱ ବିଷୟରେ ସୂଚନାର ମୁଖ୍ୟ ଉତ୍ସ କଣ ?

A. ଅଶୋକଙ୍କ ଶିଳାଲେଖ

B. ହାତୀଗୁମ୍ଫା ଶିଳାଲେଖ ✓

C. ଅର୍ଥଶାସ୍ତ୍ର

D. ଇଣ୍ଡିକା

Q8 Odia

ହାତୀଗୁମ୍ଫା ଶିଳାଲେଖଟି କେଉଁଠି ଅବସ୍ଥିତ?

A. କୋଣାର୍କ

B. ପୁରୀ

C. ଉଦୟଗିରି ✓

D. ରତ୍ନଗିରି

Q9 Odia

ଖାରବେଳ କେଉଁ ଧର୍ମର ଜଣେ ମହାନ ପୃଷ୍ଠପୋଷକ ଥିଲେ?

A. ବୌଦ୍ଧ ଧର୍ମ

B. ଜୈନ ଧର୍ମ ✓

C. ହିନ୍ଦୁ ଧର୍ମ

D. ଖ୍ରୀଷ୍ଟିଆନ ଧର୍ମ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

ଖାରବେଳ ଙ୍କ ସାମରିକ ଅଭିଯାନ କେଉଁ ପ୍ରାଚୀନ ରାଜ୍ୟର ଗୌରବ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିଥିଲା?

A. ମଗଧ

B. ଅବନ୍ତୀ

C. କଳିଙ୍ଗ ✓

D. କୋଶଳ

Q11 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଭୂସ୍ଖଳନ ଯୋଗୁଁ ପାହାଡିଆ ସ୍ଥାନକୁ ଯିବା ଲାଗି ବାରଣ କରାଯାଉଛି |

A. People are being banned from going to hilly areas.

B. Due to landslides, people are being banned from going to hilly areas. ✓

C. Due to heavy rainfall , people are being banned from going to hilly areas.

D. Due to landslides, people are being banned to come out .

Q12 Odia

"ଚେମଡା" ଶବ୍ଦର ବିପରୀତ ଶବ୍ଦ କେଉଁଟି ?

A. ମସକା ✓

B. କଠିନ

C. ଖରାପ

D. ଦୃଢ

Q13 Odia

ଯଦିଓ ସେ ଆସିବେ, କିଛି ଖାଇବେ ନାହିଁ । ଉକ୍ତ ବାକ୍ୟରେ ଅବ୍ୟୟ ପଦଟିକୁ ଚିହ୍ନଟ କର ।

A. ଯଦିଓ ✓

B. ଆସିବେ

C. କିଛି

D. ଖାଇବେ ନାହିଁ

Q14 Odia

ଦୁଇ ବା ତତୋଧିକ ବିଶେଷ୍ୟ ପଦ ମଧ୍ୟରେ ତୁଳନା କରିବା ପାଇଁ ଯେଉଁ ବିଶେଷଣ ପଦ ବ୍ୟବହୃତ ହୁଏ, ତାକୁ କ'ଣ କୁହାଯାଏ ?

A. ଗୁଣବାଚକ ବିଶେଷଣ

B. ସଂଖ୍ୟାବାଚକ ବିଶେଷଣ

C. ପରିମାଣବାଚକ ବିଶେଷଣ

D. ତୁଳନାତ୍ମକ ବିଶେଷଣ ✓

Q15 Odia

"ଚିତା କାଟିବା"-ଏହି ରୂଢିର ଠିକ୍ ଅର୍ଥ କଣ ?

A. ସାହାଯ୍ୟ କରିବା

B. ଅନ୍ୟକୁ ଠକିବା ✓

C. ସତ୍ୟ କହିବା

D. ଦୁଃଖ ପ୍ରକାଶ କରିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 26 · 31 May 2026 · 4:00 PM - 5:30 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
"ଭାରତର ସମ୍ବିଧାନ 1950 ମସିହା ଜାନୁଆରୀ 26ରୁ ଲାଗୁ ହେଇଥିଲା ।"

- **A.** The Constitution of India came into effect on 26th January 1950. ✓
- **B.** The Constitution of India was written in 1947.
- **C.** The Constitution was enacted in 1971.
- **D.** The Constitution was signed by the British Parliament.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ନାଳନ୍ଦା ବିଶ୍ୱବିଦ୍ୟାଳୟ ବିଶ୍ୱର ଏକ ପୁରାତନ ଶିକ୍ଷଣ କେନ୍ଦ୍ର ଅଟେ ।

- **A.** Nalanda University was an ancient center of learning in the world. ✓
- **B.** Nalanda University were ancient learning centre world.
- **C.** Nalanda University is the old learning of world.
- **D.** The Nalanda University was oldest university of worlds.

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଜଗନ୍ନାଥ ମନ୍ଦିର ପୁରୀ ସହରରେ ଅବସ୍ଥିତ ଅଟେ ଯାହାକି ଓଡ଼ିଶାର ଏକ ବିଖ୍ୟାତ ସ୍ଥଳଚିହ୍ନଗୁଡିକ ମଧ୍ୟରୁ ଅନ୍ୟତମ ।

- **A.** The Jagannath Temple is situated in Puri city, one of Odisha's famous landmarks. ✓
- **B.** The Jagannath Temple situated in Puri city, one of Odisha famous landmarks.
- **C.** The Jagannath Temple is situate in Puri city, one of Odisha's famous landmarks.
- **D.** The Jagannath Temple are situated in Puri city, one of Odisha's famous landmarks.

Q4 Odia

ସଠିକ ତଦ୍ଭବ ଶବ୍ଦ ବାଛନ୍ତୁ: "କପାଳ" ର ତଦ୍ଭବ କଣ?

- **A.** କପାଲ ✓
- **B.** କପୋଳ
- **C.** କପାଉ
- **D.** କାପା

Q5 Odia

ନିମ୍ନଲିଖିତ ମଧ୍ୟରୁ "ଅର୍ଦ୍ଧଚନ୍ଦ୍ର ଦେବା "-ରୂଢିର ଅର୍ଥ କଣ ?

- **A.** ଅଧା ଚନ୍ଦ୍ର ଦେବା
- **B.** ଆମନ୍ତ୍ରଣ କରିବା
- **C.** ଦୋଷ ଦେବା
- **D.** ତଣ୍ଟିଆ ଦେବା ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ନଳିନୀ ଗୀତଟି ଚମତ୍କାର ଗାଇଲା। ଏହି ବାକ୍ୟରେ ଥିବା କ୍ରିୟାବିଶେଷଣ ପଦଟିକୁ ଚିହ୍ନଟ କର।

A. ଚମତ୍କାର ✓

B. ଗୀତଟି

C. ନଳିନୀ

D. ଗାଇଲା

Q7 Odia

ନିମ୍ନଲିଖିତ ଅନୁଚ୍ଛେଦକୁ ପାଠ କରି ପ୍ରଶ୍ନଗୁଡିକର ଉତ୍ତର ବାଛ ।
ମଣିଷର ଆଚରଣରୁ ତାର ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିଥାଏ । ତା' ଜୀବନର ଜୟଯାତ୍ରା ତା'ର ଯାବତୀୟ କାର୍ଯ୍ୟକଳାପ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଯେ ଯେଉଁପରି କାର୍ଯ୍ୟକରେ ସେ ତଦନୁସାରେ ଫଳପ୍ରାପ୍ତ ହୋଇଥାଏ । ସତକର୍ମ ସର୍ବଦା ସୁଫଳ ଏବଂ ଅସତ କର୍ମ ସର୍ବଦା ମନ୍ଦ ଫଳରେ ପର୍ଯ୍ୟବସିତ ହୋଇଥାଏ । ଭାଗବତରେ ଅଛି-"ଯେଣେ ଇଛା ତେଣେ ଯାଅ,କର୍ମ ଘେନି ଚୁଲୁଥାଅ।" , କର୍ମକୁ ଆଧାରକରି ନାନା ପ୍ରବଚନ ଓଡିଆ ସାମାଜିକ ଚଳଣିରେ ପ୍ରଚଳିତ । ଇଂରାଜୀ ଭାଷାରେ ଏଥିପାଇଁ କୁହାଯାଇଛି-'As you sow, so you reap' ଅର୍ଥ ଜଣେ ଚାଷୀ ତା'ର ଚାଷ ଜମିରେ ଯେମିତି ମଞ୍ଜି ବୁଣିବ ଓ ବେଉଷଣ କରିବ, ସେ ସେହି ଅନୁଯାୟୀ ଫଳ ଫଳାଇବ ବା ଅମଳ କରିବ । କର୍ମ ହିଁ ମାନବର ମାନଦଣ୍ଡକୁ ନିର୍ଣ୍ଣିତ କରାଇଥାଏ । ଜଣେ ପାଠଶାଠ ପଢି ଚାକିରୀ କରି କେବଳ ତା'ର ପରିବାର ପ୍ରତିପୋଷଣ କରିପାରିଥାଏ । ଜଣେ ତା'ର ଶିକ୍ଷା ସହିତ ଯଦି ଲେଖା ଲେଖି କରି ସମାଜକୁ କୁସଂସ୍କାରକୁ ଦୂର କରିବାରେ ସଫଳ କାମ ହୁଏ ତେବେ ତା'ର ବିଭିନ୍ନ ପରିଚୟ ସୃଷ୍ଟି ହୁଏ । ତା'ର ଏହି କର୍ମ ତାକୁ ଚିରଦିନ ପାଇଁ ବଞ୍ଚାଇ ରଖେ । କର୍ମକୁ ଠିକମାର୍ଗରେ ପରିଚାଳନା ନ କଲେ ଜୀବନ ବିଷମୟ ହୋଇଉଠେ । ସେଥିପାଇଁ, ଯେମିତି କାମ କରିବ,ସେହି ଅନୁଯାୟୀ ଫଳ ପାଇବ ।

ଅନୁଚ୍ଛେଦର ସଠିକ ସାରାଂଶ କେଉଁଟି ?

A. ଶିକ୍ଷା ମାନବ ଜୀବନର ସର୍ବପ୍ରଧାନ ଅଂଶ ।

B. ଧନ-ସମ୍ପତ୍ତି ମାନବକୁ ମହାନ କରେ ।

C. କର୍ମ ମାନବର ବ୍ୟକ୍ତିତ୍ୱ ଓ ଭାଗ୍ୟ ନିର୍ଣ୍ଣୟ କରେ । ✓

D. ସହର ଜୀବନ ଗ୍ରାମ୍ୟ ଜୀବନଠାରୁ ଭଲ ।

Q8 Odia

"As you sow, so you reap" ର ଅର୍ଥ କଣ ?

A. ଶିକ୍ଷା ଦ୍ୱାରା ମାନବ ସଫଳ ହୁଏ ।

B. ଯେମିତି କର୍ମ କରିବ ସେମିତି ଫଳ ପାଇବ । ✓

C. ଧନୀ ଲୋକ ସବୁବେଳେ ସଫଳ ।

D. ଭାଗ୍ୟ ସବୁକିଛି ନିର୍ଣ୍ଣୟ କରେ ।

Q9 Odia

'ଭାଗବତ' ଅନୁସାରେ ମଣିଷ କାହାକୁ ସାଥିରେ ଘେନି ବୁଲୁଥାଏ ?

A. ପରିବାରକୁ

B. ଟଙ୍କା ପଇସାକୁ

C. ଶିକ୍ଷାକୁ

D. କର୍ମକୁ ✓

Q10 Odia

ଜଣେ ବ୍ୟକ୍ତିକୁ କ'ଣ ଚିରଦିନ ପାଇଁ ବଞ୍ଚାଇ କରି ରଖେ ?

A. ତା'ର ଚାକିରୀ

B. ତା'ର ପାଠଶାଠ

C. ତା'ର ଉତ୍ତମ କର୍ମ ଓ ସମାଜ ସଂସ୍କାର ✓

D. ତା'ର ପରିବାର ପ୍ରତିପୋଷଣ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

ଅନୁଚ୍ଛେଦ ଅନୁଯାୟୀ ମାନବର ମାନଦଣ୍ଡ କାହାଦ୍ୱାରା ନିର୍ଣ୍ଣୟ ହୁଏ ?

A. କର୍ମ ✓

B. ଜାତି

C. ବୟସ

D. ସ୍ଥାନ

Q12 Odia

ଶୁଦ୍ଧ ବାକ୍ୟଟି ଚୟନ କର ।

A. ଉତ୍କଳ ଦୀବସ ଆମ ବିଦ୍ୟାଳୟ ଆନୁକୁଲ୍ୟରେ ପାଳିତ ହୋଇଯାଇଛି ।

B. ଉତ୍କଳ ଦୀବସ ଆମ ବୀଦ୍ୟାଳୟ ଆନୁକୂଲ୍ୟରେ ପାଳିତ ହୋଇଯାଇଛି ।

C. ଉତ୍କଳ ଦିବସ ଆମ ବୀଦ୍ୟାଳୟ ଆନୁକୂଲ୍ୟରେ ପାଳିତ ହୋଇଯାଇଛି ।

D. ଉତ୍କଳ ଦିବସ ଆମ ବିଦ୍ୟାଳୟ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ✓

Q13 Odia

ନିମ୍ନଲିଖିତ ମଧ୍ୟରୁ କେଉଁଟି 'ନିଷେଧାର୍ଥକ ଅବ୍ୟୟ' ଅଟେ ?

A. ନା ✓

B. ଏବଂ

C. କାହିଁକି

D. ଯେହେତୁ

Q14 Odia

"ଢୋକେ ପି' ଦଣ୍ଡେ ଜି "- ଏହି ଲୋକୋକ୍ତିର ଠିକ୍ ଅର୍ଥ କ'ଣ ?

A. ଢୋକେ ପାଣି ପିଇ ବଞ୍ଚିରହିବା

B. ଆରମରେ ଜୀବନ ଯାପନ କରିବା

C. ଅଳ୍ପ ପାଣି ପିଇ ବଞ୍ଚିରହିବା

D. କଷ୍ଟେମଷ୍ଟେ ବଞ୍ଚିରହିବା ✓

Q15 Odia

ଯଦି ମୁଁ ପୁରୀଯାଏ, ତେବେ ମହାପ୍ରସାଦ ଆଣିବି ।- ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ?

A. ସମ୍ଭାବନାସୂଚକ ଅବ୍ୟୟ ✓

B. ସମ୍ବୋଧନସୂଚକ ଅବ୍ୟୟ

C. ପ୍ରଶ୍ନସୂଚକ ଅବ୍ୟୟ

D. ସମ୍ମତିସୂଚକ ଅବ୍ୟୟ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 27 · 31 May 2026 · 9:00 AM - 10:30 AM · Odia (Odia)

Odia

Q1 Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ପରୀକ୍ଷାରେ ବାଳକଟି ___ ହୋଇ ଲେଖିବାରୁ ପରିଣାମ ଭଲ ହେଲା ନାହିଁ । "

A. ନାଚି ନାଚି

B. ବାରମ୍ବାର

C. ତରତର ✓

D. ଟୋପା ଟୋପା

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଓଡିଶୀ ଓଡ଼ିଶାର ପ୍ରସିଦ୍ଧ ନୃତ୍ୟ ରୂପେ ଜଣାଶୁଣା ଅଟେ।

A. The famous dance of Odisha is known as Odissi. ✓

B. The classical dance of Odisha is Bharatanatyam.

C. The folk dance of Odisha is Kathak.

D. The dance of Odisha is Manipuri.

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ପୂଜା କରିବା ପାଇଁ କେହି କାହାକୁ ବାଧ୍ୟ କରିବା ଉଚିତ ନୁହେଁ |

A. No one should force anyone to worship. ✓

B. No one will force anyone to worship.

C. No one has forced anyone to worship.

D. No one should force to worship.

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ପର୍ବପର୍ବାଣି ସମୟରେ ଯାତ୍ରୀ ମାନଙ୍କ ସୁବିଧା ଲାଗି ଅଧିକ ଟ୍ରେନ ଚଳାଚଳର ବ୍ୟବସ୍ଥା କରାଯାଏ ।

A. During festivals, more train services are arranged for the passengers.

B. More train services are arranged for the convenience of passengers.

C. During festivals, many train services are arranged for the convenience of passengers.

D. During festivals, arrangements are made to run more trains for the convenience of passengers. ✓

Q5 Odia

ହେ ଜଗନ୍ନାଥ ! ମୁଁ ତୁମକୁ ଧନ ମାଗୁନାହିଁ - ରେଖାଙ୍କିତ ପଦ କେଉଁ ପ୍ରକାର କ୍ରିୟାପଦ ?

A. ଦେଶଜ କ୍ରିୟା

B. ଦ୍ୱିକର୍ମକ କ୍ରିୟା ✓

C. ନାମଧାତୁ କ୍ରିୟା

D. ପ୍ରଯୋଜକ କ୍ରିୟା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

.'ବସିବା ଠାରୁ କାଶିବା ଭଲ' ଏହି ହିତବାଣୀର ଅର୍ଥ କ'ଣ ?

A. ବସି ଆରାମ କରିବା

B. କିଛି କାମ ନ କରିବା

C. ଅଳସୁଆ ହେବା ଅପେକ୍ଷା କିଛି ନା କିଛି କାମ କରିବାରେ ଉପକାରିତା ଅଛି ✓

D. କାଶିବା

Q7 Odia

ଗୋବିନ୍ଦ ଦଶ ଟଙ୍କା ଦେଇଛି । ଏହି ବାକ୍ୟରେ "ଦଶ' କେଉଁ ପ୍ରକାରର ବିଶେଷଣ ?

A. ଗୁଣବାଚକ ବିଶେଷଣ

B. ପରିମାଣବାଚକ ବିଶେଷଣ

C. ସଂଖ୍ୟାବାଚକ ବିଶେଷଣ ✓

D. ସୂଚନାବାଚକ ବିଶେଷଣ

Q8 Odia

"ଛାତି ଫୁଲେଇ ଚାଲିବା"-ଏହି ରୂଢିର ଠିକ୍ ଅର୍ଥ କ'ଣ ?

A. ଭୟଭୀତ ହେବା

B. ଗର୍ବ ଦେଖାଇବା ✓

C. ଦୁଃଖ ପ୍ରକାଶ କରିବା

D. ଲଜ୍ଜିତ ହେବା

Q9 Odia

'ଅର୍ଦ୍ଧଚନ୍ଦ୍ର ଦେବା' – ରୂଢିଟି ର ସଠିକ୍ ଅର୍ଥ ଲେଖ ।

A. ଗଳା ଧକ୍କା ✓

B. ଗଳାମାଳୀ

C. ଗଳାହାର

D. ଗଳା ଚିପିବା

Q10 Odia

'ଗହ୍ମ ନିଦ' - ରୂଢ଼ିର ଅର୍ଥ ଲେଖ ।

A. ଛାଇ ନିଦ

B. ନିଦ୍ରାହୀନତା

C. ଗାଢ଼ ନିଦ ✓

D. ଅଳ୍ପ ନିଦ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

ପ୍ରଦତ୍ତ ଅନୁଚ୍ଛେଦ ଆଧାରରେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ସଠିକ ଉତ୍ତର ଦିଅ|

ଆମ ପୃଥିବୀର ପ୍ରାକୃତିକ ପରିବେଶ ତଥା ପାରିପାର୍ଶ୍ୱିକ ସନ୍ତୁଳନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ବନ୍ୟପ୍ରାଣୀ ସଂରକ୍ଷଣ ବର୍ତ୍ତମାନ ସମୟର ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଛି। ମାତ୍ର ଦୁର୍ଭାଗ୍ୟବଶତଃ, ଦ୍ରୁତ ଜଙ୍ଗଲ କ୍ଷୟ, ବେଆଇନ ଶିକାର ଏବଂ ବିଶ୍ୱସ୍ତରୀୟ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅନେକ ଦୁର୍ଲଭ ଜୀବଜନ୍ତୁ ଓ ଉଦ୍ଭିଦ ପ୍ରଜାତି ଆଜି ବିଲୁପ୍ତିର ଚରମ ସୀମାରେ ପହଞ୍ଚିଛନ୍ତି। ଏହି ସଙ୍କଟଜନକ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସଂରକ୍ଷିତ ଜୈବମଣ୍ଡଳ ଅଞ୍ଚଳ, ବନ୍ୟପ୍ରାଣୀ ଅଭୟାରଣ୍ୟର ପ୍ରତିଷ୍ଠା ଏବଂ ସରକାରଙ୍କ ଦ୍ୱାରା ପ୍ରଣୀତ କଠୋର ଆଇନଗତ ବ୍ୟବସ୍ଥା ଗଛଲତା ଓ ପ୍ରାଣୀଜଗତକୁ ସୁରକ୍ଷା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ବନ୍ୟପ୍ରାଣୀ ସଂରକ୍ଷଣର ପ୍ରକୃତ ଅର୍ଥ କେବଳ ପ୍ରାଣୀମାନଙ୍କୁ ଆତତାୟୀଙ୍କ କବଳରୁ ରକ୍ଷା କରିବା ନୁହେଁ, ବରଂ ସେମାନଙ୍କ ବଂଶବୃଦ୍ଧି ଓ ସୁରକ୍ଷିତ ଜୀବନ ପାଇଁ ଆବଶ୍ୟକ ହେଉଥିବା ପ୍ରାକୃତିକ ବାସସ୍ଥଳୀ ବା ପରିସଂସ୍ଥାକୁ ବଜାୟ ରଖିବା ମଧ୍ୟ ଅଟେ। ଜୈବ ବିବିଧତାର ଅମୂଲ୍ୟ ଗୁରୁତ୍ୱ ଏବଂ ଏହାର ଉପକାରିତା ବିଷୟରେ ସାଧାରଣ ଜନତା ଓ ସ୍ଥାନୀୟ ସମ୍ପ୍ରଦାୟକୁ ଶିକ୍ଷିତ ତଥା ସଚେତନ କରିବା ଦ୍ୱାରା ପ୍ରକୃତି ପ୍ରତି ଏକ ଦାୟିତ୍ୱବାନ ଆଚରଣ ପ୍ରୋତ୍ସାହିତ ହୋଇପାରିବ। ମନେ ରଖିବାକୁ ହେବ ଯେ, ଏହି ବିଶାଳ ପରିବେଶକୁ ସୁରକ୍ଷିତ ରଖିବା ଦିଗରେ ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷୁଦ୍ରତମ ପ୍ରୟାସ ମଧ୍ୟ ଭବିଷ୍ୟତରେ ଏକ ସୁସ୍ଥ, ସୁନ୍ଦର ଏବଂ ସନ୍ତୁଳିତ ପରିସଂସ୍ଥା ଗଠନ କରିବାରେ ବହୁମୂଲ୍ୟ ଅବଦାନ ଦେଇଥାଏ। ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବଜାତିର ସୁରକ୍ଷା।

ପାରିପାର୍ଶ୍ୱିକ ସନ୍ତୁଳନ ରକ୍ଷା ପାଇଁ କଣ ଗୁରୁତ୍ୱପୂର୍ଣ୍ଣ?

A. ଜଙ୍ଗଲକ୍ଷୟ

B. ଶିକାର କରିବା

C. ବନ୍ୟପ୍ରାଣୀ ସଂରକ୍ଷଣ ✓

D. ଶିଳ୍ପାୟନ

Q12 Odia

କେଉଁ କାରଣ ଯୋଗୁଁ ଅନେକ ପ୍ରଜାତି ବିଲୁପ୍ତ ହେବାକୁ ଯାଉଛନ୍ତି?

A. କଠୋର ନିୟମ

B. ଜଙ୍ଗଲ କ୍ଷୟ, ଶିକାର ଏବଂ ଜଳବାୟୁ ପରିବର୍ତ୍ତନ ✓

C. ଶିକ୍ଷା ଏବଂ ସଚେତନତା

D. ଅଭୟାରଣ୍ୟ ସ୍ଥାପନ

Q13 Odia

ବନ୍ୟପ୍ରାଣୀ ସଂରକ୍ଷଣର ପ୍ରକୃତ ଅର୍ଥ କଣ?

A. କେବଳ ପଶୁଙ୍କୁ ପଞ୍ଜୁରୀରେ ରଖିବା

B. କେବଳ ଗଛ କାଟିବା

C. ପଶୁ ଏବଂ ସେମାନଙ୍କର ବାସସ୍ଥଳୀ ଉଭୟକୁ ସୁରକ୍ଷା ଦେବା ✓

D. କେବଳ ଜଳବାୟୁ ପରିବର୍ତ୍ତନକୁ ରୋକିବା

Q14 Odia

ଜୈବ ବିବିଧତା ଶିକ୍ଷା କିପରି ସାହାଯ୍ୟ କରେ?

A. ଏହା ପ୍ରକୃତି ପ୍ରତି ଦାୟିତ୍ୱବାନ ଆଚରଣକୁ ପ୍ରୋତ୍ସାହିତ କରେ ✓

B. ଏହା ଶିକାରକୁ ବୃଦ୍ଧି କରେ

C. ଏହା ଜଙ୍ଗଲ ନଷ୍ଟ କରିବାରେ ସାହାଯ୍ୟ କରେ

D. ଏହାର କୌଣସି ପ୍ରଭାବ ନାହିଁ

Q15 Odia

ଏକ ସୁସ୍ଥ ପରିସଂସ୍ଥା ପାଇଁ କାହାର ଅବଦାନ ରହିଛି?

A. କେବଳ ସରକାରଙ୍କର

B. କେବଳ ବୈଜ୍ଞାନିକମାନଙ୍କର

C. ପ୍ରତ୍ୟେକ ବ୍ୟକ୍ତିଙ୍କ ଛୋଟ ବଡ଼ ପ୍ରୟାସର ✓

D. କାହାରି ନୁହେଁ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 28 · 01 Jun 2026 · 12:30 PM - 2:00 PM · Odia (Odia)

Odia

Q1 Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ଯେଉଁ ମାନଙ୍କର ନିର୍ଦ୍ଦିଷ୍ଟ ନୀତି ନ ଥାଏ , ସେମାନେ ___ ବିଭିନ୍ନ ଲୋକଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି ।"

A. ଶାନ୍ତିରେ

B. ସହଜରେ ✓

C. ଦୁଃଖରେ

D. ଈର୍ଷାରେ

Q2 Odia

"ଧୂଆଁବାଣ ମାରିବା" ର ଅର୍ଥ?

A. ବଢ଼େଇ କରି କଥା କହିବା ✓

B. ସତ୍ୟ କହିବା

C. ଛଳ କରିବା

D. ବୋକା ବନେଇବା

Q3 Odia

ସଠିକ ତତ୍ସମ ଶବ୍ଦ ବାଛନ୍ତୁ: "ଗାଁ" ର ତତ୍ସମ କଣ?

A. ଗ୍ରାମ ✓

B. ଗ୍ରମ

C. ଗମ୍

D. ଗ୍ରାମୀ

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ମୋହନ ସ୍କୁଲ ଯାଉଛି।

A. Mohan is going to school. ✓

B. Mohan was going to school.

C. Mohan had gone to school.

D. Mohan has gone to school.

Q5 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ପ୍ରତି ମଙ୍ଗଳବାର ଦିନ ତୁମେ ହନୁମାନ ମନ୍ଦିର ଯାଅ କି ?

A. Have you gone to Hanuman Mandir every Tuesday?

B. Do you go to Hanuman Mandir every Tuesday? ✓

C. Will you go to Hanuman Mandir ?

D. Are you going to Hanuman Mandir every Tuesday?

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

କେରଳ ରେ ପ୍ରତିଟି ଘରେ ନଡିଆ ଗଛ ଲାଗିଛି ।

A. In Kerala, every house has a coconut tree. ✓

B. In Kerala, every house had a coconut tree.

C. There are so many coconut trees In Kerala.

D. In Kerala, every house has a tree.

Q7 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ଼। ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ|

ଭାରତରେ ନଦୀଗୁଡ଼ିକର ପରସ୍ପର ସଂଯୋଗୀକରଣ ଏକ ପ୍ରମୁଖ ଜଳ-ପରିଚାଳନା ପଦକ୍ଷେପ | ଏହି ପଦକ୍ଷେପରେ ଉଦ୍‌ବୃତ୍ତ ନଦୀ ଅବବାହିକାରୁ ଅଭାବୀ ନଦୀ ଅବବାହିକାକୁ ଜଳ ସ୍ଥାନାନ୍ତର କରି ଜଳ ଉପଲବ୍ଧତାରେ ଆଞ୍ଚଳିକ ଅସନ୍ତୁଳନକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବନ୍ୟା, ମରୁଡ଼ି ଏବଂ କୃଷି ସ୍ଥାୟୀତ୍ୱ ସମ୍ବନ୍ଧୀୟ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ପାଇଁ ପରିକଳ୍ପିତ, ଏହି ଧାରଣା 19 ଶତାବ୍ଦୀର ହେଲେ ସୁଦ୍ଧା ଏହା ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ଜାତୀୟ ସ୍ୱୀକୃତି ପାଇଲା। 1980 ମସିହାରେ ଆରମ୍ଭ ହୋଇଥିବା ଜାତୀୟ ଦୃଷ୍ଟିକୋଣ ଯୋଜନା (NPP), ଦୁଇଟି ପ୍ରମୁଖ ଉପାଦାନ - ହିମାଳୟ ଏବଂ ଉପଦ୍ୱୀପ ନଦୀ ପ୍ରଣାଳୀକୁ ନେଇ ଏକ ବ୍ୟାପକ ନଦୀ ସଂଯୋଗୀକରଣ ରଣନୀତିର ମୂଳଦୁଆ ସ୍ଥାପନ କରିଥିଲା। ଏହି ଦୃଷ୍ଟିକୋଣ ଅଧୀନରେ, 30 ରୁ ଅଧିକ ନଦୀ ସଂଯୋଗ ପ୍ରକଳ୍ପ ଚିହ୍ନଟ କରାଯାଇଥିଲା, ଯେଉଁଥିରେ କେନ୍-ବେତୱା ଲିଙ୍କ୍, ଗଙ୍ଗା-କାବେରୀ ଲିଙ୍କ୍ ଏବଂ ପାର-ତାପି-ନର୍ମଦା ଲିଙ୍କ୍ ଭଳି ଜଣାଶୁଣା ପ୍ରସ୍ତାବ ଅନ୍ତର୍ଭୁକ୍ତ। ଏହାର ଉଦ୍ଦେଶ୍ୟ ହେଉଛି ଏକ ସଂଯୁକ୍ତ ଜଳ ନେଟୱାର୍କ ସୃଷ୍ଟି କରିବା ଯାହା ଅତିରିକ୍ତ ମୌସୁମୀ ଜଳକୁ ମରୁଡ଼ି ପ୍ରବଣ ଅଞ୍ଚଳକୁ ଫେରାଇପାରିବ, ଜଳସେଚନକୁ ବୃଦ୍ଧି କରିପାରିବ, ପାନୀୟ ଜଳ ଯୋଗାଣକୁ ବୃଦ୍ଧି କରିପାରିବ, ଆଭ୍ୟନ୍ତରୀଣ ଜଳ ପରିବହନକୁ ଉନ୍ନତ କରିପାରିବ ଏବଂ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ ବୃଦ୍ଧି କରିପାରିବ।

ସମ୍ପ୍ରତି ଅନୁମୋଦିତ କେନ୍-ବେତୱା ପ୍ରକଳ୍ପକୁ ଜାତୀୟ ଆନ୍ତଃସଂଯୋଗ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଦିଗରେ ପ୍ରଥମ ପ୍ରମୁଖ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଯଦି ସଫଳତାର ସହ କାର୍ଯ୍ୟକାରୀ ହୁଏ, ତେବେ ଏହା ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶର ଅଞ୍ଚଳଗୁଡ଼ିକୁ ଜଳସେଚନ, ପାନୀୟ ଜଳ ଏବଂ ବିଦ୍ୟୁତ୍ ଯୋଗାଣ ମାଧ୍ୟମରେ ଲାଭଦାୟକ ହେବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପର ସମର୍ଥକମାନେ ଯୁକ୍ତି ଦିଅନ୍ତି ଯେ ଏହା ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବ, ଜଳବାୟୁ-ପ୍ରବର୍ତ୍ତିତ ପାଣିପାଗ ଚରମ ପ୍ରଭାବକୁ ହ୍ରାସ କରିବ, ଗ୍ରାମାଞ୍ଚଳ ଜୀବିକାକୁ ସମର୍ଥନ କରିବ ଏବଂ ଆଞ୍ଚଳିକ ଆର୍ଥିକ ବିକାଶରେ ଯୋଗଦାନ ଦେବ। ପରିବେଶବିତ୍ମାନେ ଚେତାବନୀ ଦେଇଛନ୍ତି ଯେ ନଦୀଗୁଡ଼ିକର ପରିବର୍ତ୍ତନ ନଦୀ ପରିସଂସ୍ଥା, ବନ୍ୟପ୍ରାଣୀ ବାସସ୍ଥାନ ଏବଂ ପ୍ରାକୃତିକ ପ୍ରବାହ ଢାଞ୍ଚାକୁ ପ୍ରଭାବିତ କରିପାରେ। ସମ୍ପ୍ରଦାୟର ବିସ୍ଥାପନ, ଆନ୍ତଃରାଜ୍ୟ ଜଳ ବିବାଦ, ଉଚ୍ଚ ଆର୍ଥିକ ଖର୍ଚ୍ଚ ଏବଂ ଏହି ପ୍ରକଳ୍ପଗୁଡିକର ଦୀର୍ଘକାଳୀନ ଅବଧି ଉପରେ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ସମାଲୋଚକମାନେ ସତର୍କତାର ସହିତ ମୂଲ୍ୟାଙ୍କନ, ଦୃଢ଼ ପରିବେଶଗତ ସୁରକ୍ଷା ଏବଂ ଜଳଛାୟା ବିକାଶ, ବର୍ଷାଜଳ ଅମଳ ଏବଂ ସ୍ଥାନୀୟ ଜଳସଂଗ୍ରହର ପୁନରୁଦ୍ଧାର ଭଳି ବିକଳ୍ପ ଜଳ-ସଂରକ୍ଷଣ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରନ୍ତି ।

ନଦୀ ସଂଯୋଗୀକରଣ ପାଇଁ ଜାତୀୟ ଦୃଷ୍ଟିକୋଣ ଯୋଜନା କେବେ ଆରମ୍ଭ ହୋଇଥିଲା ?

A. 1950

B. 1960

C. 1980 ✓

D. 2000

Q8 Odia

କେଉଁଟି ପ୍ରଥମ ଅନୁମୋଦିତ ପ୍ରମୁଖ ନଦୀ ସଂଯୋଗ ପ୍ରକଳ୍ପ?

A. ଗଙ୍ଗା-କାବେରୀ

B. କେନ୍-ବେତୱା ✓

C. କୃଷ୍ଣ-ଗୋଦାବରୀ

D. ମହାନଦୀ-ଗୋଦାବରୀ

Q9 Odia

ନଦୀ ସଂଯୋଗୀକରଣ ମୁଖ୍ୟ ଲକ୍ଷ୍ୟ ହେଉଛି _____.

A. ପର୍ଯ୍ୟଟନ ବୃଦ୍ଧି

B. ଉଦ୍‌ବୃତ୍ତ ଠାରୁ ଅଭାବୀ ଅବବାହିକାକୁ ଜଳ ସ୍ଥାନାନ୍ତର କରିବା ✓

C. ଅଧିକ ବନ୍ଧ ନିର୍ମାଣ

D. ପରିବହନ ଖର୍ଚ୍ଚ ହ୍ରାସ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

ନଦୀ ସଂଯୋଗୀକରଣ ସହିତ ଜଡିତ ନିମ୍ନଲିଖିତ ମଧ୍ୟରୁ କେଉଁଟି ଚିନ୍ତାର ବିଷୟ?

A. ପରିବେଶଗତ ବିଭ୍ରାଟ

B. ଭାରୀ ଆର୍ଥିକ ଖର୍ଚ୍ଚ

C. ଲୋକଙ୍କ ସମ୍ଭାବ୍ୟ ବିସ୍ଥାପନ

D. ଉପରୋକ୍ତ ସମସ୍ତ ✓

Q11 Odia

ନଦୀଗୁଡ଼ିକର ପରସ୍ପର ସଂଯୋଗୀକରଣ ମୁଖ୍ୟତଃ କଣ ପାଇଁ ଲାଭଦାୟକ ହେବ ବୋଲି ଆଶା କରାଯାଉଛି?

A. କୃଷି ଏବଂ ଜଳ ଯୋଗାଣ ✓

B. ପର୍ଯ୍ୟଟନ ଶିଳ୍ପ

C. ଖଣି କ୍ଷେତ୍ର

D. ବିମାନ ପରିବହନ

Q12 Odia

ମିଶିଯାଏ ଯଥା ପ୍ରଭାତୀ ତାରା ରବି କିରଣ - କେଉଁ ପଦଟି ସାଦୃଶ୍ୟବୋଧକ ଅବ୍ୟୟ ।

A. ମିଶିଯାଏ

B. ପ୍ରଭାତୀ

C. ତାରା

D. ଯଥା ✓

Q13 Odia

“ସ୍ୱକୀୟ” ର ବିପରୀତ ଶବ୍ଦ ଲେଖ ।

A. ମର୍ତ୍ତ୍ୟ

B. ରୁକ୍ଷ

C. ପରକୀୟ ✓

D. ଅକ୍ଷତ

Q14 Odia

ସଠିକ୍ ବନାନ ଥିବା ବାକ୍ୟଟି ଚିହ୍ନଟ କର ।

A. ସେ ଯଣେ କୃତବିଦ୍ୟା ବ୍ୟକ୍ତି ।

B. ସେ ଜଣେ କୃତବିଦ୍ୟ ବ୍ୟକ୍ତି । ✓

C. ସେ ଯଣେ କୃତିବିଦ୍ୟ ବ୍ୟକ୍ତି ।

D. ସେ ଜଣେ କୃତବିଦ୍ଧ ବ୍ୟକ୍ତି ।

Q15 Odia

"ପକ୍ଷୀଟି ଉପରକୁ ଉଡ଼ିଗଲା।" ଏଠାରେ 'ଉପରକୁ' କି ପ୍ରକାର କ୍ରିୟା ବିଶେଷଣ?

A. କାଳବାଚକ

B. ସ୍ଥାନବାଚକ ✓

C. ଗୁଣବାଚକ

D. ପରିମାଣବାଚକ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 29 · 01 Jun 2026 · 4:00 PM - 5:30 PM · Odia (Odia)

Odia

Q1 Odia

ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

" ରୋଗ କାରଣରୁ ତାଙ୍କର ଶରୀର ___ ହୋଇପଡୁଛି ।"

- **A.** ଶକ୍ତିଶାଳୀ
- **B.** କ୍ଷୀଣ ✓
- **C.** ଶକ୍ତିବାନ
- **D.** ଶକ୍ତିମୟ

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ହରପ୍ପା ସଭ୍ୟତା ସିନ୍ଧୁ ନଦୀ ନିକଟରେ ସ୍ଥିତ ଥିଲା ।

- **A.** The Harappan civilization was located near the Indus River. ✓
- **B.** Harappa civilization locate beside Indus rivers.
- **C.** The Harappan civilization were near by the river Indus.
- **D.** Harappa civilization was located at near Indus River.

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଡିପ୍ ଲର୍ଣ୍ଣିଙ୍ଗ ଏକ ମେସିନ ଲର୍ଣ୍ଣିଙ୍ଗର ଅତ୍ୟାଧୁନିକ ପ୍ରକାର ଯାହା ଜଟିଳ ସମସ୍ୟାଗୁଡିକ ପାଇଁ ବ୍ୟବହାର ହୁଏ ।

- **A.** Deep learning is an advanced type of machine learning used for complex problems. ✓
- **B.** Deep learning is a advance type of machine learning used for complex problem.
- **C.** Deep learning is an advanced type of machine learnings used for complex problems.
- **D.** Deep learning is advanced type of machine learning use for complex problems.

Q4 Odia

ସଠିକ ତଦ୍ଭବ ଶବ୍ଦ ବାଛନ୍ତୁ: “ଶିରା” ର ତଦ୍ଭବ କଣ?

- **A.** ସିରା ✓
- **B.** ଛିରା
- **C.** ଥିରା
- **D.** ସିରି

Q5 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ ।

ସୁର

- **A.** ଅସୁର
- **B.** ଦୈତ୍ୟ
- **C.** ଦେବତା ✓
- **D.** ଦାନବ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମେ ଅଗଷ୍ଟ 20 ତାରିଖ ଦିନ ମୋ ମା ର ଜନ୍ମଦିନ ପାଳନ କରିବୁ ।

A. We will celebrate my mother's birthday .

B. We will celebrate my mother's birthday on 20th August. ✓

C. We have celebrated my mother's birthday on August 20th.

D. My mother's birthday is on August 20th.

Q7 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ତାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଭାରତ ସରକାର 8 ନଭେମ୍ବର 2016 ରେ, 500 ଟଙ୍କା ଏବଂ 1,000 ଟଙ୍କାର ନୋଟକୁ ବିମୁଦ୍ରୀକରଣ ଘୋଷଣା କରିଥିଲେ | ସେହି ଦିନ ମଧ୍ୟରାତ୍ରିରୁ ସବୁ ପ୍ରକାରର ନେଣଦେଣ ବା କାରବାର ପାଇଁ ସେଗୁଡ଼ିକୁ ଅବୈଧ ଘୋଷଣା କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଏକ ଟେଲିଭିଜନ ସମ୍ବୋଧନରେ ଏହି ନିଷ୍ପତ୍ତି ଘୋଷଣା କରିଥିଲେ। ଏହି ଐତିହାସିକ ପଦକ୍ଷେପ ପଛରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା କଳାଧନ ଦୂର କରିବା, ଦୁର୍ନୀତି ହ୍ରାସ କରିବା, ନକଲି ଟଙ୍କା ହଟାଇବା ଏବଂ ଡିଜିଟାଲ୍ ପେମେଣ୍ଟକୁ ଉତ୍ସାହିତ କରିବା। ଲୋକମାନଙ୍କୁ ସୀମିତ ସମୟ ମଧ୍ୟରେ ବ୍ୟାଙ୍କରେ ସେମାନଙ୍କର ପୁରୁଣା ନୋଟ ଜମା କରିବାକୁ କିମ୍ବା ନୂତନ ମୂଲ୍ୟ ପାଇଁ ବଦଳାଇବାକୁ ଅନୁମତି ଦିଆଯାଇଥିଲା । ସରକାର ବିମୁଦ୍ରୀକରଣ ପରେ ନୂତନ 500 ଟଙ୍କା ଏବଂ 2,000 ଟଙ୍କା ନୋଟ୍ ମଧ୍ୟ ପ୍ରଚଳନ କରିଥିଲେ।

ବିମୁଦ୍ରୀକରଣ ଭାରତୀୟ ଅର୍ଥନୀତି ଏବଂ ସମାଜ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥିଲା। ଅତି ଅଳ୍ପ ସମୟ ମଧ୍ୟରେ , ଲୋକଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଯାଇଥିଲା | ବିମୁଦ୍ରୀକରଣ, ବ୍ୟାଙ୍କ ଏବଂ ଏଟିଏମ୍ ବାହାରେ ନଗଦ ଅଭାବ ଏବଂ ଲମ୍ବା ଧାଡ଼ି ସୃଷ୍ଟି କରିଥିଲା, କାରଣ ଭାରତରେ ଅଧିକାଂଶ ଦୈନିକ କାରବାର ନଗଦ ଉପରେ ହିଁ ନିର୍ଭରଶୀଳ ଥିଲା। ନଗଦ ର ଅଭାବରୁ ଅନେକ ଛୋଟ ଛୋଟ ବ୍ୟବସାୟ ଏବଂ ଗ୍ରାମାଞ୍ଚଳର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତଥାପି, ଏହି ପଦକ୍ଷେପ ଡିଜିଟାଲ୍ କାରବାର ଏବଂ ଅନଲାଇନ୍ ପେମେଣ୍ଟରେ ମଧ୍ୟ ତୀବ୍ର ବୃଦ୍ଧି ଆଣିଥିଲା, କାରଣ ଏହାପରେ ଲୋକମାନେ ସେମାନଙ୍କର ନେଣଦେଣ କାରବାର ପାଇଁ ଅଧିକ ମାତ୍ରାରେ ଇଲେକ୍ଟ୍ରୋନିକ୍ ପଦ୍ଧତି ବ୍ୟବହାର କରିବା ଆରମ୍ଭ କରିଥିଲେ।

ବିମୁଦ୍ରାକରଣର ସମର୍ଥକମାନେ ଏହାକୁ ଆର୍ଥିକ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ଆଣିବା ପାଇଁ ଏକ ସାହସିକ ଏବଂ ଆବଶ୍ୟକୀୟ ସଂସ୍କାର ଭାବରେ ଦେଖିଥିବା ବେଳେ ଅନ୍ୟପକ୍ଷରେ, ସମାଲୋଚକମାନେ ଯୁକ୍ତି ଦେଇଥିଲେ ଯେ ଏହା ସାଧାରଣ ନାଗରିକଙ୍କ ପାଇଁ ଅସୁବିଧା ସୃଷ୍ଟି କରିଥିଲା ଏବଂ କଳାଧନ ହ୍ରାସ କରିବାରେ ଏହାର ପ୍ରଭାବ ଉପରେ ପ୍ରଶ୍ନ ଉଠାଇଥିଲେ। ଲୋକମାନଙ୍କ ମଧ୍ୟରେ ତନାଘନା ଆଲୋଚନା ସହ ମିଶ୍ରିତ ପ୍ରତିକ୍ରିୟା ସତ୍ତ୍ୱେ, ବିମୁଦ୍ରାକରଣ ଭାରତର ସାମ୍ପ୍ରତିକ ଇତିହାସରେ ସବୁଠାରୁ ଚର୍ଚ୍ଚିତ ଏବଂ ପ୍ରଭାବଶାଳୀ ଅର୍ଥନୈତିକ ନିଷ୍ପତ୍ତି ମଧ୍ୟରୁ ଗୋଟିଏ ଅଟେ ।

ଭାରତରେ କେବେ ବିମୁଦ୍ରାକରଣ ଘୋଷଣା କରାଯାଇଥିଲା?

A. ଅକ୍ଟୋବର 8, 2015

B. ନଭେମ୍ବର 8, 2016 ✓

C. ଡିସେମ୍ବର 8, 2016

D. ଜାନୁଆରୀ 8, 2017

Q8 Odia

2016 ରେ କେତେ ମୂଲ୍ୟର ନୋଟ ଗୁଡ଼ିକୁ ବିମୁଦ୍ରାକରଣ କରାଯାଇଥିଲା?

A. 100 ଏବଂ 500 ଟଙ୍କିଆ ନୋଟ

B. 500 ଏବଂ1,000 ଟଙ୍କିଆ ନୋଟ ✓

C. 200 ଏବଂ 2,000 ଟଙ୍କିଆ ନୋଟ

D. 50 ଏବଂ 100 ଟଙ୍କିଆ ନୋଟ

Q9 Odia

ବିମୁଦ୍ରାକରଣ ନୀତି କିଏ ଘୋଷଣା କରିଥିଲେ?

A. ନିର୍ମଳା ସୀତାରମଣ

B. ଡକ୍ଟର ମନମୋହନ ସିଂହ

C. ନରେନ୍ଦ୍ର ମୋଦି ✓

D. ଅରୁଣ ଜେଟଲୀ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

ବିମୁଦ୍ରାକରଣ ପରେ କେଉଁ ନୂତନ ନୋଟ ପ୍ରଚଳନ କରାଯାଇଥିଲା?

A. 1,000 ଟଙ୍କା

B. 2,000 ଟଙ୍କା ✓

C. 5,000 ଟଙ୍କା

D. 10,000 ଟଙ୍କା

Q11 Odia

ବିମୁଦ୍ରାକରଣର ଏକ ପ୍ରମୁଖ କ୍ଷଣସ୍ଥାୟୀ ପ୍ରଭାବ କ'ଣ ଥିଲା?

A. ନଗଦ ଯୋଗାଣରେ ବୃଦ୍ଧି

B. ନଗଦ ଅଭାବ ଏବଂ ଲମ୍ବା ଧାଡ଼ି ✓

C. ଅନଲାଇନ୍ ପେମେଣ୍ଟ ଉପରେ ରୋକ

D. ଡିଜିଟାଲ୍ କାରବାରରେ ହ୍ରାସ

Q12 Odia

ବିଧାନସଭାରେ <u>ଶହେ ସତଚାଳିଶ</u> ବିଧାୟକ ଅଛନ୍ତି, ରେଖାଙ୍କିତ ଶବ୍ଦଟି କେଉଁ ପ୍ରକାରର ବିଶେଷଣ ?

A. ଅବସ୍ଥା ବାଚକ ବିଶେଷଣ

B. ସଂଖ୍ୟା ବାଚକ ବିଶେଷଣ ✓

C. ଗୁଣବାଚକ ବିଶେଷଣ

D. ଜାତି ବାଚକ ବିଶେଷଣ

Q13 Odia

"ତିରସ୍କାର" ର ବିପରୀତ ଶବ୍ଦ ଚୟନ କର ।

A. ପୁରସ୍କାର ✓

B. ପାପିଷ୍ଠ

C. ପ୍ରତ୍ୟକ୍ଷ

D. ଅଧୈର୍ଯ୍ୟ

Q14 Odia

"ଆଉ ଦିନେ ଅପେକ୍ଷା କର,କାଳେ କିଛି ଖବର ଆସିବ । " ଏହି ବାକ୍ୟରେ ସମ୍ଭାବନାସୂଚକ ଅବ୍ୟୟ କେଉଁଟି ?

A. ଆଉ

B. ଦିନେ

C. କାଳେ ✓

D. ଖବର

Q15 Odia

ନିମ୍ନୋକ୍ତ ଶବ୍ଦଗୁଡିକ ମଧ୍ୟରୁ ତଦ୍ଭବ ଶବ୍ଦଟିକୁ ଚିହ୍ନଟ କର ?

A. କାନ୍ଧ ✓

B. ସ୍କନ୍ଧ

C. ମୃଗ

D. ଦଧି

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 30 · 01 Jun 2026 · 9:00 AM - 10:30 AM · Odia (Odia)

Odia

Q1 Odia

ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର।

"ପାଞ୍ଚ ପାଣ୍ଡବଙ୍କ ମଧ୍ୟରେ ସହଦେବ ___ ପାଣ୍ଡବ ଅଟନ୍ତି।"

A. ପାଞ୍ଚ

B. ପାଞ୍ଚୋଟି

C. ପଞ୍ଚତର

D. ପଞ୍ଚମ ✓

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ସଂସଦ ଦୁଇଟି ଗୃହଗୁଡିକ ନେଇ ଗଠିତ।

A. The Parliament consists of two houses. ✓

B. The Parliament has three chambers.

C. The Parliament meets once a year.

D. The Parliament is controlled by the judiciary.

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ମେସିନ ଲର୍ଣ୍ଣିଙ୍ଗ ଆଲଗରିଦମ ସ୍ୱାୟତ୍ତ ଭାବରେ ପ୍ରଦତ୍ତ ଇନପୁଟ ଡାଟା ଆଧାରରେ ପୂର୍ବକଥନ ପ୍ରଦାନ କରେ ।

A. Machine learning algorithms make accurate predictions based on provided input data automatically. ✓

B. Machine learning algorithms makes accurate predictions based on input data automatically.

C. Machine learning algorithms make accurate prediction based on input data automatically.

D. Machine learning algorithm make accurate predictions based on provided input data automatically.

Q4 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ ।
ସୁମନ

A. ପୁଷ୍ପ ✓

B. ଗୋଲାପ

C. ପଦ୍ମ

D. କଇଁ

Q5 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ ।
ପଶୁରାଜ

A. ଅଶ୍ୱ

B. ହସ୍ତୀ

C. ସିଂହ ✓

D. ଭାଲୁ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

"ଦାନ ଉପରେ ଦକ୍ଷିଣା' – ଏହି ରୂଢିଟିର ଅର୍ଥ ଚିହ୍ନଟ କର ।

A. କ୍ଷତି ପରେ କ୍ଷତି ✓

B. ଏକଜିଦିଆ

C. ସ୍ୱଳ୍ପକାଳ ପାଇଁ କ୍ଷମତା ପ୍ରାପ୍ତି

D. ଅସମ୍ଭବ ମଧ୍ୟ ସମ୍ଭବ ହେବା

Q7 Odia

ଚୋରଟି ବନ୍ଦୀଶାଳାରୁ ଖସି ପଳାଇଲା ।
ଏହି ବାକ୍ୟର ଇଂରାଜୀ ଅନୁବାଦ ଟି କୁ ବାଛ।

A. The thief broke away from the prison. ✓

B. The thief broke away to the prison.

C. The thief had broked away from the prison.

D. The thief run away from the prison.

Q8 Odia

କର୍ତ୍ତା ନିଜେ କାର୍ଯ୍ୟ ନକରି ଅନ୍ୟ ଦ୍ୱାରା କରାଇଲେ, ତାକୁ କେଉଁ କ୍ରିୟା କୁହାଯାଏ?

A. ମୌଳିକ କ୍ରିୟା

B. ପ୍ରେରଣାର୍ଥକ କ୍ରିୟା ✓

C. ସକର୍ମକ କ୍ରିୟା

D. ନାମଧାତୁ କ୍ରିୟା

Q9 Odia

ନିମ୍ନୋକ୍ତ ଶବ୍ଦଗୁଡ଼ିକ ମଧ୍ୟରୁ 'ଆମିଷ' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦଟି ନିରୂପଣ କର।

A. ନିରାମିଷ ✓

B. ସାଧା

C. ନିରାଶା

D. ଅନିଚ୍ଛା

Q10 Odia

ତୁମେ କେମିତି ନଈ ପାର ହେଲ?- ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ?

A. ଭାବସୂଚକ ଅବ୍ୟୟ

B. ସମ୍ବୋଧନ ଅବ୍ୟୟ

C. ପ୍ରଶ୍ନସୂଚକ ଅବ୍ୟୟ ✓

D. ସମ୍ମତିସୂଚକ ଅବ୍ୟୟ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

ପ୍ରଦତ୍ତ ଅନୁଚ୍ଛେଦ ଆଧାରରେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ସଠିକ ଉତ୍ତର ଦିଅ|

ଜଣେ ଛାତ୍ର ପାଇଁ ସମୟ ହେଉଛି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଅମୂଲ୍ୟ ସମ୍ପଦ। କିନ୍ତୁ ବିଶ୍ୱାସ କରାଯାଏ ଯେ, ଆଧୁନିକ ଯୁଗର ବିଭିନ୍ନ ପ୍ରକାରର ବିଭ୍ରାନ୍ତି ଏବଂ ଅନ୍ୟମନସ୍କତା କାରଣରୁ ଏହି ଅମୂଲ୍ୟ ସମୟ ପ୍ରାୟତଃ ଅଜ୍ଞାତରେ ନଷ୍ଟ ହୋଇଯାଇଥାଏ। ସଫଳ ସମୟ ପରିଚାଳନା କେବଳ ପାଠପଢ଼ାରେ ନୁହେଁ, ବରଂ ଜୀବନର ପ୍ରତିଟି କ୍ଷେତ୍ରରେ ଛାତ୍ରମାନଙ୍କୁ ସେମାନଙ୍କର ନିର୍ଦ୍ଧାରିତ କାର୍ଯ୍ୟଗୁଡ଼ିକୁ ଦକ୍ଷତାର ସହ ସମାପ୍ତ କରିବାରେ ସାହାଯ୍ୟ କରେ। ଏହା ଦ୍ୱାରା ଅନାବଶ୍ୟକ ମାନସିକ ଚାପ ହ୍ରାସ ପାଇବା ସହ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ସୁଦୃଢ଼ ମୂଳଦୁଆ ପ୍ରସ୍ତୁତ ହୁଏ। ନିଜ ଦିନଚର୍ଯ୍ୟାର ସଠିକ୍ ଯୋଜନା କରିବା, କାର୍ଯ୍ୟଗୁଡ଼ିକ ମଧ୍ୟରେ ପ୍ରାଥମିକତା ସ୍ଥିର କରିବା ଏବଂ ସର୍ବୋପରି କାମକୁ ଗଡ଼ାଇ ରଖିବା ବା ଆଳସ୍ୟ ପରିହାର କରିବା ହେଉଛି ସମୟ ପରିଚାଳନାର ମୁଖ୍ୟ ମନ୍ତ୍ର। ଏହାବ୍ୟତୀତ, ଠିକ୍ ଭାବରେ ସମୟର ବିନିଯୋଗ କଲେ ଛାତ୍ରଙ୍କ ମଧ୍ୟରେ ଆତ୍ମ-ଅନୁଶାସନ ଏବଂ ଉତ୍ତରଦାୟିତ୍ୱ ଭଳି ଗୁରୁତ୍ୱପୂର୍ଣ୍ଣ ଗୁଣାବଳୀର ବିକାଶ ଘଟିଥାଏ। ଯେଉଁ ଛାତ୍ରମାନେ ନିଜ ସମୟକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାର କଳା ଶିଖିଯାଆନ୍ତି, ସେମାନେ ନିଜର ପାଠପଢ଼ା, ନିଜର ସଉକ ବା ରୁଚି ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ଏକ ସୁନ୍ଦର ସନ୍ତୁଳନ ବଜାୟ ରଖିବାକୁ ସମର୍ଥ ହୁଅନ୍ତି। ପରିଶେଷରେ, ଏହି ସନ୍ତୁଳିତ ଜୀବନଶୈଳୀ ହିଁ ସେମାନଙ୍କୁ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶ ଏବଂ ଜୀବନର ଚୂଡ଼ାନ୍ତ ସଫଳତା ଆଡ଼କୁ ଅଗ୍ରସର କରାଇଥାଏ। ସମୟର ସଦୁପଯୋଗ ହିଁ ସଫଳତାର ଏକମାତ୍ର ଶିଢ଼ି।

ଅନୁଚ୍ଛେଦ ଅନୁଯାୟୀ, ଜଣେ ଛାତ୍ର ପାଇଁ ସବୁଠାରୁ ମୂଲ୍ୟବାନ ସମ୍ପଦ କଣ?

A. ଟଙ୍କା

B. ସମୟ ✓

C. ମୋବାଇଲ୍ ଫୋନ୍

D. ପୁସ୍ତକ

Q12 Odia

ସଫଳ ସମୟ ପରିଚାଳନା କିପରି ସାହାଯ୍ୟ କରେ?

A. ଚାପ ବଢ଼ାଇବାରେ

B. ସମୟ ନଷ୍ଟ କରିବାରେ

C. କାର୍ଯ୍ୟ ଦକ୍ଷତାର ସହ ସାରିବା ଏବଂ ଚାପ ହ୍ରାସ କରିବାରେ ✓

D. କେବଳ ଖେଳକୁଦରେ

Q13 Odia

ସମୟ ପରିଚାଳନା ପାଇଁ ମୁଖ୍ୟ କୌଶଳଗୁଡ଼ିକ କଣ?

A. ଦିନର ଯୋଜନା କରିବା ଏବଂ ପ୍ରାଥମିକତା ସ୍ଥିର କରିବା ✓

B. କାମକୁ ପରଦିନ ପାଇଁ ଗଡ଼ାଇବା

C. ବିଭ୍ରାନ୍ତିରେ ସମୟ ବିତାଇବା

D. କୌଣସି ଯୋଜନା ନକରିବା

Q14 Odia

ସମୟ ପରିଚାଳନା କେଉଁ ଗୁଣକୁ ପ୍ରୋତ୍ସାହିତ କରିଥାଏ?

A. ଅସନ୍ତୋଷ

B. ଦାୟିତ୍ୱହୀନତା

C. ଆତ୍ମ-ଅନୁଶାସନ ଏବଂ ଦାୟିତ୍ୱବୋଧ ✓

D. ଅଳସୁଆମି

Q15 Odia

ସମୟକୁ ଭଲ ଭାବରେ ପରିଚାଳନା କରୁଥିବା ଛାତ୍ରମାନେ କଣ କରିପାରନ୍ତି?

A. କେବଳ ପାଠ ପଢ଼ିପାରନ୍ତି

B. ପାଠପଢ଼ା, ସଉକ ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରନ୍ତି ✓

C. ଶାରୀରିକ ବ୍ୟାୟାମ ପାଇଁ ସମୟ ପାଆନ୍ତି ନାହିଁ

D. କେବଳ ମନୋରଞ୍ଜନରେ ସମୟ ବିତାନ୍ତି

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 31 · 02 Jun 2026 · 12:30 PM - 2:00 PM · Odia (Odia)

Odia

Q1 Odia

ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

" ସମ୍ବାଦପତ୍ର ହେଉଛି ଗଣତନ୍ତ୍ରର ___ ସ୍ତମ୍ଭ ।"

A. ପଞ୍ଚମ

B. ଷଷ୍ଠ

C. ସପ୍ତମ

D. ଚତୁର୍ଥ ✓

Q2 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ
ଫୁଲଗୁଡ଼ିକ ବହୁତ "ସୁନ୍ଦର" ଅଟନ୍ତି।

A. ଖରାପ ✓

B. ଦୀର୍ଘ

C. ଗରିବ

D. ନୂତନ

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଇସ୍ରୋ ଭାରତର ମହାକାଶୀୟ ଅନୁସନ୍ଧାନ ସଂସ୍ଥା ଅଟେ ।

A. ISRO is India’s space research organization. ✓

B. ISRO is an American company.

C. ISRO controls Indian railways.

D. ISRO is a weather forecasting agency.

Q4 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠାତା ଥିଲେ ।

A. Chandragupta Maurya was the founder of the Mauryan Empire. ✓

B. Chandragupta Maurya were founder for Mauryan empire.

C. The Chandragupta is founding Mauryan Empire.

D. Chandragupta Maurya be the found of Empire.

Q5 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Deforestation leads to soil erosion and loss of wildlife habitat.

A. ନିର୍ବନୀକରଣ କାରଣରୁ ମୃତ୍ତିକା କ୍ଷୟ ଏବଂ ବନ୍ୟଜୀବନସ୍ଥଳୀ କ୍ଷୟ ହୋଇଯାଏ। ✓

B. ବନକାଟ ମାଟି ଭାସି ଏବଂ ପ୍ରାଣୀ ଆବାସ ହାନି ଘଟିଲା।

C. ବନକାଟ ମାଟିକୁ ଭାସାଇ ଏବଂ ପ୍ରାଣୀ ଆବାସ ହାନି ହେଲା।

D. ବନକାଟ ମାଟି ଭାସାଇ ଏବଂ ପ୍ରାଣୀ ଆବାସ ହାନି ହୁଏ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ ।
ଆନନ୍ଦ

A. ପ୍ରଫୁଲ୍ଲ ✓

B. ବିଷାଦ

C. ନୃତ୍ୟ

D. ସଙ୍ଗୀତ

Q7 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ଼ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ତାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଭାରତୀୟ ସିନେମାର ସବୁଠାରୁ ପ୍ରିୟ ହାସ୍ୟ ଅଭିନେତା ଗୋବର୍ଦ୍ଧନ ଆସରାନି, ଆସରାନି ନାମରେ ବେଶ ଲୋକପ୍ରିୟ ଅର୍ଜନ କରିଥିଲେ । ସେ ଜାନୁଆରୀ 1, 1941 ରେ ରାଜସ୍ଥାନର ଜୟପୁରରେ ଜନ୍ମଗ୍ରହଣ କରିଥିଲେ | ଦୀର୍ଘ ଦଶନ୍ଧି ଧରି ହାସ୍ୟ ଭୂମିକା କୁ ନିଖୁଣ ଭାବେ ନିଭାଇ ଦର୍ଶକଙ୍କୁ ହସାଇବାର ତାଙ୍କର ଅନନ୍ୟ କ୍ଷମତା ମାଧ୍ୟମରେ ସେ ଘରେ ଘରେ ପରିଚିତ ହୋଇଥିଲେ।

ଚଳଚ୍ଚିତ୍ର ଜଗତରେ ପାଦ ଦେବା ଲାଗି ସେ ପୁଣେର ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (FTII) ରେ ଅଭିନୟରେ ତାଲିମ ନେଇଥିଲେ। ତାଙ୍କର ପ୍ରଥମ ପ୍ରଦର୍ଶନ 1960 ଦଶକର ଶେଷ ଭାଗରେ ହୋଇଥିଲା, କିନ୍ତୁ 1970 ଦଶକରେ ସେ ଷ୍ଟାରଡମ ହାସଲ କରିଥିଲେ । ହୃଷୀକେଶ ମୁଖାର୍ଜୀ ଏବଂ ରାଜ କପୁରଙ୍କ ପରି ପ୍ରସିଦ୍ଧ ନିର୍ଦ୍ଦେଶକଙ୍କ ସହ କାମ କରିବାରୁ ତାଙ୍କୁ ଅନେକ ପ୍ରକାରର ହାସ୍ୟରସ ଅଭିନୟର ପ୍ରଦର୍ଶନ କରିବାରେ ସାହାଯ୍ୟ ମିଳିଥିଲା ।

1975 ମସିହାର ବ୍ଲକବଷ୍ଟର ଫିଲ୍ମ "ଶୋଲେ"ରେ ଆସରାନିଙ୍କ ସବୁଠାରୁ ପ୍ରସିଦ୍ଧ ଭୂମିକା ଥିଲା, ଯେଉଁଠାରେ ସେ ବ୍ରିଟିଶ ଅଧିକାରୀମାନଙ୍କୁ ବ୍ୟଙ୍ଗ କରି ଏକ ଅଦ୍ଭୁତ ଜେଲର ଭୂମିକାରେ ଅଭିନୟ କରିଥିଲେ। ତାଙ୍କର ପ୍ରସିଦ୍ଧ ପଂକ୍ତି - "ହମ୍ ଅଙ୍ଗରେଜୋଁ କେ ଜମାନେ କେ ଜେଲର୍ ହେ!" - ଲୋକପ୍ରିୟ ସଂସ୍କୃତିରେ ସ୍ଥାନିତ ହୋଇ ରହିଛି । ଏହି ଭୂମିକା ତାଙ୍କର ବ୍ୟଙ୍ଗ ପ୍ରତିଭାକୁ ପ୍ରଦର୍ଶନ କରିଥିଲା, ଏବଂ ଆଜି ମଧ୍ୟ ଦର୍ଶକମାନେ ସେହି ସଂକ୍ଷିପ୍ତ କିନ୍ତୁ ଅବିସ୍ମରଣୀୟ ଅଭିନୟକୁ ଭାରତୀୟ ସିନେମାର ସବୁଠାରୁ ମଜାଦାର ମୁହୂର୍ତ୍ତ ଭାବରେ ମନେ ରଖନ୍ତି। ଆସରାନି 350 ରୁ ଅଧିକ ଫିଲ୍ମରେ ଅଭିନୟ କରିଥିଲେ, । ସେ ରାଜେଶ ଖାନ୍ନା, ଅମିତାଭ ବଚ୍ଚନ ଏବଂ ସଲମାନ ଖାନଙ୍କ ପରି ତାରକାଙ୍କ ସହିତ ଅଭିନୟ କରିଥିଲେ, ଓ ତାଙ୍କ ବହୁମୁଖୀ ପ୍ରତିଭା ପାଇଁ ସେ ପ୍ରଶଂସା ଅର୍ଜନ କରିଥିଲେ। କମେଡି ବ୍ୟତୀତ, ଆସରାନି ଗମ୍ଭୀର ଭୂମିକାରେ ମଧ୍ୟ ନିଜର ଦକ୍ଷତା ପ୍ରମାଣିତ କରିଥିଲେ ଏବଂ ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିଥିଲେ।

ଆହୁରି ମଧ୍ୟ ଆସରାନି ଟେଲିଭିଜନ ଧାରାବାହିକ ଏବଂ ଆଧୁନିକ ହିନ୍ଦୀ ଚଳଚ୍ଚିତ୍ର ଗୁଡ଼ିକରେ ଦର୍ଶକଙ୍କୁ ଆକର୍ଷିତ କରିଥିଲେ,। ଭାରତୀୟ ସିନେମାରେ ତାଙ୍କର ଅବଦାନ ହସଠାରୁ ଅଧିକ - ସେ ଚରିତ୍ର ଅଭିନେତା ମାନଙ୍କ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଥିଲେ ଏବଂ ଆଗାମୀ ପିଢ଼ିର ହାସ୍ୟ ଅଭିନେତାଙ୍କୁ ପ୍ରେରଣା ଦେଇଥିଲେ। ଆସରାନିଙ୍କ ହାସ୍ୟରସ କୁ ଭାବନା ସହିତ ମିଶ୍ରଣ କରିବାର ତାଙ୍କର ଦକ୍ଷତା ତାଙ୍କୁ ଅନ୍ୟ ହାସ୍ୟ ଅଭିନେତା ଙ୍କ ଠୁ ସ୍ୱତନ୍ତ୍ର କରିଥାଏ । 84 ବର୍ଷ ବୟସରେ 20 ଅକ୍ଟୋବର 2025 ରେ ସେ ପରଲୋକ ଗମନ କରିଛନ୍ତି |

ଅସରାନୀ କେଉଁଠାରେ ଜନ୍ମ ଗ୍ରହଣ କରିଥିଲେ?

A. ମୁମ୍ବାଇ

B. ଜୟପୁର ✓

C. ଦିଲ୍ଲୀ

D. ପୁଣେ

Q8 Odia

କେଉଁ ଚଳଚ୍ଚିତ୍ରରେ ଆସରାନୀ ଜଣେ ବ୍ୟଙ୍ଗାତ୍ମକ ଜେଲର ଭୂମିକାରେ ଅଭିନୟ କରିଥିଲେ?

A. ଚୁପକେ ଚୁପକେ

B. ଗୋଲମାଲ୍

C. ଶୋଲେ ✓

D. ଅମର ଆକବର ଆନ୍ଥୋନି

Q9 Odia

କେବେ ଆସରାନୀଙ୍କ ପରଲୋକ ଘଟିଥିଲା ?

A. 25 ଅକ୍ଟୋବର 2025

B. 20 ଅକ୍ଟୋବର 2025 ✓

C. 27 ଅକ୍ଟୋବର 2025

D. 22 ଅକ୍ଟୋବର 2025

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

ଆସରାନୀ ପ୍ରାୟ କେତେ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି?

A. 100

B. 200

C. 350 ✓

D. 500

Q11 Odia

ଅନ୍ୟ ହାସ୍ୟ ଅଭିନେତାଙ୍କ ମଧ୍ୟରେ ଆସରାନୀଙ୍କୁ କେଉଁ ଗୁଣ ସ୍ୱତନ୍ତ୍ର କରିଥିଲା?

A. ତାଙ୍କର ଗମ୍ଭୀର ସ୍ୱର

B. ହାସ୍ୟରସକୁ ଭାବନା ସହିତ ମିଶ୍ରଣ କରିବାର ତାଙ୍କର କ୍ଷମତା ✓

C. ତାଙ୍କର ନୃତ୍ୟ ଦକ୍ଷତା

D. ତାଙ୍କର ଖଳନାୟକ ଭୂମିକା

Q12 Odia

"ଖାଇବା" କେଉଁ ପ୍ରକାରର ପଦ?

A. କ୍ରିୟାବାଚକ ବିଶେଷ୍ୟ ✓

B. ସମାପିକା କ୍ରିୟା

C. ବିଶେଷଣ

D. ଅସମାପିକା କ୍ରିୟା

Q13 Odia

'ଦଫାରଫା କରିବା' ରୂଢିର ଅର୍ଥ ଚିହ୍ନଟ କର ।

A. ମକଦମା ଫଇସଲା କରିବା ✓

B. ଜୀବିକା ବୁଡ଼ାଇବା

C. ଦୋଷ ମାନିବା

D. ସମସ୍ତ ଖ୍ୟାତି ହରାଇବା

Q14 Odia

ବିଲେଇଟି କ୍ଷୀର ---------- । ଶୂନ୍ୟସ୍ଥାନ ପୂରଣ କର ।

A. ଗୀତ

B. ମାଛ

C. ପିଉଛି ✓

D. ଆସିଛି

Q15 Odia

ଠିକ୍ ଶବ୍ଦଟି ଚିହ୍ନାଇ ଦିଅ?

A. ମନ୍ତ୍ରୀମନଲ

B. ମନ୍ତ୍ରିମଣ୍ଡଳ ✓

C. ମନ୍ତ୍ରୀ ମଣ୍ଡଳ

D. ମନ୍ତ୍ରୀର୍ମଣ୍ଡଳ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 32 · 02 Jun 2026 · 4:00 PM - 5:30 PM · Odia (Odia)

Odia

Q1 Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ଅଳସୁଆ କାର୍ଯ୍ୟ ନ କରି ସର୍ବଦା ___ ଦୁଃଖରେ ରହିଥାଏ ।"

- **A.** ଦୁଃଖରେ ✓
- **B.** ସୁଖରେ
- **C.** ଜୋରରେ
- **D.** ସୁନ୍ଦର ଭାବେ

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଚାଟବଟ ହେଉଛି କୃତ୍ରିମ ବୁଦ୍ଧିମତା ପ୍ରତିମାନ ଯାହା ମନୁଷ୍ୟ ସହ ପ୍ରକୃତ ଭାଷା ବ୍ୟବହାର କରି ପାରସ୍ପରିକ କଥୋପକଥନ ପାଇଁ ରୂପାଙ୍କନ କରାଯାଇଛି ।

- **A.** Chatbots are AI-based models designed to interact with humans using natural language. ✓
- **B.** Chatbots are AI-based model designed to interact humans using natural language.
- **C.** Chatbots are AI-based models design to interact with humans using natural language.
- **D.** Chatbots is AI-based models designed to interact with humans using natural language.

Q3 Odia

"ଦିଆଯାଇଥିବା ବାକ୍ୟର ସଠିକ୍ ଓଡ଼ିଆ ଅନୁବାଦ କେଉଁଟି?
The Yamuna flows beside the Taj Mahal.

- **A.** ଯମୁନା ନଦୀ ତାଜ ମହଲର ପାର୍ଶ୍ୱରେ ପ୍ରବାହିତ ହୁଏ। ✓
- **B.** ଯମୁନା ନଦୀ ପାହାଡ଼ ମଧ୍ୟରେ ଅଛି।
- **C.** ଯମୁନା ନଦୀ ସମୁଦ୍ର ଭିତରେ ଅଛି।
- **D.** ଯମୁନା ନଦୀ ଦକ୍ଷିଣ ଭାରତରେ ଅଛି।

Q4 Odia

ସଠିକ ତତ୍ସମ ଶବ୍ଦ ବାଛନ୍ତୁ: “ଧନ” ର ତତ୍ସମ କଣ?

- **A.** ଧନମ୍
- **B.** ଧନା
- **C.** ଧନ ✓
- **D.** ଧନି

Q5 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଦିଲ୍ଲୀ ର ଯମୁନା ନଦୀତଟରେ ଛଟ ପର୍ବ ମହା ଆଡମ୍ବରରେ ପାଳନ କରାଯାଏ ।

- **A.** Chhath Parv is celebrated with great pomp and show on the bank of River Yamuna in Delhi. ✓
- **B.** Chhath Parv will celebrate with great pomp and show in the Yamuna River of Delhi.
- **C.** Chhath Parv is celebrated with great pomp and show in the Yamuna River bank.
- **D.** Chhath Parv is celebrating in the Yamuna River of Delhi.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

"ସଜ୍ଜନ" ର ବିପରୀତ ଶବ୍ଦ ଦର୍ଶାଅ ।

A. ଦୁର୍ଜ୍ଜନ ✓

B. ନିରର୍ଥକ

C. ଦୁର୍ଗମ

D. ବିଗ୍ରହ

Q7 Odia

ତୁ କହିଲୁ ଅଥଚ ଆସିଲୁ ନାହିଁ । ରେଖାଙ୍କିତ ପଦଟି କେଉଁ ଅବ୍ୟୟ ଚିହ୍ନଟ କର ।

A. ସଂଯୋଜକ ଅବ୍ୟୟ

B. ବିଯୋଜକ ଅବ୍ୟୟ ✓

C. କାଳବାଚକ ଅବ୍ୟୟ

D. ଯୁଗ୍ମରୂପ ଅବ୍ୟୟ

Q8 Odia

'ବସି ଖାଇଲେ ନଈବାଲି ସରେ' ଏହି ଲୋକୋକ୍ତିର ଅର୍ଥ ଚିହ୍ନଟ କର ।

A. ଆଳସ୍ୟ ସର୍ବନାଶ କରେ ✓

B. ସବୁ ଦୃଷ୍ଟିରୁ ଅଯୋଗ୍ୟ

C. ବିପଦରେ ବୁଦ୍ଧି ବଣା ହୁଏ

D. ଅସମ୍ଭବକଥା ବା କାର୍ଯ୍ୟ

Q9 Odia

ନିମ୍ନୋକ୍ତ ଅନୁଚ୍ଛେଦକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଚୟନ କର ।

ସୂର୍ଯ୍ୟମୂର୍ତ୍ତି ଥିଲେ ଜଣେ ଅଗ୍ରଣୀ ରାଷ୍ଟ୍ରବାଦୀ ନେତା, ଆପଣା କଥାକୁ ସିଦ୍ଧ କରିବା ଭଳି ଗୁଣ ଥିଲା ତାଙ୍କର । ଏକଦା ସେ ଭାରତର ସ୍ୱତନ୍ତ୍ରତା ଆନ୍ଦୋଳନ ପ୍ରସଙ୍ଗରେ ଇଂଲଣ୍ଡ ଯାଇଥିଲେ । ସେଠାର ଶୀର୍ଷ ନେତାଙ୍କୁ ଭେଟି ଭାରତୀୟମାନଙ୍କ ହାତରେ ଶାସନ ଦାୟିତ୍ୱ ଅର୍ପଣ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ । କିଛି ଜନସଭାରେ ଉଦ୍‌ବୋଧନ ଦେଇଥିଲେ ମଧ୍ୟ । ତାଙ୍କର ଭାଷଣ ଶୁଣିବା ପାଇଁ ଅଧିକରୁ ଅଧିକ ଇଂରେଜମାନେ ଆସୁଥିଲେ । ଏହିଭଳି ଏକ ଜନସଭାରେ ସମ୍ବୋଧିତ କରୁଥିବା ସମୟରେ ଜଣେ ଇଂରେଜ ମଞ୍ଚ ପାଖକୁ ଆସି ବ୍ୟଙ୍ଗ କରି ପ୍ରଶ୍ନ କରିଥିଲେ- 'କ'ଣ ଆପଣ ଜାଣିନାହାନ୍ତି କି ବ୍ରିଟିଶ ସାମ୍ରାଜ୍ୟରେ କେବେ ବି ସୂର୍ଯ୍ୟ ଅସ୍ତ ହୁଏନାହିଁ ।' ତାଙ୍କର କହିବା ଅବଶ୍ୟ ଅନେକାଂଶରେ ସତ୍ୟ ଥିଲା । କାରଣ ସେ ସମୟରେ ବ୍ରିଟିଶ ଔପନିବେଶିକ ଶାସନରେ ଦୁନିଆର ଅନେକ ରାଷ୍ଟ୍ର ଥିଲା । ଇଂରେଜମାନେ କଳେବଳେ କୌଶଳେ ବିଭିନ୍ନ ଦେଶକୁ ନିଜ ଶାସନାଧୀନ କରିଥିଲେ ।
ସୂର୍ଯ୍ୟମୂର୍ତ୍ତି ଏଭଳି ପ୍ରଶ୍ନ କରିଥିବା ବ୍ୟକ୍ତିର ଆପାଦମସ୍ତକ କିଛିକ୍ଷଣ ନିରୀକ୍ଷଣ କରିଥିଲେ । ପ୍ରଶ୍ନ କର୍ତ୍ତା ଏଭଳି ଏକ ପ୍ରଶ୍ନ କରି ନିଜକୁ ଗର୍ବିତ ବୋଧ କରିଥିଲେ ଏଇଥିପାଇଁ ଯେ ସେ ଭାରତରୁ ଆସିଥିବା ତଥାକଥିତ ଜଣେ କଳା, କୁହୁଳିଆ ଲୋକକୁ ଏପରି ଏକ ଜଟିଳ ପ୍ରଶ୍ନ କରି ଦ୍ୱିଧାରେ ପକାଇ ଦେଇଛନ୍ତି । ଗୋରା ବ୍ୟକ୍ତି ଜଣକ ନିଶ୍ଚିତ ଥିଲେ ଯେ ସୂର୍ଯ୍ୟମୂର୍ତ୍ତି ଏହାର କୌଣସି ଯୁକ୍ତିସଙ୍ଗତ, ସନ୍ତୋଷଜନକ ଉତ୍ତର ଦେଇପାରିବେ ନାହିଁ । ସୂର୍ଯ୍ୟମୂର୍ତ୍ତିଙ୍କର ଉତ୍ତର ଥିଲା- 'ସୂର୍ଯ୍ୟ ଏହି କାରଣରୁ ଅସ୍ତ ହୁଅନ୍ତି ନାହିଁ ଯେ ସୂର୍ଯ୍ୟାସ୍ତକୁ (ଅନ୍ଧାରକୁ) ସେମାନେ ବିଶ୍ୱାସ କରନ୍ତି ନାହିଁ । ଆଲୋକ ସହ ଅନ୍ଧାର ଯେ ଜଡ଼ିତ, ସ୍ୱର୍ଣ୍ଣିତ ସ୍ୱଭାବ ଯୋଗୁଁ ଏଥିରେ ବିଶ୍ୱାସ କରନ୍ତି ନାହିଁ ।' ଏହି ଉତ୍ତର ଶୁଣି ପ୍ରଶ୍ନକର୍ତ୍ତା ସ୍ତବ୍ଧ ହୋଇଯାଇଥିଲେ । ଉପସ୍ଥିତ ଲୋକେ ତାଙ୍କୁ ପରିହାସ କରିବା ଆରମ୍ଭ କରିଦେଇଥିଲେ । ପ୍ରଶ୍ନକର୍ତ୍ତା ଲଜ୍ଜା ଅନୁଭବ କରି ସେଠାରୁ ପଳାଇ ଯାଇଥିଲେ । ତାଙ୍କୁ ଲାଗିଲା ଆଜି ବାସ୍ତବରେ ସେ ସିଂହ ହାତୁଡ଼ରେ ପଡ଼ିଛନ୍ତି । ସେ ତାଙ୍କଠାରୁ ଢେର ଜ୍ଞାନୀ । ତାଙ୍କୁ ଉପଯୁକ୍ତ ଶିକ୍ଷା ଦେଲାଭଳି ଜଣେ ଗୁରୁଙ୍କୁ ଏହି ପ୍ରଶ୍ନ ନ ପଚାରି ବରଂ ଚୁପ୍ ରହିଥିଲେ ଭଲ ହୋଇଥାନ୍ତା ବୋଲି ଅନୁଭବ କଲେ । ମୁହଁରୁ ବାହାରି ଯାଇଥିବା କଥା, ତୁଣୀରରୁ ନିର୍ଗତ ତୀର ଭଳି ଆଉ ଫେରିଆସି ନ ଥାଏ କେବେ । ଏଥିରୁ ଏହି ଶିକ୍ଷା ମିଳିଥାଏ ଯେ କିଛି କହିବା ପୂର୍ବରୁ ଚିନ୍ତା କରିବା ଉଚିତ । ଏହି ଉକ୍ତି ମାଧ୍ୟମରେ ସୂର୍ଯ୍ୟମୂର୍ତ୍ତି ଭାରତରେ ବ୍ରିଟିଶ ଔପନିବେଶିକ ଶାସନର ସୂର୍ଯ୍ୟାସ୍ତର ସନ୍ଦେଶ ହିଁ ଦେଇଥିଲେ ।

"ତୁଣୀରରୁ ନିର୍ଗତ ତୀର ଆଉ ଫେରିଆସେ ନାହିଁ" - ଏହି ଉଦାହରଣରୁ ବାସ୍ତବ ଜୀବନ ପାଇଁ କେଉଁ ଶିକ୍ଷା ମିଳେ ?

A. ଧନୁଶର ଶିଖିବା ଆବଶ୍ୟକ

B. ମୁହଁରୁ ବାହାରିଥିବା କଥା ଫେରାଇ ହୁଏନାହିଁ ✓

C. ବେଶୀ କଥା କହିବା ଭଲ

D. ଇଂରେଜମାନଙ୍କୁ ପରିହାସ କରିବା ଉଚିତ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

"ସୂର୍ଯ୍ୟମୂର୍ତ୍ତି ସେହି ବ୍ୟକ୍ତିଙ୍କୁ 'ଆପାଦମସ୍ତକ' ନିରୀକ୍ଷଣ କଲେ" - ଏଠାରେ 'ଆପାଦମସ୍ତକ'ର ଅର୍ଥ କ'ଣ ?

A. କେବଳ ପାଦକୁ

B. କେବଳ ମୁଣ୍ଡକୁ

C. ପାଦଠାରୁ ମୁଣ୍ଡ ପର୍ଯ୍ୟନ୍ତ ✓

D. ଆଖି ବନ୍ଦ କରି

Q11 Odia

ସୂର୍ଯ୍ୟମୂର୍ତ୍ତି କେଉଁ ଉଦ୍ଦେଶ୍ୟରେ ଇଂଲଣ୍ଡ ଯାଇଥିଲେ ?

A. ବ୍ରିଟିଶ ସରକାରଙ୍କ ଅଧୀନରେ ଚାକିରି କରିବାକୁ

B. ଭାରତର ସ୍ୱତନ୍ତ୍ରତା ଆନ୍ଦୋଳନ ପ୍ରସଙ୍ଗରେ ✓

C. ଭ୍ରମଣ କରିବା ପାଇଁ

D. ଇଂରେଜମାନଙ୍କୁ ଶିକ୍ଷା ଦେବା ପାଇଁ

Q12 Odia

ଏହି ଅନୁଚ୍ଛେଦଟିର ସ୍ୱର ଚିହ୍ନଟ କର?

A. ଭୀରୁତାପୂର୍ଣ୍ଣ

B. ଦେଶଭକ୍ତି ✓

C. କେବଳ କାଳ୍ପନିକ

D. ଦୁଃଖଦାୟକ

Q13 Odia

ଉକ୍ତ ଅନୁଚ୍ଛେଦରେ, ସୂର୍ଯ୍ୟମୂର୍ତ୍ତି କେଉଁଭଳି ନେତା ଥିଲେ ?

A. ବାମପନ୍ଥୀ

B. ଦକ୍ଷୀଣପନ୍ଥୀ

C. ଚରମପନ୍ଥୀ

D. ରାଷ୍ଟ୍ରବାଦୀ ✓

Q14 Odia

ଚନ୍ଦନ ଡାକି ଡାକି ଥକିଗଲାଣି - ରେଖାଙ୍କିତ ପଦଟି କେଉଁ କ୍ରିୟାପଦ ଚିହ୍ନଟ କର ।

A. ପ୍ରେରଣାର୍ଥକ କ୍ରିୟା

B. ଅସମାପିକା କ୍ରିୟା ✓

C. ଅମିଶ୍ର କ୍ରିୟା

D. ଯୌଗିକ କ୍ରିୟା

Q15 Odia

ନିମ୍ନୋକ୍ତ ଶବ୍ଦଗୁଡ଼ିକ ମଧ୍ୟରୁ 'ଇଚ୍ଛା' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦଟି ନିରୂପଣ କର।

A. ନିରାଶା

B. ଅନାସ୍ଥା

C. କର୍ମଠ

D. ଅନିଚ୍ଛା ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 33 · 02 Jun 2026 · 9:00 AM - 10:30 AM · Odia (Odia)

Odia

Q1 Odia

ସଠିକ ତତ୍ସମ ଶବ୍ଦ ବାଛନ୍ତୁ: "ପୋଟ" ର ତତ୍ସମ କଣ?

A. ପେଟ

B. ଉଦର ✓

C. ଉଦରା

D. ପେଟା

Q2 Odia

ସଠିକ ତତ୍ସମ ଶବ୍ଦ ବାଛନ୍ତୁ: "ପାଣି" ର ତତ୍ସମ କଣ?

A. ଜଳ ✓

B. ଜଳା

C. ଜଳି

D. ଜଳକ

Q3 Odia

ଉପଯୁକ୍ତ କ୍ରିୟା ବାଛି ଶୂନ୍ୟସ୍ଥାନ ପୂରଣ କରନ୍ତୁ:

ଗତକାଲି ଯଦି ବର୍ଷା ହୋଇନଥାଆନ୍ତା, ତେବେ ଆମେ କ୍ରିକେଟ _____।

A. ଖେଳିପାରିଲୁନି

B. ଖେଳିଥାଆନ୍ତି

C. ଖେଳିଥାଆନ୍ତୁ ✓

D. ଖେଳନ୍ତି

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମେ କାଲି ଗୋବର୍ଦ୍ଧନ ପୂଜା ପାଳନ କରିବୁ ।

A. We are celebrating Govardhan Puja tomorrow.

B. We have celebrated Govardhan Puja.

C. We will celebrate Govardhan Puja tomorrow. ✓

D. We had celebrated Govardhan Puja.

Q5 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ପୁରୀରେ ରଥଯାତ୍ରା ସମୟରେ ଆଇନ ଶୃଙ୍ଖଳା ସୁନିଶ୍ଚିତ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି।

A. The government has taken several steps to ensure law and order during Rath Yatra in Puri. ✓

B. The government has taken several steps for the Rath Yatra in Puri

C. The government is taking several steps including tightening law and order for the Rath Yatra in Puri

D. The government had taken several steps including tightening law and order for the Rath Yatra.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମ ଭାରତରେ ମହିଳା ମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି ।

A. We are giving priority to women in India.

B. In our India, women are given priority in every field. ✓

C. In our India, women are given priority.

D. Women are given priority in every field.

Q7 Odia

ଗଛଟା ମଡ଼ମଡ୍ କରି ଭାଙ୍ଗିଗଲା ।ଏଥିରେ ଥିବା ଅବ୍ୟୟ ପଦଟିକୁ ଚିହ୍ନଟ କର |

A. ଭାଙ୍ଗିଗଲା

B. କରି

C. ମଡ଼ମଡ୍ ✓

D. ଗଛଟା

Q8 Odia

ଅନୁଚ୍ଛେଦଟି ପଢି ଉତ୍ତର ଲେଖ ।
ମଣିଷ କେବଳ ରକ୍ତମାଂସର ଏକ ଶାରୀରିକ ସତ୍ତା ନୁହେଁ, ବରଂ ସେ ହେଉଛି ଏକ ମହାନ ଚେତନାର ଅଭିବ୍ୟକ୍ତି । ଆଧୁନିକ ସଭ୍ୟତାରେ ଆମେ ଯନ୍ତ୍ରପାତି, ବିଳାସ ବ୍ୟସନ ଓ ଭୌତିକ ସୁବିଧା ପଛରେ ଏତେ ପାଗଳ ହୋଇ ଦୌଡୁଛି ଯେ, ନିଜ ଭିତରେ ଥିବା କୋମଳ ମାନବିକତା କୁ ଧୀରେ ଧୀରେ ହରେଇ ବସୁଛୁ । ଆମେ ଭାବୁଛୁ ବାହ୍ୟ ବସ୍ତୁ ଆମକୁ ସୁଖ ଦେବ, କିନ୍ତୁ ପ୍ରକୃତ ସୁଖ ଅନ୍ୟର ଦୁଃଖରେ ସମବେଦନା ପ୍ରକାଶ କରିବା ଏବଂ ପରୋପକାର କରିବାରେ ହିଁ ନିହିତ ଥାଏ । ଆଜିର ବ୍ୟସ୍ତ ବହୁଳ ଜୀବନରେ ସ୍ୱାର୍ଥପରତା ମଣିଷକୁ ଘେରି ରହିଛି । ଯେଉଁ ଦିନ ଆମେ ନିଜ ସ୍ୱାର୍ଥ ଅପେକ୍ଷା ସମାଜର ମଙ୍ଗଳକୁ ଅଧିକ ଗୁରୁତ୍ୱ ଦେବା, ସେହି ଦିନ ହିଁ ଆମ ଭିତରେ ମନୁଷ୍ୟତ୍ୱର ପ୍ରକୃତ ବିକାଶ ହେବ । ବିଶ୍ୱରେ ଅଶାନ୍ତି ଓ ହିଂସା ବଢୁଥିବା ବେଳେ କେବଳ ମୈତ୍ରୀ ଓ ପ୍ରେମ ହିଁ ଏକ ମାତ୍ର ମାଧ୍ୟମ ଯାହା ପୃଥିବୀକୁ ଶାନ୍ତି ଦେଇପାରିବ । ସାମାଜିକ ପ୍ରତିଷ୍ଠା ଅପେକ୍ଷା ଜଣେ ଭଲ ମଣିଷ ହେବା ଆଜିର ସମୟର ସବୁ ଠାରୁ ବଡ ଆବଶ୍ୟକତା । ମାନବିକତାର ଜାଗରଣ ହିଁ ସମାଜକୁ ଏକ ସୁନ୍ଦର ଓ ଶାନ୍ତମୟ ପରିବେଶ ପ୍ରଦାନ କରିପାରିବ ।

ଅନୁଚ୍ଛେଦର ବିଷୟ ଅନୁଯାୟୀ ଉପଯୁକ୍ତ ଶୀର୍ଷକଟିକୁ ଚୟନ କର ?

A. ଯନ୍ତ୍ରପାତିର ବିକାଶ

B. ସ୍ୱାର୍ଥପରତା

C. ସମାଜର ସେବା

D. ମାନବିକତା ✓

Q9 Odia

ଅନୁଚ୍ଛେଦର ଗଢ଼ଣ ଦୃଷ୍ଟିରୁ ଅନୁଚ୍ଛେଦଟି କେଉଁ ପ୍ରକାର ?

A. ଘଟଣାଭିତ୍ତିକ

B. ବୈଜ୍ଞାନିକ

C. ବିଶ୍ଳେଷଣାତ୍ମକ ✓

D. ତଥ୍ୟଭିତ୍ତିକ

Q10 Odia

ପ୍ରକୃତ ସୁଖ କେଉଁଥିରେ ଥାଏ ?

A. ଯନ୍ତ୍ରପାତିର ବ୍ୟବହାରରେ

B. ପ୍ରେମ ଓ ମୈତ୍ରୀ ଭାବ ସୃଷ୍ଟିରେ

C. ଅନ୍ୟର ଅନିଷ୍ଟରେ

D. ଅନ୍ୟର ଦୁଃଖରେ ସମବେଦନା ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

ଆଜିର ବ୍ୟସ୍ତ ବହୁଳ ଜୀବନରେ ଆମେ କାହାକୁ ହରେଇ ସାରିଛୁ ?

A. ମାନବିକତାକୁ ✓

B. ବନ୍ଧୁବାନ୍ଧବଙ୍କୁ

C. ସମୟକୁ

D. ବ୍ୟକ୍ତିଗତ ସ୍ୱାର୍ଥ

Q12 Odia

କେଉଁ କେଉଁ ଉପାଦାନ ବିଶ୍ୱକୁ ଶାନ୍ତି ଦେଇପାରିବ ?

A. ସୁବିଧା ଓ ସୁଯୋଗ

B. ସୁଖ ଓ ଦୁଃଖ

C. ମୈତ୍ରୀ ଓ ପ୍ରେମ ✓

D. ଜ୍ଞାନ ଓ କୌଶଳ

Q13 Odia

ନିମ୍ନଲିଖିତ ମଧ୍ୟରେ ତତ୍ସମ ଶବ୍ଦ କେଉଁଟି ?

A. ବାଜା

B. ବର ✓

C. ସାପ

D. ସଞ୍ଜ

Q14 Odia

ଭଙ୍ଗା ଖଟରେ ଶୁଅ ନାହିଁ । ଏହି ବାକ୍ୟରେ 'ଭଙ୍ଗା' ଶବ୍ଦଟି କେଉଁ ପ୍ରକାରର ବିଶେଷଣ ?

A. ପରିମାଣବାଚକ ବିଶେଷଣ

B. ସଂଖ୍ୟାବାଚକ ବିଶେଷଣ

C. ଅବସ୍ଥାବାଚକ ବିଶେଷଣ ✓

D. ସୂଚନାବାଚକ ବିଶେଷଣ

Q15 Odia

"ଯେସାକୁ ତେସା"- ଏହି ଲୋକୋକ୍ତିର ଠିକ୍ ଅର୍ଥ କ'ଣ ?

A. ସମସ୍ତଙ୍କୁ ସମାନ ବ୍ୟବହାର କରିବା

B. ସମସ୍ତଙ୍କୁ କ୍ଷମା କରିଦେବା

C. ଯେପରି ବ୍ୟବହାର କରିବେ,ସେହିଭଳି ପ୍ରତିକ୍ରିୟା ମିଳିବ ✓

D. ଅନ୍ୟମାନଙ୍କୁ ସାହାଯ୍ୟ କରିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 34 · 04 Jun 2026 · 12:30 PM - 2:00 PM · Odia (Odia)

Odia

Q1 Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

" ___ କାମ କଲେ ସଫଳତା ଆସିଥାଏ ।"

A. ଧଯ୍ୟରେ

B. ଧାର୍ଯ୍ୟରେ

C. ଧୈର୍ଯ୍ୟରେ ✓

D. ଧର୍ଯ୍ୟରେ

Q2 Odia

ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

" ବିନ୍ଧ୍ୟ ପର୍ବତ କପିଳାସଠାରୁ ___ ଅଟେ ।"

A. ଉଚ୍ଚତମ

B. ଉଚ୍ଚତର ✓

C. ନୀଚ୍ଚତର

D. ନୀଚ୍ଚତମ

Q3 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ
ଏହି ନଦୀଟି ଖୁବ "ଦୀର୍ଘ" ଅଟେ।

A. ଛୋଟ ✓

B. ଚାପଟ

C. ନିମ୍ନ

D. ଖୁସି

Q4 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଆର୍ଯ୍ୟଭଟ୍ଟ ଭାରତର ପ୍ରଥମ ଉପଗ୍ରହ ଅଟେ ।

A. India’s first satellite is Aryabhata. ✓

B. India’s first rocket is Aryabhata.

C. Aryabhata is India’s first astronaut.

D. Aryabhata is India’s first space center.

Q5 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Swachh Bharat Mission encourages people to maintain cleanliness in public areas.

A. ସ୍ୱଚ୍ଛ ଭାରତ ମିଶନ ସାର୍ବଜନିକ ସ୍ଥଳରେ ସ୍ୱଚ୍ଛତା ରକ୍ଷା ପାଇଁ ଜନତାମାନଙ୍କୁ ପ୍ରୋତ୍ସାହନ କରେ। ✓

B. ସ୍ୱଚ୍ଛ ଭାରତ ମିଶନ୍ ଲୋକମାନେ ସାର୍ବଜନିକ ସ୍ଥାନ ସଫା ରଖିବା ପ୍ରେରଣା ଦେଇ।

C. ସ୍ୱଚ୍ଛ ଭାରତ ମିଶନ୍ ଲୋକମାନଙ୍କ ସାର୍ବଜନିକ ସ୍ଥାନ ସଫା ପ୍ରେରଣା ଦେଏ।

D. ସ୍ୱଚ୍ଛ ଭାରତ ମିଶନ୍ ଲୋକ ସାର୍ବଜନିକ ସ୍ଥାନ ସଫା ରଖିବା ପ୍ରେରଣା ଦିଏ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

"ତିଳକୁ ତାଳ କରିବା"ର ଅର୍ଥ?

A. ଛୋଟ କଥାକୁ ବଡ଼ କରିବା ✓

B. ସଫଳତା

C. ଭୟଭୀତ ହେବା

D. ଲୁଚାଇବା

Q7 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ରଜନୀ 20 ବର୍ଷ ହେଲାଣି ଆମ ଘରେ କାମ କରିଆସୁଛି ।

A. Rajni is working in our house for 20 years.

B. Rajni had been working in our house for 20 years.

C. Rajni has been working in our house for 20 years. ✓

D. Rajni will work in our house for 20 years.

Q8 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ତାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

2025 ମସିହାରେ ପାଳିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ 150 ତମ ଜନ୍ମବାର୍ଷିକୀ ଭାରତର ଜଣେ ମହାନ ରାଷ୍ଟ୍ର ନିର୍ମାତା ଏବଂ ଜାତୀୟ ଏକତାର ସ୍ଥପତିଙ୍କୁ ସମ୍ମାନିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ସର୍ଦ୍ଦାର ପଟେଲ 1875 ମସିହାର 31 ଅକ୍ଟୋବରରେ ଜନ୍ମଗ୍ରହଣ କରିଥିଲେ | ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ତାଙ୍କର ଅସାଧାରଣ ନେତୃତ୍ୱ ଏବଂ 560 ରୁ ଅଧିକ ଗଡ଼ଜାତ ରାଜ୍ୟକୁ ଭାରତୀୟ ସଂଘରେ ଏକୀକୃତ କରିବାରେ ତାଙ୍କର ପ୍ରମୁଖ ଭୂମିକା ପାଇଁ ସେ ଚିରସ୍ମରଣୀୟ । ତାଙ୍କର ଦୃଢ଼ ଇଚ୍ଛାଶକ୍ତି, ପ୍ରଶାସନିକ ବୁଦ୍ଧିମତା ଏବଂ ନିର୍ଭୀକ ଦେଶପ୍ରେମ ତାଙ୍କୁ "ଭାରତର ଲୌହ ପୁରୁଷ" ଉପାଧି ପ୍ରଦାନ କରିଥିଲା। 150 ତମ ବାର୍ଷିକୀ ପାଳନ ଏକ ସଂଯୁକ୍ତ, ଗଣତାନ୍ତ୍ରିକ ଭାରତର ମୂଳଦୁଆ ସ୍ଥାପନ କରିବାରେ ତାଙ୍କ ଅବଦାନକୁ ମନେ ପକାଇବା ପାଇଁ ଜାତୀୟ ପ୍ରତିଫଳନର ଏକ ମୁହୂର୍ତ୍ତ। ଦେଶବ୍ୟାପୀ ବର୍ଷସାରା, ବିଭିନ୍ନ କାର୍ଯ୍ୟକ୍ରମ ରେ ତାଙ୍କର ରାଷ୍ଟ୍ରନୀତି, ଜାତୀୟ ସଂହତି ପ୍ରତି ପ୍ରତିବଦ୍ଧତା ଏବଂ ଦୃଢ଼ ଶାସନ ପାଇଁ ଦୃଷ୍ଟିକୋଣକୁ ପ୍ରଦର୍ଶିତ କରାଯାଉଛି । ଶିକ୍ଷାନୁଷ୍ଠାନ, ସରକାରୀ ସଂସ୍ଥା, ନାଗରିକ ସଂଗଠନ ଏବଂ ଯୁବ ଗୋଷ୍ଠୀ ପଟେଲଙ୍କ ଶୃଙ୍ଖଳା, ଏକତା ଏବଂ ଜନସେବାର ଆଦର୍ଶକୁ ପୁନଃ ଆବିଷ୍କାର କରିବା ପାଇଁ ସେମିନାର, ପ୍ରଦର୍ଶନୀ, ବିତର୍କ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନର ଆୟୋଜନ କରନ୍ତି। ଏହି ଅବସରରେ ଭବିଷ୍ୟତ ପିଢ଼ିକୁ ତାଙ୍କର ଅଖଣ୍ଡତା, ସାହସ ଏବଂ ଦେଶ-ପ୍ରଥମେ ଚିନ୍ତାଧାରାର ମୂଲ୍ୟବୋଧକୁ ଅନୁକରଣ କରିବା ପାଇଁ ପ୍ରେରଣା ଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଏହି ଉତ୍ସବ ପାଳନ ର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ହେଉଛି ଗୁଜରାଟରେ ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ୍ ୟୁନିଟି, ଯାହା ଭାରତର ଏକତା ଏବଂ ସାମୂହିକ ଗର୍ବର ପ୍ରତୀକ ଭାବରେ ସର୍ଦ୍ଦାର ପଟେଲଙ୍କ ପ୍ରତି ଉତ୍ସର୍ଗୀକୃତ। ଏହି ଅବସରରେ, ଜାତୀୟ ସୁରକ୍ଷା, ସୁଶାସନ ଏବଂ ଗ୍ରାମୀଣ ବିକାଶ ଉପରେ ଗୁରୁତ୍ୱାରୋପ କରୁଥିବା କାର୍ଯ୍ୟକ୍ରମ ଗୁଡ଼ିକ ପଟେଲଙ୍କ ଏକ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ଏବଂ ସମନ୍ୱିତ ଭାରତର ବାର୍ତ୍ତାକୁ ଆହୁରି ଦୃଢ଼ କରିଥାଏ। ରନ ଫର୍ ୟୁନିଟି, ଜନସଚେତନତା ଅଭିଯାନ, ପ୍ରବନ୍ଧ ପ୍ରତିଯୋଗିତା ଏବଂ ଡକ୍ୟୁମେଣ୍ଟାରୀ ଭଳି କାର୍ଯ୍ୟକଳାପ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ଅବଦାନକୁ ଉଜ୍ଜ୍ୱଳ କରିଥାଏ, ଯେଉଁଥିରେ ଅଖିଳ ଭାରତୀୟ ନାଗରିକ ସେବା ସୃଷ୍ଟି, କୃଷି ସଂସ୍କାର ଏବଂ ସମବାୟ ଆନ୍ଦୋଳନର ପ୍ରୋତ୍ସାହନ ଅନ୍ତର୍ଭୁକ୍ତ। 150ତମ ବାର୍ଷିକୀ କେବଳ ତାଙ୍କ ଐତିହ୍ୟ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ ବରଂ ଏକ ସ୍ମରଣକାରୀ ଯେ ବିବିଧତାରେ ଏକତା ଏବଂ ନିର୍ଣ୍ଣାୟକ ନେତୃତ୍ୱ ଭାରତର ନିରନ୍ତର ସଫଳତା ଏବଂ ପ୍ରଗତି ପାଇଁ ଅପରିହାର୍ଯ୍ୟ ରହିଛି। ଭାରତ ଏହି ଐତିହାସିକ ବର୍ଷକୁ ସ୍ମରଣ କରୁଥିବା ସମୟରେ, ସର୍ଦ୍ଦାର ପଟେଲଙ୍କ ଜୀବନ ସାମୂହିକ ଦାୟିତ୍ୱ, ଦେଶପ୍ରେମ ଏବଂ ଜାତୀୟ ସଂହତି ପ୍ରତି ଅଟଳ ସମର୍ପଣକୁ ପ୍ରେରଣା ଦେଇ ଚାଲିଛି।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ କେବେ ଜନ୍ମଗ୍ରହଣ କରିଥିଲେ?

A. 1857

B. 1875 ✓

C. 1885

D. 1890

Q9 Odia

ସର୍ଦ୍ଦାର ପଟେଲ କେଉଁ ନାମରେ ବେଶ ଲୋକପ୍ରିୟ?

A. ସମ୍ବିଧାନର ଜନକ

B. ଭାରତର ଲୌହ ପୁରୁଷ ✓

C. ଭାରତର କ୍ଷେପଣାସ୍ତ୍ର ପୁରୁଷ

D. ସୀମାନ୍ତ ଗାନ୍ଧୀ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

2025 ମସିହାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ କେଉଁ ଜନ୍ମବାର୍ଷିକୀ ପାଳିତ ହୋଇଛି?

A. 150 ତମ ✓

B. 140 ତମ

C. 151 ତମ

D. 145 ତମ

Q11 Odia

ଷ୍ଟାଚ୍ୟୁ ଅଫ୍ ୟୁନିଟି ର ପ୍ରତିମୂର୍ତ୍ତି କାହାକୁ ଉତ୍ସର୍ଗୀକୃତ କରାଯାଇଛି?

A. ମହାତ୍ମା ଗାନ୍ଧୀ

B. ଜବାହରଲାଲ ନେହେରୁ

C. ସର୍ଦ୍ଦାର ବଲ୍ଲଭଭାଇ ପଟେଲ ✓

D. ସୁଭାଷ ଚନ୍ଦ୍ର ବୋଷ

Q12 Odia

ସର୍ଦ୍ଦାର ପଟେଲଙ୍କ ପ୍ରମୁଖ ଅବଦାନ କଣ ଥିଲା?

A. ବୈଦେଶିକ ନୀତି

B. ଜାତୀୟ ସଂହତି ଏବଂ ନାଗରିକ ସେବା ✓

C. ମହାକାଶ ଗବେଷଣା

D. ବାଣିଜ୍ୟ ସଂସ୍କାର

Q13 Odia

କେଉଁଟି ତତ୍ସମ ଶବ୍ଦ ଚିହ୍ନଟ କର ?

A. ନେତ

B. ଅନନ୍ତ ✓

C. ମୁଗ

D. ବିରି

Q14 Odia

ଗୋବିନ୍ଦବାବୁ ଶ୍ୟାମକୁ ଘରକୁ ଡାକିଲେ - ରେଖାଙ୍କିତ ପଦଟି କେଉଁ କ୍ରିୟାପଦ ଚିହ୍ନଟ କର ।

A. ଦ୍ୱିକର୍ମକ କ୍ରିୟା ✓

B. ସକର୍ମକ କ୍ରିୟା

C. ଅକର୍ମକ କ୍ରିୟା

D. ଅମିଶ୍ର କ୍ରିୟା

Q15 Odia

ନିମ୍ନୋକ୍ତ ଶବ୍ଦଗୁଡିକ ମଧ୍ୟରୁ ତଦ୍ଭବ ଶବ୍ଦଟିକୁ ଚିହ୍ନଟ କର ?

A. ଗଧ ✓

B. ହସ୍ତୀ

C. ଗର୍ଦ୍ଦଭ

D. ମର୍କଟ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 35 · 04 Jun 2026 · 4:00 PM - 5:30 PM · Odia (Odia)

Odia

Q1 Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ଜାପାନ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜିତିଥିବା ଦେଶଗୁଡିକ ସହ ___ ସନ୍ଧି କରିଥିଲା ।"

- **A.** ଶାନ୍ତିରେ ✓
- **B.** ଖୁସିରେ
- **C.** ଦୁଃଖରେ
- **D.** ଈର୍ଷାରେ

Q2 Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"କର୍ମଚାରୀ ଜଣକ ___ କାର୍ଯ୍ୟଟିକୁ ସମ୍ପନ୍ନ କରିଥିଲେ ।"

- **A.** ଦୟାରେ
- **B.** ଧୈର୍ଯ୍ୟରେ ✓
- **C.** ଶାନ୍ତିରେ
- **D.** ଈର୍ଷାରେ

Q3 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ
ପାହାଡ଼ଟି ଖୁବ "ଉଚ୍ଚ" ଅଟେ।

- **A.** ନିମ୍ନ ✓
- **B.** ଛୋଟ
- **C.** ନୂତନ
- **D.** ଦୀର୍ଘ

Q4 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାନାର୍ଥବୋଧକ ଶବ୍ଦ ଲେଖ।
ଆମେ ଏକ ନୂଆ "ଘର" ତିଆରି କରିଛୁ।

- **A.** ନିବାସ ✓
- **B.** ଜଙ୍ଗଲ
- **C.** ସ୍କୁଲ
- **D.** ଦୋକାନ

Q5 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Chilika Lake is Asia's largest brackish water lagoon.

- **A.** ଚିଲିକା ହ୍ରଦ ଏସିଆର ବୃହତ୍ତମ ଲୁଣାଜଳ ହ୍ରଦ ଅଟେ। ✓
- **B.** ଚିଲିକା ହ୍ରଦ ଏସିଆର ସବୁଠାରୁ ବଡ଼ ଖାରାପାଣି ହ୍ରଦ ଅଛି।
- **C.** ଚିଲିକା ହ୍ରଦ ଏସିଆର ବଡ଼ ଖାରାପାଣି ହ୍ରଦ ଅଛନ୍ତି।
- **D.** ଚିଲିକା ହ୍ରଦ ଏସିଆ ସବୁଠାରୁ ବଡ଼ ଖାରାପାଣି ହେଉଛି।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ସଠିକ ତତ୍ସମ ଶବ୍ଦ ବାଛନ୍ତୁ: "ମନ" ର ତତ୍ସମ କଣ?

A. ମନଶ୍ଚି

B. ମନସ୍ ✓

C. ମନସା

D. ମନସ୍ତି

Q7 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ମୁଁ ଏବେ ବଜାର ଯାଉଛି ।

A. I am going to the market now. ✓

B. I was going to the market .

C. I had gone to the market now.

D. I have been going to the market.

Q8 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ତୁମେ ମତେ କିଛି ନକହି କୁଆଡେ ଏକୁଟିଆ ଚାଲିଯାଇଥିଲ ?

A. Where have you gone alone without telling me?

B. Where did you go alone without telling me? ✓

C. Why did you go alone without telling me?

D. How did you go alone without telling me?

Q9 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ତାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ।

ଭାରତରେ ଭୋଟର ତାଲିକାର ସ୍ୱେଶାଲ ଇଣ୍ଟେନସିବ ରିଭିଜନ (SIR) ହେଉଛି ଭାରତୀୟ ନିର୍ବାଚନ କମିଶନ (ECI) ଦ୍ୱାରା ଗ୍ରହଣ କରାଯାଇଥିବା ଏକ କେନ୍ଦ୍ରିତ ଏବଂ ତ୍ୱରାନ୍ୱିତ କାର୍ଯ୍ୟ ଯାହା ଭୋଟର ତାଲିକା ସଠିକ, ଅନ୍ତର୍ଭୁକ୍ତ ଏବଂ ଅପଡେଟ ରହିବାର ନିଶ୍ଚିତ କରିଥାଏ। ପ୍ରତିବର୍ଷ ଭୋଟର ତାଲିକା ସଂଶୋଧନ କରାଯାଉଥିବା ବେଳେ, ଏକ ସ୍ୱେଶାଲ ଇଣ୍ଟେନସିବ ରିଭିଜନ ଏପରି ପରିସ୍ଥିତିରେ କରାଯାଏ ଯେଉଁଠାରେ ଭୋଟରଙ୍କ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଶା କରାଯାଏ, ଯେପରିକି ବଡ଼ ପରିମାଣର ସ୍ଥାନାନ୍ତର, ପ୍ରାକୃତିକ ବିପର୍ଯ୍ୟୟ, ସହରାଞ୍ଚଳ ପ୍ରସାରଣ, କିମ୍ବା ବିଦ୍ୟମାନ ତାଲିକାରେ ଯଥେଷ୍ଟ ତ୍ରୁଟି ଚିହ୍ନଟ। ଏହାର ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରିବା, ଅଯୋଗ୍ୟ କିମ୍ବା ଡୁପ୍ଲିକେଟ୍ ପ୍ରବେଶଗୁଡ଼ିକୁ ଦୂର କରିବା ଏବଂ ନାମ, ଠିକଣା, ବୟସ କିମ୍ବା ଅନ୍ୟାନ୍ୟ ଜନସଂଖ୍ୟାଗତ ବିବରଣୀ ସହିତ ଜଡିତ ତ୍ରୁଟି ସଂଶୋଧନ କରିବା। ଏହି କାର୍ଯ୍ୟ ସମୟରେ, ବୁଥ୍-ସ୍ତରୀୟ ଅଧିକାରୀ (BLO) ଏବଂ କ୍ଷେତ୍ର କର୍ମଚାରୀମାନେ ଯୋଗ୍ୟ ଭୋଟରଙ୍କୁ ଯାଞ୍ଚ କରିବା ପାଇଁ ପରିବାର ପରିଦର୍ଶନ କରନ୍ତି, ନୂତନ ଭୋଟରଙ୍କ ପାଇଁ ଫର୍ମ-6 ଆବେଦନ ସଂଗ୍ରହ କରନ୍ତି (ବିଶେଷକରି ଯେଉଁମାନେ 18 ବର୍ଷ ବୟସରେ ପହଞ୍ଚିଛନ୍ତି), ଏବଂ ଯଥାକ୍ରମେ ଫର୍ମ-7, ଫର୍ମ-8 ଏବଂ ଫର୍ମ-8A ପ୍ରକ୍ରିୟାକରଣ କରନ୍ତି ଯାହା ଦ୍ୱାରା ବିଲୋପ, ସଂଶୋଧନ ଏବଂ ସ୍ଥାନାନ୍ତରଣ ହୁଏ।
ଏହି ପ୍ରକ୍ରିୟାରେ ଜନ ଅଂଶଗ୍ରହଣ ଏବଂ ସ୍ୱଚ୍ଛତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଭୋଟଗ୍ରହଣ କେନ୍ଦ୍ର ଗୁଡ଼ିକରେ ଡ୍ରାଫ୍ଟ ତାଲିକା ପ୍ରକାଶିତ ଏବଂ ପ୍ରଦର୍ଶିତ ହୁଏ, ଯାହା ନାଗରିକମାନଙ୍କୁ ସେମାନଙ୍କର ବିବରଣୀ ଯାଞ୍ଚ କରିବାକୁ ଏବଂ ଯଦି କିଛି ତ୍ରୁଟି ଥାଏ ଆପତ୍ତି ଉଠାଇବାକୁ ସକ୍ଷମ କରିଥାଏ, । ଭୋଟର ହେଲ୍ପଲାଇନ୍ ଆପ୍ ଏବଂ NVSP ପୋର୍ଟାଲ୍ ମାଧ୍ୟମରେ ସ୍ୱତନ୍ତ୍ର ଶିବିର, ଭୋଟର ସଚେତନତା ଅଭିଯାନ, ସହାୟତା ଡେସ୍କ ଏବଂ ଅନଲାଇନ୍ ସେବା ନାଗରିକମାନଙ୍କୁ ସୂଚନା ପଞ୍ଜିକରଣ ଏବଂ ଯାଞ୍ଚ କରିବାରେ ସହାୟତା କରେ। ECI ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି, ସୀମାନ୍ତ ସମ୍ପ୍ରଦାୟ ଏବଂ ସେବା ଭୋଟର ଭଳି ଦୁର୍ବଳ ଗୋଷ୍ଠୀମାନଙ୍କ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଏ ଯାହା ଦ୍ୱାରା ସେମାନଙ୍କର ଅନ୍ତର୍ଭୁକ୍ତି ସୁନିଶ୍ଚିତ ହୋଇପାରିବ। ତ୍ରୁଟି, ପ୍ରତିରୂପଣ କିମ୍ବା ନକଲି ଭୋଟିଂ ପ୍ରବେଶକୁ ରୋକିବା ପାଇଁ କଠୋର ପ୍ରକ୍ରିୟା ଅନୁସରଣ କରାଯାଏ। ଦାବି ଏବଂ ଆପତ୍ତିର ସମାଧାନ ହେବା ପରେ, ଏକ ଚୂଡ଼ାନ୍ତ ଅପଡେଟ ଭୋଟର ତାଲିକା ପ୍ରକାଶିତ ହୁଏ। ସ୍ୱେଶାଲ ଇଣ୍ଟେନସିବ ରିଭିଜନ ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତାକୁ ସୁଦୃଢ଼ କରିବା ଏବଂ ଏକ ସ୍ୱଚ୍ଛ ଏବଂ ସଠିକ ଭୋଟର ତାଲିକା ଆଧାରରେ ନିର୍ବାଚନ ପରିଚାଳନା ନିଶ୍ଚିତ କରିବା ପାଇଁ ଏକ ସୁରକ୍ଷା ଭାବରେ କାର୍ଯ୍ୟ କରେ।

ସ୍ୱେଶାଲ ଇଣ୍ଟେନସିବ ରିଭିଜନ ମୁଖ୍ୟ ଉଦ୍ଦେଶ୍ୟ କଣ?

A. ନିର୍ବାଚନକୁ ଶୀଘ୍ର ପରିଚାଳନା କରିବା

B. ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସଂଶୋଧନ ଏବଂ ଅପଡେଟ୍ କରିବା ✓

C. ଭୋଟ ଗଣନାକାରୀଙ୍କୁ ହାତରେ ଗଣନା କରିବା

D. ପୋଲିଂ ଅଧିକାରୀମାନଙ୍କୁ ତାଲିମ ଦେବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

ଫର୍ମ-6 କଣ ପାଇଁ ବ୍ୟବହାର କରାଯାଏ?

A. ନାମ ବିଲୋପ କରିବା

B. ନୂତନ ଭୋଟର ଯୋଡିବା ✓

C. ପ୍ରବେଶ ସଂଶୋଧନ

D. ଅନ୍ୟ ନିର୍ବାଚନମଣ୍ଡଳୀକୁ ଭୋଟ ସ୍ଥାନାନ୍ତର କରିବା

Q11 Odia

କ୍ଷେତ୍ର ଯାଞ୍ଚରେ କେଉଁ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି?

A. ପୋଲିସ ଅଧିକାରୀ

B. ତୃଣ-ସ୍ତରୀୟ ଅଧିକାରୀ ✓

C. ବିଚାରପତି

D. ଜନଗଣନା ଅଧିକାରୀ

Q12 Odia

ସ୍ନେଶାଲ ଇଣ୍ଟେନସିବ ରିଭିଜନ କେତେବେଳେ କରାଯାଏ?
ଯେତେବେଳେ _____.

A. ପ୍ରବଳ ବର୍ଷା ହୁଏ

B. ଭୋଟର ଜନସଂଖ୍ୟାରେ ଯଥେଷ୍ଟ ପରିବର୍ତ୍ତନ ହୁଏ ✓

C. ନିର୍ବାଚନ ବାତିଲ ହୁଏ

D. ବଜେଟ୍ ଘୋଷଣା ହୁଏ

Q13 Odia

ନିମ୍ନ ଲିଖିତ ମଧ୍ୟରୁ କେଉଁଟି ର ନିଷ୍ପତ୍ତି ନେଲା ପରେ ଭୋଟର ତାଲିକା ଚୂଡ଼ାନ୍ତ ହୁଏ?

A. ଦାବି ଏବଂ ଆପତ୍ତି ✓

B. ନାମାଙ୍କନ ପତ୍ର

C. ଭୋଟପତ୍ର

D. ବଜେଟ୍ ପ୍ରସ୍ତାବ

Q14 Odia

ଯେଉଁ ବିଶେଷଣ ପଦ ଅବ୍ୟୟ ପଦକୁ ବିଶେଷଣ କରେ,ତାକୁ କ'ଣ କୁହାଯାଏ ?

A. ଗୁଣବାଚକ ବିଶେଷଣ

B. ସର୍ବନାମର ବିଶେଷଣ

C. ସଂଖ୍ୟାବାଚକ ବିଶେଷଣ

D. ଅବ୍ୟୟର ବିଶେଷଣ ✓

Q15 Odia

ନିମ୍ନୋକ୍ତ ଶବ୍ଦଗୁଡ଼ିକ ମଧ୍ୟରୁ 'ଇଷ୍ଟ' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦଟି ନିରୂପଣ କର।

A. କଷ୍ଟ

B. ଇହ

C. ଅନିଷ୍ଟ ✓

D. ଅସୁସ୍ଥ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 36 · 04 Jun 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଭାରତୀୟ ରେଳ ଦେଶର ସବୁଠାରୁ ବଡ଼ ନିୟୋଜକ ଅଟେ ।

- **A.** Indian Railways is the largest employer in the country. ✓
- **B.** Indian Railway are biggest employ of country.
- **C.** The Indian Railway is largest employment in country.
- **D.** Indian Railways be the large employers.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ବିଶ୍ୱର ସବୁ ସମୁଦ୍ର ଏବଂ ମହାସାଗରରେ ବିଭିନ୍ନ ପ୍ରକାରର ଜୀବଜନ୍ତୁ ରହିଥାନ୍ତି ।

- **A.** Different types of creatures live in the ocean and seas around the world. ✓
- **B.** Different types of creatures lives in ocean and seas around world.
- **C.** Different type of creatures live in the oceans and seas around world.
- **D.** Different types of creatures living in oceans and seas around the world.

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ସବୁ ରେଳଷ୍ଟେସନ ରେ ଯାତ୍ରୀ ଙ୍କ ସୁରକ୍ଷା ଲାଗି ସିସିଟିଭି ଖଞ୍ଜା ଯାଇଛି ।

- **A.** CCTV cameras will be installed at all railway stations for the safety of passengers.
- **B.** CCTV cameras have been installed at all railway stations for the safety of passengers. ✓
- **C.** CCTV cameras being installed at all railway stations for the passengers.
- **D.** CCTV cameras have been installed at all railway stations.

Q4 Odia

"ଆଲୋ ମଉସା ଜଡ ପଇସା"-ଏହି ଲୋକୋକ୍ତିର ଠିକ୍ ଅର୍ଥ କଣ ?

- **A.** ମଉସାଙ୍କ ପାଖରେ ଜଡ ପଇସା ଅଛି ।
- **B.** ମଉସା ପଇସା ପାଇଁ ଜଡ ହୋଇଯାଇଛି ।
- **C.** ସବୁ କାମ ପାଇଁ ଅର୍ଥ ଦରକାର । ✓
- **D.** ସବୁ କାମ ପାଇଁ ପରିଶ୍ରମ ଦରକାର ।

Q5 Odia

ଜଣେ ମାଆ ତା'ର ପୁଅକୁ ବର୍ଷବର୍ଷ ଧରି ଚାହିଁ ରହିଛି । ଉକ୍ତ ବାକ୍ୟରେ କ୍ରିୟାବିଶେଷଣ ଚିହ୍ନଟ କର ।

- **A.** ମାଆ
- **B.** ପୁଅ
- **C.** ଚାହିଁ ରହିଛି
- **D.** ବର୍ଷବର୍ଷ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ଗୁଞ୍ଜନକୁ ଗାଁରେ ସମସ୍ତେ ଗାଳି କଲେ ତଥାପି ସେ ରାଗିଲା ନାହିଁ – ରେଖାଙ୍କିତ ପଦଟି କେଉଁ ଅବ୍ୟୟ ଚିହ୍ନଟ କର ।

A. ବିଯୋଜକ ଅବ୍ୟୟ ✓

B. କାଳବାଚକ ଅବ୍ୟୟ

C. ସଂଯୋଜକ ଅବ୍ୟୟ

D. ଯୁଗ୍ମରୂପ ଅବ୍ୟୟ

Q7 Odia

"ବସିବା ଠାରୁ କାଶିବା ଭଲ"- ଏହି ଲୋକୋକ୍ତିର ଠିକ୍ ଅର୍ଥ କିଏ ?

A. ବେଶି ବିଶ୍ରାମ କରିବା ଉଚିତ

B. ସବୁବେଳେ କିଛି ନା କିଛି କାର୍ଯ୍ୟ କରିବା ଉଚିତ ✓

C. କାମ ନକରି ବସିବା ଭଲ

D. ନ ବସି କାଶିବା ଭଲ

Q8 Odia

ଅନୁଚ୍ଛେଦଟି ପଢି ଉତ୍ତର ଲେଖ ।

ଗାନ୍ଧିଜୀ ୧୯୪୦ ମସିହାରେ ଅଗଷ୍ଟ ମାସ 'ହରିଜନ' ପତ୍ରିକାର ଗୋଟିଏ ସଂଖ୍ୟାରେ ଏହି ନ୍ୟାସୀତତ୍ତ୍ୱ ଉପସ୍ଥାପିତ କରିଥିଲେ । ସମାଜ ଭିତରେ, ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ, ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଆୟ ଏବଂ ସମ୍ପଦର ଉତ୍କଟ ତାରତମ୍ୟ ରହିଲେ ସମାଜ ତିଷ୍ଠିପାରିବ ନାହିଁ । ଭାରତବର୍ଷରେ ଏ ତାରତମ୍ୟ ଥିଲା ଏବଂ ଏହା ବୃଦ୍ଧି ପାଇବାରେ ଲାଗିଛି । ମହାତ୍ମାଜୀ ଏହି ନ୍ୟାସୀତତ୍ତ୍ୱର ବ୍ୟାଖ୍ୟା କଲେ 'ହରିଜନ' ପତ୍ରିକାରେ । ଧନୀ ଲୋକେ ତାଙ୍କ ସମ୍ପତ୍ତିର ଅଧିକାରୀ ହୋଇ ରହିବେ । ଶିଳ୍ପପତି ଏବଂ ବ୍ୟବସାୟୀମାନେ ଶିଳ୍ପ ବ୍ୟବସାୟର ମାଲିକ ହୋଇ ରହିବେ । ସେଥିରୁ ତାଙ୍କୁ ବିଚ୍ୟୁତ କରାଯିବ ନାହିଁ । ତାଙ୍କ ପରିଚାଳନାର ସାଫଲ୍ୟ ହେବ ତାଙ୍କ ଗୌରବ । ମାତ୍ର ତାଙ୍କପାଇଁ ଏବଂ ତାଙ୍କର ପରିବାରପାଇଁ ଯଥାର୍ଥରେ ଯେତିକି ଆବଶ୍ୟକ,ସେତିକି ପରିମାଣରେ ଅର୍ଥ ସେ ବ୍ୟୟ କରିବେ ; ଉଦ୍ -ବୃତ୍ତ ସମସ୍ତ ଲାଭାଂଶ ସମାଜର ହିତରେ ବ୍ୟୟିତ ହେବ । ତାହା ପୁଣି ତାଙ୍କରି ସ୍ୱେଚ୍ଛାରେ ; ବାଧ୍ୟବାଧକତାରେ ନୁହେଁ । ଏଥିଲାଗି ସେମାନେ ହେବେ ସମାଜର ନ୍ୟାସୀ । ଗାନ୍ଧିଜୀଙ୍କର ଅହିଂସା ନୀତି ଅନୁଯାୟୀ ସେମାନଙ୍କୁ ସମ୍ପତ୍ତିରୁ ବଳପୂର୍ବକ ବିଚ୍ୟୁତ କରିବା ଅସଙ୍ଗତ। ସେମାନେ ସ୍ୱତଃପ୍ରବୃତ୍ତ ହୋଇ ନ୍ୟାସୀତ୍ୱ ବରଣ କରିନେବେ । ବଳପୂର୍ବକ ସମ୍ପତ୍ତି ବାଜ୍ୟାପ୍ତ କଲେ, ତାହା ହୁଏ ହିଂସା -ପ୍ରଣୋଦିତ ଆଚରଣ। ସେଥିରୁ ଉପୁଜେ ପ୍ରତିହିଂସା । ଏହି ଅଭିକ୍ରିୟାର ଅବସାନ ହୁଏନାହିଁ । ପଛାର ପ୍ରକରଣରେ ରଞ୍ଜିତ ହୁଏ ପ୍ରକୃତି । ଫଳରେ ସମାଜ ସ୍ଥିତି ହୁଏ ଅଶାନ୍ତ । ଅନାସକ୍ତିର ରୂପାନ୍ତର କରି ଗାନ୍ଧୀଜୀ ପ୍ରଣୟନ କଲେ ଏହି ନ୍ୟାସିବାଦ ।

ଅନୁଚ୍ଛେଦରେ ଦିଆଯାଇଥିବା ଇଚ୍ଛା ଶବ୍ଦର ବିପରୀତ ଅର୍ଥ ବୋଧକ ଶବ୍ଦଟି କେଉଁଟି ?

A. ସ୍ୱଇଚ୍ଛା

B. ଅନ୍ୟଇଚ୍ଛା

C. ଅନିଚ୍ଛା ✓

D. ହତଇଚ୍ଛା

Q9 Odia

ଅନୁଚ୍ଛେଦରେ ପ୍ରଦତ୍ତ ନ୍ୟାସି ଶବ୍ଦର ଉପଯୁକ୍ତ ଧାରଣା କ'ଣ ହୋଇପାରେ ?

A. ଧର୍ମଗତ ବୈସମ୍ୟ

B. ଜାତିଗତ ବୈଷମ୍ୟ

C. ସାମାଜିକ ବୈଷମ୍ୟ

D. ସମ୍ପଦର ତାରତମ୍ୟ ✓

Q10 Odia

ଅନୁଚ୍ଛେଦରେ ଦିଆଯାଇଥିବା ସମ୍ପଦର ସମାନାର୍ଥ ବୋଧକ ଶବ୍ଦ କଣ ହେବ ?

A. ଧନ ✓

B. ମନ

C. ଜନ

D. ମୀନ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

ନିମ୍ନଲିଖିତ ବିକଳ୍ପ ମଧ୍ୟରୁ ଅନୁଚ୍ଛେଦ ପାଇଁ ଉପଯୁକ୍ତ ସାରାଂଶ ବାଛ ?

A. ଗାନ୍ଧୀଜୀଙ୍କ ଅହିଂସାନିତି

B. ଗାନ୍ଧୀଜୀଙ୍କ ଗ୍ରାମ୍ୟ ସ୍ୱରାଜ

C. ଗାନ୍ଧୀଜୀଙ୍କ ଆର୍ଥିକ ସାମ୍ୟବାଦୀ ଦର୍ଶନ ✓

D. ଗାନ୍ଧୀଜୀଙ୍କ ବର୍ଣ୍ଣବୈଷମ୍ୟ ଚେତନା

Q12 Odia

ବିଷୟବସ୍ତୁ ଅନୁଯାୟୀ ଅନୁଚ୍ଛେଦର ଗଢଣ କେଉଁ ପ୍ରକାର ?

A. ବୈଜ୍ଞାନିକ

B. ଐତିହାସିକ

C. ସମାଜ ସଂସ୍କାର ମୂଳକ ✓

D. ପୌରାଣିକ

Q13 Odia

'ମୁଣ୍ଡରେ ପଶିବା'- ରୂଢ଼ିର ଅର୍ଥ କଣ?

A. ବୁଧିବଣା ହେବା

B. ବାଟଦିଶିବା

C. ମୃତ୍ୟୁବରଣ କରିବା

D. ବୁଝିପାରିବା ✓

Q14 Odia

'ସ୍ମରଣ' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

A. ନିସ୍ମରଣ

B. ପ୍ରସ୍ମରଣ

C. ବିସ୍ମରଣ ✓

D. ଅସ୍ମରଣ

Q15 Odia

କେଉଁ ଟି ଏକ କ୍ରିୟା ବିଶେଷଣ ପଦ ।
ବୁଢାଟି ଖୁସିରେ ରହୁଛି ।

A. ରହୁଛି

B. ଖୁସିରେ ✓

C. ବୁଢା

D. ବୁଢାଟି

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 37 · 05 Jun 2026 · 12:30 PM - 2:00 PM · Odia (Odia)

Odia

Q1 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାନାର୍ଥବୋଧକ ଶବ୍ଦ ଲେଖ।
ମୁଁ ଦିନେ ଦିନେ "ବିଦ୍ୟାଳୟ" କୁ ଯାଏ।

A. ଗୃହ

B. ଶିକ୍ଷାଳୟ ✓

C. ଅଫିସ

D. ମନ୍ଦିର

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The bowler took three wickets in one over.

A. ବୋଲର ଏକ ଓଭରରେ ତିନୋଟି ୱିକେଟ ନେଇଥିଲେ। ✓

B. ବୋଲର୍ ଗୋଟିଏ ଓଭରରେ ତିନୋଟି ଉଇକେଟ୍ ନେଇଛି।

C. ବୋଲର୍ ଗୋଟିଏ ଓଭରରେ ତିନୋଟି ଉଇକେଟ୍ ନେଲା।

D. ବୋଲର୍ ଗୋଟିଏ ଓଭରରେ ତିନୋଟି ଉଇକେଟ୍ ନେଅଛି।

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Ayushman Bharat scheme provides free health insurance to poor families.

A. ଆୟୁଷ୍ମାନ ଭାରତ ଯୋଜନା ଗରିବ ପରିବାରଙ୍କୁ ମାଗଣା ସ୍ୱାସ୍ଥ୍ୟ ବୀମା ପ୍ରଦାନ କରେ। ✓

B. ଆୟୁଷ୍ମାନ୍ ଭାରତ ଯୋଜନା ଗରିବ ପରିବାର ମାନେକୁ ମାଗଣା ସ୍ୱାସ୍ଥ୍ୟ ବୀମା ଦେଉଛି।

C. ଆୟୁଷ୍ମାନ୍ ଭାରତ ଯୋଜନା ଗରିବ ପରିବାରମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ବୀମା ଦେଲା।

D. ଆୟୁଷ୍ମାନ୍ ଭାରତ ଯୋଜନା ଗରିବ ପରିବାର ମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ବୀମା ଦେଇ।

Q4 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ
ପଙ୍କଜ

A. ସୂର୍ଯ୍ୟ

B. ପତ୍ର

C. ପୁଷ୍ପ

D. ନାଲିନ୍ ✓

Q5 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଓଡିଶାର ସମ୍ବଲପୁର ରେ ମା ସମଲେଇଙ୍କ ପବିତ୍ର ସ୍ଥଳୀ ଅଛି ।

A. There was a holy shrine of Maa Samlai in Sambalpur, Odisha

B. There is a holy shrine of Maa Samlai in Odisha.

C. There is a holy shrine in Sambalpur, Odisha

D. There is a holy shrine of Maa Samlai in Sambalpur, Odisha ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

କର୍' ତଦ୍ଭବ ଧାତୁ କେଉଁ ଅର୍ଥକୁ ବୁଝାଏ ?

A. କାଟିବା

B. କରିବା ✓

C. ଧରିବା

D. ମରିବା

Q7 Odia

ନିମ୍ନୋକ୍ତ ଅନୁଚ୍ଛେଦକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଚୟନ କର ।

ସକ୍ରେଟିସ୍ ଆପଣା ବିଦ୍ୱତା ଓ ନମ୍ରତା କାରଣରୁ ଅତି ଲୋକପ୍ରିୟ ଥିଲେ। ଏକଦା ଭ୍ରମଣ କରୁଥିବା ସମୟରେ ଜଣେ ପରିଚିତ ବ୍ୟକ୍ତି ତାଙ୍କୁ ଭେଟି ନମସ୍କାର କରି କହିଥିଲେ- 'ଜାଣିଛନ୍ତି, କାଲି ଆପଣଙ୍କର ଜଣେ ଘନିଷ୍ଠ ମିତ୍ର ଆପଣଙ୍କ ବିରୋଧରେ କ'ଣ ସବୁ କହୁଥିଲେ? ଏହା ଶୁଣିବା ପରେ ପରିଚିତଙ୍କ ଉଦ୍ଦେଶ୍ୟରେ ସକ୍ରେଟିସ କହିଥିଲେ-'ମୋ ବିରୋଧରେ ମିତ୍ର କ'ଣ କହୁଥିଲେ ମୁଁ ତୁମଠାରୁ ଶୁଣିବାକୁ ଚେଷ୍ଟା କରିବି; ହେଲେ ପ୍ରଥମେ ମୋର ଛୋଟ ପ୍ରଶ୍ନ ତିନିଟିର ତୁମକୁ ଉତ୍ତର ଦେବାକୁ ହେବ।' ତାଙ୍କଠାରୁ ଏହା ଶୁଣି ପରିଚିତ ବ୍ୟକ୍ତି ତଟସ୍ଥ ହୋଇ ଯାଇଥିଲେ ଏଇଥିପାଇଁ ଯେ ତାଙ୍କ ଭଳି ସୀମିତ ଜ୍ଞାନସମ୍ପନ୍ନ ଜଣେ ବ୍ୟକ୍ତି ସକ୍ରେଟିସଙ୍କ ତତ୍ତ୍ୱଜ୍ଞାନ ସମ୍ବଳିତ ପ୍ରଶ୍ନର କ'ଣ ବା ଉତ୍ତର ଦେବେ? ତଥାପି ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ପଡ଼ି ଇସାରାରେ ପ୍ରଶ୍ନ ପଚାରିବାକୁ କହିଥିଲେ। ସକ୍ରେଟିସ ପ୍ରଥମେ ପ୍ରଶ୍ନ କରିଥିଲେ- 'ତୁମେ ଏବେ ମୋତେ ବତାଅ ଯାହା କହିବାକୁ ଚାହୁଁଛ ତାହା ପୂରା ସତ ତ?' ଆଗନ୍ତୁକ ମୁଣ୍ଡ ତଳକୁ କରି କହିଥିଲେ- 'ନା, ମୁଁ ଏ କଥା ଜଣଙ୍କଠାରୁ ଶୁଣିଛି। ନିଜେ ଶୁଣି ନାହିଁ । ସତମିଛ ସମ୍ପର୍କରେ ଠିକ୍ କହି ପାରିବିନି ।' 'ଏହାର ତାତ୍ପର୍ଯ୍ୟ ହେଲା ତୁମେ ଠିକ୍ ଜାଣିନ ଯେ ମୋତେ ଯାହା କହିବାକୁ ଚାହୁଁଛ ତାହା ସତ କି ମିଛ? ଛାଡ଼ନ୍ତୁ, ଏବେ କୁହନ୍ତୁ ମୋତେ ଯାହା କହିବାକୁ ଚାହୁଁଛନ୍ତି ମୋ ପାଇଁ ତାହା ଭଲ କି ନୁହେଁ? -ପଚାରିଥିଲେ ସକ୍ରେଟିସ୍। 'ଆପଣଙ୍କ ପାଇଁ ଭଲନୁହେଁ ବୋଲି ଭାବୁଛି । ଆପଣ ଏହା ଶୁଣିଲା ପରେ ହୁଏତ ମନ ଦୁଃଖ କରିବେ। ଆପଣଙ୍କ ମନରେ କଷ୍ଟ ଦେବ'- କହିଥିଲେ ଆଗନ୍ତୁକ। ଏବେ ତୁମକୁ ମୋର ତୃତୀୟ ପ୍ରଶ୍ନ- 'ତୁମେ ମୋତେ ଯାହା କିଛି କହିବାକୁ ଚାହୁଁଛ (ମୋ ଉପରେ ଟିପ୍‌ପଣୀ) ତାହା ମୋର କାର୍ଯ୍ୟ ପରିସରଭୁକ୍ତ କି? ମୋର କୌଣସି ତ୍ରୁଟିପୂର୍ଣ କାର୍ଯ୍ୟକୁ ନେଇ ସେ ଏହି ଟିପ୍‌ପଣୀ ଦେଇଛନ୍ତି କି?' 'ନା, ସେ ଭଳି କିଛି ନୁହେଁ- କହିଥିଲେ ଆଗନ୍ତୁକ ମିତ୍ର । ତିନିଟିଯାକ ପ୍ରଶ୍ନର ବିଚିତ୍ର ନକାରାତ୍ମକ ଉତ୍ତର ଶୁଣି ସାରିବା ପରେ ସକ୍ରେଟିସ କହିଥିଲେ ଏଭଳି ଏକ କଥା, ଯାହା ସତ ନୁହେଁ, ଯାହା ଶୁଣିବା ମୋ ପାଇଁ ଉତ୍ତମ ହୋଇ ନପାରେ, ଯେଉଁ କଥା ସହିତ ମୋର ହାନିଲାଭ କିଛି ବି ନାହିଁ ତାକୁ ଶୁଣି ମୋର କ'ଣ ଫାଇଦା ଅଛି? ଆଉ ତୁମେ ମଧ୍ୟ ଶୁଣି ଉଖ- ଯେଉଁ ପ୍ରସଙ୍ଗକୁ ନେଇ ତୁମର କିଛି ଫାଇଦା ଉଠାଇବାର ନାହିଁ, ସେଥିରେ ତୁମେ କାହିଁକି ଅଯଥାରେ ନିଜକୁ ଜଡ଼ିତ କରୁଛ? ଏହା ଶୁଣିବା ପରେ ତୁଗ୍ଲି କରି ସକ୍ରେଟିସଙ୍କ ପ୍ରିୟପାତ୍ର ହେବାକୁ ଆଶା କରିଥିବା ବ୍ୟକ୍ତି ଲଜ୍ଜା ଅନୁଭବ କରି ଚୁପ୍‌ଚାପ୍ ସେଠାରୁ ଚାଲି ଯାଇଥିଲେ।

ଏହି ଅନୁଚ୍ଛେଦ ପାଇଁ ଉପଯୁକ୍ତ ଶୀର୍ଷକଟି କ'ଣ?

A. ସକ୍ରେଟିସଙ୍କ ମିତ୍ର

B. ତୁଗ୍ଲିର ପରିଣାମ

C. ତିନିଟି ପ୍ରଶ୍ନ ✓

D. ଏକ ସାଧାରଣ ଆଲୋଚନା

Q8 Odia

ଏହି ଅନୁଚ୍ଛେଦଟିର ଗଢଣଟି ଚିହ୍ନଟ କର ?

A. କାହାଣୀମୂଳକ ✓

B. ରାଜନୀତିକ

C. ବିଶ୍ଳେଷଣାତ୍ମକ

D. ବର୍ଣ୍ଣନାମୂଳକ

Q9 Odia

ଉପରୋକ୍ତ ଅନୁଚ୍ଛେଦର ସ୍ୱର ଚିହ୍ନଟ କର ?

A. ହାସ୍ୟମୟ

B. ଶିକ୍ଷାପ୍ରଦ ଓ ନୈତିକ ✓

C. କ୍ରୋଧପୂର୍ଣ୍ଣ

D. ବ୍ୟଙ୍ଗାତ୍ମକ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

ଅନୁଚ୍ଛେଦରେ କେଉଁ ତଥ୍ୟଟି ରହିଛି ଦର୍ଶାଅ ?

A. ସକ୍ରେଟିସ ମିତ୍ରଙ୍କ କଥାକୁ ତୁରନ୍ତ ବିଶ୍ୱାସ କରିଥିଲେ

B. ସକ୍ରେଟିସ ତିନୋଟି ପ୍ରଶ୍ନ ପଚାରିଥିଲେ ✓

C. ଆଗନ୍ତୁକ ସବୁ କଥା ସତ୍ୟ ଜାଣିଥିଲେ

D. ସକ୍ରେଟିସ କ୍ରୋଧିତ ହୋଇଥିଲେ

Q11 Odia

ଅନୁଚ୍ଛେଦଟିର ମୁଖ୍ୟ ବିଷୟବସ୍ତୁ ଚିହ୍ନଟ କର ?

A. ସକ୍ରେଟିସଙ୍କ ଜୀବନ

B. ମିତ୍ରଙ୍କ ଆଲୋଚନା

C. କଥା କହିବା ପୂର୍ବରୁ ସତ୍ୟ, ଉପକାର ଓ ପ୍ରୟୋଜନ ବିଚାର କରିବା ✓

D. ଭ୍ରମଣର ଗୁରୁତ୍ୱ

Q12 Odia

ସକାଳେ ସୂର୍ଯ୍ୟଙ୍କ 'ଉଦୟ' ହୁଏ ଏବଂ ସନ୍ଧ୍ୟାରେ _____ ହୁଏ।
(ନିମ୍ନରେ ପ୍ରଦତ୍ତ ଶବ୍ଦ ମଧ୍ୟରୁ ସଠିକ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର)

A. ଚୁଡ଼ିବା

B. ଶେଷ

C. ଅସ୍ତ ✓

D. ଅନ୍ଧାର

Q13 Odia

ନିମ୍ନଲିଖିତ ମଧ୍ୟରୁ କେଉଁଟି ସକର୍ମକ ମିଶ୍ର କ୍ରିୟାର ଉଦାହରଣ ?

A. ସେ ଲେଖୁଛି

B. ସେ ଗାନ କରୁଛି ✓

C. ସେ ପଢୁଛି

D. ପକ୍ଷୀ ଉଡୁଛି

Q14 Odia

ନିମ୍ବ ଖାଇବାକୁ ପିତା,------ଏହା ଶରୀର ପକ୍ଷେ ହିତକର । ଉପଯୁକ୍ତ ଅବ୍ୟୟ ପଦଟି ବାଛି ଶୂନ୍ୟ ସ୍ଥାନ ପୂରଣ କର ।

A. କିନ୍ତୁ ✓

B. ଓ

C. ଯଦିଓ

D. କିମ୍ବା

Q15 Odia

ବର୍ଷାରେ ଆଷାଢ଼ ଶ୍ରାବଣ, ମେଘ ବରଷେ ଘନ ଘନ ।ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ପଦ?

A. ବିକଳ୍ପାର୍ଥକ ଅବ୍ୟୟ

B. ସମ୍ଭାବନାସୂଚକ ଅବ୍ୟୟ

C. ବିଯୋଜକ ଅବ୍ୟୟ

D. ବିପ୍ସା-ସାର୍ଥକ ଅବ୍ୟୟ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 38 · 05 Jun 2026 · 4:00 PM - 5:30 PM · Odia (Odia)

Odia

Q1 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ
ଏହି ବର୍ଷଟି ଏକ "ନୂତନ" ଆରମ୍ଭ ଅଟେ।

A. ସୁନ୍ଦର

B. ପୁରୁଣା ✓

C. ଖୁସି

D. ଶାନ୍ତି

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The bridge is constructed over the Yamuna River.

A. ପୋଲଟି ଯମୁନା ନଦୀ ଉପରେ ନିର୍ମିତ ହୋଇଛି। ✓

B. ଯମୁନା ନଦୀ ଉପରେ ସେତୁ ନିର୍ମାଣ ହେଉଛି।

C. ଯମୁନା ନଦୀ ସେତୁ ଉପରେ ନିର୍ମାଣ ହୋଇଛି।

D. ଯମୁନା ନଦୀ ଉପରେ ସେତୁ ନିର୍ମାଣ ହୋଇଥିଲା।

Q3 Odia

"ଇନ୍ଦ୍ର ଚନ୍ଦ୍ର ନ ମାନିବା"ର ଅର୍ଥ?

A. ଅହଂକାର କରିବା ✓

B. ସହିଷ୍ଣୁତା

C. ଭୟଭୀତ କରିବା

D. ମୃତ୍ୟୁ ଭୟ

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ପ୍ରଧାନମନ୍ତ୍ରୀ ନିଯୁକ୍ତି ପତ୍ର ବାଣ୍ଟିଛନ୍ତି ।

A. The Prime Minister will distribute the appointment letters.

B. The Prime Minister was distributing the appointment letters.

C. The Prime Minister is distributing the appointment letters.

D. The Prime Minister has distributed the appointment letters. ✓

Q5 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

କାର୍ତ୍ତିକ ମାସ ସାରା ପ୍ରତିଦିନ ସକାଳୁ ମୋ ମା ମନ୍ଦିର କୁ ଯାଇ ପୂଜାଅର୍ଚ୍ଚନା କରେ ।

A. My mother goes to the temple every morning during the month of Kartik and offers prayers. ✓

B. My mother goes to the temple every morning during the month of Kartik .

C. My mother goes to the temple during the month of Kartik and offers prayers.

D. My mother goes to the temple every morning and offers prayers.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

> ନିମ୍ନଲିଖିତ ଅନୁଚ୍ଛେଦକୁ ପାଠ କରି ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ବାଛ ।
> ସୃଷ୍ଟିକର୍ତ୍ତା କୁକୁର ଲାଙ୍ଗୁଡକୁ ଏପରି ଭାବରେ ଗଢିଦେଇଛନ୍ତି ଯେ ତାହା ସର୍ବଦା ବଙ୍କା ହୋଇ ରହିବ । କିନ୍ତୁ ଥରେ ଜଣେ ଧନୀ ଲୋକ ତାକୁ ସଳଖ କରିବାକୁ ଇଚ୍ଛାକଲେ । ତାଙ୍କ ଇଚ୍ଛା ଅନୁସାରେ ଗୋଟିଏ ଭଲ କୁକୁର ଛୁଆ ଆଣି ପାଳନ କରାଗଲା । ତା'ର ଯତ୍ନନେବା ପାଇଁ ଜଣେ ସେବକକୁ ନିଯୁକ୍ତି ଦିଆଗଲା । କାରଣ ମାଲିକଙ୍କ ଇଚ୍ଛା ଯେତେ ପଇସା ଖର୍ଚ୍ଚ ହେବ ହେଉ ପଛକେ; କୁକୁର ଲାଙ୍ଗୁଡ ସଳଖ ହେଉ । ତେଣୁ ସେବକ ବିଚରା ଲାଙ୍ଗୁଡଟିକୁ ଆଉଁସି ଆଉଁସି ପ୍ରତିଦିନ ଟାଣି ଧରି ସିଧା କରିବାକୁ ଚେଷ୍ଟା କରୁଥାଏ । କିନ୍ତୁ ଗୋଟିଏ ବର୍ଷ ବିତିଲେ ବି ଲାଙ୍ଗୁଡ ଟିକିଏ ହେଲେ ସିଧା ହେଲା ନାହିଁ । ଏହି ସମୟରେ ତାଙ୍କ ଘର ଦେଇ ଜଣେ ସାଧୁ ଯାଉଥିଲେ । ଧନୀ ବ୍ୟକ୍ତି ଜଣକ ତାଙ୍କୁ ପଚାରିଲେ । ସେ କହିଲେ,"ବାବୁ ! ଲାଙ୍ଗୁଡ ଲୟର ନଳଟିଏ ଆଣି ତାକୁ ତା ଭିତରେ ରଖିଦିଅ । ତାହା ଆପେ ଆପେ ସଳଖି ଯିବ । ତାହାହିଁ କରାଗଲା । ବାଉଁଶ ନଳ ଭିତରେ ଲାଙ୍ଗୁଡକୁ ଦୁଇ ବର୍ଷ ରଖି ଖୋଲିଲା ବେଳକୁ ପୁଣି ବଙ୍କା । ତା'ପରେ ଲାଙ୍ଗୁଡକୁ ରୂପାନଳରେ ତିନି ବର୍ଷ ଏବଂ ସୁନାନଳରେ ଛଅ ବର୍ଷ ରଖାଗଲା । ଏଇମିତି ବାରବର୍ଷ କଟିଗଲେ ମଧ୍ୟ ଲାଙ୍ଗୁଡ ଯେଉଁଭଳି ବଙ୍କା ଥଲା, ସେହିଭଳି ବଙ୍କା ହୋଇରହିଲା ।

ଏହି ଅନୁଚ୍ଛେଦ ପାଇଁ "କୁକୁର ଲାଙ୍ଗୁଡ ସର୍ବଦା ବଙ୍କା" ଶୀର୍ଷକଟି କାହିଁକି ଉପଯୁକ୍ତ ?

A. କୁକୁର ଖୁବ ସୁନ୍ଦର ଥିଲା ।

B. ଲାଙ୍ଗୁଡ କେବେ ସିଧା ହେଲା ନାହିଁ । ✓

C. ଧନୀ ବ୍ୟକ୍ତିଙ୍କ ଉଚ୍ଚ ଆକାଂକ୍ଷା ଥିଲା ।

D. ସେବକ ଆଳସୁଆ ଥିଲା ।

Q7 Odia

କେଉଁ ଶୀର୍ଷକଟି ଏହି ଅନୁଚ୍ଛେଦ ପାଇଁ ସବୁଠାରୁ ଉପଯୁକ୍ତ ।

A. ସୁନାର ନଳ

B. ଧନୀ ବ୍ୟକ୍ତିର ଜୀବନ

C. ସ୍ୱଭାବ କେବେ ବଦଳେ ନାହିଁ । ✓

D. ସେବକର ଦୁଃଖ ।

Q8 Odia

"ସ୍ୱଭାବ କେବେ ବଦଳେ ନାହିଁ" ଶୀର୍ଷକର ଅର୍ଥ କଣ ?

A. ସବୁକିଛି ବଦଳେ

B. ଧନ ଦ୍ୱାରା ସବୁ ହୋଇପାରେ

C. ଜନ୍ମଜାତ ଗୁଣ ସହଜରେ ବଦଳେ ନାହିଁ ✓

D. ପଶୁମାନେ ବୁଦ୍ଧିମାନ

Q9 Odia

କେଉଁ ଶୀର୍ଷକଟି ଗଳ୍ପର ନୀତିକୁ ଠିକ୍ ଭାବରେ ଦେଖାଏ ?

A. ଧନର ଶକ୍ତି

B. ସେବକର ପରିଶ୍ରମ

C. କୁକୁରର ପାଳନ

D. ଜନ୍ମଜାତ ସ୍ୱଭାବ ଅବିଚଳ ✓

Q10 Odia

"ଜନ୍ମଜାତ ସ୍ୱଭାବ ଅବିଚଳ" ଶୀର୍ଷକ ଗଳ୍ପର କେଉଁ ଦିଗକୁ ଉଲ୍ଲେଖ କରେ ?

A. ଧନର ବ୍ୟବହାର

B. ସେବକର କଷ୍ଟ

C. ପ୍ରାକୃତିକ ଗୁଣ ବଦଳିବା ଦୁର୍ଲଭ ✓

D. ସାଧୁଙ୍କ ଜ୍ଞାନ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

'ଫମ୍ପା ମାଠିଆର ଶବ୍ଦ ବେଶି' ଏହି ହିତବାଣୀର ଅର୍ଥ କ'ଣ ?

A. ଜ୍ଞାନୀ ଲୋକ

B. ସତ୍ୟ କହୁଥିବା ଲୋକ ଅଧିକ କଥା କୁହେନାହିଁ ।

C. ଶାନ୍ତ ଲୋକ ଅଧିକ କଥା କୁହନ୍ତି ନାହିଁ

D. ମୁର୍ଖ ଲୋକର ବଡ଼ ବଡ଼ କଥା ବା ବାହାଦୁରୀ ✓

Q12 Odia

'ନିଷେଧାର୍ଥକ ଅବ୍ୟୟ' କାହାକୁ କୁହାଯାଏ ?

A. ଯେଉଁ ଅବ୍ୟୟ ସମୟକୁ ବୁଝାଏ ।

B. ଯେଉଁ ଅବ୍ୟୟ ସମ୍ଭାବନାକୁ ବୁଝାଏ ।

C. ଯେଉଁ ଅବ୍ୟୟ ନିଷେଧ ବା ବାରଣ ସୂଚିତ କରେ । ✓

D. ଯେଉଁ ଅବ୍ୟୟ ସମ୍ବୋଧନ କରେ ।

Q13 Odia

ଲୋକଟି ମଇଳା ଲୁଗା ପିନ୍ଧିଛି । - ଉକ୍ତ ବାକ୍ୟ ମଧ୍ୟରୁ ବିଶେଷଣ ପଦଟି ବାଛ ।

A. ଲୋକଟି

B. ମଇଳା ✓

C. ଲୁଗାଟି

D. ପିନ୍ଧିଛି

Q14 Odia

କେଉଁଟି ଏକ ତତ୍ଭବ ଶବ୍ଦ ?

A. ଛବି

B. ବାତ୍ୟା

C. ଅଷ୍ଟ

D. ଭୋଜୁଆ ✓

Q15 Odia

ଆପଣ ଅଯଥାରେ ରାଗିଛନ୍ତି । - ଉକ୍ତ ବାକ୍ୟରେ ଥିବା କ୍ରିୟା ବିଶେଷଣ ପଦଟି ବାଛ ।

A. ଆପଣ

B. ଅଯଥାରେ ✓

C. ରାଗିଛନ୍ତି

D. କେଉଁଟି ବି ନୁହେଁ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 39 · 05 Jun 2026 · 9:00 AM - 10:30 AM · Odia (Odia)

Odia

Q1 Odia

କ୍ରିୟା ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ଚୀନ, ଭାରତ, ଇରାକ୍ ଆଦି ଅନେକ ଅର୍ଦ୍ଧବିକଶିତ ଦେଶରେ କଳକାରଖାନାରୁ ନିର୍ଗତ ଆବର୍ଜନା ଓ ଦୂଷିତ ପଦାର୍ଥ ପ୍ରାକୃତିକ ଜଳଧାରାକୁ ଛାଡ଼ି ___ ।"

A. ଦେଲେ

B. ଦେଇନି

C. ଦିଆଯାଏ ✓

D. ଦେଲି

Q2 Odia

ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

" ହିମାଳୟ ପୃଥିବୀର ___ ପର୍ବତ ଅଟେ ।"

A. ଉଚ୍ଚତର

B. ଉଚ୍ଚତମ ✓

C. ନୀଚତର

D. ନୀଚତମ

Q3 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ
ଦେଶରେ "ଶାନ୍ତି" ରହିବା ଆବଶ୍ୟକ।

A. ଅଶାନ୍ତି ✓

B. ଆନନ୍ଦ

C. ସମାଧାନ

D. ସ୍ନେହ

Q4 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାନାର୍ଥବୋଧକ ଶବ୍ଦ ଲେଖ।
ଆମ "ଶିକ୍ଷକ" ଆମକୁ ଭଲ ପାଠ ପଢ଼ାନ୍ତି।

A. ଛାତ୍ର

B. ଗୁରୁ ✓

C. ପାଠକ

D. ସେବକ

Q5 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Kapil Dev won the first World Cup for India in 1983.

A. ୧୯୮୩ ମସିହାରେ କପିଳ ଦେବ ଭାରତ ପାଇଁ ପ୍ରଥମ ବିଶ୍ୱ କପ ଜିତିଥିଲେ। ✓

B. କପିଲ ଦେଭ ୧୯୮୩ ମସିହାରେ ଭାରତ ପାଇଁ ପ୍ରଥମ ବିଶ୍ୱକପ୍ ଜିତିଛନ୍ତି।

C. କପିଲ ଦେଭ ୧୯୮୩ ମସିହାରେ ଭାରତ ପାଇଁ ପ୍ରଥମ ବିଶ୍ୱକପ୍ ଜିତୁଛନ୍ତି।

D. କପିଲ ଦେଭ ୧୯୮୩ ମସିହାରେ ଭାରତ ପାଇଁ ପ୍ରଥମ ବିଶ୍ୱକପ୍ ଜିତେ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The peacock is the national bird of India and a symbol of grace.

A. ମୟୂର ଭାରତର ଜାତୀୟ ପକ୍ଷୀ ଏବଂ ଅନୁଗ୍ରହର ପ୍ରତୀକ ଅଟେ। ✓

B. ମୟୂର ଭାରତ ଜାତୀୟ ପକ୍ଷୀ ଏବଂ ଶୋଭା ପ୍ରତୀକ ଅଛି।

C. ମୟୂର ଭାରତର ଜାତୀୟ ପକ୍ଷୀ ଏବଂ ଶୋଭା ପ୍ରତୀକ ହେଲା।

D. ମୟୂର ଭାରତର ଜାତୀୟ ପକ୍ଷୀ ଶୋଭା ପ୍ରତୀକ ଅଛନ୍ତି।

Q7 Odia

ସଠିକ ତତ୍ସମ ଶବ୍ଦ ବାଛନ୍ତୁ: "ବୁଢ଼ି" ର ତତ୍ସମ କଣ?

A. ବୟସ୍କା

B. ବୃଦ୍ଧା ✓

C. ବୃଦ୍ଧିକା

D. ବୃଦ୍ଧ

Q8 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ପିଲାମାନେ ଖେଳପଡିଆ ରେ ନ ଖେଳି ମୋବାଇଲରେ ଅଧିକ ସମୟ ବିତାଉଛନ୍ତି |

A. The children are spending more time on their mobile phones than playing on the playground. ✓

B. The children are playing on their mobile phones than on the playground.

C. The children are spending more time on their mobile phones .

D. The children are spending more time on their mobile phones and not playing on the playground.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q9 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଭାରତୀୟ ବିଜ୍ଞାନ କଂଗ୍ରେସ (ISC) ଭାରତର ସବୁଠାରୁ ପ୍ରତିଷ୍ଠିତ ବୈଜ୍ଞାନିକ ସମାବେଶ ମଧ୍ୟରୁ ଗୋଟିଏ, ଯାହାର ଲକ୍ଷ୍ୟ ହେଉଛି ସମଗ୍ର ଦେଶରେ ବୈଜ୍ଞାନିକ ଭାବନା, ଗବେଷଣା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା। 1914 ମସିହାରେ ପ୍ରତିଷ୍ଠିତ, କୋଲକାତାଠାରେ କଂଗ୍ରେସର ପ୍ରଥମ ଅଧିବେଶନରେ ଦୁଇ ପ୍ରମୁଖ ବୈଜ୍ଞାନିକ - ସାର୍ ଆସୁତୋଷ ମୁଖାର୍ଜୀ ଏବଂ ସାର୍ ୱିଲିୟମ୍ ରାମସେଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସେବେଠାରୁ, ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ ମଞ୍ଚରେ ପରିଣତ ହୋଇଛି ଯେଉଁଠାରେ ଭାରତ ଏବଂ ବିଦେଶର ବୈଜ୍ଞାନିକ, ଶିକ୍ଷାବିତ୍, ଛାତ୍ର ଏବଂ ନୀତି ନିର୍ଦ୍ଧାରକମାନେ ବିଭିନ୍ନ ବୈଜ୍ଞାନିକ କ୍ଷେତ୍ରରେ ବିକାଶ ଏବଂ ବିଚାର ଆଦାନପ୍ରଦାନ ପାଇଁ ଅଂଶଗ୍ରହଣ କରନ୍ତି।

ପ୍ରତିବର୍ଷ, ଭାରତୀୟ ବିଜ୍ଞାନ କଂଗ୍ରେସ ଏକ ଭିନ୍ନ ବିଶ୍ୱବିଦ୍ୟାଳୟ କିମ୍ବା ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ହୋଇଥାଏ, ଯାହା ଏହାର ଅନ୍ତର୍ଭୁକ୍ତିମୂଳକ ଏବଂ ଜାତୀୟ ଚରିତ୍ରକୁ ପ୍ରତିଫଳିତ କରେ। ଏହି କାର୍ଯ୍ୟକ୍ରମ ସାଧାରଣତଃ ପାଞ୍ଚ ଦିନ ଧରି ଚାଲିଥାଏ ଏବଂ ଏଥିରେ ମହାକାଶ ବିଜ୍ଞାନ, ଜୈବପ୍ରଯୁକ୍ତିବିଦ୍ୟା, ପରିବେଶ, ସ୍ୱାସ୍ଥ୍ୟ, କୃଷି ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଭଳି ବିବିଧ ପ୍ରସଙ୍ଗ ଉପରେ ପୂର୍ଣ୍ଣ ଅଧିବେଶନ, ବକ୍ତୃତା, ପ୍ରଦର୍ଶନୀ ଏବଂ ଉପସ୍ଥାପନା କାର୍ଯ୍ୟକ୍ରମ ହୋଇଥାଏ। ଏହାର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ଶିଶୁ ବିଜ୍ଞାନ କଂଗ୍ରେସ, ଯାହା ଯୁବ ଛାତ୍ରମାନଙ୍କୁ ସେମାନଙ୍କର ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନ କରିବାକୁ ଏବଂ ବାଲ୍ୟକାଳରୁ ଗବେଷଣା ପ୍ରତି ଆଗ୍ରହ ବିକାଶ କରିବାକୁ ଉତ୍ସାହିତ କରେ।

ପ୍ରତିବର୍ଷ କଂଗ୍ରେସର ବିଷୟବସ୍ତୁ ପରିବର୍ତ୍ତନ ହୁଏ, ଯାହା ବର୍ତ୍ତମାନର ବୈଜ୍ଞାନିକ ଚ୍ୟାଲେଞ୍ଜ ଏବଂ ଜାତୀୟ ପ୍ରାଥମିକତା, ଯେପରିକି ସ୍ଥାୟୀ ବିକାଶ, ଶକ୍ତି ସୁରକ୍ଷା, ଡିଜିଟାଲ୍ ନବସୃଜନ ଏବଂ ଜଳବାୟୁ ସ୍ଥିରତା ଉପରେ ମୁଖ୍ୟତଃ ଧ୍ୟାନ ଦେଇଥାଏ। ନୋବେଲ୍ ବିଜେତାଙ୍କ ସମେତ ବିଶିଷ୍ଟ ବୈଜ୍ଞାନିକମାନେ ପ୍ରାୟତଃ ସମାବେଶରେ ଉଦବୋଧନ ଦିଅନ୍ତି ଏବଂ ଏହି କାର୍ଯ୍ୟକ୍ରମର ବିଶ୍ୱବ୍ୟାପୀ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରନ୍ତି। ଦୀର୍ଘ ଦଶନ୍ଧି ଧରି, ଭାରତୀୟ ବିଜ୍ଞାନ କଂଗ୍ରେସ ଭାରତର ବୈଜ୍ଞାନିକ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଜଡିତ ଜାତୀୟ ମିଶନକୁ ସମର୍ଥନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ଯଦିଓ କଂଗ୍ରେସ ବେଳେବେଳେ ପ୍ରଶାସନ ଏବଂ ବୈଜ୍ଞାନିକ କଠୋରତା ସମ୍ପର୍କରେ ସମାଲୋଚନାର ସମ୍ମୁଖୀନ ହୋଇଛି, ତଥାପି ଏହା ବୈଜ୍ଞାନିକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ସହଯୋଗକୁ ଉତ୍ସାହିତ କରିବା ଏବଂ ଭବିଷ୍ୟତ ପିଢ଼ିର ଗବେଷକଙ୍କୁ ପ୍ରେରଣା ଦେବା ପାଇଁ ଏକ ପ୍ରମୁଖ ମଞ୍ଚ ଭାବେ ଉଭା ହୋଇଛି। ଏହା ହେଉଛି ବୈଜ୍ଞାନିକ ପ୍ରଗତି ଏବଂ ନବସୃଜନ-ଚାଳିତ ବିକାଶ ପ୍ରତି ଭାରତର ପ୍ରତିବଦ୍ଧତାର ପ୍ରତୀକ।

ଭାରତୀୟ ବିଜ୍ଞାନ କଂଗ୍ରେସ ପ୍ରଥମେ କେଉଁଠି ଅନୁଷ୍ଠିତ ହୋଇଥିଲା?

A. ଦିଲ୍ଲୀ

B. ମୁମ୍ବାଇ

C. କୋଲକାତା ✓

D. ଚେନ୍ନାଇ

Q10 Odia

ଭାରତୀୟ ବିଜ୍ଞାନ କଂଗ୍ରେସ କେବେ ପ୍ରତିଷ୍ଠା ହୋଇଥିଲା?

A. 1905

B. 1914 ✓

C. 1922

D. 1956

Q11 Odia

ISCର କେଉଁ ଅଂଶ ଯୁବ ଛାତ୍ରମାନଙ୍କ ମଧ୍ୟରେ ବୈଜ୍ଞାନିକ ଆଗ୍ରହକୁ ପ୍ରୋତ୍ସାହିତ କରେ?

A. ଯୁବ ଉଦ୍ଭାବକ ମଞ୍ଚ

B. ଶିଶୁ ବିଜ୍ଞାନ କଂଗ୍ରେସ ✓

C. ଛାତ୍ର ନବସୃଜନ ପ୍ରକୋଷ୍ଠ

D. ବିଜ୍ଞାନ ପ୍ରତିଭା ଶିବିର

Q12 Odia

ଭାରତୀୟ ବିଜ୍ଞାନ କଂଗ୍ରେସର ସାଧାରଣ ଅବଧି କେତେ?

A. ଗୋଟିଏ ଦିନ

B. ତିନି ଦିନ

C. ପାଞ୍ଚ ଦିନ ✓

D. ସାତ ଦିନ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q13 Odia

ନିମ୍ନ ମଧ୍ୟରୁ ISCରେ ଏକ ମୁଖ୍ୟ ଉଦ୍ଦେଶ୍ୟ କଣ ?

A. କ୍ରୀଡା ଶିକ୍ଷାକୁ ପ୍ରୋତ୍ସାହିତ କରିବା

B. ବୈଜ୍ଞାନିକ ଆଲୋଚନା ଏବଂ ନବସୃଜନକୁ ଉତ୍ସାହିତ କରିବା ✓

C. ସାମରିକ କର୍ମଚାରୀମାନଙ୍କୁ ତାଲିମ ଦେବା

D. ବିଦେଶୀ ଭାଷା ଶିଖାଇବା

Q14 Odia

"ବାଳୀ ସୁଗ୍ରୀବ ଠାରୁ ବଳବାନ" ଏଠାରେ 'ବଳବାନ' କି ପ୍ରକାର ବିଶେଷଣ?

A. ରୀତିବାଚକ ବିଶେଷଣ

B. ତୁଳନାତ୍ମକ ବିଶେଷଣ ✓

C. ସଂଖ୍ୟାବାଚକ ବିଶେଷଣ

D. ପଦାନ୍ୱୟୀ ବିଶେଷଣ

Q15 Odia

'ମୁଣ୍ଡ ଝାଳ ତୁଣ୍ଡରେ ମାରିବା' ଏହି ରୂଢ଼ିର ଅର୍ଥ କଣ?

A. ମୁଣ୍ଡ ସଫା କରିବା

B. କଠିନ ପରିଶ୍ରମ କରିବା ✓

C. ଖରାବେଳେ ବୁଲିବା

D. କିଛି ନଖାଇ କାମ କରିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 40 · 08 Jun 2026 · 12:30 PM - 2:00 PM · Odia (Odia)

Odia

Q1 Odia

ସଠିକ ତଦ୍ଭବ ଶବ୍ଦ ବାଛନ୍ତୁ: "ପକ୍ଷୀ" ର ତଦ୍ଭବ କଣ?

- **A.** ପକ୍ଖି ✓
- **B.** ପକ୍ଷା
- **C.** ପକ୍ଟି
- **D.** ପିଅଁ

Q2 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମ ଇଂରାଜୀ ଶିକ୍ଷକ ବହୁତ ରାଗି ତେଣୁ ତାଙ୍କୁ ସମସ୍ତେ ଭୟ କରନ୍ତି |

- **A.** Our English teacher is very angry, so everyone is afraid.
- **B.** Our teacher is very angry, so everyone is afraid of him.
- **C.** Our English teacher is very angry, so everyone is afraid of him. ✓
- **D.** Our English teacher was very angry, so everyone afraid of him.

Q3 Odia

"ମାନିଲେ ଠାକୁର, ନ ମାନିଲେ ପଥର" ଲୋକବାଣୀର ଅର୍ଥ କ'ଣ?

- **A.** ପଥର ଠାକୁର
- **B.** ବିଶ୍ୱାସ ମୂଳରେ ସବୁକିଛି ✓
- **C.** ସବୁଠି ଠାକୁର ଅଛନ୍ତି
- **D.** ପଥରକୁ ପୂଜା କରିବା ଦରକାର

Q4 Odia

ହସିବା ଆନନ୍ଦ ଓ ନୀରୋଗତାର ପ୍ରତୀକ। ଏହି ବାକ୍ୟରେ ଥିବା କ୍ରିୟା ପଦଟିକୁ ଚିହ୍ନଟ କର।

- **A.** ଆନନ୍ଦ
- **B.** ପ୍ରତୀକ
- **C.** ହସିବା ✓
- **D.** ଓ

Q5 Odia

ପିଲାଟି ବାରମ୍ବାର ପାଣି ପିଉଛି।ଏହି ବାକ୍ୟରେ ଥିବା କ୍ରିୟାବିଶେଷଣ ପଦଟିକୁ ଚିହ୍ନଟ କର।

- **A.** ପାଣି
- **B.** ପିଲାଟି
- **C.** ବାରମ୍ବାର ✓
- **D.** ପିଉଛି

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ଘରଟିକୁ ତୋଳି ଦେବା ଲାଗି ତୁମେ କେତେ କାଳ ନେବ ?
ଏହି ବାକ୍ୟଟିର ଇଂରାଜି ଅନୁବାଦଟି ଲେଖ ?

A. How long will you taking to build this house ?

B. How long will you take to build this house? ✓

C. How much will you take to build this house?

D. How long will take you to build this house ?

Q7 Odia

ନିମ୍ନୋକ୍ତ ବାକ୍ୟଗୁଡିକ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚିହ୍ନଟ କର।

A. ଟେବୁଲ ଉପରେ କାଳ, କଲମ, ବହି, କାଗଜ ଅଛି ।

B. ଟେବୁଲ କାଳୀ ଉପରେ କଲମ, ବହି, କାଗଜ ଅଛି ।

C. ଟେବୁଲ ଉପରେ କାଳି, କଲମ, ବହୀ, କାଗଜ ଅଛି ।

D. ଟେବୁଲ ଉପରେ କାଳି, କଲମ, ବହି, କାଗଜ ଅଛି । ✓

Q8 Odia

ବନ୍ଧୁ ମତେ କନ୍ୟାକୁମାରୀ ଦେଖାଇଲେ - ରେଖାଙ୍କିତ ପଦଟି କେଉଁ ପ୍ରକାର କ୍ରିୟାପଦ ?

A. ଦ୍ୱିକର୍ମକ କ୍ରିୟା ✓

B. ସକର୍ମକ କ୍ରିୟା

C. ପ୍ରେରଣାର୍ଥକ କ୍ରିୟା

D. ଅକର୍ମକ କ୍ରିୟା

Q9 Odia

'ଯାତ୍ରା ଦେଖା କଦଳୀ ବିକା' ରୂଢିର ଅର୍ଥ ଚିହ୍ନଟ କର ।

A. ତୁଚ୍ଛା ଅଭିମାନ କରିବା

B. ଏକ ସମୟରେ ଦୁଇଟି କାର୍ଯ୍ୟ ସାଧନ ✓

C. ଆୟ ଦେଖି ବ୍ୟୟ କରିବା

D. ଜରାଜୀର୍ଣ୍ଣ କରାଇ ଦେବା

Q10 Odia

"The sun rises in the east." ଏହାର ସଠିକ୍ ଓଡ଼ିଆ ଅନୁବାଦ କେଉଁଟି?

A. ସୂର୍ଯ୍ୟ ପୂର୍ବ ଦିଗରେ ଅସ୍ତ ହୁଅନ୍ତି ।

B. ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି । ✓

C. ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହୁଅନ୍ତି ।

D. ସୂର୍ଯ୍ୟ ଆକାଶରେ ଦେଖାଯାନ୍ତି ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

> ପ୍ରଦତ୍ତ ଅନୁଚ୍ଛେଦ ଆଧାରରେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ସଠିକ ଉତ୍ତର ଦିଅ|
> ପ୍ରବାସ ବା ସ୍ଥାନାନ୍ତରଣ ହେଉଛି ଏକ ସାର୍ବଜନୀନ ଓ ଗତିଶୀଳ ପ୍ରକ୍ରିୟା, ଯାହା କେବଳ ମାନବ ସମାଜ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ପଶୁ ଏବଂ ପକ୍ଷୀ ଜଗତରେ ମଧ୍ୟ ସମାନ ଭାବରେ ଦେଖାଯାଏ। ଏହି ପ୍ରକ୍ରିୟା ପଛରେ ବିଭିନ୍ନ ପ୍ରାକୃତିକ ଓ ସାମାଜିକ କାରଣ ନିହିତ ଥାଏ। ମଣିଷ କ୍ଷେତ୍ରରେ ଦେଖିଲେ, ଉନ୍ନତ ଜୀବନଶୈଳୀ, ଗୁଣାତ୍ମକ ଶିକ୍ଷା, ନିଯୁକ୍ତିର ଅଭିନବ ସୁଯୋଗ ଏବଂ ବ୍ୟକ୍ତିଗତ ତଥା ପାରିବାରିକ ନିରାପତ୍ତା ପାଇଁ ସେମାନେ ନିଜର ମୂଳ ସ୍ଥାନ ଛାଡ଼ି ଅନ୍ୟତ୍ର ବସବାସ କରନ୍ତି। ଅପରପକ୍ଷରେ, ପକ୍ଷୀ ଓ ପଶୁମାନେ ମୁଖ୍ୟତଃ ଖାଦ୍ୟର ଅନ୍ୱେଷଣ ଏବଂ ପ୍ରତିକୂଳ ପରିବେଶରୁ ରକ୍ଷା ପାଇବା ପାଇଁ ଋତୁ ଅନୁଯାୟୀ ହଜାର ହଜାର କିଲୋମିଟର ଅତିକ୍ରମ କରି ଅନୁକୂଳ ଜଳବାୟୁ ସନ୍ଧାନରେ ସ୍ଥାନାନ୍ତରିତ ହୋଇଥାନ୍ତି। ସ୍ଥାନାନ୍ତରଣର ଏହି ଯାତ୍ରା ସହଜ ନୁହେଁ; ଏଥିରେ ଅନେକ ଆହ୍ୱାନ ରହିଥାଏ। ନୂତନ ଭୌଗୋଳିକ ପରିବେଶ ସହିତ ନିଜକୁ ଖାପ ଖୁଆଇବା, ଭାଷାଗତ ପାର୍ଥକ୍ୟକୁ ଦୂର କରିବା ଏବଂ ଅପରିଚିତ ସାଂସ୍କୃତିକ ପରମ୍ପରା ସହିତ ସମନ୍ୱୟ ରକ୍ଷା କରିବା ପାଇଁ ଅପାର ଧୈର୍ଯ୍ୟର ଆବଶ୍ୟକତା ପଡ଼େ। ଏସବୁ ସତ୍ତ୍ୱେ, ପ୍ରବାସ ସମାଜ ପାଇଁ ଏକ ବରଦାନ ସଦୃଶ। ଏହା ଜ୍ଞାନର ଆଦାନପ୍ରଦାନ, କୌଶଳର ବିକାଶ ଏବଂ ବିଭିନ୍ନ ପରମ୍ପରାର ମିଳନ ମାଧ୍ୟମରେ ସମାଜକୁ ସମୃଦ୍ଧ ଓ ପ୍ରଗତିଶୀଳ କରିଥାଏ। ସ୍ଥାନାନ୍ତରଣ ପ୍ରକ୍ରିୟାକୁ ଗଭୀର ଭାବେ ବୁଝିବା ଦ୍ୱାରା ଆମେ ବିଶ୍ୱର ବିବିଧତାକୁ ସମ୍ମାନ ଦେବା ସହ ନୂତନ ପରିସ୍ଥିତିରେ ମଣିଷ ଓ ପ୍ରାଣୀ ଜଗତର ଆବଶ୍ୟକୀୟ ସହନଶୀଳତା ଏବଂ ସଙ୍କଳ୍ପବଦ୍ଧତାକୁ ଉପଲବ୍ଧି କରିପାରିବା। ଏହା ଆମକୁ ଏକ ସମଭାବନାପନ୍ନ ସମାଜ ଗଠନରେ ପ୍ରେରଣା ଯୋଗାଏ।

ଅନୁଚ୍ଛେଦ ଅନୁଯାୟୀ, କିଏ ସ୍ଥାନାନ୍ତରଣରେ ଅଂଶଗ୍ରହଣ କରନ୍ତି?

A. କେବଳ ଚାକିରି ଖୋଜୁଥିବା ମଣିଷ

B. କେବଳ ଋତୁ ଅନୁଯାୟୀ ସ୍ଥାନ ପରିବର୍ତ୍ତନ କରୁଥିବା ପକ୍ଷୀ ଏବଂ ପଶୁ

C. ମଣିଷ, ପଶୁ ଏବଂ ପକ୍ଷୀ ✓

D. କେବଳ ନିରାପତ୍ତା ଖୋଜୁଥିବା ଲୋକ

Q12 Odia

ପକ୍ଷୀ ଏବଂ ପଶୁମାନେ ସ୍ଥାନାନ୍ତରିତ ହେବାର ମୁଖ୍ୟ କାରଣ କଣ?

A. ଉନ୍ନତ ଶିକ୍ଷା ପାଇବା ପାଇଁ

B. ନୂଆ ଭାଷା ଶିଖିବା ପାଇଁ

C. ଖାଦ୍ୟ ଏବଂ ଅନୁକୂଳ ଜଳବାୟୁ ଖୋଜିବା ପାଇଁ ✓

D. ସେମାନଙ୍କର ପରମ୍ପରା ବାଣ୍ଟିବା ପାଇଁ

Q13 Odia

ମାନବ ପ୍ରବାସୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଭାବରେ ନିମ୍ନଲିଖିତ ମଧ୍ୟରୁ କେଉଁଟି ଉଲ୍ଲେଖ କରାଯାଇଛି?

A. ଋତୁକାଳୀନ ଖାଦ୍ୟ ଖୋଜିବା

B. ଭାଷାଗତ ବାଧା ଏବଂ ସାଂସ୍କୃତିକ ସମନ୍ୱୟ ✓

C. ଦୂର ସ୍ଥାନକୁ କିପରି ଉଡ଼ିବାକୁ ହୁଏ ତାହା ଶିଖିବା

D. ଅନୁକୂଳ ଜଳବାୟୁ ସହିତ ଖାପ ଖୁଆଇବା

Q14 Odia

ସ୍ଥାନାନ୍ତରଣ କିପରି ସମାଜକୁ ଉପକୃତ କରିଛି?

A. ସମସ୍ତଙ୍କୁ ସମାନ କରିଦେବା ଦ୍ୱାରା

B. ଜ୍ଞାନ, କୌଶଳ ଏବଂ ପରମ୍ପରା ବାଣ୍ଟିବା ଦ୍ୱାରା

C. ଖାପ ଖୁଆଇବାର ଆବଶ୍ୟକତାକୁ ଦୂର କରିବା ଦ୍ୱାରା ✓

D. ନିଯୁକ୍ତି ସୁଯୋଗର ଆବଶ୍ୟକତାକୁ ହ୍ରାସ କରିବା ଦ୍ୱାରା

Q15 Odia

ନୂତନ ପରିସ୍ଥିତି ସହିତ ଖାପ ଖୁଆଇବା ପାଇଁ କେଉଁ ଗୁଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି?

A. ସମ୍ପତ୍ତି

B. ଭାଗ୍ୟ

C. ସହନଶୀଳତା/ସଙ୍କଳ୍ପବଦ୍ଧତା ✓

D. ଗତି

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 41 · 08 Jun 2026 · 4:00 PM - 5:30 PM · Odia (Odia)

Odia

Q1 Odia

ଭବିଷ୍ୟତରେ ସେ ଜଣେ ଡାକ୍ତର ହେବେ - ନିମ୍ନଲିଖିତ ମଧ୍ୟରୁ କେଉଁଟି ଏହି ବାକ୍ୟର ଠିକ୍ ଅନୁବାଦ ବାଛ ।

A. In future, he will become a doctor.

B. He will become a doctor in the future.

C. He will become a doctor in future. ✓

D. He will become an doctor in future.

Q2 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାନାର୍ଥବୋଧକ ଶବ୍ଦ ଲେଖ।
ପିଲାମାନେ ଖେଳୁଥିବା ବେଳେ ବହୁତ "ଆନନ୍ଦ" ଅନୁଭବ କରନ୍ତି।

A. ଦୁଃଖ

B. ଖୁସି ✓

C. କ୍ରୋଧ

D. ଭୟ

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଭାରତ ଏକ ବହୁ ଧର୍ମୀୟ ଦେଶ ଯେଉଁଠାରେ ବିଭିନ୍ନ ଲୋକ ଭିନ୍ନ ଆସ୍ଥା ମାନିଥାନ୍ତି ।

A. India is a multi-religious country where people practice different faiths freely. ✓

B. India is multi-religious country where people practice different faiths freely.

C. India are a multi-religious country where people practice different faiths freely.

D. India is a multi-religious country where people practices different faiths freely.

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ରାଷ୍ଟ୍ରପତି ଆଜି କେରଳ ଗସ୍ତରେ ଯିବେ।

A. The President has visited Kerala today.

B. The President will visit Kerala today. ✓

C. The President will visit Kerala .

D. The President was visiting Kerala today.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q5 Odia

ନିମ୍ନୋକ୍ତ ଅନୁଚ୍ଛେଦକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଚୟନ କର ।

ସାରା ଦେଶରେ ଦି" ଓଳି ଦି' ମୁଠା ଖାଇବାକୁ ପାଇ ନଥିବା ଅଗଣିତ ମଣିଷଙ୍କୁ ଦେଖି ବିବେକାନନ୍ଦ ଗୋଟିଏ ନୂତନ ଜ୍ଞାନ ପାଇଲେ । ତାହା ହେଉଛି, "ଭୋକିଲା ପେଟରେ ଧର୍ମ ଅନାବଶ୍ୟକ' । ଉକ୍ତିଟି ମାର୍କସ ବା ତାଙ୍କର ଅନୁଗାମୀଙ୍କର ବୋଲି ଅନୁମାନ କରିନେବା ସ୍ୱାଭାବିକ । କିନ୍ତୁ ଏ ପଦଟି ନରେନ୍ ରାମକୃଷ୍ଣଙ୍କ ଠାରୁ ଶୁଣିଥିଲେ । ଦେଶର ଅଣ୍ଟିକଣ୍ଟି ବୁଲି ଏହାର ସତ୍ୟତାକୁ ମର୍ମେ ମର୍ମେ ଅନୁଭବ କଲେ । ସେ ଠିକ୍ କଲେ, ଦରିଦ୍ରନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ । ଦେଶସାରା ଦାରିଦ୍ର୍ୟର ନିରଙ୍କୁଶ ରାଜତ୍ୱ ଦେଖି ବିବେକାନନ୍ଦ ଆପଣାକୁ ଓ ସନ୍ନ୍ୟାସୀକୁ ଧିକ୍‌କାର କରି ଭାବୁଥିଲେ " ବୁଭୁକ୍ଷ ଜନତା ପାଇଁ ଆମେ ସନ୍ନ୍ୟାସୀଗଣ କ'ଣ କରିଛୁ ?" ଜୟ ପରାଜୟ ଊର୍ଦ୍ଧ୍ୱକୁ ଉଠିଥିବା ଅନାସକ୍ତ ସନ୍ନ୍ୟାସୀ ବ୍ୟତୀତ ଆଉ କିଏ ପ୍ରବଳ ପ୍ରତାପୀ ଓ ଅଜେୟ ଦାରିଦ୍ର୍ୟ ଦାନବ ବିରୋଧରେ ଖଡ୍‌ଗ ଉତ୍ତୋଳନ କରିପାରେ ? ଯୁଗ ଯୁଗ ଧରି ସିଂହାସନରେ ଅଧିଷ୍ଠିତ ପ୍ରତାପୀ ସମ୍ରାଟଙ୍କ ବିରୋଧରେ ସଂଗ୍ରାମର ଫଳାଫଳକୁ ନିଜର ଶୌର୍ଯ୍ୟବୀର୍ଯ୍ୟ ଦ୍ୱାରା ନ ମାପି ସୁପ୍ତ କାତିର ଶକ୍ତି କଳିଥିବା ଦିବ୍ୟଦଷ୍ଟା ସନ୍ନ୍ୟାସୀ ବ୍ୟତୀତ ଆଉ କିଏ ରଣଦୁନ୍ଦୁଭି ବଜାଇ ଯୁଦ୍ଧର ଡାକରା ଦେଇପାରେ ? ଏ ଦାନବ ପାଇଁ ଦଧିଚିଙ୍କ ପରି ଜଣେ ମହର୍ଷିଙ୍କ ଅସ୍ଥିରେ ନିର୍ମିତ ଅମୋଘ ଅସ୍ତ୍ର ମଧ୍ୟ ଯଥେଷ୍ଟ ନୁହେଁ ! ମଣିଷଙ୍କର ଦୀର୍ଘଶ୍ୱାସ ଓ ଅଶ୍ରୁର ଶତ୍ରୁ ସଂହାର ଅସ୍ତ୍ର ଜାଣିଥିବା ତରୁଣ ସନ୍ନ୍ୟାସୀ। ପ୍ରତିଟି ଆର୍ତ୍ତନାଦ ଓ ପ୍ରତିବୁନ୍ଦା ଅଶ୍ରୁକୁ ସଂଗ୍ରହ କରି ତାଙ୍କ ବିଶାଳ ହୃଦୟରେ ସଞ୍ଚି ରଖିବା ପାଇଁ ଆକୁମାରୀହିମାଚଳ ପଦବ୍ରଜରେ ବୁଲିଥିଲେ । ଯାତ୍ରା ଆରମ୍ଭ ହୋଇଥିଲା ବରାହନଗରରୁ । କେଉଁଠି ଯାଇ ରାଜପୁତନା, ଜୟପୁର, ଆଜ୍‌ମୀର । ସେଠାରୁ ପୁଣି ଜୁନାଗଡ଼, ପୋରବନ୍ଦର, ଦ୍ୱାରକା, ବମ୍ବେ, ପୁନା । ଶେଷରେ ବିବେକାନନ୍ଦ ଦକ୍ଷିଣରେ ପହଞ୍ଚିଥିଲେ । ସାରା ଦେଶରେ ଏହି ଅଚିହ୍ନା ସନ୍ନ୍ୟାସୀ ଅନେକ ଗୁଣମୁଗ୍ଧ ବନ୍ଧୁ, ସହକର୍ମୀ ଓ ଅନୁଗତ ଶିଷ୍ୟ ସୃଷ୍ଟି କରିଥିଲେ ମଧ୍ୟ ମାତ୍ରାସରେ ତାଙ୍କର ପ୍ରଭାବ ବିଶେଷ ଭାବେ ଅନୁଭୂତ ହୋଇଥିଲା । ଯୁଦ୍ଧ ଘୋଷଣା କରିବା ପୂର୍ବରୁ ଛତ୍ରପତି ସନ୍ନ୍ୟାସୀ ବେଶରେ ତାଙ୍କର ଯୋଦ୍ଧାମାନଙ୍କୁ ଠାବ କରିଗଲେ । ଧନୀ ରାଜା ମହାରାଜା ବଡ଼ ବଡ଼ ପଣ୍ଡିତମାନଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ମଧ୍ୟରେ ଥିବା ଅନୁରକ୍ତ ସୈନିକମାନେ ଏହି ଛଦ୍ମବେଶୀ ଛତ୍ରପତିଙ୍କଠାରୁ କି ଏକ ରହସ୍ୟମୟ ଇସାରା ପାଇ ଆଦେଶକୁ ଅପେକ୍ଷା କରି ରହିଲେ । ଧନୀ, ଦରିଦ୍ର, ମୂର୍ଖ, ପଣ୍ଡିତ, ନିର୍ବିଶେଷରେ ଏତେ ଲୋକ ଜଣେ ନିଃସ୍ୱ ସନ୍ନ୍ୟାସୀ ପ୍ରତି ଆକୃଷ୍ଟ ହୋଇଥିଲେ କାହିଁକି ? କିଛି ହଟଚମକ ବିଦ୍ୟା ଦେଖି ନୁହେଁ କିମ୍ବା 'ମୋ ଶିଷ୍ୟ ହେଲେ ବା ମୋତେ ପୂଜା କଲେ ଆଉ ଗୋଟାଏ ବଡ଼ ରାଜ୍ୟ ମିଳିବ, ବଡ଼ ଚାକିରି ମିଳିବ'-ଏପରି ପ୍ରତିଶ୍ରୁତି ପାଇ ନୁହେଁ । କ'ଣ ପାଇଁ, କି ଶକ୍ତି ଦେଖି ତାଙ୍କ ସଂସ୍ପର୍ଶରେ ଆସୁଥିବା ଲୋକଙ୍କର ବଞ୍ଚିବାର ଢଙ୍ଗ ବଦଳି ଯାଉଥିଲା

ଅନୁଚ୍ଛେଦଟିର ଗଢଣଟିକୁ ଚୟନ କର ।

A. ଶିକ୍ଷା ଓ ସଂସ୍କୃତି

B. ସତ୍ୟ ଓ ନ୍ୟାୟ

C. ମଣିଷର ସଭ୍ୟ ଆଚରଣ ✓

D. ମାତୃଭାଷା ଓ ଲୋକଶିକ୍ଷା

Q6 Odia

ଏହି ଅନୁଚ୍ଛେଦଟିରେ କେଉଁ ସ୍ୱରକୁ ଅଧିକ ଗୁରୁତ୍ୱ ଦିଆଯାଇଛି ?

A. ପ୍ରେମ

B. ଦୟା

C. ସମ୍ପର୍କ ଓ ଭଲପାଇବା ✓

D. ସହାନୁଭୂତି

Q7 Odia

ଯୁଦ୍ଧ ଘୋଷଣା କରିବା ପୂର୍ବରୁ ଛତ୍ରପତି କେଉଁ ବେଶରେ ଯୋଦ୍ଧାମାନଙ୍କୁ ଠାବ କରିଥିଲେ ବୋଲି କୁହାଯାଇଛି ?

A. ନାରୀ ବେଶ

B. ବ୍ରାହ୍ମଣ ବେଶ

C. ପାରମ୍ପରିକ ବେଶ

D. ସନ୍ନ୍ୟାସୀ ✓

Q8 Odia

'ଭୋକିଲା ପେଟରେ ଧର୍ମ ଅନାବଶ୍ୟକ'- ଏହି ଉକ୍ତିଟି ନରେନ୍ କାହାଠୁ ଶୁଣିଥିଲେ ?

A. ବିବେକାନନ୍ଦ

B. ମାର୍କସ

C. ମହାତ୍ମା ଗାନ୍ଧୀ

D. ରାମକୃଷ୍ଣ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q9 Odia

ଜଣେ ସଭ୍ୟ ମଣିଷ ଭାବେ କିପରି ପରିଚିତ ହୁଏ ?

A. ଅସଭ୍ୟତା ଦ୍ୱାରା

B. ଶିଷ୍ଟ ଓ ସଂସ୍କାରୀ ✓

C. ଅଳସ

D. ଅନିୟମିତ

Q10 Odia

ତୁମେ ଯିବ ଯେ କଥାଟି କିନ୍ତୁ କଥା ଭଲ ହେବନି । ଏହି ବାକ୍ୟରେ "ଯେ" ଶବ୍ଦଟି କେଉଁ ପ୍ରକାରର ଅବ୍ୟୟ ?

A. ସମ୍ମତିସୂଚକ ଅବ୍ୟୟ

B. ବିସ୍ମୟସୂଚକ ଅବ୍ୟୟ

C. ବିକଳ୍ପାର୍ଥକ ଅବ୍ୟୟ

D. ଆଳଙ୍କାରିକ ଅବ୍ୟୟ ✓

Q11 Odia

ତତ୍ସମ ଶବ୍ଦଟିକୁ ଚିହ୍ନିତ କର ?

A. ଦହି

B. ଥନ

C. ଉକୁଣି

D. ନଦୀ ✓

Q12 Odia

"ମାଆ ଶିଶୁକୁ ଚାନ୍ଦ ଦେଖାଉଛନ୍ତି" - ଏହି ବାକ୍ୟରେ 'ଦେଖାଉଛନ୍ତି' କେଉଁ ପ୍ରକାର କ୍ରିୟା?

A. ମୌଳିକ କ୍ରିୟା

B. ପ୍ରେରଣାର୍ଥକ କ୍ରିୟା ✓

C. ନାମଧାତୁ କ୍ରିୟା

D. ଅକର୍ମକ କ୍ରିୟା

Q13 Odia

"ତାଙ୍କର 'ଆବିର୍ଭାବ' ଯେତିକି ଆଶ୍ଚର୍ଯ୍ୟଜନକ ଥିଲା, '_____' ସେତିକି ଦୁଃଖଦାୟକ ଥିଲା।"
(ନିମ୍ନରେ ପ୍ରଦତ୍ତ ଶବ୍ଦ ମଧ୍ୟରୁ ସଠିକ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର)

A. ପ୍ରସ୍ଥାନ

B. ତିରୋଧାନ ✓

C. ବିଦାୟ

D. ବିଲୟ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

ନିମ୍ନଲିଖିତ ମଧ୍ୟରୁ 'ବିଯୋଜକ ଅବ୍ୟୟ' କିଏ ?

A. ଏବଂ

B. କିମ୍ବା ✓

C. କାରଣ

D. ତେଣୁ

Q15 Odia

"ଧୀରପାଣି ପଥର କାଟେ"- ଏହି ଲୋକୋକ୍ତିର ଠିକ୍ ଅର୍ଥ କିଏ ?

A. ତୁରନ୍ତ କାମ କରିବା ଉଚିତ

B. କିଛି କାମ କରିବା ଆବଶ୍ୟକ ନାହିଁ

C. ଧୀର ସ୍ଥିର ଭାବେ କାର୍ଯ୍ୟ କଲେ ସଫଳତା ମିଳେ ✓

D. ଭୟ କରିବା ଉଚିତ ନୁହେଁ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 42 · 08 Jun 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଏହି କୃତ୍ରିମ ବୁଦ୍ଧିମତା ପ୍ରତିମାନ ସ୍ୱାଧୀନ ରୂପରେ ବୃହତ ଡାଟାସେଟ ଆଧାରିତ ଜଟିଳ ନିର୍ଣ୍ଣୟ ନେଇପାରେ ।

- **A.** This AI model can make complex decisions independently based on large datasets. ✓
- **B.** This AI model can makes complex decision independent based on large dataset.
- **C.** This AI models can make complex decisions independently based on large data.
- **D.** This AI model make complex decisions independent from large datasets automatically.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Himalayas protect India from cold winds from the north.

- **A.** ହିମାଳୟ ପର୍ବତମାଳା ଭାରତକୁ ଉତ୍ତରର ଶୀତଳ ବାୟୁଠାରୁ ରକ୍ଷା କରିଥାଏ। ✓
- **B.** ହିମାଲୟ ଉତ୍ତର ପବନକୁ ଭାରତ ସୁରକ୍ଷା କରିଥାଏ।
- **C.** ହିମାଲୟ ଉତ୍ତର ପବନରୁ ଭାରତ ସୁରକ୍ଷିତ ହୋଇଛି।
- **D.** ହିମାଲୟ ଉତ୍ତର ପବନକୁ ଭାରତରେ ରକ୍ଷା କରେ।

Q3 Odia

ଉପଯୁକ୍ତ କ୍ରିୟା ବାଛି ଶୂନ୍ୟସ୍ଥାନ ପୂରଣ କରନ୍ତୁ:

ଶିଶୁ ଭୋକ ଲାଗିଲେ ଜୋରରେ _____।

- **A.** କାନ୍ଦିଛି
- **B.** କାନ୍ଦିଥିଲା
- **C.** କାନ୍ଦୁଛି
- **D.** କାନ୍ଦେ ✓

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଗାନ୍ଧିଜୟନ୍ତୀ ଅବସରରେ ଆମେ ଆଲୋଚନା ଚକ୍ର ର ଆୟୋଜନ କରିଛୁ ।

- **A.** We will organize a seminar on the occasion of Gandhi Jayanti.
- **B.** We have organized a seminar on the occasion of Gandhi Jayanti. ✓
- **C.** We were organizing a seminar on the occasion of Gandhi Jayanti.
- **D.** We had organized a seminar on the occasion of Gandhi Jayanti.

Q5 Odia

"ଦାନ୍ତରେ କୁଟା ଦେବା"। ରୂଢିର ଠିକ୍ ଅର୍ଥ କଣ ?

- **A.** ନିଜ ଭୁଲ୍ କଥାକୁ ସ୍ୱୀକାର କରି ମାନିନେବା । ✓
- **B.** ନିଜ ଦୋଷକୁ ମନରେ ରଖି ଚୁପ୍ ରହିବା
- **C.** ଭୁଲ କାମ କରି ପରେ ଅନୁତାପ କରିବା
- **D.** ନିଜ ତ୍ରୁଟିକୁ ଲୁଚାଇବା ପାଇଁ ଚେଷ୍ଟା କରିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

"ଅକାଳେ କାଣ୍ଡ କପାଳେ ବାଜେ"-ଏହି ଲୋକୋକ୍ତିର ଠିକ୍ ଅର୍ଥ କଣ ?

A. ଅଭାବରେ ପଡି ସଢିବା ।

B. ଦୈବୀ ବିପଦ ପଡିବା । ✓

C. ବିଷମ ସମସ୍ୟାରେ ପଡିବା ।

D. ଅସମୟରେ ମୁଣ୍ଡ ଫାଟିବା ।

Q7 Odia

ବିଧେୟ ବିଶେଷଣ କେଉଁଥିରେ ଠିକ୍ ଭାବରେ ବ୍ୟାଖ୍ୟା କରାଯାଇଛି ।

A. ବିଶେଷଣ ପଦ ବିଶେଷ୍ୟ ପୁର୍ବରେ ବ୍ୟବହୃତ ହୁଏ ।

B. ବିଶେଷଣ ପଦ ବିଶେଷ୍ୟ ପରେ ବ୍ୟବହୃତ ହୁଏ । ✓

C. ବିଶେଷଣ ପଦ କ୍ରିୟାକୁ ବିଶେଷ କରେ ।

D. ବିଶେଷଣ ପଦ ସର୍ବନାମ ପୂର୍ବରେ ବସେ ।

Q8 Odia

'ଆକାଶରେ ମେଘମାଳାମାନେ ଦେଖାଯାଉଛନ୍ତି' - ଏହି ବାକ୍ୟରେ କେଉଁ ପ୍ରକାର ଅଶୁଦ୍ଧି ଅଛି?

A. ସତ୍ତ୍ୱିଗତ

B. ବଚନଗତ ✓

C. ଲିଙ୍ଗଗତ

D. ସମାସଗତ

Q9 Odia

ନିମ୍ନୋକ୍ତ ଅନୁଚ୍ଛେଦକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଚୟନ କର ।
ଏକ ଦରିଦ୍ର ପରିବାରରେ ଜନ୍ମ ନେଇଥିବା ରାସମଣି ପରମ ରୂପବତୀ ଥିଲେ । ବିବାହ କରିଥିଲେ ଏକ ଧନିକ ପରିବାରରେ । ରାସମଣି ଥିଲେ ଧର୍ମପ୍ରାଣା ତଥା ପରୋପକାରୀ । ଦୁଃଖୀ ତଥା ଅନ୍ନକଷ୍ଟ ପୀଡ଼ିତ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ଥିଲା ଜୀବନର ବ୍ରତ । ଏଥିରେ ସେ ଆନନ୍ଦ ପାଉଥିଲେ । ତାଙ୍କର ଦୟା, ପରୋପକାରିତା ଆଦି ମହନୀୟ ଗୁଣାବଳୀ ପାଇଁ ଲୋକେ ତାଙ୍କୁ 'ରାଣୀ' ଉପାଧି ଦେଇଥିଲେ । ଦକ୍ଷିଣେଶ୍ୱର (ପଶ୍ଚିମବଙ୍ଗ)ଠାରେ ତାଙ୍କରି ପ୍ରଚେଷ୍ଟାରେ ହିଁ ପ୍ରତିଷ୍ଠିତ ହୋଇଥିଲା 'କାଳିବାଡ଼ି' । ରାମକୃଷ୍ଣ ପରମହଂସ ଏଠାରେ ପୂଜକ ଥିଲେ । ଦିନେ ରାଣୀ ରାସମଣି ପୂଜା କରୁଥିବା ଗୋବିନ୍ଦଙ୍କ ମୂର୍ତ୍ତିଟି ପୂଜାରୀଙ୍କ ଅସାବଧାନତା କାରଣରୁ ହାତରୁ ଖସିପଡ଼ି ଖଣ୍ଡିତ ହୋଇଯାଇଥିଲା । ଅଶୁଭ ଆଶଙ୍କା କରି ବିଚଳିତ ହୋଇ ପଡ଼ିଥିଲେ ରାସମଣି । ଏହି ଘଟଣାରେ କ'ଣ କରାଯାଇପାରିବ ତହିଁର ଉପାୟ ପଚାରିଥିଲେ ବ୍ରାହ୍ମଣଙ୍କୁ । ବ୍ରାହ୍ମଣ ମତ ଦେଇଥିଲେ ଖଣ୍ଡିତ ମୂର୍ତ୍ତିକୁ ପୂଜା କରିବା ଉଚିତ ନୁହେଁ । ଏହା ଅଶାସ୍ତ୍ରୀୟ । ଏହାକୁ ନେଇ ଗଙ୍ଗାଜଳରେ ବିସର୍ଜନ କରିଦେବା ଉଚିତ । ବ୍ରାହ୍ମଣଙ୍କର ଏଭଳି ପ୍ରସ୍ତାବରେ ଦୁଃଖରେ ଭାଙ୍ଗି ପଡ଼ିଥିଲେ ରାସମଣି । ଯେଉଁ ଗୋବିନ୍ଦଙ୍କୁ ଏ ପର୍ଯ୍ୟନ୍ତ ସେ ଶ୍ରଦ୍ଧା, ଭକ୍ତିରେ ପୂଜା କରି ଆସୁଛନ୍ତି, ଯାହାଙ୍କ ସମ୍ମୁଖରେ ବସି ପ୍ରାର୍ଥନା କରିବାରେ ସେ ପରମ ଶାନ୍ତି, ଆନନ୍ଦ ପାଉଥାନ୍ତି ତାଙ୍କୁ ଗଙ୍ଗାରେ କିପରି ବା ବିସର୍ଜନ କରିପାରିବେ ? ଚତୁର୍ଦ୍ଦିଗ ଅନ୍ଧାର ଦିଶିଲା ରାସମଣିଙ୍କୁ । ରାମକୃଷ୍ଣ ପରମହଂସଙ୍କୁ ଏ ସମ୍ପର୍କରେ ପଚାରିଥିଲେ ରାସମଣି । ରାମକୃଷ୍ଣଙ୍କ ଉତ୍ତର ଥିଲା - ଯଦି ଆପଣଙ୍କର କୌଣସି ସମ୍ପର୍କୀୟଙ୍କର ଗୋଡ଼ କି ହାତ କଟିଯାଏ, କିମ୍ବା ଶରୀରର କୌଣସି ଅଂଶ ବିଚ୍ଛିନ୍ନ ହୋଇଯାଏ, ତେବେ ଚିକିତ୍ସକଙ୍କ ଦ୍ୱାରା ଏହାର ଚିକିତ୍ସା କରାଇବ ନା ତାଙ୍କୁ ନଦୀରେ ଭସାଇ ଦେବେ ? ରାଣୀ ରାସମଣି ରାମକୃଷ୍ଣଙ୍କ କହିବାର ତାତ୍ପର୍ଯ୍ୟ ବୁଝି ପାରିଥିଲେ । ଖଣ୍ଡିତ ମୂର୍ତ୍ତିକୁ ଠିକ୍ କରି ପୂର୍ବଭଳି ଏହାର ପୂଜା ଉପଚାର ଆରମ୍ଭ କରିଦେଇଥିଲେ । ଦିନେ ରାମକୃଷ୍ଣ ପରମହଂସଙ୍କୁ ଜଣେ ଶ୍ରଦ୍ଧାଳୁ ପଚାରିଥିଲେ - 'ମୁଁ ଶୁଣିଥିଲି ଗୋବିନ୍ଦଙ୍କ ମୂର୍ତ୍ତି ଭାଙ୍ଗି ଯାଇଥିଲା । ଏହା କ'ଣ ସତ୍ୟ ?' ରାମକୃଷ୍ଣ ହସି ହସି କହିଥିଲେ - 'ଯିଏ ସବୁ ଭଙ୍ଗାଟୁଟାକୁ ଯୋଡ଼ିଲା ବାଲା, (ସକଳ ସମସ୍ୟାର ସମାଧାନକାରୀ) ସିଏ ନିଜେ କିପରି ଭାଙ୍ଗିବ' ।

ପ୍ରଦତ୍ତ ଅନୁଚ୍ଛେଦରେ ବ୍ୟବହୃତ 'ଅଶୁଭ' ଶବ୍ଦର ବିପରୀତ ଶବ୍ଦଟି ଚିହ୍ନଟ କର ।

A. ମଙ୍ଗଳ

B. ଶୁଭ ✓

C. ଅମଙ୍ଗଳ

D. ବିଶୁଭ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

ଗୋବିନ୍ଦଙ୍କ ମୂର୍ତ୍ତିଟି ହାତରୁ ଖସିପଡ଼ି 'ଖଣ୍ଡିତ' ହୋଇଯାଇଥିଲା । ଏଠାରେ 'ଖଣ୍ଡିତ' ଶବ୍ଦର ପ୍ରକୃତ ଅର୍ଥ କ'ଣ ?

A. ସମ୍ପୂର୍ଣ୍ଣ ଅକ୍ଷୁର୍ଣ୍ଣ ଥିବା

B. ସୁସଜ୍ଜିତ ହୋଇଥିବା

C. ଭଗ୍ନ ବା ଛିନ୍ନବିଚ୍ଛିନ୍ନ ହୋଇଥିବା ✓

D. ମଇଳା ହୋଇଯାଇଥିବା

Q11 Odia

ରାଣୀ ରାସମଣିଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠିତ 'କାଳିବାଡ଼ି' କେଉଁ ସ୍ଥାନରେ ଅବସ୍ଥିତ ?

A. ବାରଣାସୀ (ଉତ୍ତରପ୍ରଦେଶ)

B. ଦକ୍ଷିଣେଶ୍ୱର (ପଶ୍ଚିମବଙ୍ଗ) ✓

C. କାଳିଘାଟ (କୋଲକାତା)

D. ପୁରୀ (ଓଡ଼ିଶା)

Q12 Odia

ଅନୁଚ୍ଛେଦଟିର ସ୍ୱର ଚିହ୍ନଟ କର ।

A. ଭୟପୂର୍ଣ୍ଣ ଏବଂ ନୈରାଶ୍ୟଜନକ

B. କ୍ରୋଧପୂର୍ଣ୍ଣ ଏବଂ ବିବାଦୀୟ

C. ଆଧ୍ୟାତ୍ମିକ ଓ ଦାର୍ଶନିକ ✓

D. କେବଳ ବ୍ୟଙ୍ଗାତ୍ମକ

Q13 Odia

ରାମକୃଷ୍ଣ ପରମହଂସ ମୂର୍ତ୍ତି ଭାଙ୍ଗିଯିବା ପ୍ରସଙ୍ଗରେ ଯେଉଁ ଉଦାହରଣ ଦେଇଥିଲେ, ତାହା ବାସ୍ତବ ଜୀବନର କେଉଁ ପରିସ୍ଥିତି ସହିତ ସବୁଠାରୁ ଅଧିକ ମେଳ ଖାଉଛି ?

A. କୌଣସି ପୁରୁଣା ବସ୍ତ୍ର ଖରାପ ହୋଇଗଲେ ତାକୁ ସାଙ୍ଗେ ସାଙ୍ଗେ ଫୋପାଡ଼ି ନୂଆ ଆଣିବା ।

B. କୌଣସି ସମ୍ପର୍କୀୟ ଆହତ ହେଲେ ତାଙ୍କୁ ତ୍ୟାଗ କରିବା ପରିବର୍ତ୍ତେ ତାଙ୍କର ଚିକିତ୍ସା କରାଇବା । ✓

C. କଠିନ ପରିସ୍ଥିତି ଆସିଲେ ନିଜ ଦାୟିତ୍ୱରୁ ଖସିଯିବା ।

D. ସମସ୍ୟାର ସମ୍ମୁଖୀନ ନହୋଇ ଭାଗ୍ୟ ଉପରେ ସବୁ ଛାଡ଼ିଦେବା ।

Q14 Odia

କ୍ରିୟାର ମୂଳ ରୂପକୁ କଣ କୁହାଯାଏ?

A. କାରକ

B. ଧାତୁ ✓

C. ବିଭକ୍ତି

D. ପ୍ରତ୍ୟୟ

Q15 Odia

'ଅନୁକୂଳ' ଶବ୍ଦର ବିପରୀତ ଶବ୍ଦ କେଉଁଟି ?

A. ସହଜ

B. ପ୍ରତିକୂଳ ✓

C. ଉପଯୁକ୍ତ

D. ଲାଭଦାୟକ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 43 · 09 Jun 2026 · 12:30 PM - 2:00 PM · Odia (Odia)

Odia

Q1 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ
ସବୁ କାମ "ଶୁଭ" ଭାବରେ ସମାପ୍ତ ହେଲା।

A. ଦୁଃଖ

B. ଅଶୁଭ ✓

C. ସୁସ୍ଥ

D. ଭଲ

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Many Bollywood movies are inspired by real-life events.

A. ଅନେକ ବଲିବୁଡ଼ ଚଳଚ୍ଚିତ୍ରଗୁଡିକ ବାସ୍ତବିକ ଘଟଣା ଦ୍ୱାରା ପ୍ରେରିତ ହୋଇଛି। ✓

B. ଅନେକ ବଲିଉଡ୍ ଚଳଚ୍ଚିତ୍ର ବାସ୍ତବ ଘଟଣା ପ୍ରେରିତ ହୋଇଛି।

C. ଅନେକ ବଲିଉଡ୍ ଚଳଚ୍ଚିତ୍ର ବାସ୍ତବ ଘଟଣାରେ ପ୍ରେରିତ ହୋଇଛି।

D. ଅନେକ ବଲିଉଡ୍ ଚଳଚ୍ଚିତ୍ର ବାସ୍ତବ ଘଟଣା ପ୍ରେରଣା ହୋଇଛି।

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Indian national flag has three colors and the Ashoka Chakra in the center.

A. ଭାରତର ଜାତୀୟ ପତାକାରେ ତିନୋଟି ରଙ୍ଗ ଏବଂ ମଧ୍ୟରେ ଅଶୋକ ଚକ୍ର ରହିଛି। ✓

B. ଭାରତୀୟ ଜାତୀୟ ପତାକା ତିନୋଟି ରଙ୍ଗ ଓ ମଝିରେ ଅଶୋକ ଚକ୍ର ଅଟେ।

C. ଭାରତୀୟ ଜାତୀୟ ପତାକାରେ ତିନୋଟି ରଙ୍ଗ ଓ ମଝିରେ ଅଶୋକ ଚକ୍ର ଥିଲା।

D. ଭାରତୀୟ ଜାତୀୟ ପତାକା ତିନୋଟି ରଙ୍ଗ ଓ ମଝିରେ ଅଶୋକ ଚକ୍ର ଅଛନ୍ତି।

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମେ କୋଡିଏ ଜଣ ରହୁଥିବା ଗୋଟିଏ ଘରେ ରହୁଛୁ ।

A. We live in a house of twenty people. ✓

B. Twenty people are living in a house .

C. We are living with twenty people.

D. We were living in a house of twenty people.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q5 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ୟୁନାନି ଚିକିତ୍ସା ପଦ୍ଧତି ଭାରତରେ ଚିକିତ୍ସା କରାଯାଉଥିବା ସବୁଠାରୁ ପୁରୁଣା ପାରମ୍ପରିକ ଚିକିତ୍ସା ପଦ୍ଧତି ମଧ୍ୟରୁ ଗୋଟିଏ। ଏହାର ଉତ୍ପତ୍ତି ପ୍ରାଚୀନ ଗ୍ରୀସରୁ ମିଳିଛି , ଯେଉଁଠାରେ ଏହାକୁ ହିପୋକ୍ରେଟ୍ସ ଭଳି ଚିକିତ୍ସକଙ୍କ ଦ୍ୱାରା ବିକଶିତ କରାଯାଇଥିଲା ଏବଂ ପରେ ଆରବ ଏବଂ ପାରସ୍ୟ ବିଦ୍ୱାନ, ବିଶେଷକରି ଇବନ୍ ସିନା (ଆଭିସେନା) ଦ୍ୱାରା ବିସ୍ତାର କରାଯାଇଥିଲା। 'ୟୁନାନି' ଶବ୍ଦଟି ସ୍ୱତ ଆରବୀୟ ଶବ୍ଦ "ଗ୍ରୀକ୍" ରୁ ଉଦ୍ଧୃତ । ଏହି ପଦ୍ଧତି ପ୍ରାୟ ଦ୍ୱାଦଶ ଶତାବ୍ଦୀରେ ଆରବ ଏବଂ ପାରସ୍ୟ ବ୍ୟବସାୟୀ ଓ ଚିକିତ୍ସକମାନଙ୍କ ମାଧ୍ୟମରେ ଭାରତରେ ପ୍ରବେଶ କରିଥିଲା ଏବଂ ମୋଗଲ ଶାସନ ସମୟରେ ଏହାକୁ ଦୃଢ଼ ପୃଷ୍ଠପୋଷକତା ମିଳିଥିଲା।

ମାନବ ଶରୀର ଚାରୋଟି ମୌଳିକ ରସ ଦ୍ରବ୍ୟ - ରକ୍ତ, କଫ, ହଳଦିଆ ପିତ୍ତ ଏବଂ କଳା ପିତ୍ତ - ଦ୍ୱାରା ଗଠିତ ଏବଂ ଏହି ଦ୍ରବ୍ୟ ର ସନ୍ତୁଳନ ଦ୍ୱାରା ସୁସ୍ଥ ସ୍ୱାସ୍ଥ୍ୟ ହାସଲ କରାଯାଏ ବୋଲି ୟୁନାନି ଚିକିତ୍ସା ରେ ବିଶ୍ୱାସ କରାଯାଏ । ଏହାର ଚିକିତ୍ସା ପ୍ରାକୃତିକ ଆରୋଗ୍ୟ ଉପରେ ଗୁରୁତ୍ୱ ଦିଏ ଏବଂ ଔଷଧୀୟ ଉଦ୍ଭିଦ, ଖାଦ୍ୟ ନିୟନ୍ତ୍ରଣ, ଶାରୀରିକ ଚିକିତ୍ସା ଏବଂ ବିଷାକ୍ତ ପଦାର୍ଥ ବାହାର କରିବା ଉପରେ ନିର୍ଭର କରେ। ହାକିମ ଭାବରେ ଜଣାଶୁଣା ୟୁନାନି ଚିକିତ୍ସକମାନେ ରୋଗୀର ନାଡ଼ି, ସ୍ୱଭାବ ଏବଂ ଜୀବନଶୈଳୀ ପର୍ଯ୍ୟବେକ୍ଷଣ କରି ରୋଗ ନିର୍ଣ୍ଣୟ କରନ୍ତି। ବ୍ୟକ୍ତିଗତ ଚିକିତ୍ସା ଏହି ବ୍ୟବସ୍ଥାର ଏକ ପ୍ରମୁଖ ବୈଶିଷ୍ଟ୍ୟ, କେବଳ ଲକ୍ଷଣଗୁଡ଼ିକର ଚିକିତ୍ସା କରିବା ପରିବର୍ତ୍ତେ ଶରୀରର ପ୍ରାକୃତିକ ଆରୋଗ୍ୟ କ୍ଷମତାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯାଏ ।

ଆଧୁନିକ ଭାରତରେ, ୟୁନାନି ବ୍ୟବସ୍ଥାକୁ ସରକାର ସ୍ୱୀକୃତି ଏବଂ ସମର୍ଥନ କରନ୍ତି। ୟୁନାନି ଔଷଧର ଗବେଷଣା, ଶିକ୍ଷା ଏବଂ ପ୍ରତିଷ୍ଠାନଗତ ବିକାଶକୁ ପ୍ରୋତ୍ସାହିତ କରିବାରେ ଆୟୁଷ ମନ୍ତ୍ରଣାଳୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ବେଙ୍ଗାଲୁରୁର ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୟୁନାନି ମେଡିସିନ୍ ଏବଂ ସେଣ୍ଟ୍ରାଲ୍ କାଉନସିଲ୍ ଫର୍ ରିସର୍ଚ୍ଚ ଇନ୍ ୟୁନାନି ମେଡିସିନ୍ ପରି ଅନେକ ପ୍ରତିଷ୍ଠିତ ପ୍ରତିଷ୍ଠାନ ଏହାର ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ ଜାରିରଖିଛନ୍ତି । ବର୍ତ୍ତମାନ , ୟୁନାନି ଔଷଧକୁ ପାଚନ ବିକାର, ଶ୍ୱାସକ୍ରିୟା ରୋଗ, ଚର୍ମ ସମସ୍ୟା ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ସମେତ ବିଭିନ୍ନ ଅବସ୍ଥାର ଚିକିତ୍ସା ପାଇଁ ବ୍ୟବହାର କରାଯାଏ । ସୀମିତ ବିଶ୍ୱସ୍ତରୀୟ ସ୍ୱୀକୃତି ଏବଂ ଅଧିକ ବୈଜ୍ଞାନିକ ବୈଧତାର ଆବଶ୍ୟକତା ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ସତ୍ତ୍ୱେ, ଏହା ଲକ୍ଷ ଲକ୍ଷ ଲୋକଙ୍କୁ ସେବା ଯୋଗାଇ ଆସୁଛି ଓ ସ୍ୱାସ୍ଥ୍ୟସେବା ପାଇଁ ଏକ ସାମଗ୍ରିକ ଏବଂ ସୁଲଭ ଦୃଷ୍ଟିକୋଣ ପ୍ରଦାନ କରୁଛି।

ୟୁନାନି ପ୍ରଣାଳୀର ଉତ୍ପତ୍ତି ----------ସହିତ ଜଡିତ?

A. ଭାରତ

B. ଗ୍ରୀସ୍ ✓

C. ଚୀନ୍

D. ମିଶର

Q6 Odia

ୟୁନାନି ଔଷଧ ବିକାଶରେ କିଏ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ?

A. ହିପୋକ୍ରେଟ୍ସ ଏବଂ ଇବନ୍ ସିନା ✓

B. ଚରକ ଏବଂ ସୁଶ୍ରୁତ

C. ଆରିଷ୍ଟୋଟଲ୍ ଏବଂ ସକ୍ରେଟିସ୍

D. ପତଞ୍ଜଳି ଏବଂ ନାଗାର୍ଜୁନ

Q7 Odia

ୟୁନାନି ଔଷଧ ---------- ର ସନ୍ତୁଳନ ଉପରେ ଧ୍ୟାନ ଦିଏ|

A. ଭିଟାମିନ୍

B. ଚାରୋଟି ମୌଳିକ ରସ ଦ୍ରବ୍ୟ ✓

C. ହରମୋନ୍

D. ଖଣିଜ ପଦାର୍ଥ

Q8 Odia

ଭାରତରେ ୟୁନାନି ଔଷଧକୁ କେଉଁ ମନ୍ତ୍ରଣାଳୟ ପ୍ରୋତ୍ସାହିତ କରୁଛି?

A. ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

B. ଆୟୁଷ ମନ୍ତ୍ରଣାଳୟ ✓

C. ସଂସ୍କୃତି ମନ୍ତ୍ରଣାଳୟ

D. ଗୃହ ମନ୍ତ୍ରଣାଳୟ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q9 Odia

ଯୁନାନି ଚିକିତ୍ସକ ମାନେ ----------ଭାବରେ ଜଣାଶୁଣା?

A. ବୈଦ୍ୟ

B. ହାକିମ୍ ✓

C. ଯୋଗୀ

D. ଶଲ୍ୟଚିକିତ୍ସାକ

Q10 Odia

"ଆଚ୍ଛା ତୁମେ ଆସିଲେ କଅ'ଣ ଟା ବା ହୋଇଯିବ ?" ଏହି ବାକ୍ୟରେ "ଆଚ୍ଛା" କେଉଁ ପ୍ରକାରର ଅବ୍ୟୟ ?

A. ପ୍ରଶ୍ନସୂଚକ ଅବ୍ୟୟ

B. ଆଳଙ୍କାରିକ ଅବ୍ୟୟ ✓

C. ସମ୍ମତିସୂଚକ ଅବ୍ୟୟ

D. ପଦବିକାରୀ ଅବ୍ୟୟ

Q11 Odia

ସଠିକ୍ ବନାନ୍ ଥିବା ବାକ୍ୟଟି ଚିହ୍ନଟ କର ।

A. ଏ ବର୍ଷ ପରୀକ୍ଷାରେ ଅନେକ ତ୍ରୁଟି ଲକ୍ଷ୍ୟ କରାଯାଇଛି ।

B. ଏ ବର୍ଶ ପରୀକ୍ଷାରେ ଅନେକ ତ୍ରୁଟି ଲକ୍ଷ୍ୟ କରାଯାଇଛି ।

C. ଅନେକ ତ୍ରୁଟି ଏ ବର୍ଷ ପରୀକ୍ଷାରେ ଲକ୍ଷ୍ୟ କରାଯାଇଛି ।

D. ଏ ବର୍ଷ ପରୀକ୍ଷାରେ ଅନେକ ତ୍ରୁଟି ଲକ୍ଷ୍ୟ କରାଯାଇଛି । ✓

Q12 Odia

__ଡାକ୍ତରଙ୍କର ଆସିବା ବେଳ ହୋଇନି । ସମୟ ସୂଚକ ଅବ୍ୟୟ ପଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର ।

A. ଆରେ

B. ପ୍ରାୟ

C. ଏବେ ✓

D. ଆଜ୍ଞା

Q13 Odia

ରାଜାଙ୍କର 'ନ୍ୟାୟ' ଶାସନରେ ପ୍ରଜାମାନେ ଖୁସି ଥିଲେ, କିନ୍ତୁ ମନ୍ତ୍ରୀଙ୍କ _____ ଯୋଗୁଁ ସେମାନେ ଦୁଃଖୀ ହେଲେ।
(ନିମ୍ନରେ ପ୍ରଦତ୍ତ ଶବ୍ଦ ମଧ୍ୟରୁ ସଠିକ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର)

A. ଅନ୍ୟାୟ ✓

B. ଦୁର୍ନୀତି

C. ଅନୀତି

D. କପଟ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ କ୍ରିୟା ବିଶେଷଣ ପଦ?

A. ସୁନ୍ଦର

B. ଶୀଘ୍ର ✓

C. ରାମ

D. ବଡ଼

Q15 Odia

ନିମ୍ନଲିଖିତ ମଧ୍ୟରୁ 'ଅପେକ୍ଷା' ଶବ୍ଦର ବିପରୀତ କେଉଁଟି ?

A. ଉପେକ୍ଷା ✓

B. ଅବହେଳା

C. ଅନାଦର

D. ଅସ୍ୱୀକାର

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 44 · 09 Jun 2026 · 4:00 PM - 5:30 PM · Odia (Odia)

Odia

Q1 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାନାର୍ଥବୋଧକ ଶବ୍ଦ ଲେଖ।
ଆମ ଗାଁ ପାଖରେ ଏକ ବଡ଼ "ବନ" ଅଛି।

- **A.** ଜଙ୍ଗଲ ✓
- **B.** ମେଦାନ
- **C.** ଗ୍ରାମ
- **D.** ନଗର

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The song was beautifully composed by A.R. Rahman.

- **A.** ଗୀତଟି ସୁନ୍ଦର ଭାବରେ ଏ.ଆର ରେହମାନଙ୍କ ଦ୍ୱାରା ରଚିତ ହୋଇଥିଲା। ✓
- **B.** ଏ.ଆର୍. ରହମାନ ସୁନ୍ଦର ଗୀତଟି ସଂଗୀତିତ କରାଯାଇଥିଲା।
- **C.** ଏ.ଆର୍. ରହମାନ ଦ୍ୱାରା ସୁନ୍ଦର ଗୀତଟି ସଂଗୀତ କରିଥିଲେ।
- **D.** ଏ.ଆର୍. ରହମାନ ଦ୍ୱାରା ଗୀତଟି ସୁନ୍ଦରଭାବେ ସଂଗୀତିତ କରିଥିଲା।

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Konark Sun Temple is famous for its magnificent stone architecture.

- **A.** କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ଭବ୍ୟ ପଥର ଚାରୁକଳା ପାଇଁ ବିଖ୍ୟାତ ଅଟେ। ✓
- **B.** କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ଶାନ୍ଦାର ପାଥର ସ୍ଥାପତ୍ୟ ପାଇଁ ପ୍ରସିଦ୍ଧ ଅଛନ୍ତି।
- **C.** କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ଶାନ୍ଦାର ପାଥର ସ୍ଥାପତ୍ୟ ପାଇଁ ପ୍ରସିଦ୍ଧ ହେଲା।
- **D.** କୋଣାର୍କ ସୂର୍ଯ୍ୟ ମନ୍ଦିର ଏହାର ଶାନ୍ଦାର ପାଥର ସ୍ଥାପତ୍ୟ ପାଇଁ ପ୍ରସିଦ୍ଧ ହୋଇ।

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମେ ଆସନ୍ତାକାଲି ସିନେମା ଦେଖିଯିବୁ ।

- **A.** We are going to watch a movie.
- **B.** We will go to watch a movie tomorrow. ✓
- **C.** We were going to watch a movie.
- **D.** We should go to watch a movie tomorrow.

Q5 Odia

ରାଜେଶ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛି, ରେଖାଙ୍କିତ ଶବ୍ଦଟି କେଉଁ ପ୍ରକାରର ବିଶେଷଣ ?

- **A.** ଗୁଣବାଚକ ବିଶେଷଣ
- **B.** ପୂରଣବାଚକ ବିଶେଷଣ ✓
- **C.** ସଂଖ୍ୟା ବାଚକ ବିଶେଷଣ
- **D.** ପରିମାଣବାଚକ ବିଶେଷଣ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ନିମ୍ନରେ ଦିଆଯାଇଥିବା ଶବ୍ଦ ମାନଙ୍କ ମଧ୍ୟରୁ କେଉଁଟି ତତ୍ସମ ଶବ୍ଦ ଚୟନ କର ।

A. ନଅ

B. କର୍କଟ ✓

C. ଭୋଦୁଅ

D. ଦହି

Q7 Odia

ନିମ୍ନରେ ଦିଆଯାଇଥିବା ଶବ୍ଦ ମଧ୍ୟରୁ କେଉଁଟି ତଦଭବ ଶବ୍ଦ ଲେଖ ।

A. ଖଦୀର

B. ଗଭୀର

C. ମାଟି ✓

D. ନଦୀ

Q8 Odia

ମୋ କଥା ଆପଣ ଦୟାପୂର୍ବକ ଶୁଣନ୍ତୁ । ଉକ୍ତ ବାକ୍ୟରେ କ୍ରିୟାବିଶେଷଣ ଚିହ୍ନଟ କର ।

A. ମୋ କଥା

B. ଆପଣ

C. ଶୁଣନ୍ତୁ

D. ଦୟାପୂର୍ବକ ✓

Q9 Odia

ଯେଉଁ ବିଶେଷଣ ଅନ୍ୟ ଏକ ବିଶେଷଣର ଗୁଣ,ମାତ୍ରା,ଅବସ୍ଥା ବା ଆଧିକ୍ୟ ପ୍ରକାଶ କରେ,ତାକୁ କ'ଣ କୁହାଯାଏ ?

A. ଗୁଣବାଚକ ବିଶେଷଣ

B. ବିଶେଷଣର ବିଶେଷଣ ✓

C. ସଂଖ୍ୟାବାଚକ ବିଶେଷଣ

D. ପରିମାଣବାଚକ ବିଶେଷଣ

Q10 Odia

"ଦାଉ ସାଧିବା"- ଏହି ରୂଢିର ଠିକ୍ ଅର୍ଥ କ'ଣ ?

A. ସହଯୋଗ କରିବା

B. ପ୍ରତିଶୋଧ ନେବା ✓

C. କ୍ଷମା କରିଦେବା

D. ଅବହେଳା କରିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

ପ୍ରଦତ୍ତ ଅନୁଚ୍ଛେଦ ଆଧାରରେ ନିମ୍ନ ପ୍ରଶ୍ନଗୁଡ଼ିକର ଉପଯୁକ୍ତ ଉତ୍ତର ନିର୍ଦ୍ଧାରଣ କରନ୍ତୁ।
ସାମ୍ପ୍ରତିକ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏକ ଅତି ଗୁରୁତ୍ୱପୂର୍ଣ୍ଣ ତଥା ଜଟିଳ ସମସ୍ୟା ଭାବେ ଉଭା ହୋଇଛି, ଯାହା ମାନବ ସଭ୍ୟତା ପାଇଁ ଏକ ବଡ଼ ଆହ୍ୱାନ। ବିଶ୍ୱର ହାରାହାରି ତାପମାତ୍ରାରେ ଅହେତୁକ ବୃଦ୍ଧି ଯୋଗୁଁ ମେରୁ ଅଞ୍ଚଳର ବିଶାଳ ହିମବାହଗୁଡ଼ିକ ଦ୍ରୁତ ଗତିରେ ତରଳିବାକୁ ଲାଗିଛି, ଯାହା ସମୁଦ୍ର ପଉନ ବୃଦ୍ଧିର କାରଣ ସାଜିଛି। ଏହା ବ୍ୟତୀତ ଅନିୟମିତ ବୃଷ୍ଟିପାତ, ପ୍ରଳୟଙ୍କରୀ ବାତ୍ୟା ଏବଂ ଭୟଙ୍କର ଝଡ଼ ଭଳି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଦେଖାଯାଉଛି। ଏହି ପରିବର୍ତ୍ତନଗୁଡ଼ିକ ଆମର କୃଷି ପ୍ରଣାଳୀ, ପାନୀୟ ଜଳର ଉତ୍ସ ଏବଂ ସାମଗ୍ରିକ ଜୈବ ବିବିଧତା ଉପରେ ଅତି ମାତ୍ରାରେ କୁପ୍ରଭାବ ପକାଉଛି, ଯାହା ଫଳରେ ପୃଥିବୀ ପୃଷ୍ଠରେ ମଣିଷ, ପ୍ରାଣୀ ଏବଂ ଉଦ୍ଭିଦ ଜଗତର ଜୀବନ ଧାରଣ ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ବୈଜ୍ଞାନିକମାନେ ସତର୍କ କରାଇ ଦେଇଛନ୍ତି ଯେ, ଯଦି ଆମେ ବାୟୁମଣ୍ଡଳକୁ ସବୁଜଗୃହ ଗ୍ୟାସ ନିର୍ଗମନର ମାତ୍ରାକୁ ତୁରନ୍ତ ହ୍ରାସ ନକରିବା, ତେବେ ଭବିଷ୍ୟତରେ ଆମକୁ ଏହାଠାରୁ ଅଧିକ ଭୟଙ୍କର ଓ କଠିନ ପାଣିପାଗର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ବିଶ୍ୱବ୍ୟାପୀ ସଙ୍କଟର ମୁକାବିଲା କରିବା ପାଇଁ ବର୍ତ୍ତମାନ ସାମୁହିକ ବନୀକରଣ, ଅକ୍ଷୟ ବା ନବୀକରଣୀୟ ଶକ୍ତିର ବ୍ୟବହାର ଏବଂ ଜଳ ସଂରକ୍ଷଣ ଭଳି ସ୍ଥାୟୀ ପରିବେଶ ଅନୁକୂଳ ଅଭ୍ୟାସଗୁଡ଼ିକୁ ଗ୍ରହଣ କରାଯାଉଛି। ଆମର ଏହି ଏକମାତ୍ର ବାସସ୍ଥଳୀ ପୃଥିବୀକୁ ସୁରକ୍ଷା ପ୍ରଦାନ କରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଜଳବାୟୁ ପରିବର୍ତ୍ତନର ଗମ୍ଭୀରତାକୁ ବୁଝିବା ଏବଂ ସେହି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଏବେ ଅତ୍ୟନ୍ତ ଜରୁରୀ। ଏହା କେବଳ ସରକାରଙ୍କର ନୁହେଁ, ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କର ନୈତିକ ଦାୟିତ୍ୱ।

ବଢୁଥିବା ବିଶ୍ୱ ତାପମାତ୍ରା ଫଳରେ କ'ଣ ପ୍ରଭାବ ସୃଷ୍ଟି ହୋଇଛି?

A. ବର୍ଦ୍ଧିତ ତୁଷାରପାତ

B. ସ୍ଥିର ପାଣିପାଗ ଢାଞ୍ଚା

C. ହିମବାହ ତରଳିବା ✓

D. ଝଡ଼ ହ୍ରାସ ପାଇବା

Q12 Odia

ନିମ୍ନଲିଖିତ ମଧ୍ୟରୁ କେଉଁଟିକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଭାବରେ ଉଲ୍ଲେଖ କରାଯାଇ ନାହିଁ?

A. ଅନିୟମିତ ବର୍ଷା

B. ତୀବ୍ର ଝଡ଼

C. ଜୈବ ବିବିଧତା ବୃଦ୍ଧି ✓

D. ହିମବାହ ତରଳିବା

Q13 Odia

ବୈଜ୍ଞାନିକମାନେ ସବୁଜଗୃହ ଗ୍ୟାସ ନିର୍ଗମନ ବିଷୟରେ କ'ଣ ଚେତାବନୀ ଦିଅନ୍ତି?

A. ଏହା ପ୍ରାକୃତିକ ଭାବରେ ବନ୍ଦ ହୋଇଯିବ

B. ଏହା କୃଷିକ୍ଷେତ୍ରରେ ଉନ୍ନତି ଆଣିବ

C. ଏହା ବର୍ଷା ହ୍ରାସ କରିବ

D. ଏହା ଅତି ପ୍ରବଳ ପାଣିପାଗ ଘଟଣା ବୃଦ୍ଧି କରିବ ✓

Q14 Odia

ଜଳବାୟୁ ପରିବର୍ତ୍ତନ ମୁକାବିଲା କରିବା ପାଇଁ କେଉଁ ଅଭ୍ୟାସ ପରାମର୍ଶ ଦିଆଯାଇଛି?

A. ଜଙ୍ଗଲ କାଟିବା

B. ଜୀବାଶ୍ମ ଇନ୍ଧନ ବ୍ୟବହାର ବୃଦ୍ଧି

C. ବନୀକରଣ ✓

D. ଶିଳ୍ପ ପ୍ରସାରଣ

Q15 Odia

ଅନୁଚ୍ଛେଦ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ଦ୍ୱାରା କ'ଣ ପ୍ରଭାବିତ ହୁଏ?

A. କେବଳ ମଣିଷ

B. କେବଳ ପଶୁ

C. କେବଳ ଉଦ୍ଭିଦ

D. ମଣିଷ, ପ୍ରାଣୀ ଏବଂ ଉଦ୍ଭିଦ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 45 · 09 Jun 2026 · 9:00 AM - 10:30 AM · Odia (Odia)

Odia

Q1 Odia

ସେମାନେ ଆମକୁ _____ଦେଖା କରନ୍ତି ।

A. ପ୍ରତ୍ୟେକ

B. ଏବେ

C. ନିୟମିତ ✓

D. ନିୟମରେ

Q2 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମ ପାର୍କ ରେ ସବୁଦିନ ଯୋଗ କ୍ଲାସ କରାଯାଏ ।

A. Yoga classes are going on in our park.

B. Yoga classes were held in our park.

C. Yoga classes are held in our park every day. ✓

D. Yoga classes will be held in our park every day.

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଗାଜିଆବାଦ ରେ ଏକ ନୂଆଁ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଯାଇଛି ।

A. The foundation stone for a new hospital had been laid in Ghaziabad.

B. The foundation stone for a new hospital has been laid.

C. Foundation stone for a new hospital has been laid in Ghaziabad. ✓

D. The foundation stone was laid for a new hospital.

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଭୋଟର ତାଲିକାରେ ନାମ ନଥିବାରୁ ମୁଁ ଗତବର୍ଷ ଭୋଟ ଦେଇପାରିଲିନି ।

A. I could not vote because my name was not in the voter list.

B. I could not vote last year because my name was not in the list.

C. I could not vote last year because my name was not in the voter list. ✓

D. I did not vote because my name was not in the voter list.

Q5 Odia

ପୁଅଟି ଅବିକଳ ତା ବାପ ପରି। ଏହି ବାକ୍ୟରେ ଥିବା ବିଶେଷଣ ପଦଟିକୁ ଚିହ୍ନଟ କର।

A. ବାପ

B. ପରି

C. ପୁଅଟି

D. ଅବିକଳ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

'ଲକ୍ଷ୍ୟ ରଖିବା' – ଏହାର ଠିକ୍ ରୂଢି କେଉଁଟି ?

A. ଆଖି ଦେଖେଇବା

B. ଆଖି ପକାଇବା

C. ଆଖି ରଖିବା ✓

D. ଆଖିରେ ନାଚିବା

Q7 Odia

"ତେଲିଆ ମୁଣ୍ଡରେ ତେଲ"- ଏହି ଲୋକୋକ୍ତିର ଠିକ୍ ଅର୍ଥ କିଏ ?

A. ଦରିଦ୍ରଙ୍କୁ ସାହାଯ୍ୟ କରିବା

B. ସମସ୍ତଙ୍କୁ ସମାନ ଭାବେ ସାହାଯ୍ୟ କରିବା

C. ଦରିଦ୍ରକୁ ସାହାଯ୍ୟ ନକରି ସ୍ୱଚ୍ଛଳ ବ୍ୟକ୍ତିକୁ ସାହାଯ୍ୟ କରିବା ✓

D. ନିଜ ପାଇଁ କାମ କରିବା

Q8 Odia

ଶୁଦ୍ଧ ବାକ୍ୟଟି ଚୟନ କର ।

A. ମୋ ବନ୍ଧୁ ଗତ କାଲି ନିଜ ସନ୍ତାନର ଅନପ୍ରଶନ କଲେ ।

B. ମୋ ବନ୍ଧୁ ଗତ କାଲି ନିଜ ସନ୍ତାନର ଅନଃପ୍ରାଶନ କଲେ ।

C. ମୋ ବନ୍ଧୁ ଗତ କାଲି ନିଜ ସନ୍ତାନର ଅନ୍ନପ୍ରାଶନ କଲେ । ✓

D. ମୋ ବନ୍ଧୁ ଗତ କାଲି ନିଜ ସନ୍ତାନର ଅନଃପ୍ରାସନ କଲେ ।

Q9 Odia

ନିମ୍ନଲିଖିତ ବିକଳ୍ପ ମଧ୍ୟରୁ ଶୁଦ୍ଧ ବାକ୍ୟଟି ବାଛି ଲେଖ ।

A. ବାପା କନ୍ୟାର ସେବା ସୃଶ୍ରୁଷା ରେ ଆରୋଗ୍ୟ ହେଲେ ।

B. ବାପା କନ୍ୟାର ସେବା ସୁଶ୍ରୁଷା ରେ ଆରୋଗ୍ୟ ହେଲେ ।

C. ବାପା କନ୍ୟାର ସେବା ଶୃଶ୍ରୁଷା ରେ ଆରୋଗ୍ୟ ହେଲେ ।

D. ବାପା କନ୍ୟାର ସେବା ଶୁଶ୍ରୂଷା ରେ ଆରୋଗ୍ୟ ହେଲେ । ✓

Q10 Odia

ପବନ ଅତି ଧୀରେ ବହୁଅଛି । ଉକ୍ତ ବାକ୍ୟରେ ଥିବା କ୍ରିୟା ବିଶେଷଣ ପଦଟି ବାଛ ।

A. ପବନ

B. ଅତି

C. ଧୀରେ ✓

D. ବହୁଅଛି

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

> ପ୍ରଦତ୍ତ ଅନୁଚ୍ଛେଦ ଆଧାରରେ ନିମ୍ନ ପ୍ରଶ୍ନଗୁଡ଼ିକର ଉପଯୁକ୍ତ ଉତ୍ତର ନିର୍ଦ୍ଧାରଣ କରନ୍ତୁ।
>
> ମାନବ ଜୀବନରେ ସର୍ବାଙ୍ଗୀନ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବଜାୟ ରଖିବା ପାଇଁ ଶାରୀରିକ ବ୍ୟାୟାମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ। ନିୟମିତ ଭାବେ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ହେବା ଦ୍ୱାରା ଶରୀରର ମାଂସପେଶୀଗୁଡ଼ିକ ସୁଦୃଢ଼ ଓ ମଜବୁତ ହେବା ସହିତ ହୃଦୟ ଛନ୍ଦୀତ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥାଏ। ଏହା ଶରୀରର ଆଭ୍ୟନ୍ତରୀଣ ରୋଗ ପ୍ରତିରୋଧକ ଶକ୍ତିକୁ ବହୁଗୁଣିତ କରି ବିଭିନ୍ନ ପ୍ରକାରର ସଂକ୍ରମଣ ଓ ବ୍ୟାଧିରୁ ଆମକୁ ରକ୍ଷା କରିଥାଏ। ବ୍ୟାୟାମ କେବଳ ଶାରୀରିକ ଗଠନରେ ସାହାଯ୍ୟ କରେ ନାହିଁ, ବରଂ ଏହା ମାନସିକ ଚାପ ଓ ଅସ୍ଥିରତାକୁ ହ୍ରାସ କରି ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ସମୃଦ୍ଧ କରିଥାଏ। ଏହା ଦ୍ୱାରା ମସ୍ତିଷ୍କର ଏକାଗ୍ରତା ବୃଦ୍ଧି ପାଏ, ଯାହା ଫଳରେ ଯେକୌଣସି କାର୍ଯ୍ୟରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୁଏ ଏବଂ ଏହା ଶରୀରକୁ ଗଭୀର ତଥା ଉତ୍ତମ ନିଦ୍ରା ପାଇଁ ପ୍ରୋତ୍ସାହିତ କରିଥାଏ। ବିଶେଷ କରି ଛାତ୍ରମାନଙ୍କ ପାଇଁ ଶାରୀରିକ ପରିଶ୍ରମ ଏକାନ୍ତ ଆବଶ୍ୟକ। ସେମାନେ ନିଜର ଦୈନନ୍ଦିନ ରୁଟିନ ମଧ୍ୟରେ ବିଭିନ୍ନ ପ୍ରକାରର ଖେଳକୁଦ, ଯୋଗାସନ, ପ୍ରାତଃ ଭ୍ରମଣ କିମ୍ବା ସାଇକେଲ ଚାଳନା ଭଳି ସରଳ କିନ୍ତୁ ପ୍ରଭାବଶାଳୀ ବାହ୍ୟ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରିପାରିବେ। ନିଜର ଦୈନନ୍ଦିନ ଜୀବନଶୈଳୀରେ ବ୍ୟାୟାମକୁ ଏକ ନିୟମିତ ଅଭ୍ୟାସ ଭାବେ ସାମିଲ କରିବା ଦ୍ୱାରା କେବଳ ଶାରୀରିକ ସୁସ୍ଥତା ବା 'ଫିଟନେସ୍' ଉନ୍ନତ ହୁଏ ନାହିଁ, ବରଂ ଏହା ବ୍ୟକ୍ତିର ଚରିତ୍ରରେ ଶୃଙ୍ଖଳା, ଜ୍ଞାନ, ମାନସିକ ଦୃଢ଼ତା ଏବଂ ଆତ୍ମବିଶ୍ୱାସ ମଧ୍ୟ ସୃଷ୍ଟି କରିଥାଏ। ସଂକ୍ଷେପରେ କହିବାକୁ ଗଲେ, ଏକ ସକ୍ରିୟ ଜୀବନଶୈଳୀ ହିଁ ଦୀର୍ଘାୟୁ ଏବଂ ସୁଖମୟ ଜୀବନର ପ୍ରକୃତ ଚାବିକାଠି।

ଶାରୀରିକ ବ୍ୟାୟାମ କାହିଁକି ଗୁରୁତ୍ୱପୂର୍ଣ୍ଣ?

A. ଏହା ସମୟ ନଷ୍ଟ କରେ

B. ଏହା ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ✓

C. ଏହା କେବଳ ଖେଳାଳିମାନଙ୍କୁ ସାହାଯ୍ୟ କରେ

D. ଏହା କେବଳ ବୟସ୍କମାନଙ୍କ ପାଇଁ ଅଟେ

Q12 Odia

ନିୟମିତ ବ୍ୟାୟାମର ଗୋଟିଏ ଶାରୀରିକ ଲାଭ କ'ଣ?

A. ମାଂସପେଶୀକୁ ଦୁର୍ବଳ କରେ

B. ରୋଗ ସୃଷ୍ଟି କରେ

C. ମାଂସପେଶୀକୁ ମଜବୁତ କରେ ✓

D. ଶକ୍ତି ହ୍ରାସ କରେ

Q13 Odia

ବ୍ୟାୟାମ ମାନସିକ ସ୍ୱାସ୍ଥ୍ୟକୁ କିପରି ଲାଭ ଦିଏ?

A. ଚିନ୍ତା ବୃଦ୍ଧି କରେ

B. ଧ୍ୟାନ ହ୍ରାସ କରେ

C. ଚାପକୁ ପ୍ରୋତ୍ସାହିତ କରେ

D. ଚିନ୍ତା ହ୍ରାସ କରେ ଏବଂ ଧ୍ୟାନ ଉନ୍ନତ କରେ ✓

Q14 Odia

ଛାତ୍ରମାନଙ୍କ ପାଇଁ ନିମ୍ନଲିଖିତ କେଉଁ କାର୍ଯ୍ୟକଳାପ ପରାମର୍ଶ ଦିଆଯାଇଛି?

A. ଟେଲିଭିଜନ ଦେଖିବା

B. ଭିଡିଓ ଗେମ୍ ଖେଳିବା

C. ଚାଲିବା କିମ୍ବା ସାଇକେଲ ଚଲାଇବା ✓

D. ସାରା ଦିନ ଶୋଇବା

Q15 Odia

ନିୟମିତ ବ୍ୟାୟାମ କେଉଁ ମୂଲ୍ୟବୋଧ ବିକାଶ କରିବାରେ ସାହାଯ୍ୟ କରେ?

A. ଆଳସ୍ୟ ଏବଂ ଅସାବଧାନତା

B. ଶୃଙ୍ଖଳା ଏବଂ ଦୃଢ଼ତା ✓

C. କ୍ରୋଧ ଏବଂ ଚାପ

D. ଭୟ ଏବଂ ଦୁର୍ବଳତା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 46 · 10 Jun 2026 · 12:30 PM - 2:00 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ପ୍ରଦୂଷଣ ରୋକିବା ପାଇଁ ନୂତନ ବିଧି ଲାଗୁ ହେବ।

- **A.** A. A new law will be promoted to stop pollution.
- **B.** D. New method to stop crime will begin.
- **C.** B. A new law will be enforced to stop pollution. ✓
- **D.** C. A new law will be increase to stop pollution.

Q2 Odia

'ଆକାଶ କୁସୁମ' ରୂଢିର ଅର୍ଥ କ'ଣ?

- **A.** D. ଆକାଶରେ ଫୁଲ ଫୁଟିଛି
- **B.** A. ଯାହା କେବେ ହେବାର ନାହିଁ ✓
- **C.** C. ମେଘରୁ ଫୁଲ ଝଡୁଛି
- **D.** B. ଆକାଶ ରଙ୍ଗା ଫୁଲରେ ଭରତି

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆମ ସୋସାଇଟି ରେ ମଧ୍ୟାହ୍ନ ଭୋଜନ ର ବ୍ୟବସ୍ଥା କରାଯାଇଥିଲା ।

- **A.** B. A luncheon party was organized in our society during Independence day celebration. ✓
- **B.** A. On 15th of August, a lunch will be organized in our society.
- **C.** C. On independence day, lunch was organized.
- **D.** D. A luncheon party was organized in our society.

Q4 Odia

"ଅଣ୍ଟାରେ ନ ଥାଇ ଧନ, ପୁଅ ବାହା କରି ମନ" ଲୋକବାଣୀର ଅର୍ଥ କ'ଣ?

- **A.** B. ଧନହୀନ ଲୋକ ଅଧିକ ଖର୍ଚ୍ଚ କରିବାର ଯୋଜନା ହାସ୍ୟାସ୍ପଦ ✓
- **B.** A. ଧନୀ ଲୋକ ବିବାହ କରନ୍ତି
- **C.** C. ବିବାହରେ ଏତେ ଖର୍ଚ୍ଚ ଦରକାର ନାହିଁ
- **D.** D. ଧନହୀନ ଲୋକ ଅଧିକ ଖର୍ଚ୍ଚ କରେ

Q5 Odia

"ଏକା ଭାଡ଼ିର ପାରା" ଲୋକବାଣୀର ଅର୍ଥ କ'ଣ?

- **A.** B. ଏକାକୀ ଲୋକ
- **B.** A. ପାରାମାନେ ବାସ କରୁଥିବା ଜାଗା
- **C.** C. ପାରା ମାନଙ୍କର ବାସସ୍ଥଳୀ
- **D.** D. ଗୋଟିଏ ସ୍ୱଭାବର ବ୍ୟକ୍ତି ବୃନ୍ଦ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

"ସେ କିନ୍ତୁ ଏ କଥା ଜାଣି ନାହାନ୍ତି" - ଏଠାରେ 'କିନ୍ତୁ' ଯଦି ବାକ୍ୟର ସୌନ୍ଦର୍ଯ୍ୟ ପାଇଁ ବ୍ୟବହୃତ ହୋଇଥାଏ, ତେବେ ତାକୁ କେଉଁ ଅବ୍ୟୟ କୁହାଯିବ?

A. D. ସଂଯୋଜକ ✓

B. B. ଆଳଙ୍କାରିକ

C. A. ବିଶେଷଣର ବିଶେଷଣ

D. C. ସମ୍ବୋଧନ ସୂଚକ

Q7 Odia

'ହରି କାମଟି ତରତର ହୋଇ କରୁଛି' ଏଠାରେ 'ତରତର' କେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ?

A. D. ଗୁଣବାଚକ ବିଶେଷଣ

B. C. କ୍ରିୟା ବିଶେଷଣ ✓

C. A. ସର୍ବନାମ

D. B. କ୍ରିୟାଜ ବିଶେଷଣ

Q8 Odia

ନିମ୍ନଲିଖିତ ମଧ୍ୟରୁ ସମୟସୂଚକ ଅବ୍ୟୟ କେଉଁଟି ?

A. C. ଏଠାରେ

B. B. ଏବେ ✓

C. A. ବହୁତ

D. D. କିନ୍ତୁ

Q9 Odia

ନିମ୍ନଲିଖିତ ବାକ୍ୟଗୁଡିକରେ ଭୁଲ ବନାନ ଚିହ୍ନଟ କରି ଠିକ୍ ବାକ୍ୟ ବାଛ ।

A. C. ରାତିରେ ଗ୍ରାମଟି ବହୁତ ନୀର୍ଜନ ଲାଗୁଥିଲା ।

B. D. ରାତିରେ ଗ୍ରାମଟି ବହୁତ ନିର୍ଜନ ଲାଗୁଥିଲା । ✓

C. A. ରାତିରେ ଗ୍ରାମଟି ବହୁତ ନିର୍ଯନ ଲାଗୁଥିଲା ।

D. B. ରାତିରେ ଗ୍ରାମଟି ବହୁତ ନୀର୍ଯନ ଲାଗୁଥିଲା ।

Q10 Odia

"Fortune favors the brave." - ଏହାର ପ୍ରାସଙ୍ଗିକ ଓଡ଼ିଆ ଅନୁବାଦ କେଉଁଟି?

A. D. ଭାଗ୍ୟ ସାହସୀଙ୍କୁ ସାହାଯ୍ୟ କରେ । ✓

B. A. ସାହସୀ ଲୋକ ଭାଗ୍ୟବାନ ।

C. B. ଭାଗ୍ୟବାନ ଲୋକ ସାହସୀ ହୁଅନ୍ତି ।

D. C. ସାହସ ଥିଲେ ଭାଗ୍ୟ ବଦଳେ ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

D. ଲୋଭ

Q13 Odia

ଏହି ଅନୁଚ୍ଛେଦ ଅନୁଯାୟୀ ' ସୁଦୃଢ' ଶବ୍ଦର ଅର୍ଥ କଣ ?

A. ଦୁର୍ବଳ

B. ଅସ୍ଥିର

C. ଶକ୍ତିଶାଳୀ/ମଜବୁତ ✓

D. ଛୋଟ

Q14 Odia

'ରକ୍ତ ଚାଉଳ ଚୋବାଇବା' ଏହି ରୂଢିଟି କେଉଁ ଭାବକୁ ସୂଚାଏ?

A. ଭୋକ ଲାଗିବା

B. ଅତ୍ୟଧିକ ରାଗିବା ✓

C. ଶତ୍ରୁତା କରିବା

D. ରକ୍ତହୀନତା

Q15 Odia

କ୍ରିୟା ପଦର ମୂଳ ରୂପକୁ ବା କ୍ରିୟାର ମୂଳ ପ୍ରକୃତିକୁ କ'ଣ କୁହାଯାଏ ?

A. କ୍ରିୟା ପଦ

B. ଧାତୁ ✓

C. ବିଶେଷଣ

D. ଅବ୍ୟୟ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 57 · 13 Jun 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ସେ ଦୋକାନକୁ କ୍ଷୀର ଆଣିବାକୁ ଗଲେ ।

- **A.** She went to the shop to buy milk. ✓
- **B.** She go to shop for buying milk.
- **C.** She was gone in shop for milk.
- **D.** She went shop to buy a milks.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Himalayas protect India from cold northern winds.

- **A.** ହିମାଳୟ ପର୍ବତମାଳା ଭାରତକୁ ଶୀତଳ ଉତ୍ତରୀୟ ବାୟୁଠାରୁ ରକ୍ଷା କରିଥାଏ। ✓
- **B.** ହିମାଲୟ ଉତ୍ତର ପବନ ଶୀତରୁ ଭାରତ ସୁରକ୍ଷା କରନ୍ତି।
- **C.** ହିମାଲୟ ଉତ୍ତର ପବନ ଶୀତ ଭାରତକୁ ସୁରକ୍ଷା କରେ।
- **D.** ହିମାଲୟ ଉତ୍ତର ପବନ ଶୀତରୁ ଭାରତକୁ ସୁରକ୍ଷିତ କରନ୍ତି।

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Planting trees helps in balancing oxygen and carbon dioxide levels.

- **A.** ବୃକ୍ଷରୋପଣ ଅମ୍ଳଜାନ ଏବଂ ଅଙ୍ଗାରକାମ୍ଳ ସ୍ତରକୁ ସନ୍ତୁଳନ କରିବାରେ ସାହାଯ୍ୟ କରେ। ✓
- **B.** ଗଛ ଲଗାଇବା ଅକ୍ସିଜେନ ଓ କାର୍ବନ ଡାଇଅକ୍ସାଇଡ ସନ୍ତୁଳନ କରିଲା।
- **C.** ଗଛ ଲଗାଇବା ଅକ୍ସିଜେନ ଓ କାର୍ବନ ଡାଇଅକ୍ସାଇଡ ସନ୍ତୁଳନ ହେଲା।
- **D.** ଗଛ ଲଗାଇବା ଅକ୍ସିଜେନ ଓ କାର୍ବନ ଡାଇଅକ୍ସାଇଡ ସନ୍ତୁଳନ କରେ।

Q4 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ ।
ଆନନ

- **A.** ହସ୍ତ
- **B.** ମୁଖ
- **C.** ବଦନ ✓
- **D.** ବକ୍ଷ

Q5 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ ।
ବିଭବ

- **A.** ମାଲିକ
- **B.** ରାଜା
- **C.** ସମ୍ପଦ ✓
- **D.** ସମ୍ରାଟ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ତାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଭାରତୀୟ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ସମ୍ବିଧାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଜାତୀୟ ଏକତା, ଅଖଣ୍ଡତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ପାଳନ କରିବାକୁ ଥିବା ନୈତିକ ଦାୟିତ୍ୱ ଏବଂ ଦାୟିତ୍ୱକୁ ଉଜାଗର କରିଥାଏ। ସର୍ଦ୍ଦାର ସ୍ୱରଣ ସିଂ କମିଟିର ସୁପାରିଶକ୍ରମେ, 1976 ମସିହାରେ 42ତମ ସମ୍ବିଧାନ ସଂଶୋଧନ ଆଇନ ଦ୍ୱାରା ପ୍ରବର୍ତ୍ତିତ, ଏହି କର୍ତ୍ତବ୍ୟ ଗୁଡ଼ିକୁ ଅନୁଚ୍ଛେଦ 51A ଅଧୀନରେ ଭାଗ IV-A ରେ ଅନ୍ତର୍ଭୁକ୍ତ କରାଯାଇଥିଲା। ମୂଳତଃ, ଦଶଟି କର୍ତ୍ତବ୍ୟ ଥିଲା, କିନ୍ତୁ 86 ତମ ସମ୍ବିଧାନ ସଂଶୋଧନ ଆଇନ, 2002 ଏକାଦଶ କର୍ତ୍ତବ୍ୟ ଯୋଡ଼ାଯାଇଥିଲା, ଯେଉଁଥିରେ 6 ରୁ 14 ବର୍ଷ ବୟସର ପିଲାମାନଙ୍କୁ ଶିକ୍ଷାର ସୁଯୋଗ ପ୍ରଦାନ କରିବା ପାଇଁ ପିତାମାତା କିମ୍ବା ଅଭିଭାବକଙ୍କ ଦାୟିତ୍ୱ ବୋଲି ଦର୍ଶାଯାଇଛି । ମୌଳିକ ଅଧିକାର ନାଗରିକମାନଙ୍କୁ ସ୍ୱାଧୀନତା ଏବଂ ସୁରକ୍ଷା ପ୍ରଦାନ କରେ । ମୌଳିକ କର୍ତ୍ତବ୍ୟ ମୌଳିକ ଅଧିକାର ପରି ନୁହେଁ ବରଂ ଏହା ଦାୟିତ୍ୱପୂର୍ଣ୍ଣ ନାଗରିକତା ପାଇଁ ମାର୍ଗଦର୍ଶିକା ଭାବରେ କାର୍ଯ୍ୟ କରେ, ବ୍ୟକ୍ତିମାନଙ୍କୁ ସମ୍ବିଧାନକୁ ସମ୍ମାନ କରିବା, ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅନୁସରଣ କରିବା ଏବଂ ସମାଜରେ ସକାରାତ୍ମକ ଅବଦାନ ଦେବା ପାଇଁ ମଧ୍ୟ ଉତ୍ସାହିତ କରେ।

କର୍ତ୍ତବ୍ୟ ମଧ୍ୟରେ ସମ୍ବିଧାନ, ଜାତୀୟ ପତାକା ଏବଂ ଜାତୀୟ ସଙ୍ଗୀତକୁ ସମ୍ମାନ କରିବା; ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଦେଇଥିବା ମହାନ ଆଦର୍ଶକୁ ପାଳନ କରିବା ଏବଂ ଅନୁସରଣ କରିବା; ଭାରତର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତାକୁ ରକ୍ଷା କରିବା; ଦେଶକୁ ରକ୍ଷା କରିବା ଏବଂ ଆହ୍ୱାନ ସମୟରେ ଜାତୀୟ ସେବା ପ୍ରଦାନ କରିବା; ସମନ୍ୱୟ ଏବଂ ସାଧାରଣ ଭ୍ରାତୃତ୍ୱର ଭାବନାକୁ ପ୍ରୋତ୍ସାହିତ କରିବା; ମହିଳାମାନଙ୍କ ସମ୍ମାନ ପ୍ରତି ଅପମାନଜନକ ଅଭ୍ୟାସଗୁଡ଼ିକୁ ପରିତ୍ୟାଗ କରିବା; ଭାରତର ସମୃଦ୍ଧ ସଂସ୍କୃତିର ସମୃଦ୍ଧ ଐତିହ୍ୟକୁ ସଂରକ୍ଷଣ କରିବା; ଜଙ୍ଗଲ, ହ୍ରଦ, ନଦୀ ଏବଂ ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶକୁ ସୁରକ୍ଷା ଏବଂ ଉନ୍ନତି କରିବା; ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧାନ ଏବଂ ସଂସ୍କାରର ଭାବନା ବିକାଶ କରିବା; ସାର୍ବଜନୀନ ସମ୍ପତ୍ତିକୁ ସୁରକ୍ଷା ଦେବା; ଏବଂ କାର୍ଯ୍ୟକଳାପର ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରୟାସ କରିବା ଆଦି ରହିଛି । ଯଦିଓ ମୌଳିକ କର୍ତ୍ତବ୍ୟ ଗୁଡ଼ିକ ନ୍ୟାୟ ବିଚାରଯୋଗ୍ୟ ନୁହେଁ, ଅର୍ଥାତ୍ ସେଗୁଡ଼ିକୁ କୋର୍ଟ ଦ୍ୱାରା ଲାଗୁ କରାଯାଇପାରିବ ନାହିଁ, ତଥାପି ଏଗୁଡିକ ନାଗରିକମାନଙ୍କୁ ମନେ ପକାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଯେ ଅଧିକାର ସହିତ ଦାୟିତ୍ୱ ମଧ୍ୟ ଥାଏ। ଏହି କର୍ତ୍ତବ୍ୟଗୁଡ଼ିକ ଏକ ସୂଚିତ, ଦାୟିତ୍ୱବାନ ଏବଂ ନୈତିକ ନାଗରିକ ସୃଷ୍ଟି କରିବା, ଗଣତନ୍ତ୍ରକୁ ସୁଦୃଢ଼ କରିବା ଏବଂ ରାଷ୍ଟ୍ର ନିର୍ମାଣ ପାଇଁ ମାର୍ଗଦର୍ଶକ ନୀତି ଭାବରେ କାର୍ଯ୍ୟ କରେ। ସାମଗ୍ରିକ ଭାବରେ, ମୌଳିକ କର୍ତ୍ତବ୍ୟ ଦେଶପ୍ରେମ, ଶୃଙ୍ଖଳା, ସମ୍ମାନ ଏବଂ ସାମୂହିକ ଦାୟିତ୍ୱକୁ ପ୍ରୋତ୍ସାହିତ କରେ, ଯାହା ସେମାନଙ୍କୁ ରାଷ୍ଟ୍ରର ସାମଗ୍ରିକ ଅଭିବୃଦ୍ଧି ଏବଂ ସମନ୍ୱୟ ପାଇଁ ଅତ୍ୟାବଶ୍ୟକ କରିଥାଏ।

କେଉଁ ସଂଶୋଧନ ଦ୍ୱାରା ସମ୍ବିଧାନରେ ମୌଳିକ କର୍ତ୍ତବ୍ୟଗୁଡ଼ିକ ଯୋଡା ଯାଇଥିଲା ?

A. 44ତମ ସଂଶୋଧନ

B. 42ତମ ସଂଶୋଧନ ✓

C. 52ତମ ସଂଶୋଧନ

D. 86ତମ ସଂଶୋଧନ

Q7 Odia

କେଉଁ ଭାଗରେ ମୌଳିକ କର୍ତ୍ତବ୍ୟ ଗୁଡ଼ିକ ତାଲିକାଭୁକ୍ତ କରାଯାଇଛି?

A. ଭାଗ III

B. ଭାଗ IV

C. ଭାଗ IV-A ✓

D. ଭାଗ V

Q8 Odia

କେଉଁଟି ଏକାଦଶ କର୍ତ୍ତବ୍ୟ ସହିତ ଜଡିତ ?

A. ପରିବେଶ ସୁରକ୍ଷା

B. ରାଷ୍ଟ୍ରର ସୁରକ୍ଷା

C. ସମନ୍ୱୟ ପ୍ରୋତ୍ସାହନ

D. ପିଲାମାନଙ୍କୁ ଶିକ୍ଷା ପ୍ରଦାନ ✓

Q9 Odia

ମୌଳିକ କର୍ତ୍ତବ୍ୟ ଗୁଡ଼ିକ ହେଉଛି:

A. ଆଇନ ଦ୍ୱାରା ପ୍ରବର୍ତ୍ତନଯୋଗ୍ୟ

B. ନ୍ୟାୟିକ ଅଧିକାର

C. ଜରୁରୀକାଳୀନ ଅଧିକାର

D. ଆଇନ ଦ୍ୱାରା ବିଚାରଯୋଗ୍ୟ ନୁହେଁ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

କେଉଁ ସଂସ୍ଥା ରୁ ମୌଳିକ କର୍ତ୍ତବ୍ୟ ପାଇଁ ସୁପାରିଶ ଆସିଥିଲା ?

A. ନେହେରୁ କମିଟି

B. ସରକାରିଆ କମିଶନ

C. ସ୍ୱରଣ ସିଂହ କମିଟି ✓

D. ମଣ୍ଡଳ କମିଶନ

Q11 Odia

"ପ୍ରାଚୀ" ର ବିପରୀତ ଶବ୍ଦ ଦର୍ଶାଅ ।

A. ପ୍ରଦୋଷ

B. ସ୍ୱାଧୀନ

C. ପ୍ରତୀଚୀ ✓

D. ପ୍ରାଚୀନ

Q12 Odia

ଦର୍ଶକମାନେ ନାଟକ ଦେଖିକି ହସୁଛନ୍ତି । ରେଖାଙ୍କିତ ପଦଟି କେଉଁ କ୍ରିୟାପଦ?

A. ସମାପିକା କ୍ରିୟା

B. ସକର୍ମକ କ୍ରିୟା

C. ଅସମାପିକା କ୍ରିୟା ✓

D. ଅକର୍ମକ କ୍ରିୟା

Q13 Odia

ଦେଖନ୍ତୁ ଝରଣା ଝରଝର ହୋଇ ଝରୁଛି । ଉକ୍ତ ବାକ୍ୟରେ କ୍ରିୟାବିଶେଷଣ ଚିହ୍ନଟ କର ।

A. ଝରଣା

B. ଝରଝର ✓

C. ଦେଖନ୍ତୁ

D. ଝରୁଛି

Q14 Odia

'ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା' – ଏହା କେଉଁ ପ୍ରକାରର ରୂଢି?

A. କ୍ରିୟାଯୁକ୍ତ ରୂଢି

B. ତୁଳନାତ୍ମକ ରୂଢି ✓

C. କ୍ରିୟାହୀନ ରୂଢି

D. ଉପମାଯୁକ୍ତ ରୂଢି

Q15 Odia

'ସମ୍ବୋଧନ ସୂଚକ ଅବ୍ୟୟ' କାହାକୁ କୁହାଯାଏ ?

A. ଯେଉଁ ଅବ୍ୟୟ କାଳକୁ ବୁଝାଏ

B. ଯେଉଁ ଅବ୍ୟୟ ସ୍ଥାନକୁ ବୁଝାଏ

C. ଯେଉଁ ଅବ୍ୟୟ ପରିମାଣକୁ ବୁଝାଏ

D. ଯେଉଁ ଅବ୍ୟୟ ସମ୍ବୋଧନ କରିବା ପାଇଁ ବ୍ୟବହୃତ ହୁଏ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 58 · 16 Jun 2026 · 12:30 PM - 2:00 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ମହାନ ଅଶୋକ ମୌର୍ଯ୍ୟ ସାମ୍ରାଜ୍ୟର ଏକ ରାଜା ଥିଲେ ।

- **A.** B. Ashoka the Great was the king of the Mauryan Empire. ✓
- **B.** D. Ashoka Great was king on Maurya Empire.
- **C.** A. The Ashoka was the king of Mauryan Empires.
- **D.** C. Ashoka is being king of Maurya dynasty.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Jagannath Temple is an important pilgrimage site in Odisha.

- **A.** D. ଜଗନ୍ନାଥ ମନ୍ଦିର ଓଡ଼ିଶାର ଏକ ମହତ୍ତ୍ୱପୂର୍ଣ୍ଣ ତୀର୍ଥସ୍ଥଳୀ ଅଟେ। ✓
- **B.** C. ଜଗନ୍ନାଥ ମନ୍ଦିର ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ତୀର୍ଥ ସ୍ଥଳ ଅଛି।
- **C.** B. ଜଗନ୍ନାଥ ମନ୍ଦିର ଓଡ଼ିଶାର ଏକ ତୀର୍ଥ ସ୍ଥଳ ଅଛନ୍ତି।
- **D.** A. ଜଗନ୍ନାଥ ମନ୍ଦିର ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ତୀର୍ଥ ସ୍ଥଳ ହେଲା।

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ମୋ ଭଉଣୀ ଦୁର୍ଗା ପୂଜା ଦିନ ଜନ୍ମ ହୋଇଥିଲା ।

- **A.** B. My sister born on Durga Puja day.
- **B.** A. My sister was born on the day of Durga Puja. ✓
- **C.** D. My sister's birthday is on Durga Puja .
- **D.** C. My sister born on Durga Puja .

Q4 Odia

ନିଶ୍ଚୟ ମୁଁ ଏ ବର୍ଷ ରାମେଶ୍ୱର ଯିବି । ଏହି ବାକ୍ୟରେ "ନିଶ୍ଚୟ" କେଉଁ ପ୍ରକାରର ବିଶେଷଣ ?

- **A.** B. ତୁଳନାତ୍ମକ ବିଶେଷଣ
- **B.** D. ବାକ୍ୟର ବିଶେଷଣ ✓
- **C.** C. ବିଧେୟ ବିଶେଷଣ
- **D.** A. କ୍ରିୟାଜ ବିଶେଷଣ

Q5 Odia

ନିମ୍ନୋକ୍ତ ବିକଳ୍ପମାନଙ୍କ ମଧ୍ୟରୁ ଶୁଦ୍ଧ ବାକ୍ୟ ଥିବା ବିକଳ୍ପଟିକୁ ବାଛନ୍ତୁ ।

- **A.** C. ପଦ୍ମଶ୍ରୀ ପ୍ରତିଭାରାୟଙ୍କ ଦ୍ୱାରା 'ଜାଜ୍ଞସେନୀ' ଉପନ୍ୟାସ ରଚିତ ହୋଇଛି ।
- **B.** D. ପଦ୍ମଶ୍ରୀ ପ୍ରତିଭାରାୟଙ୍କ ଦ୍ୱାରା 'ଜାଜ୍ଞଶେନି' ଉପନ୍ୟାସ ରଚିତ ।
- **C.** B. ପଦ୍ମଶ୍ରୀ ପ୍ରତୀଭାରାୟଙ୍କ ଦ୍ୱାରା 'ଜାଜ୍ଞଷେନି ' ଉପନ୍ୟାସ ରଚିତ ।
- **D.** A. ପଦ୍ମଶ୍ରୀ ପ୍ରତିଭାରାୟଙ୍କ ଦ୍ୱାରା 'ଯାଜ୍ଞସେନୀ' ଉପନ୍ୟାସ ରଚିତ । ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ନିମ୍ନଲିଖିତ ଅନୁଚ୍ଛେଦକୁ ପାଠ କରି ପ୍ରଶ୍ନଗୁଡିକର ଉତ୍ତର ବାଛ ।
ନିଜ ପରିବାରର ଶତ୍ରୁ ପାଇଁ ଆମେ ସାଧାରଣତଃ, 'ଅଣ୍ଟିଛୁରୀ ତଣ୍ଟିକାଟେ' ପ୍ରବାଦଟି ପ୍ରୟୋଗ କରିଥାଉ । ଗୋଟିଏ ପରିବାର କେତେ ଜଣ ସଦସ୍ୟଙ୍କୁ ନେଇ ଗଠିତ । ପରିବାରରେ ସମସ୍ତଙ୍କ ମନୋଭାବ ଏକ ପ୍ରକାର ହୋଇ ନଥାଏ । ଉପରକୁ ଜଣାପଡୁ ନଥିବା କୌଣସି ସଦସ୍ୟର ଖଳ ପ୍ରବୃତ୍ତି ଭିତରେ ଭିତରେ ପରିବାର ଅନିଷ୍ଟର କାରଣ ହୋଇଥାଏ । ପରିବାରର ସଦସ୍ୟମାନଙ୍କ ସମ୍ମୁଖରେ ସେ ଗୃହର ମୁରବୀଙ୍କୁ ବିରୋଧ କରି ନଥାଏ । ମାତ୍ର ଭିତରେ ଭିତରେ ଏମିତି କାଣ୍ଡ କରିବସେ ଯାହା ପାଇଁ ଘର ମୁରବୀଙ୍କୁ ଅପଦସ୍ତ ହେବାକୁ ପଡେ ଓ ଘରର ବହୁ ବଡ କ୍ଷତି ଘଟିଯାଏ । ମନ୍ଦ ପ୍ରବୃତ୍ତିର ସଦସ୍ୟଟି ଘର ଭିତରର ଗୁମର ପଦାରେ ପକାଇ ପରିବାରର ମାନସମ୍ମାନକୁ କ୍ଷୁର୍ଣ୍ଣ କରିଥାଏ । ତେଣୁ ଯଥାର୍ଥରେ କୁହାଯାଇଛି 'ଅଣ୍ଟିଛୁରୀ ତଣ୍ଟିକାଟେ' । ବେଳେ ବେଳେ ଆମେ ଘରର ଚାକର ପୂଜାରୀଙ୍କ ଉପରେ ଦୃଢ ବିଶ୍ୱାସ ରଖିଥାଉ । କିନ୍ତୁ ସମୟେ ସମୟେ ଏଇ ବିଶ୍ୱାସୀ ପାଖଲୋକମାନେ ହିଁ ଘରର ମୁରବୀଙ୍କର ସମ୍ମାନକୁ ମାଟିରେ ମିଶେଇ ଦେଇଥାନ୍ତି । ଘରର ଧନରତ୍ନ ଚୋରିଠାରୁ ଆରମ୍ଭ କରି, ପୁତ୍ର କନ୍ୟାକୁ ଅପହରଣ କରିବା ପର୍ଯ୍ୟନ୍ତ ଯେ କୌଣସି କାର୍ଯ୍ୟ କରିବାକୁ ପଶ୍ଚାଦପଦ ହୁଅନ୍ତି ନାହିଁ । ସ୍ୱାର୍ଥପାଇଁ ବାପପୁଅ, ଭାଇଭାଇ ଓ ଭାଇଭଉଣୀ ଭିତରେ କଳହ ଘଟିଥାଏ ।

"ଖଳ ପ୍ରବୃତ୍ତି" ଶବ୍ଦଗୁଚ୍ଛର ଅର୍ଥ କେଉଁଟି ?

A. C. ଭଲ ଆଚରଣ

B. D. ଦୁଷ୍ଟ ଓ କୁଟିଳ ସ୍ୱଭାବ ✓

C. A. ସାଧାରଣ ଚରିତ୍ର

D. B. ନିଷ୍ପକ୍ଷ ଭାବ

Q7 Odia

"ଅପଦସ୍ତ" ଶବ୍ଦର ସଠିକ ବ୍ୟବହାର କେଉଁ ବାକ୍ୟରେ ହୋଇଛି ?

A. C. ସେ ଅପଦସ୍ତ ଭାବରେ ହସିଲା ।

B. A. ଭୁଲ୍ କାମ ପାଇଁ ସେ ସମାଜରେ ଅପଦସ୍ତ ହେଲ। । ✓

C. B. ସେ ଅପଦସ୍ତ ଭୋଜନ କଲା ।

D. D. ସେ ଅପଦସ୍ତ ଭାବେ ଚାଲିଗଲା ।

Q8 Odia

"ଗୁମର' ଶବ୍ଦର ଠିକ୍ ଅର୍ଥ କେଉଁଟି ?

A. B. ଖୁସି

B. C. ଗୋପନୀୟ କଥା ✓

C. D. ଧନ-ସମ୍ପତ୍ତି

D. A. ଦୁଃଖ

Q9 Odia

ଅଣ୍ଟିଛୁରୀ ତଣ୍ଟିକାଟେ" ଲୋକୋକ୍ତିର ଠିକ୍ ବ୍ୟବହାର କେଉଁଟି ?

A. B. ଶତ୍ରୁ ଆକ୍ରମଣ କଲେ ।

B. D. ପରିଚିତ ଲୋକ ଧୋକା ଦେଲେ । ✓

C. A. ପ୍ରାକୃତିକ ବିପର୍ଯ୍ୟୟ ହେଲେ ।

D. C. ଅଜଣା ଲୋକ ସାହାଯ୍ୟ କଲେ ।

Q10 Odia

ଉପରୋକ୍ତ ଅନୁଚ୍ଛେଦରେ "ପଶ୍ଚାଦପଦ" ଶବ୍ଦର ଠିକ୍ ବ୍ୟବହାର କେଉଁଠି ହୋଇଛି ?

A. A. ପାଖ ଲୋକ କୌଣସି ଖରାପ କାମ କରିବାରେ ପଶ୍ଚାଦପଦ ହୁଏ ନାହିଁ । ✓

B. B. ପାଖ ଲୋକ କୌଣସି ଭଲ କାମ କରିବାରେ ପଶ୍ଚାଦପଦ ହୁଏ ନାହିଁ ।

C. D. ପାଖ ଲୋକ କୌଣସି ସହାୟତା କରିବାରେ ପଶ୍ଚାଦପଦ ହେଲା ।

D. C. ପାଖଲୋକ କୌଣସି ପ୍ରତିଯୋଗିତାରେ ଭାଗ ନେବାରେ ପଶ୍ଚାଦପଦ ହେଲା ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

'ଭଗିନୀ' ଶବ୍ଦର ତଦ୍ଭବ ରୂପଟି କ'ଣ?

A. B. ଭଉଣୀ ✓

B. C. ଭାଇ

C. D. ଭାର୍ଯ୍ୟା

D. A. ଭଗାରି

Q12 Odia

ମୋତେ ଯେତେ ମାଠିରୁ, ମୁଁ ସେଇ ଦରପୋଡା କାଠ – ରେଖାଙ୍କିତ ପଦଦ୍ୱୟ କେଉଁ ଅବ୍ୟୟ ଚିହ୍ନଟ କର ।

A. C. ସମ୍ଭାବନାସୂଚକ ଅବ୍ୟୟ

B. A. ପରିମାଣସୂଚକ ଅବ୍ୟୟ ✓

C. D. ବିଯୋଜକ ଅବ୍ୟୟ

D. B. ସଂଯୋଜକ ଅବ୍ୟୟ

Q13 Odia

'ଜୋର ଯା'ର ମୂଳକ ତାର"-ଏହି ଲୋକୋକ୍ତିର ଠିକ୍ ଅର୍ଥ କ'ଣ ?

A. A. ଦୁର୍ବଳ ଲୋକ ଶାସନ କରେ

B. D. ସବୁ ଲୋକ ସମାନ

C. C. ଶକ୍ତିଶାଳୀ ହିଁ ପ୍ରଭୁତ୍ୱ ବିସ୍ତାର କରେ ✓

D. B. ଶକ୍ତିଶାଳୀ କେହି ନୁହେଁ

Q14 Odia

ରେଳଗାଡ଼ି ଦ୍ରୁତରେ ଗତି କରୁଛି- ରେଖାଙ୍କିତ ପଦଟି କେଉଁ ପ୍ରକାର ବିଶେଷଣ ପଦ?

A. C. ବିଧେୟ ବିଶଷଣ

B. D. କ୍ରିୟା ବିଶେଷଣ ✓

C. B. ବିଶେଷଣର ବିଶେଷଣ

D. A. ଗୁଣବାଚକ ବିଶେଷଣ

Q15 Odia

ତତ୍ସମ ଶବ୍ଦଟି ବାଛ ।

A. D. ପିଲା

B. A. ଅଷ୍ଟ ✓

C. B. ହାତ

D. C. ଘିଅ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 59 · 16 Jun 2026 · 4:00 PM - 5:30 PM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
କ୍ୟାବିନେଟ ଦେଶର ପ୍ରଶାସନିକ ବ୍ୟବସ୍ଥା ଚଳାଇଥାଏ ।

A. The cabinet runs the administration of the country. ✓

B. The cabinet run administration country.

C. Cabinet is running of administration.

D. The cabinet are runs the country.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Brahmaputra flows through India, Bangladesh, and China.

A. ବ୍ରହ୍ମପୁତ୍ର ନଦୀ ଚୀନ, ଭାରତ ଏବଂ ବାଂଲାଦେଶ ଦେଇ ପ୍ରଭାବିତ ହେଉଛି। ✓

B. ବ୍ରହ୍ମପୁତ୍ର ଭାରତ, ବାଙ୍ଗ୍ଲାଦେଶ ଓ ଚିନ ମାଧ୍ୟରେ ପ୍ରବାହ ହୁଏ।

C. ବ୍ରହ୍ମପୁତ୍ର ଭାରତ, ବାଙ୍ଗ୍ଲାଦେଶ ଓ ଚିନ ମାଧ୍ୟମେ ପ୍ରବାହିତ ହୁଏ।

D. ବ୍ରହ୍ମପୁତ୍ର ଭାରତ, ବାଙ୍ଗ୍ଲାଦେଶ ଚିନ ମାଧ୍ୟରେ ପ୍ରବାହିତ ହୁଏ।

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଆମ ବଗିଚା ଖୁବ ସୁନ୍ଦର ହୋଇଯାଇଛି ।

A. Our garden is very beautiful.

B. Our garden has become very beautiful. ✓

C. Our garden was very beautiful.

D. Our garden is becoming very beautiful.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q4 Odia

নিম୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଆଗାମୀ ବର୍ଷ ଗୁଡ଼ିକରେ ଭାରତ 5 ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ଲକ୍ଷ୍ୟ ରଖିଛି, ଯାହା ବିଶ୍ୱର ପ୍ରମୁଖ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ନିଜର ସ୍ଥିତିକୁ ଆହୁରି ମଜବୁତ କରିବା ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ। ଏହି ଦୃଷ୍ଟିକୋଣ ବିଷୟରେ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 2019 ରେ ଘୋଷଣା କରି କହିଥିଲେ ଯେ ଭାରତ ଏହି ଲକ୍ଷ୍ୟକୁ 2024-25 ସୁଦ୍ଧା ହାସଲ କରିବ। ଏହି ଉଦ୍ଦେଶ୍ୟ ଭାରତର ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବା, ନିଯକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ନାଗରିକଙ୍କ ଜୀବନଧାରଣ ମାନରେ ଆହୁରି ଉନ୍ନତ କରିବା ପାଇଁ ଆଶା ଓ ଆକାଂକ୍ଷାକୁ ଦର୍ଶାଇଥାଏ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ଭାରତ ସରକାର ଉତ୍ପାଦନ, ଭିତ୍ତିଭୂମି, କୃଷି, ସେବା ଏବଂ ଡିଜିଟାଲ ନବସୃଜନ ଭଳି ପ୍ରମୁଖ କ୍ଷେତ୍ର ଉପରେ ପ୍ରାଧାନ୍ୟ ଦେଇଛନ୍ତି ଏବଂ ଏହି କ୍ଷେତ୍ରରେ ଅନେକ ପଦକ୍ଷେପ ମାନ ଗ୍ରହଣ କରିଛନ୍ତି ।

ମେକ୍ ଇନ୍ ଇଣ୍ଡିଆ ଏବଂ ଡିଜିଟାଲ ଇଣ୍ଡିଆ ପଦକ୍ଷେପ ଶିଳ୍ପ ଅଭିବୃଦ୍ଧି ଏବଂ ପ୍ରଯୁକ୍ତି ବିଦ୍ୟା ପ୍ରୋତ୍ସାହନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଆମ ଦେଶ ନବୀକରଣୀୟ ଶକ୍ତି, ପରିବହନ ନେଟୱାର୍କ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ମଧ୍ୟ ନିବେଶ କରୁଛି। କୋଭିଡ୍-19 ମହାମାରୀ ଅଳ୍ପାୟୀ ଭାବରେ ଭାରତର ଅର୍ଥନୈତିକ ପ୍ରଗତିକୁ ମନ୍ଥର କରିଦେଇଥିଲା, କିନ୍ତୁ ବର୍ଦ୍ଧିତ ଘରୋଇ ଚାହିଦା, ଡିଜିଟାଲ ପରିବର୍ତ୍ତନ ଏବଂ କର ଏବଂ ବିଦେଶୀ ନିବେଶରେ ସଂସ୍କାର ମାଧ୍ୟମରେ ଅର୍ଥନୀତିର ଦୃଢ଼ ପୁନରୁଦ୍ଧାର ହୋଇଛି ।

5 ଟ୍ରିଲିୟନ ଡଲାର ଲକ୍ଷ୍ୟ ହାସଲ କରିବା ପାଇଁ ବାର୍ଷିକ ହାରାହାରି GDP ଅଭିବୃଦ୍ଧି ହାର ପ୍ରାୟ 8-9% ଆବଶ୍ୟକ। ସରକାର ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା, ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ଏବଂ ବିଶ୍ୱ ନିବେଶକଙ୍କୁ ଆକର୍ଷିତ କରିବା ଜାରି ରଖିଛନ୍ତି। ଅର୍ଥନୀତିଜ୍ଞ ମାନେ ବିଶ୍ୱାସ କରନ୍ତି ଯେ ଏହାର ଯୁବ ଜନସଂଖ୍ୟା, ବର୍ଦ୍ଧିତ ମଧ୍ୟବିତ୍ତ ଶ୍ରେଣୀ ଏବଂ ଦ୍ରୁତ ସହରୀକରଣ ସହିତ, ଭାରତ ନିକଟ ଭବିଷ୍ୟତରେ ଏହି ଲକ୍ଷ୍ୟ ପୂରଣ କରିବାର ସମ୍ଭାବନା ରଖିଛି। 5 ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ କରିବା ଦ୍ୱାରା କେବଳ ଭାରତର ବିଶ୍ୱ ପଟଳ ରେ ସ୍ଥିତି ବୃଦ୍ଧି ହେବ ନାହିଁ ବରଂ ଦାରିଦ୍ର୍ୟ ହ୍ରାସ ଏବଂ ସାମଗ୍ରିକ ଜାତୀୟ ସମୃଦ୍ଧିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ମିଳିବ। ଏହି ଲକ୍ଷ୍ୟ ହାସଲ ହେଲେ ଦେଶର ଅଗଣିତ ଲୋକଙ୍କ ହିତସାଧନ ହେବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ |

ଭାରତର 5 ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଲକ୍ଷ୍ୟ ପ୍ରଥମେ କିଏ ଘୋଷଣା କରିଥିଲେ?

A. ଡକ୍ଟର ମନମୋହନ ସିଂହ

B. ନରେନ୍ଦ୍ର ମୋଦି ✓

C. ନିର୍ମଳା ସୀତାରମଣ

D. ରଘୁରାମ ରାଜନ

Q5 Odia

କେଉଁ ବର୍ଷ ସୁଦ୍ଧା ଭାରତ 5 ଟ୍ରିଲିୟନ ଡଲାର ଲକ୍ଷ୍ୟ ହାସଲ କରିବ ବୋଲି ଆଶା କରାଯାଇଥିଲା?

A. 2020-21

B. 2022 -23

C. 2024 -25 ✓

D. 2026 -27

Q6 Odia

କେଉଁ ପଦକ୍ଷେପ ଭାରତରେ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରେ?

A. ସ୍ୱଚ୍ଛ ଭାରତ

B. ମେକ୍ ଇନ୍ ଇଣ୍ଡିଆ ✓

C. ବେଟି ବଚାଓ ବେଟି ପଢ଼ାଓ

D. ସ୍କିଲ୍ ଇଣ୍ଡିଆ

Q7 Odia

ଲକ୍ଷ୍ୟ ହାସଲ କରିବା ପାଇଁ ବାର୍ଷିକ ହାରାହାରି GDP ଅଭିବୃଦ୍ଧି ହାର କେତେ ଆବଶ୍ୟକ?

A. 4 –5 %

B. 6 –7 %

C. 8 –9 % ✓

D. 10 –12 %

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q8 Odia

ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ସେମାନଙ୍କର ଅର୍ଥ ସହିତ ମେଳ କରନ୍ତୁ:

1.	ମହତ୍ତ୍ୱାକାଂକ୍ଷୀ	A.	ଆଇନ ଏବଂ ବ୍ୟବସ୍ଥାରେ ବିକାଶ କିମ୍ବା ଉନ୍ନତି
2.	ଅନ୍ତର୍ଭୁକ୍ତ	B.	ସହରଗୁଡ଼ିକୁ ବୃଦ୍ଧି କରିବାର ପ୍ରକ୍ରିୟା
3.	ସଂସ୍କାର	C.	କିଛି ମହାନ ହାସଲ କରିବା ଲକ୍ଷ୍ୟରେ
4.	ସହରୀକରଣ	D.	ସମସ୍ତଙ୍କୁ ସମାନ ଭାବରେ ସାମିଲ କରିବା

A. 1-C, 2-D, 3-A, 4-B ✓

B. 1-B, 2-D, 3-A, 4-C

C. 1-C, 2-A, 3-D, 4-B

D. 1-D, 2-C, 3-A, 4-B

Q9 Odia

ଗାଆଁର ଜଣେ ବ୍ୟକ୍ତି ଭାଗବତ ପଢୁଛନ୍ତି । ରେଖାଙ୍କିତ ପଦଟି କେଉଁ କ୍ରିୟାପଦ?

A. ଅକର୍ମକ କ୍ରିୟା

B. ସକର୍ମକ କ୍ରିୟା ✓

C. ଦ୍ୱିକର୍ମକ କ୍ରିୟା

D. ଧ୍ୱନ୍ୟାତ୍ମକ କ୍ରିୟା

Q10 Odia

"ଶିଆଳ ବୈଷ୍ଣବ ହେବା" ଏହି ଲୋକୋକ୍ତିଟି କେଉଁ ପରିପ୍ରେକ୍ଷୀରେ ବ୍ୟବହୃତ ହୁଏ?

A. ଶିଆଳ ମାଂସ ଖାଇବା ଛାଡ଼ିବା

B. ଖଳ ଲୋକ ସାଧୁର ବେଶ ଧରିବା ✓

C. ପଶୁମାନଙ୍କର ସ୍ୱଭାବ ବଦଳିବା

D. ଭକ୍ତି ମନୋଭାବ ରଖିବା

Q11 Odia

“ମାରିନେଲେ ମହାପାତ୍ରେ, ଚାହିଁଥା’ରେ ଜଳକା” ଲୋକବାଣୀର ଅର୍ଥ କ’ଣ?

A. ଦୁର୍ବଳ ଲୋକ ହାରିଯାଏ ।

B. ସବୁଠି ସମାନ ସୁଯୋଗ ମିଳେ ।

C. ଚତୁର ଲୋକ ସୁବିଧା ହାସଲ କଲାବେଳେ, ବୋକାଲୋକ ନିରାଶ ହୁଏ ବା ଅପଦସ୍ଥ ହୁଏ । ✓

D. ଶକ୍ତିଶାଳୀ ଲୋକ ହିଁ ଜିତେ ।

Q12 Odia

ତଦ୍ଭବ ଶବ୍ଦଟିକୁ ଚିହ୍ନଟ କର ।

A. ନଈ ✓

B. ନକୁଳ

C. ମୃଗ

D. ଷଷ୍ଠୀ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q13 Odia

"ରାମ ଓ ଲକ୍ଷ୍ମଣ ବନକୁ ଗଲେ" - ଏଠାରେ 'ଓ' କି ପ୍ରକାର ଅବ୍ୟୟ?

A. ବିଭକ୍ତିସୂଚକ ଅବ୍ୟୟ

B. ସଂଯୋଜକ ଅବ୍ୟୟ ✓

C. ବିୟୋଜକ ଅବ୍ୟୟ

D. ପଦାନ୍ୱୟୀ ଅବ୍ୟୟ

Q14 Odia

ସବୁ କଥାରେ ଆଖେଇବା ଉଚିତ ନୁହେଁ । ଏହି ବାକ୍ୟରେ 'ଆଖେଇବା' କେଉଁ ପ୍ରକାରର କ୍ରିୟା?

A. ସକର୍ମକ କ୍ରିୟା

B. ଅକର୍ମକ କ୍ରିୟା ✓

C. ଦ୍ୱିକର୍ମକ କ୍ରିୟା

D. ଅବ୍ୟୟ

Q15 Odia

"ମୁହଁ ଦେବା" ରୂଢିର ଠିକ୍ ଅର୍ଥ କ'ଣ ?

A. ମୁଁହ ଦେଖାଇବା

B. କାହାକୁ ଡାକିବା

C. ପ୍ରଶ୍ରୟ ଦେବା ✓

D. କଥା କହିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 60 · 16 Jun 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଏହି ବିଲ୍ ସଂବିଧାନକୁ ବଦଳାଏନାହିଁ।

A. D. This bill changes the constitution.

B. C. This bill does change the constitution.

C. A. This bill does not change the constitution. ✓

D. B. This act replaces the government.

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Amitabh Bachchan is one of the greatest actors in India.

A. A. ଅମିତାବ ବଚ୍ଚନ ଭାରତର ମହାନତମ ଅଭିନେତା ମଧ୍ୟରୁ ଅନ୍ୟତମ ଅଟନ୍ତି। ✓

B. B. ଅମିତାଭ ବଚ୍ଚନ ଭାରତ ସର୍ବଶ୍ରେଷ୍ଠ ଅଭିନେତା ମଧ୍ୟରୁ ଗୋଟିଏ।

C. C. ଅମିତାଭ ବଚ୍ଚନ ଭାରତର ସର୍ବଶ୍ରେଷ୍ଠ ଅଭିନେତା ମଧ୍ୟରେ ଗୋଟିଏ।

D. D. ଅମିତାଭ ବଚ୍ଚନ ଭାରତର ସର୍ବଶ୍ରେଷ୍ଠ ଅଭିନେତାମାନେ ମଧ୍ୟରୁ ଗୋଟିଏ।

Q3 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ତାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।

ଜାତିର ପିତା ମହାତ୍ମା ଗାନ୍ଧୀ ଆତ୍ମନିର୍ଭରଶୀଳତା, ସରଳତା ଏବଂ ଗ୍ରାମୀଣ ସଶକ୍ତିକରଣର ଶକ୍ତି କୁ ସଦା ସର୍ବଦା ପ୍ରାଧାନ୍ୟ ଦେଉଥିଲେ । ଦେଶ ପ୍ରତି ତାଙ୍କର ଅନେକ ସାମାଜିକ ଏବଂ ଆର୍ଥିକ ଅବଦାନ ରହିଛି | ଖଦି ଏବଂ ଗ୍ରାମୋଦ୍ୟୋଗ (ଗ୍ରାମ ଶିଳ୍ପ) କ୍ଷେତ୍ରକୁ ସେ ସବୁ ବେଳେ ପ୍ରୋତ୍ସାହନ ଦେଉଥିଲା। ଗାନ୍ଧୀ ଖଦିକୁ କେବଳ ଏକ ବସ୍ତ୍ର ଭାବରେ ନୁହେଁ, ବରଂ ଭାରତର ସ୍ୱାଧୀନତା ଆନ୍ଦୋଳନର ପ୍ରତୀକ ଭାବରେ ବର୍ଣ୍ଣନା କରୁଥିଲେ |ଏହା ସ୍ୱଦେଶୀ, ଶ୍ରମର ମର୍ଯ୍ୟାଦା ଏବଂ ଆର୍ଥିକ ସ୍ୱାଧୀନତାର ପ୍ରତିନିଧିତ୍ୱ କରେ ବୋଲି ସେ ଦର୍ଶାଉଥିଲେ । ସେ ପ୍ରତ୍ୟେକ ଭାରତୀୟଙ୍କୁ ବ୍ରିଟିଶ ଶିଳ୍ପ ଶୋଷଣ ବିରୁଦ୍ଧରେ ଏକ ଶାନ୍ତିପୂର୍ଣ୍ଣ ଅସ୍ତ୍ର ଭାବରେ ଚରଖା ବୁଣି ଏବଂ ଖଦି ପିନ୍ଧିବାକୁ ଉତ୍ସାହିତ କରିଥିଲେ। ଏହି ପ୍ରଥା କେବଳ ଉପନିବେଶବାଦୀ ଅର୍ଥନୈତିକ ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିନଥିଲା ବରଂ ପାରମ୍ପରିକ କାରିଗରୀର ମର୍ଯ୍ୟାଦାକୁ ମଧ୍ୟ ପୁନର୍ଜୀବିତ କରିଥିଲା।

ଗ୍ରାମୋଦ୍ୟୋଗ ବା ଗ୍ରାମ ଶିଳ୍ପ ଗାନ୍ଧୀଙ୍କ ଅର୍ଥନୈତିକ ଦର୍ଶନର ଆଉ ଏକ ସ୍ତମ୍ଭ ଥିଲା। ସେ ଏକ ଆତ୍ମନିର୍ଭରଶୀଳ ଗ୍ରାମୀଣ ଭାରତର କଳ୍ପନା କରିଥିଲେ, ଯେଉଁଠାରେ ଗ୍ରାମବାସୀମାନେ କୃଷି, ହସ୍ତତନ୍ତ, ହସ୍ତଶିଳ୍ପ, ମାଟିପାତ୍ରତଥା ଅନ୍ୟାନ୍ୟ କୁଟୀର ଶିଳ୍ପ ମାଧ୍ୟମରେ ଜୀବିକା ଅର୍ଜନ କରିପାରିବେ। ଗ୍ରାମ ଗୁଡ଼ିକର ଉତ୍ଥାନ ହେଲେ ହିଁ ପ୍ରକୃତ ବିକାଶ ହୋଇପାରିବ ବୋଲି ଗାନ୍ଧୀ ବିଶ୍ୱାସ କରୁଥିଲେ | ଗ୍ରାମାଞ୍ଚଳକୁ ସେ ଭାରତର ମେରୁଦଣ୍ଡ ବୋଲି କହୁଥିଲେ। ସେ ଯୁକ୍ତି ବାଢୁଥିଲେ ଯେ ଶିଳ୍ପାୟନ ପାରମ୍ପରିକ ଜୀବିକାକୁ ନଷ୍ଟ କରିବା ଉଚିତ ନୁହେଁ ବରଂ ସେଗୁଡ଼ିକୁ ପରିପୂରକ କରିବା ଉଚିତ ଓ ସମାନ ବିକାଶ ସୁନିଶ୍ଚିତ କରିବା ଉଚିତ। ସ୍ୱାଧୀନତା ପରେ ପ୍ରତିଷ୍ଠିତ ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ (KVIC) ଭଳି ଅନୁଷ୍ଠାନ ଗୁଡ଼ିକ କାରିଗର ମାନଙ୍କୁ ସମର୍ଥନ, କଞ୍ଚାମାଲ ଯୋଗାଇବା, ମାର୍କେଟିଂ ସହାୟତା ଏବଂ ତାଲିମ ଦେଇ ତାଙ୍କ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ସମସାମୟିକ ସମୟରେ ମଧ୍ୟ, ଖଦି ଏକ ସ୍ଥାୟୀ ଫ୍ୟାଶନ୍, ପରିବେଶ ଅନୁକୂଳ ଉତ୍ପାଦନ ଏବଂ ନୈତିକ ବ୍ୟବହାରର ପ୍ରତୀକ ଭାବରେ ଉଭା ହୋଇଛି। ଅନେକ ଯୁବ ଉଦ୍ୟୋଗୀ ଏବଂ ଡିଜାଇନର ମାନେ ବର୍ତ୍ତମାନ ଖଦିକୁ ଆଧୁନିକ ଶୈଳୀ ସହିତ ମିଶ୍ରଣ କରୁଛନ୍ତି, ଏହାକୁ ଜାତୀୟ ଏବଂ ବିଶ୍ୱସ୍ତରୀୟ ମାନ୍ୟତା ଦେଉଛନ୍ତି। ଗ୍ରାମୋଦ୍ୟୋଗ ପଦକ୍ଷେପ ଗୁଡ଼ିକ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା, ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଉଦ୍ୟୋଗକୁ ଉତ୍ସାହିତ କରିବା ଏବଂ ସହର ଗୁଡ଼ିକୁ ସ୍ଥାନାନ୍ତର ହ୍ରାସ କରିବା ଜାରି ରଖିଛି। ସରଳତା, ଆତ୍ମନିର୍ଭରଶୀଳତା ଏବଂ ସମ୍ପ୍ରଦାୟ-ଆଧାରିତ ଉତ୍ପାଦନ ଉପରେ ଗାନ୍ଧୀଙ୍କ ଗୁରୁତ୍ୱ ଆଜିର ବିଶ୍ୱାୟନ ଯୁଗରେ ପ୍ରାସଙ୍ଗିକ ରହିଛି, ଯେଉଁଠାରେ ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ମୁଖ୍ୟ ପ୍ରାଥମିକତା। ତାଙ୍କ ଦର୍ଶନ, ହସ୍ତନିର୍ମିତ, ଢେଉକିକ ଏବଂ ସ୍ଥାନୀୟ ଭାବରେ ଉତ୍ପାଦିତ ସାମଗ୍ରୀକୁ ଆପଣେଇବାକୁ ପ୍ରେରଣା ଦିଏ ଏବଂ ଆମକୁ ମନେ ପକାଇ ଦିଏ ଯେ ଆର୍ଥିକ ପ୍ରଗତି ସର୍ବଦା ମାନବିକ ମର୍ଯ୍ୟାଦା ଏବଂ ସାମାଜିକ ନ୍ୟାୟ ସହିତ ସମନ୍ୱିତ ହେବା ଉଚିତ।

ଗାନ୍ଧୀଜୀ ଖଦିକୁ କେଉଁଟି ର ପ୍ରତୀକ ଭାବରେ ପ୍ରୋତ୍ସାହିତ କରିଥିଲେ?

A. C. ଆଧୁନିକ ଯନ୍ତ୍ରପାତି

B. B. ଔପନିବେଶିକ ବାଣିଜ୍ୟ

C. D. ସ୍ୱାବଲମ୍ବନ ଏବଂ ସ୍ୱଦେଶୀ ✓

D. A. ବିଳାସପୂର୍ଣ୍ଣ ଫ୍ୟାଶନ୍

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q4 Odia

ଗ୍ରାମୋଦ୍ୟୋଗ କଣ କୁ ବୁଝାଏ?

A. A. ଭାରୀ ଶିଳ୍ପ

B. B. ଗ୍ରାମ ଶିଳ୍ପ ✓

C. D. ବୈଦେଶିକ ବାଣିଜ୍ୟ

D. C. ନଗର ବିକାଶ

Q5 Odia

ସ୍ୱାଧୀନତା ପରେ କେଉଁ ଅନୁଷ୍ଠାନ ଖଦିକୁ ସମର୍ଥନ କରିଥିଲା ?

A. C. ହାରତୀୟ ରିଜର୍ଭ ବାଙ୍କ

B. B. ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ ✓

C. A. ନୀତି ଆୟୋଗ

D. D. ନାବାର୍ଡ

Q6 Odia

ଗାନ୍ଧୀ କଣ ପାଇଁ ଚରଖାରେ ସୂତା ବୁଣିବାକୁ ପ୍ରୋତ୍ସାହିତ କରିଥିଲେ?

A. B. ଆମଦାନୀ ନିର୍ଭରଶୀଳତା

B. A. ଶିଳ୍ପ ଶ୍ରମ

C. C. ଗ୍ରାମୀଣ ନିଯକ୍ତି ଏବଂ ଶ୍ରମର ମର୍ଯ୍ୟାଦା ✓

D. D. ପର୍ଯ୍ୟଟନ

Q7 Odia

ବର୍ତ୍ତମାନ ଖଦି କାହା ସହିତ ଜଡିତ ?

A. B. ପ୍ଲାଷ୍ଟିକ୍ ଉତ୍ପାଦ

B. C. ଦ୍ରୁତ ଫ୍ୟାଶନ୍

C. D. ପରିବେଶ ଅନୁକୂଳ ଏବଂ ସ୍ଥାୟୀ ପୋଷାକ ✓

D. A. କୃତ୍ରିମ ବସ୍ତ୍ର

Q8 Odia

"ମୁଣ୍ଡରେ କପଡ଼ା ପାଦରେ ତେଲ, ବଇଦ ସାଙ୍ଗରେ ହୋଇବ ଗେଲ" ଲୋକବାଣୀର ଅର୍ଥ କ'ଣ?

A. C. ଶୃଙ୍ଗାର କରିବା

B. B. ଅନାବଶ୍ୟକ ଖର୍ଚ୍ଚ

C. D. ପାଦରେ ତେଲ ମାରିବା

D. A. ଏ ଉଭୟ ସ୍ୱାସ୍ଥ୍ୟ ନିମିତ୍ତ ହିତକର ✓

Q9 Odia

"ଛାଇକି ଛଅ ଘା ମାରିବା" - ଏହି ରୂଢିର ଠିକ୍ ଅର୍ଥ କଣ ?

A. A. ସତ୍ୟ କଥା କହିବା ।

B. B. ପ୍ରକୃତ କାରଣ ନଥାଇ କଳି କରିବା । ✓

C. D. ଅନ୍ୟକୁ ସହଯୋଗ କରିବା ।

D. C. ଭୟରେ କୁଆଡେ ପଳାଇବା ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

"ସେ ପଢ଼ିବାକୁ ଚାହେଁ, ମାତ୍ର ସୁବିଧା ନାହିଁ" - ଏହି ବାକ୍ୟରେ ଅବ୍ୟୟ ପଦଟି କି ପ୍ରକାର ଭାବ ପ୍ରକାଶ କରୁଛି?

A. B. ସଂଯୋଗ

B. D. ବିୟୋଗ ✓

C. C. ସାଦୃଶ୍ୟ

D. A. ସମ୍ବୋଧନ

Q11 Odia

ନିଶ୍ଚୟ ମୁଁ ଏ ବର୍ଷ ରାମେଶ୍ୱର ଯିବି। ଏହି ବାକ୍ୟରେ ଥିବା ବିଶେଷଣ ପଦଟିକୁ ଚିହ୍ନଟ କର।

A. A. ନିଶ୍ଚୟ ✓

B. C. ରାମେଶ୍ୱର

C. D. ଯିବି

D. B. ମୁଁ

Q12 Odia

ନିମ୍ନୋକ୍ତ ବାକ୍ୟଗୁଡିକ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚିହ୍ନଟ କର।

A. B. ସାରଳା ବାଲ୍ମୀକି ଦାଶ ଓଡ଼ିଶାର ଅଟନ୍ତି ।

B. C. ସାରଳା ଦାସ ଓଡ଼ିଶାର ବାଲ୍ମୀକି ଅଟନ୍ତି । ✓

C. A. ସରଳା ଦାସ ଓଡ଼ିଶାର ବାଲ୍ମୀକି ଅଟନ୍ତି ।

D. D. ସାରଳ ଦାସ ଓଡ଼ୀଶାର ବାଲ୍ମୀକି ଅଟନ୍ତି ।

Q13 Odia

A friend of mine will come here tomorrow. -ଏହି ଇଂରାଜୀ ବାକ୍ୟଟିକୁ ଓଡ଼ିଆରେ ଅନୁବାଦ କର।

A. D. ଆସନ୍ତା କାଲି ମୋର ବନ୍ଧୁମାନେ ଏଠାକୁ ଆସିବେ I

B. A. ମୋର ଜଣେ ବନ୍ଧୁ କାଲି ଏଠାକୁ ଆସିବେ I ✓

C. B. ମୋର ଜଣେ ବନ୍ଧୁ କାଲି ଏଠାକୁ ଆସିଛନ୍ତି I

D. C. ମୋର ଜଣେ ସାଙ୍ଗ କାଲି ଏଠାକୁ ଆସିଥିଲେ I

Q14 Odia

'କ୍ରିୟା ବିଶେଷଣର' ବିଶେଷତ୍ୱ କ'ଣ ?

A. A. ବିଶେଷଣକୁ ବିଶେଷିତ କରୁଥିବା ବିଶେଷଣ ।

B. B. ବିଶେଷ୍ୟକୁ ବିଶେଷିତ କରୁଥିବା ବିଶେଷଣ ।

C. C. କ୍ରିୟାକୁ ବିଶେଷିତ କରୁଥିବା ବିଶେଷଣ । ✓

D. D. ବିଶେଷଣକୁ ବିଶେଷିତ କରୁଥିବା କ୍ରିୟା ।

Q15 Odia

"ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ" ଏହାର ଅର୍ଥ କଣ?

A. A. ସାପକୁ ମାରିବା

B. B. ବାଡ଼ି ସଜାଡ଼ିବା

C. D. କୌଶଳରେ କାର୍ଯ୍ୟ ହାସଲ କରିବା ଯେପରି କାହାର କ୍ଷତି ନହୁଏ ✓

D. C. ଭୟ କରିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 61 · 17 Jun 2026 · 12:30 PM - 2:00 PM · Odia (Odia)

Odia

Q1 Odia

ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

" ଘରରେ ବନ୍ୟା ପାଣି ପଶି ___ ହେଲାଣି ।"

A. D. ପିଠିଏ

B. A. ହାତେ

C. C. ଆଣ୍ଠୁଏ ✓

D. B. ମୁଣ୍ଡେ

Q2 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାନାର୍ଥବୋଧକ ଶବ୍ଦ ଲେଖ।
ଏହି ଉଦ୍ୟାନଟି ବହୁତ "ସୁନ୍ଦର" ଅଟେ।

A. D. ଅସୁନ୍ଦର

B. A. ମନୋହର ✓

C. C. ଭୟଙ୍କର

D. B. ଦୁଃଖୀ

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
India won the World Cup in 2011.

A. D. ଭାରତ ୨୦୧୧ ମସିହାରେ ବିଶ୍ୱ କପ ଜିତିଥିଲା। ✓

B. C. ଭାରତ ୨୦୧୧ ମସିହାରେ ବିଶ୍ୱକପ୍ ଜିତିଛି।

C. A. ଭାରତ ୨୦୧୧ ମସିହାରେ ବିଶ୍ୱକପ୍ ଜିତୁଛି।

D. B. ଭାରତ ୨୦୧୧ ମସିହାରେ ବିଶ୍ୱକପ୍ ଜିତେ।

Q4 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The banyan tree is the national tree of India and provides deep shade.

A. A. ବଟବୃକ୍ଷ ଭାରତର ଜାତୀୟ ବୃକ୍ଷ ଅଟେ ଏବଂ ଏହା ପ୍ରଗାଢ଼ ଛାୟା ପ୍ରଦାନ କରେ। ✓

B. D. ବଟ ଗଛ ଭାରତ ଜାତୀୟ ଗଛ ଏବଂ ଗଭୀର ଛାୟା ଦେଇ।

C. C. ବଟଗଛ ଭାରତର ଜାତୀୟ ଗଛ ଏବଂ ଗଭୀର ଛାୟା ଦିଏ।

D. B. ବଟଗଛ ଭାରତ ଜାତୀୟ ଗଛ ଗଭୀର ଛାୟା ପ୍ରଦାନ ହୋଇ।

Q5 Odia

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉପଯୁକ୍ତ ସମାନାର୍ଥକ ଶବ୍ଦ ଚୟନ କରନ୍ତୁ ।
ବିହଗ

A. B. ଆକାଶ

B. C. ଗଗନ

C. A. ପକ୍ଷୀ ✓

D. D. ଉଡନ୍ତା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ପିଲାମାନଙ୍କୁ ଏକୁଟିଆ ଖେଳିବାକୁ ଦିଅ ।

A. B. children are playing alone.

B. D. Children will play alone.

C. A. Let the children play alone. ✓

D. C. children played alone.

Q7 Odia

> ନିମ୍ନଲିଖିତ ଅନୁଚ୍ଛେଦକୁ ପାଠ କରି ପ୍ରଶ୍ନଗୁଡିକର ଉତ୍ତର ବାଛ ।
> ମାନବ ସମାଜ ଆଜି ବିକାଶର ଚରମ ସୋପାନରେ ଉପନୀତ । ବିଜ୍ଞାନର ଅବିଶ୍ୱାସନୀୟ ଅଗ୍ରଗତି ଫଳରେ ମାନବ ସଭ୍ୟତା ଆଜି ନୂତନ ଦିଗକୁ ଛୁଇଁ ପାରିଛି । ନବ ସଭ୍ୟତା ଯେତେ ଯେତେ ଆଗକୁ ଯାଉଛି ଆମେ ସେତେ ସେତେ ଆମ ପରମ୍ପରା ଓ ଐତିହ୍ୟକୁ ପାଶୋରିବାରେ ଲାଗିଛେ । ବିଶ୍ୱରେ ଆମେରିକାର ସ୍ଥିତି ସବୁ ଦୃଷ୍ଟିରୁ ଏକ ନମ୍ବର ରହିଥିଲେ ହେଁ ସେଠାରେ ମଧ୍ୟ ଦୁର୍ନୀତି,ଭ୍ରଷ୍ଟାଚାର,ଅନ୍ଧବିଶ୍ୱାସ,ଗରିବୀ ଓ ଅଭାବ,ଅନାଟନ ରହିଛି,ସେଠାରେ ଥିବା ବର୍ଣ୍ଣବୈଷମ୍ୟ ବା କଳାଗୋରା ଭେଦଭାବ ନୀତି ବିଶ୍ୱରେ ଅପନିନ୍ଦାର ଖୋରାକ ଯୋଗାଇଥାଏ । ସେହିଭଳି କୋଲକାତା ମହାନଗରୀ କଥା ଦେଖାଯାଉ-ଏହି ଶିଳ୍ପ ସମୃଦ୍ଧ ନଗରୀର ଜନ ସମୂହ ଉନ୍ନତିର ଶୀର୍ଷରେ ପହଞ୍ଚି ପାରିଛନ୍ତି । ଆକାଶ ଛୁଆଁ କୋଠାବାଡି, କଳକାରଖାନା,ରାସ୍ତାଘାଟ,ସହର ବଜାରରେ ଚାକଚକ୍ୟ ଦେଖିଲେ ଆଖି ଲାଖି ରହିଯାଏ । ତା ସହିତ ମନରେ ଦୁଃଖ ବି ଆସେ ଏହି ମହାନଗରୀର ଶ୍ରମିକ ଶ୍ରେଣୀର ଲୋକମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଡ୍ରେନ କଡରେ,ଅପନ୍ତରା ରାସ୍ତା କଡରେ ପଡି ପ୍ରାଣ ହରାଇଥାନ୍ତି । ଝୁମ୍ପୁଡି ବସ୍ତିରେ ଜୀଉଁଥିବା ମଣିଷମାନଙ୍କୁ ଦେଖିଲେ ମନରେ ଦୁଃଖ ଆସେ । ସତରେ ପରିସ୍ଥିତି ପରିବେଶରେ କି ବିଚିତ୍ର ବ୍ୟବସ୍ଥା,ଏସବୁ ଦେଖି 'ଦୀପତଳ ଅନ୍ଧାର' ଭଳି ଆମେ ସବୁ ଜାଣି ମଧ୍ୟ ଅଜଣା ରହିବାର ଅଭିନୟ କରୁ ।

ନିମ୍ନଲିଖିତ ମଧ୍ୟରୁ ବାସ୍ତବ ପରିସ୍ଥିତି ଯୋଗୁ ସଠିକ ସଂଯୋଗ କେଉଁଟି ?

A. A. ବିକାଶ-ଦାରିଦ୍ର୍ୟ ବୃଦ୍ଧି

B. D. ବିଜ୍ଞାନ ଅଗ୍ରଗତି-ନୂତନ ଦିଗରେ ପ୍ରଗତି ✓

C. C. ସଭ୍ୟତା -ପଛକୁ ଯିବା

D. B. ଐତିହ୍ୟ-ନଷ୍ଟ ହେବ ନାହିଁ

Q8 Odia

"ଆମେରିକା" ସହ ନିମ୍ନଲିଖିତ କେଉଁ ପରିସ୍ଥିତି ସଠିକ ଭାବେ ସମନ୍ୱିତ ?

A. A. କେବଳ ସମୃଦ୍ଧି

B. D. ଦୁର୍ନୀତି ଓ ବର୍ଣ୍ଣବୈଷ୍ଣବ ✓

C. C. ଗରିବ ନାହାଁନ୍ତି

D. B. ପରମ୍ପରାର ସୁରକ୍ଷା

Q9 Odia

"କୋଲକାତା ମହାନଗରୀ" ସହ ସଠିକ ସଂଯୋଗ କେଉଁଟି ?

A. D. କେବଳ ଗ୍ରାମୀଣ ଜୀବନ

B. A. ଶିଳ୍ପ ସମୃଦ୍ଧି ଓ ଦାରିଦ୍ର୍ୟର ସହାବସ୍ଥାନ ✓

C. B. କୌଣସି ଅସମାନତା ନାହିଁ

D. C. କୃଷି ଉପରେ ନିର୍ଭର

Q10 Odia

"ଦୀପତଳ ଅନ୍ଧାର" ର ବାସ୍ତବ ଅର୍ଥ କେଉଁଟି ?

A. C. ଆଲୋକ ନଥିବା ସ୍ଥାନ

B. B. ଅଜ୍ଞାନତା

C. A. ସମସ୍ୟାକୁ ଜାଣି ମଧ୍ୟ ଅଣଦେଖା କରିବା ✓

D. D. ଦାରିଦ୍ର୍ୟ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

"ନବ ସଭ୍ୟତା ଆଗକୁ ବଢିବା" ସହ କେଉଁ ପରିସ୍ଥିତି ଯୁକ୍ତ ?

A. A. ପରମ୍ପରାର ସୁରକ୍ଷା ବଢିବା

B. B. ଐତିହ୍ୟକୁ ଭୁଲିଯିବା ✓

C. D. ସମସ୍ତେ ସମାନ ହେବା

D. C. ସାମାଜିକ ଅସମାନତା କମିଯିବା

Q12 Odia

କେଉଁ ଟି ଏକ ତତ୍ତବ ଶବ୍ଦ ?

A. C. ଉଷ୍ମ

B. B. ତପ୍ତ

C. A. ତାତିଲା ✓

D. D. ଅଦ୍ୟ

Q13 Odia

ଯେଉଁ ପଦ କ୍ରିୟାପଦକୁ ବିଶେଷିତ କରି ତାହାର ସାଧନ ପ୍ରକ୍ରିୟାର ଧର୍ମକୁ ସୁଚେଇ ଦିଏ,ତାହାକୁ କଣ କୁହାଯାଏ ?

A. C. ବିଶେଷ୍ୟ

B. D. ସର୍ବନାମ

C. B. କ୍ରିୟା ବିଶେଷଣ ✓

D. A. କ୍ରିୟା

Q14 Odia

"ଉଷୁନା ଧାନ ଗଜା ହେବା" ଏହି ପ୍ରବଚନଟି କେଉଁ ଅର୍ଥରେ ବ୍ୟବହୃତ?

A. B. ଧାନ ଚାଷ କରିବା

B. A. ଅସମ୍ଭବ କଥା ସମ୍ଭବ ହେବା ✓

C. C. ଗଜା ଖାଇବା

D. D. ପୁରୁଣା କଥା ମନେ ପକାଇବା

Q15 Odia

ଭିକାରିଟିକୁ ଭିକ୍ଷା ମୁଠେ ଦିଅ । ଉକ୍ତ ବାକ୍ୟରେ ଥିବା କ୍ରିୟା ପଦଟିକୁ ଚିହ୍ନାଅ ।

A. C. ଭିକାରି

B. D. ଭିକ୍ଷା

C. A. ଦିଅ ✓

D. B. ମୁଠେ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 62 · 17 Jun 2026 · 4:00 PM - 5:30 PM · Odia (Odia)

Odia

Q1 Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ଶକୁନିଙ୍କ ଚକ୍ରାନ୍ତରେ ପାଣ୍ଡବ ___ ବିଶ୍ୱାସ କରି ନେଇଥିଲେ ।"

- **A.** ସହଜରେ ✓
- **B.** ତରତର
- **C.** ଧୀରେ
- **D.** ଶାନ୍ତିରେ

Q2 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ
ଆମେ ସବୁବେଳେ "ସତ୍ୟ" ରାସ୍ତାରେ ଚାଲିବା ଉଚିତ।

- **A.** ମିଥ୍ୟା ✓
- **B.** ନିଷ୍ଠା
- **C.** ନିରାଶା
- **D.** ଶାନ୍ତି

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଚନ୍ଦ୍ରଯାନ-3 ମିଶନ ଭାରତ ପାଇଁ ଏକ ଐତିହାସିକ ସଫଳତା ଅଟେ ।

- **A.** Chandrayaan-3 mission is a historical success for India. ✓
- **B.** Chandrayaan-3 was a failed experiment in India.
- **C.** Chandrayaan-3 is a research satellite from Europe.
- **D.** Chandrayaan-3 is India’s first communication satellite.

Q4 Odia

‘ଆପେ ବଞ୍ଚିଲେ ବାପର ନାଆଁ’ କ’ଣ ସୂଚାଏ?

- **A.** ନିଜ ପ୍ରୟାସର ମହତ୍ତ୍ୱ ✓
- **B.** ପିତାଙ୍କ ନାଆଁରେ ବଞ୍ଚିବା
- **C.** ନିଜ ପରିଚୟ ହାରିବା
- **D.** ଆତ୍ମନିର୍ଭରତା ଆବଶ୍ୟକତା

Q5 Odia

ସଠିକ ତତ୍ସମ ଶବ୍ଦ ବାଛନ୍ତୁ: “ପୋଅ” ର ତତ୍ସମ କଣ?

- **A.** ପୁତ୍ର ✓
- **B.** ପୁତ୍ରା
- **C.** ପୁତ୍ରି
- **D.** ପାତ୍ର

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ଉପଯୁକ୍ତ କ୍ରିୟା ବାଛି ଶୂନ୍ୟସ୍ଥାନ ପୂରଣ କରନ୍ତୁ:

ପିଲାମାନେ ଏପର୍ଯ୍ୟନ୍ତ ଜଳଖିଆ _____।

A. କରିନାହିଁ

B. କରିନାହଁ

C. କରିନାହୁଁ

D. କରିନାହାଁନ୍ତି ✓

Q7 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ସେ ଗତକାଲି ଦିଲ୍ଲୀ ରୁ ଫେରିଲା ।

A. She was returning from Delhi yesterday.

B. She is returning from Delhi yesterday.

C. She returned from Delhi yesterday. ✓

D. She returned from Delhi .

Q8 Odia

ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ତାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ

ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ବିକେନ୍ଦ୍ରୀକରଣ ଏବଂ ତୃଣମୂଳ ସ୍ତରର ଗଣତନ୍ତ୍ର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଦର୍ଶାଇ ଥାଏ । ଏହା ଗ୍ରାମାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନର ଏକ ବ୍ୟବସ୍ଥା ଯାହା ଲୋକମାନଙ୍କୁ ସେମାନଙ୍କ ବିକାଶ ଏବଂ କଲ୍ୟାଣ ସହିତ ଜଡିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସିଧାସଳଖ ଅଂଶଗ୍ରହଣ କରିବାକୁ ସଶକ୍ତ କରିଥାଏ। ପଞ୍ଚାୟତିରାଜର ଧାରଣା ଭାରତୀୟ ପରମ୍ପରାରେ ଗଭୀର ଭାବରେ ଜଡିତ, ଯେଉଁଠାରେ ଗ୍ରାମ ପରିଷଦ (ପଞ୍ଚାୟତ) ଐତିହାସିକ ଭାବରେ ସ୍ଥାନୀୟ ବ୍ୟାପାର ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ପଞ୍ଚାୟତିରାଜର ଆଧୁନିକ ଗଠନକୁ 1992 ମସିହାର 73 ତମ ସାମ୍ବିଧାନିକ ସଂଶୋଧନ ଆଇନ ମାଧ୍ୟମରେ ପ୍ରତିଷ୍ଠା କରାଯାଇଥିଲା, ଯାହା 24 ଏପ୍ରିଲ୍, 1993 ରେ କାର୍ଯ୍ୟକାରୀ ହୋଇଥିଲା। ଏହି ସଂଶୋଧନ ଦ୍ୱାରା ସମ୍ବିଧାନରେ ନବମ ଭାଗରେ ଯୋଡାଗଲା ଏବଂ ଏକାଦଶ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯାହା ପଞ୍ଚାୟତର କ୍ଷେତ୍ରାଧିକାର ଅଧୀନରେ 29 ଟି ବିଷୟକୁ ତାଲିକାଭୁକ୍ତ ହୋଇଛି ।

ଏହି ବ୍ୟବସ୍ଥା ତିନୋଟି ସ୍ତରରେ ସଂଗଠିତ - ଗ୍ରାମ ସ୍ତରରେ ଗ୍ରାମ ପଞ୍ଚାୟତ, ବ୍ଲକ ସ୍ତରରେ ପଞ୍ଚାୟତ ସମିତି ଏବଂ ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ। ଏହି ସଂସ୍ଥାଗୁଡ଼ିକର ସଦସ୍ୟମାନେ ପ୍ରତି ପାଞ୍ଚ ବର୍ଷରେ ଅନୁଷ୍ଠିତ ଗଣତାନ୍ତ୍ରିକ ନିର୍ବାଚନ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହୁଅନ୍ତି। ଗ୍ରାମପଞ୍ଚାୟତର ମୁଖ୍ୟଙ୍କୁ ସରପଞ୍ଚ କୁହାଯାଉଥିବା ବେଳେ ଜିଲ୍ଲା ପରିଷଦର ଅଧ୍ୟକ୍ଷତା ଜିଲ୍ଲା ପରିଷଦ ସଭାପତି କରନ୍ତି। ପଞ୍ଚାୟତିରାଜ ପ୍ରତିଷ୍ଠାନ (PRIs) ଅଂଶଗ୍ରହଣମୂଳକ ଶାସନକୁ ପ୍ରୋତ୍ସାହିତ କରିବା, ଉତ୍ତରଦାୟିତ୍ୱକୁ ଉନ୍ନତ କରିବା ଏବଂ ସାର୍ବଜନୀନ ସେବାର ଦକ୍ଷ ବିତରଣ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି। ଅନୁସୂଚିତ ଜାତି, ଜନଜାତି ଏବଂ ମହିଳାମାନଙ୍କ ପ୍ରତିନିଧିତ୍ୱ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି| ଏହି ବ୍ୟବସ୍ଥା ଅଧୀନରେ ମହିଳାଙ୍କ ପାଇଁ ଅତି କମରେ ଏକ ତୃତୀୟାଂଶ ଆସନ ସଂରକ୍ଷିତ ରହିଛି ।

ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମୀଣ ବିକାଶ, କୃଷି, ସ୍ୱାସ୍ଥ୍ୟ, ପରିମଳ, ଶିକ୍ଷା ଏବଂ ଦାରିଦ୍ର୍ୟ ଦୂରୀକରଣ ସହିତ ଜଡିତ ଯୋଜନା ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ଶାସନକୁ ଲୋକଙ୍କ ନିକଟତର କରେ ଏବଂ ସ୍ଥାନୀୟ ଆବଶ୍ୟକତା ଏବଂ ପ୍ରାଥମିକତାକୁ ପ୍ରଭାବଶାଳୀ ଭାବରେ ସମାଧାନ କରିବା ନିଶ୍ଚିତ କରେ। ଲୋକଙ୍କ ମଙ୍ଗଳ କାମନା ନିମନ୍ତେ ବହୁ କଲ୍ୟାଣକାରୀ ଯୋଜନା ର ମଧ୍ୟ କାର୍ଯ୍ୟକାରୀ କରାଯାଏ ଅପର୍ଯ୍ୟାପ୍ତ ଆର୍ଥିକ ସମ୍ବଳ, ରାଜନୈତିକ ହସ୍ତକ୍ଷେପ ଏବଂ ପ୍ରଶାସନିକ ତାଲିମର ଅଭାବ ଭଳି ଚ୍ୟାଲେଞ୍ଜ ସତ୍ତ୍ୱେ, ପଞ୍ଚାୟତିରାଜ ଭାରତରେ ଗ୍ରାମୀଣ ସଶକ୍ତିକରଣ ଏବଂ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣର ମୂଳଦୁଆ ରହିଛି।

କେଉଁ ସାମ୍ବିଧାନିକ ସଂଶୋଧନ ମାଧ୍ୟମରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପ୍ରତିଷ୍ଠା କରାଯାଇଥିଲା?

A. 42 ତମ

B. 44 ତମ

C. 73 ତମ ✓

D. 86 ତମ

Q9 Odia

73 ତମ ସଂଶୋଧନ କେବେ କାର୍ଯ୍ୟକାରୀ ହେଲା ?

A. 26 ଜାନୁଆରୀ , 1950

B. 24 ଏପ୍ରିଲ, 1993 ✓

C. 15 ଅଗଷ୍ଟ, 1947

D. 1 ଜାନୁଆରୀ , 1992

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

ପଞ୍ଚାୟତିରାଜ ବ୍ୟବସ୍ଥାରେ କେତୋଟି ସ୍ତର ଅଛି?

A. ଏକ

B. ଦୁଇ

C. ତିନି ✓

D. ଚାରି

Q11 Odia

ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାଙ୍କ ପାଇଁ ସର୍ବନିମ୍ନ ସଂରକ୍ଷଣ କେତେ?

A. 25%

B. 33% ✓

C. 40%

D. 50%

Q12 Odia

ସମ୍ବିଧାନର କେଉଁ ଅନୁସୂଚୀରେ ପଞ୍ଚାୟତର କାର୍ଯ୍ୟ ତାଲିକାଭୁକ୍ତ ଅଛି?

A. ନବମ

B. ଦଶମ

C. ଏକାଦଶ ✓

D. ଦ୍ୱାଦଶ

Q13 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ମହିଳା ଓ ଶିଶୁ ମାନଙ୍କ ଉପରେ ଅତ୍ୟାଚାର କରିବା ଉଚିତ ନୁହେଁ ।

A. Women and children should not be oppressed. ✓

B. No one should attack Women and children.

C. Women and children should be given protection .

D. We should help Women and children .

Q14 Odia

ଆପଣ ଜଳଖିଆ ଖାଇଛନ୍ତି ତ ? – ରେଖାଙ୍କିତ ପଦଟି କେଉଁ ଅବ୍ୟୟ ଚିହ୍ନଟ କର ।

A. ବିକଳ୍ପାର୍ଥକ ଅବ୍ୟୟ

B. ଶବ୍ଦାନୁକାରୀ ଅବ୍ୟୟ

C. ପ୍ରଶ୍ନସୂଚକ ଅବ୍ୟୟ ✓

D. ସମ୍ମତିସୂଚକ ଅବ୍ୟୟ

Q15 Odia

"ଲୁଚିଛି ନା ଗୋଡ ଦିଇଟା ଦିଶୁଛି"-ଏହି ଲୋକୋକ୍ତିର ଠିକ୍ ଅର୍ଥ କ'ଣ ?

A. ସବୁ କଥା ଲୁଚି ରହିଥାଏ

B. କିଛି ମଧ୍ୟ ଦିଶୁନାହିଁ

C. ସବୁ କଥା ଲୁଚି ପାରେ ନାହିଁ

D. ଯେତେ ଘୋଡାଇଲେ ବି ଦୋଷ ଧରାପଡେ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 63 · 17 Jun 2026 · 9:00 AM - 10:30 AM · Odia (Odia)

Odia

Q1 Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ଚାଟ୍ଟିନୀ ରାସ୍ତାରେ ___ ପଡିଗଲା ।"

A. A. ଧୀରେ ଧୀରେ

B. C. ଚାଲୁଚାଲୁ ✓

C. B. ହସି ହସି

D. D. ବାରମ୍ବାର

Q2 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାନାର୍ଥବୋଧକ ଶବ୍ଦ ଲେଖ।
ଆଜି ମୁଁ ଏକ "ନୂତନ" ବହି କିଣିଲି।

A. B. ପୁରୁଣା

B. D. ଅଧୁନିକ ✓

C. A. ଦୀର୍ଘ

D. C. ଅନନ୍ତ

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Ashoka was a great emperor of the Maurya dynasty.

A. C. ଅଶୋକ ମୌର୍ଯ୍ୟ ସାମ୍ରାଜ୍ୟର ଏକ ମହାନ ସମ୍ରାଟ ଥିଲେ। ✓

B. A. ଆଶୋକ ମୌର୍ଯ୍ୟ ବଂଶର ଏକ ମହାନ ସମ୍ରାଟ୍ ଅଟନ୍ତି।

C. D. ଆଶୋକ ମୌର୍ଯ୍ୟ ବଂଶର ଏକ ମହାନ ସମ୍ରାଟ୍ ଅଛନ୍ତି।

D. B. ଆଶୋକ ମୌର୍ଯ୍ୟ ବଂଶର ଏକ ମହାନ ସମ୍ରାଟ୍ ହେଉଛନ୍ତି।

Q4 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The literacy rate in India has improved in recent years.

A. D. ଭାରତର ସାକ୍ଷରତା ହାର ନିକଟ ବର୍ଷରେ ଉନ୍ନତ ହୋଇଛି। ✓

B. C. ଭାରତର ସାକ୍ଷରତା ହାର ଶେଷ ବର୍ଷ ଉନ୍ନତ ହୋଇଛି।

C. A. ଭାରତର ସାକ୍ଷରତା ହାର ଶେଷ ବର୍ଷ ଭଲ ହୋଇଛି।

D. B. ଭାରତ ସାକ୍ଷରତା ହାର ଶେଷ କିଛି ବର୍ଷ ଭଲ ଅଛି।

Q5 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The national flag of India has three horizontal stripes of different colors.

A. C. ଭାରତର ଜାତୀୟ ପତାକାରେ ଭିନ୍ନ ରଙ୍ଗର ତିନୋଟି ସମନ୍ତରୀୟ ପଙ୍ଗୀ ରହିଛି। ✓

B. B. ଭାରତର ଜାତୀୟ ପତାକା ତିନୋଟି ଭିନ୍ନ ରଙ୍ଗ ଅନୁଲମ୍ବ ପଟି ଅଛନ୍ତି।

C. A. ଭାରତ ଜାତୀୟ ପତାକାରେ ତିନୋଟି ଭିନ୍ନ ରଙ୍ଗ ଅଛି।

D. D. ଭାରତର ଜାତୀୟ ପତାକା ତିନୋଟି ରଙ୍ଗ ଅନୁଲମ୍ବ ପଟି ହେଉଛି।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ସଠିକ ତତ୍ସମ ଶବ୍ଦ ବାଛନ୍ତୁ: "ଆଖି" ର ତତ୍ସମ କଣ?

A. D. ନୟନ

B. C. ଦୃଷ୍ଟି

C. B. ଚକ୍ଷୁ ✓

D. A. ଦେଖା

Q7 Odia

ଉପଯୁକ୍ତ ବିଶେଷଣ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।
କ୍ରମେ କ୍ରମେ ତାଙ୍କ ଶରୀର _ହୋଇପଡୁଛି ।

A. D. ଶକ୍ତିଶାଳୀ

B. A. ଦୁର୍ବଳ ✓

C. C. ସୁନ୍ଦର

D. B. ମନୋହର

Q8 Odia

କେଉଁଟି ତଦ୍ଭବ ଶବ୍ଦ ଚିହ୍ନଟ କର ?

A. A. ଜଗତ

B. B. ଝଙ୍କାର

C. D. ମିଠା ✓

D. C. ପର୍ବ

Q9 Odia

ନିମ୍ନୋକ୍ତ ଅନୁଚ୍ଛେଦକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଚୟନ କର ।
ମହର୍ଷି ଭରଦ୍ୱାଜଙ୍କ ପୁତ୍ର ଥିଲେ ଦ୍ରୋଣ। କୃପାଚାର୍ଯ୍ୟଙ୍କ ଭଗ୍ନୀ କୃପୀଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ କୌରବ ଶତଭ୍ରାତା ତଥା ପାଣ୍ଡବଙ୍କର ଶସ୍ତ୍ର ଗୁରୁ ଭାବେ ମାନ୍ୟତା ପାଇଥିଲେ। ଜଣେ ଶସ୍ତ୍ର ଗୁରୁ ଭାବରେ ଖ୍ୟାତିଲାଭ କରିବା ପଛରେ ଏକ ରୋଚକ ତଥ୍ୟ ଅଛି। ଦ୍ରୋଣଙ୍କର ବିଶେଷତ୍ୱ ଥିଲା ପରଶୁରାମଙ୍କ ଶିଷ୍ୟ ଭାବରେ। ପରଶୁରାମ ଥିଲେ ଅଜେୟ ଯୋଦ୍ଧା ଯିଏ କି ଥରେ ଦୁଇଥର ନୁହେଁ, ହେ, ଏକୋଇଶ ବାର ପୃଥିବୀ ନିକ୍ଷତ୍ରିୟ କରିଥିଲେ ନିଜ କଠୋର ପ୍ରତିଜ୍ଞା ପୂରଣ ନିମନ୍ତେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା। ଉତ୍କଟ ଦାରିଦ୍ର୍ୟ ସହ ଯୁଝୁଥିଲେ। ଏଇ ସମୟରେ ଶୁଣିବାକୁ ପାଇଲେ ପ୍ରୟାଗ ତୀର୍ଥରେ ଜମଦଗ୍ନି ଋଷିଙ୍କ ପୁଅ ପରଶୁରାମ ନିଜର ଯାହାକିଛି ଧନସମ୍ପତ୍ତି ଅଛି ସେ ସବୁକୁ ଦାନ କରିବାରେ ଲାଗିଛନ୍ତି। ମନକୁ ଆସିଲା ପରଶୁରାମଙ୍କ କୃପା କଣିକା ଲାଭ କଲେ ଦାରିଦ୍ର୍ୟ ଦୂର ହୋଇଯିବ ନିଶ୍ଚୟ। ଅନେକ ଆଶା ନେଇ ପରଶୁରାମଙ୍କ ନିକଟକୁ ଯାଇଥିଲେ। ହେଲେ ଧନଲାଭର ଯେଉଁ ବଡ଼ ଆଶା ନେଇ ସେ ଯାଇଥିଲେ, ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା। ପରଶୁରାମ ତାଙ୍କର ସମ୍ପଦ ଦାନ କରି ସାରିଥାନ୍ତି । ପରଶୁରାମ ଦିବ୍ୟଦୃଷ୍ଟି ବଳରେ ଜାଣି ପାରିଥିଲେ, ଦ୍ରୋଣ ଜଣେ ମହା ତେଜସ୍ୱୀ ବ୍ରାହ୍ମଣ ବୋଲି । ଜଣେ ତେଜସ୍ୱୀ ବ୍ରାହ୍ମଣ ତାଙ୍କ ନିକଟକୁ କିଛି ପ୍ରାପ୍ତି ଆଶାରେ ଆସି ନିରାଶ ହୋଇ ଫେରି ଯିବାକୁ ଉଚିତ ମଣି ନଥିଲେ । ତାଙ୍କ ପରିଚୟ ପଚାରିବାରୁ ଜାଣିବାକୁ ପାଇଥିଲେ ସେ ହେଉଛନ୍ତି ମହର୍ଷି ଭରଦ୍ୱାଜଙ୍କ ତନୟ । ତାଙ୍କଠାରେ ଯେଉଁ ପ୍ରତିଭା ଲୁକ୍‌କାୟିତ ଭାବରେ ରହିଛି ତାହା କଥାବାର୍ତ୍ତାରୁ ଠଉରାଇ ନେଇଥିଲେ ପରଶୁରାମ। ଧନସମ୍ପଦ ସିନା ଦେଇପାରି ନ ଥିଲେ, ହେଲେ ପାଖରେ ରଖି ଅସ୍ତ୍ରବିଦ୍ୟା ଶିକ୍ଷା ଦେଇଥିଲେ। ଅସ୍ତ୍ର ବିଦ୍ୟାରେ ତାଙ୍କୁ ଜଣେ ପାରଙ୍ଗମ, ଦୁର୍ଜୟ ଯୋଦ୍ଧା ଭାବରେ ପରିଗଣିତ କରାଇବାର ଦାୟିତ୍ୱ ନେଇଥିଲେ ପରଶୁରାମ । ଗୁରୁଙ୍କ ଉପଯୁକ୍ତ ଦିଗ୍‌ଦର୍ଶନରେ ଦ୍ରୋଣାଚାର୍ଯ୍ୟ ଅସ୍ତ୍ରବିଦ୍ୟା ଶିକ୍ଷାସହ ରଣକୌଶଳ ଶିଖି ଅଳ୍ପଦିନ ବ୍ୟବଧାନରେ ଜଣେ ପ୍ରବୀଣ ଅସ୍ତ୍ର ବିଶାରଦ ହୋଇଗଲେ । ପରଶୁରାମଙ୍କଠାରୁ ଯୁଦ୍ଧବିଦ୍ୟା ଶିକ୍ଷା ହିଁ ତାଙ୍କୁ ଜଣେ ଅସାଧାରଣ ଯୋଦ୍ଧାର ମାନ୍ୟତା ଦେଇଥିଲା। ଆହରିତ ଜ୍ଞାନ ବଳରେ କୂପମଧ୍ୟରୁ କୌରବ-ପାଣ୍ଡବ ଖେଳୁଥିବା କନ୍ଦୁକ ଉଦ୍ଧାର କରି ପିତାମହ ଭୀଷ୍ମ କର୍ତ୍ତୃକ ନିଯକ୍ତି ପାଇଥିଲେ କୌରବ-ପାଣ୍ଡବ ଭ୍ରାତାଙ୍କ ଶସ୍ତ୍ର ଗୁରୁ ଭାବରେ। ଏହି ନିଯକ୍ତି ହିଁ ତାଙ୍କ ଜୀବନରେ ଆଣିଥିଲା ଅଭୂତପୂର୍ବ ପରିବର୍ତ୍ତନ।

ଉପରୋକ୍ତ ଅନୁଚ୍ଛେଦର ସ୍ୱର ଚିହ୍ନଟ କର ?

A. A. ହାସ୍ୟମୟ

B. D. ପ୍ରେରଣାଦାୟକ ଓ ଜ୍ଞାନମୂଳକ ✓

C. B. ତ୍ୟାଗ

D. C. ବ୍ୟଙ୍ଗାତ୍ମକ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

'ସ୍ୱଚ୍ଛଳ' ଶବ୍ଦର ଅର୍ଥ କ'ଣ?

A. C. ଦରିଦ୍ର

B. A. ସମୃଦ୍ଧ ଓ ସୁବିଧାସମ୍ପନ୍ନ ✓

C. B. ଅଶାନ୍ତ

D. D. ଅଳ୍ପ

Q11 Odia

ଏହି ଗଦ୍ୟାଂଶର ଗଢଣ ଚିହ୍ନଟ କର ?

A. D. କାଳ୍ପନିକ ✓

B. A. ଐତିହାସିକ

C. C. ପୌରାଣିକ

D. B. ସାମାଜିକ

Q12 Odia

ଅନୁଚ୍ଛେଦର ତଥ୍ୟଟି ଚିହ୍ନଟ କର ?

A. B. ଦ୍ରୋଣ ଧନୀ ପରିବାରରେ ଜନ୍ମ ନେଇଥିଲେ

B. A. ପରଶୁରାମ ତାଙ୍କୁ ଧନସମ୍ପଦ ଦେଇଥିଲେ

C. C. ପରଶୁରାମ ଦ୍ରୋଣଙ୍କୁ ଅସ୍ତ୍ରବିଦ୍ୟା ଶିଖାଇଥିଲେ ✓

D. D. ଦ୍ରୋଣ ଯୁଦ୍ଧକୁ ଭୟ କରୁଥିଲେ

Q13 Odia

ଅନୁଚ୍ଛେଦରେ ଦିଆଯାଇଥିବା "ଉପଯୁକ୍ତ" ର ବିପରୀତ ଶବ୍ଦଟି ଚୟନ କର ।

A. B. ଅପକାର

B. C. ଅବସାନ

C. A. ଅନୁପଯୁକ୍ତ ✓

D. D. ଅନୁପଗତ

Q14 Odia

"ପବନ ଧୀରେ ବହୁଛି" ଏହି ବାକ୍ୟରେ କ୍ରିୟା ବିଶେଷଣ ପଦଟି କିଏ?

A. A. ପବନ

B. C. ଧୀରେ ✓

C. D. ବହୁଛି

D. B. କୌଣସିଟି ନୁହେଁ

Q15 Odia

'ବିରାଡ଼ି କପାଳକୁ ଶିକା ଛିଣ୍ଡିବା' ଏହି ରୂଢିର ଅର୍ଥ କଣ?

A. D. ବିରାଡ଼ି ଶିକା ଛିଣ୍ଡାଇବା

B. A. ଅପେକ୍ଷା କରିବା

C. C. ହଠାତ୍ ଅପ୍ରତ୍ୟାଶିତ ସୁବିଧା ମିଳିବା ✓

D. B. ଦୁର୍ଭାଗ୍ୟ ଆସିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 64 · 18 Jun 2026 · 12:30 PM - 2:00 PM · Odia (Odia)

Odia

Q1 Odia

କ୍ରିୟା ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ବ୍ୟବହାରରୁ ଜଣାନିଏ ଶିଷ୍ଟାଚାର ଓ ତାହା ବିଶାଳ ରୂପରେ ସଭ୍ୟତାରେ ନିଦର୍ଶନ ___ ।"

A. C. ପାଲଟିଗଲେ

B. D. ପାଲଟିଯାଏ ✓

C. B. ପଲଟେ

D. A. ପଲଟିଗଲା

Q2 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାନାର୍ଥବୋଧକ ଶବ୍ଦ ଲେଖ।
ସେ ମୋର ସବୁଠାରୁ ଭଲ "ମିତ୍ର"।

A. D. ଶତ୍ରୁ

B. C. ସହଚର ✓

C. B. ଅଜଣା

D. A. ପ୍ରତିଦ୍ୱନ୍ଦ୍ୱୀ

Q3 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Virat Kohli scored a century in yesterday's match.

A. C. ବିରାଟ କୋହଲି ଗତକାଲିର ମ୍ୟାଚରେ ଏକ ଶତକ କରିଥିଲେ। ✓

B. B. ବିରାଟ କୋହ୍ଲି ଗତକାଲି ମ୍ୟାଚ ଶତକ ମାରିଛନ୍ତି।

C. D. ବିରାଟ କୋହ୍ଲି ଗତକାଲି ମ୍ୟାଚ ଶତକ ମାରିଲେ।

D. A. ବିରାଟ କୋହ୍ଲି ମ୍ୟାଚ ଗତକାଲି ଏକ ଶତକ ମାରିଛି।

Q4 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Golden Temple in Amritsar is sacred to Sikhs worldwide.

A. D. ଅମୃତସରର ସ୍ୱର୍ଣ ମନ୍ଦିର ସମଗ୍ର ଶିଖ ସମ୍ପ୍ରଦାୟଙ୍କ ପାଇଁ ପବିତ୍ର ସ୍ଥଳୀ ଅଟେ। ✓

B. B. ଅମୃତସର ସୁବର୍ଣ୍ଣ ମନ୍ଦିର ସିଖମାନଙ୍କ ପାଇଁ ପବିତ୍ର ଅଛି।

C. A. ଅମୃତସରର ସୁବର୍ଣ୍ଣ ମନ୍ଦିର ସିଖମାନଙ୍କ ପବିତ୍ର ଅଟେ।

D. C. ଅମୃତସର ସୁବର୍ଣ୍ଣ ମନ୍ଦିର ସିଖ ପାଇଁ ପବିତ୍ର ହେଲା।

Q5 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ବାପା, ମୁଁ ତୁମ ସାଙ୍ଗରେ ବଜାର ଯାଇପାରିବି କି ?

A. C. Papa, can I go to the market with you? ✓

B. A. Papa, I will go to the market with you?

C. B. Papa, I am going to the market with you?

D. D. Papa, shall I go to the market ?

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ନିମ୍ନୋକ୍ତ ଅନୁଚ୍ଛେଦକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଚୟନ କର ।

ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ବେଳକୁ କଲିକତା ଏକ ମୁଖ୍ୟ ସହରରେ ପରିଣତ ହୋଇଗଲା ଓ ସେଠାରେ ଇଂରାଜି ଶିକ୍ଷାର ପ୍ରସାର ଘଟି ନବଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଘଟିଲା । ଫଳରେ ବଙ୍ଗଳାରେ ରେନେସାଁ ବା ନବଜାଗରଣ ଦେଖାଦେଲା । ରାଜା ରାମମୋହନ ରାୟ ପ୍ରତିଷ୍ଠା କଲେ ବ୍ରାହ୍ମ ଧର୍ମ (୧୮୨୮) । ଏହି ଧର୍ମ ପିତୁଳାପୂଜାକୁ ବିରୋଧ କରି ଏକେଶ୍ୱର ବ୍ରହ୍ମବାଦ ଉପରେ ଗୁରୁତ୍ୱ ଦେଲା । ଏହି ନବଜାଗରିତ ଚେତନାରେ ଯେଉଁ ସବୁ ଆଭିମୁଖ୍ୟ ପ୍ରକାଶ ପାଇଲା, ତାହା ହେଲା ମାନବବନ୍ଦନା, ସମାଜ-ସଂସ୍କାର, ମାତୃଭୂମି ଓ ମାତୃଭାଷା ପ୍ରୀତି, ପ୍ରକୃତି-ପ୍ରୀତି, ନାରୀ-ସ୍ୱାତନ୍ତ୍ର୍ୟ, ନାରୀ-ଶିକ୍ଷା, ବ୍ୟକ୍ତି-ସ୍ୱାତନ୍ତ୍ର୍ୟ, ଏକ ଈଶ୍ୱର ଭାବନା, ଇତିହାସ ଓ ଐତିହ୍ୟ ପ୍ରତି ଶ୍ରଦ୍ଧା, ବିଜ୍ଞାନ ମନସ୍କତା, ବିଧବା ବିବାହ ପ୍ରତି ସମର୍ଥନ, ବାଲ୍ୟବିବାହ-: ବିରୋଧ, ସ୍ୱାଧୀନତାବୋଧ ପ୍ରଭୃତି । ଏହି ସମୟରେ ବଙ୍ଗଳାରେ ନୂତନ ଲେଖକ ଗୋଷ୍ଠୀର ଆବିର୍ଭାବ ଘଟିଲା। । ମାଇକେଲ ମଧୁସୂଦନ ଦତ୍ତ, ବଙ୍କିମ ଚନ୍ଦ୍ର, ନବୀନ – ସେନ୍, ହେମଚନ୍ଦ୍ର, ରବୀନ୍ଦ୍ରନାଥ ଠାକୁର ପ୍ରମୁଖ ଲେଖକମାନେ ବଙ୍ଗଳା ଭାଷାରେ ରଚନା କଲେ ନୂତନ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ ସମାଲୋଚନା ଇତ୍ୟାଦି । ଓଡ଼ିଶାରେ ୧୮୭୦ ମସିହା – ବେଳକୁ ନବଶିକ୍ଷିତ ଗୋଷ୍ଠୀର ହେଲା ଆବିର୍ଭାବ । ବ୍ରାହ୍ମଧର୍ମ ମଧ୍ୟ ଓଡ଼ିଶାରେ ପ୍ରସାରିତ ହେଲା । ପତ୍ରପତ୍ରିକା ପ୍ରକାଶ ପାଇଲା । ନ'ଅଙ୍କ ଦୁର୍ଭିକ୍ଷର ମହାଶ୍ମଶାନ ଭିତରୁ ଓଡ଼ିଆ ଜାତିର ହେଲା ନବଜନ୍ମ । ଓଡ଼ିଆ ଭାଷାକୁ ଓଡ଼ିଶାରୁ ଉଠାଇ ଦେବାର ସରକାରୀ ଆଦେଶନାମା ବିରୋଧରେ ଆରମ୍ଭହେଲା ଭାଷା-ସୁରକ୍ଷା-ଆନ୍ଦୋଳନ (୧୮୬୯/୭୦) ଓ ଓଡ଼ିଆ ଭାଷା ମରଣ ସଂକଟରୁ ରକ୍ଷା ପାଇଲା । ଏହି ମାତୃଭାଷା-ପ୍ରୀତିରୁ ଜନ୍ମ ନେଲା ଆଧୁନିକ ଓଡ଼ିଆ ସାହିତ୍ୟ । ଇଂରେଜ- ଶିକ୍ଷା ପ୍ରାପ୍ତ ତରୁଣ ଶିକ୍ଷିତ ଗୋଷ୍ଠୀଙ୍କ ମଧ୍ୟରୁ କେତେକ ସମାଜ ଓ ମାତୃଭୂମି-ସଚେତନ ଶିକ୍ଷିତ ବ୍ୟକ୍ତି ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି ବୀତସ୍ପୃହ ହୋଇ ସୃଷ୍ଟି କଲେ ପାଶ୍ଚାତ୍ୟ ସାହିତ୍ୟ ଆଦର୍ଶରେ ନୂତନ ଓଡ଼ିଆ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ରମ୍ୟରଚନା, ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ସମାଲୋଚନା ଇତ୍ୟାଦି। ତେଣୁ ଆଧୁନିକ ଓଡ଼ିଆ ସାହିତ୍ୟ ହେଲା ପାଶ୍ଚାତ୍ୟ " ସାହିତ୍ୟର ଅମୃତମୟ ଫଳଶ୍ରୁତି । ଯେଉଁ ନବ ରୁଚି ଓ ନବ ଚେତନା ଦେଖା ଦେଲା ତାହାହିଁ ଆଧୁନିକ ଓଡ଼ିଆ ସାହିତ୍ୟର ଆଦିପର୍ବର ହେଲା ପ୍ରଧାନ ଉପଜୀବ୍ୟ । ଯଦିଓ ଆଧୁନିକ ଚେତନାର ଭିନ୍ନ ଭିନ୍ନ ଦିଗ ସାହିତ୍ୟରେ ରୂପ ନେଲା ତଥାପି ଔପନିବେଶିକ ଶାସନ ଭିତରେ ଯେଉଁ ମାନସିକତା ଜନ୍ମ ନେଇଥିଲା ତାହା ଔପନିବେଶିକ ମାନସିକତାରୁ ସଂପୂର୍ଣ୍ଣ ମୁକ୍ତ ହେଲା ନାହିଁ ଓ ସେହି ସାହିତ୍ୟ ମଧ୍ୟ ସେଥିରୁ ମୁକ୍ତ ନ ହୋଇ, ହୋଇଗଲା ଔପନିବେଶିକ ଆଧୁନିକ ସାହିତ୍ୟ । ଆଧୁନିକ ଓଡ଼ିଆ ସାହିତ୍ୟ ପରଠାରୁ କ୍ରମବିକାଶ ପଥରେ ଗତି କରିଆସିଅଛି । ବିଭିନ୍ନ ସମୟର ରୁଚି ଅନୁସାରେ ତା'ର ମଧ୍ୟ ହୋଇଛି ନବେକଳବର ।

ଉକ୍ତ ଅନୁଚ୍ଛେଦଟିର ମୁଖ୍ୟ ବିଷୟବସ୍ତୁଟି ଚିହ୍ନଟ କର ।

A. A. ଆଧୁନିକ ସାହିତ୍ୟ ✓

B. D. ଓଡ଼ିଆ ସାହିତ୍ୟ କଥା

C. C. ଇତିହାସ ଓ ଐତିହ୍ୟ

D. B. ସାହିତ୍ୟ ଓ ସମାଜ

Q7 Odia

ରାଜା ରାମମୋହନ ରାୟ କେଉଁ ଧର୍ମ ପ୍ରତିଷ୍ଠା କରିଥିଲେ ?

A. C. ବ୍ରାହ୍ମ ଧର୍ମ ✓

B. B. ହିନ୍ଦୁ ଧର୍ମ

C. D. ବୈଷ୍ଣବ ଧର୍ମ

D. A. ବୌଦ୍ଧ ଧର୍ମ

Q8 Odia

ନ'ଅଙ୍କ ଦୁର୍ଭିକ୍ଷର ମହାଶ୍ମଶାନ ଭିତରୁ କେଉଁ ଜାତିର ନବଜନ୍ମ କଲା ?

A. B. ପୁରାତନ ଜାତି

B. A. ଇଂରେଜ ଜାତି

C. C. ଓଡ଼ିଆ ଜାତି ✓

D. D. ଉଦ୍ଭିଦ ଜାତି

Q9 Odia

କେଉଁ ମାତୃଭାଷା-ପ୍ରୀତିରୁ ଜନ୍ମ ନେଲା ଆଧୁନିକ ଓଡ଼ିଆ ସାହିତ୍ୟ ?

A. B. ହିନ୍ଦୀ

B. C. ବଙ୍ଗଳା

C. A. ଓଡ଼ିଆ ✓

D. D. ତେଲୁଗୁ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q10 Odia

"ଆଧୁନିକ" ଶବ୍ଦର ବିପରୀତ ଶବ୍ଦ ଟି ଚିହ୍ନଟ କର ।

A. B. ନବୀନ

B. A. ପ୍ରାଚୀନ ✓

C. C. ନୂତନ

D. D. ଆଧୁନିକତା

Q11 Odia

କେଉଁଟି ତଦ୍ଭବ ଶବ୍ଦ ଚିହ୍ନଟ କର ?

A. C. ବୋଇତ ✓

B. A. ହସ୍ତୀ

C. B. ହ୍ରଦ

D. D. ସୌନ୍ଦର୍ଯ୍ୟ

Q12 Odia

ନିମ୍ନୋକ୍ତ ବାକ୍ୟଗୁଡିକ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚିହ୍ନଟ କର।

A. B. ବିଜ୍ଞନତା କାହିଁ ତୋ ବେଶ ମୋହନ ? ✓

B. D. ବିଜ୍ଞନତା କାହିଁ ତୋ ବେଷ ମୋହନ ?

C. A. ବୀଜ୍ଞନତା କାହିଁ ତୋ ବେଶ ମୋହନ ?

D. C. ବିଯନତା କାହିଁ ତୋ ବେଶ ମୋହନ ?

Q13 Odia

ମାଆ ଶିଶୁକୁ କ୍ଷୀର ପିଆଉଛନ୍ତି – ରେଖାଙ୍କିତ ପଦଟି କେଉଁ କ୍ରିୟାପଦ ଚିହ୍ନଟ କର ।

A. D. ଅମିଶ୍ର କ୍ରିୟା

B. C. ଦ୍ୱିକର୍ମକ କ୍ରିୟା ✓

C. B. ସମାପିକା କ୍ରିୟା

D. A. ନାମଧାତୁ କ୍ରିୟା

Q14 Odia

ଶିକ୍ଷକ ଛାତ୍ରମାନଙ୍କୁ ଖେଳାଉଛନ୍ତି । - ରେଖାଙ୍କିତ ପଦଟି କେଉଁ ପ୍ରକାର କ୍ରିୟାପଦ?

A. A. ଅମିଶ୍ର କ୍ରିୟା

B. B. ପ୍ରୟୋଜକ କ୍ରିୟା ✓

C. C. ମିଶ୍ରକ୍ରିୟା

D. D. ସାଧାରଣ କ୍ରିୟା

Q15 Odia

'ଅନ୍ଧାର' ଶବ୍ଦର ବିପରୀତ ଶବ୍ଦ କ'ଣ ?

A. B. ରାତି

B. D. ଛାୟା

C. C. ଆଲୁଅ ✓

D. A. ଧୁସର

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 65 · 18 Jun 2026 · 4:00 PM - 5:30 PM · Odia (Odia)

Odia

Q1 Odia

ନିମ୍ନରେ ଦିଆଯାଇଥିବା ବିକଳ୍ প মধ্যରୁ ଉପଯୁକ୍ত ସମାନାର୍থକ ଶବ୍ଦ ଚୟନ କରନ୍ତୁ ।
ବିଦ୍ୱାନ

A. ଛାତ୍ର

B. ଶିକ୍ଷକ

C. ସହାୟକ

D. ପଣ୍ଡିତ ✓

Q2 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ତୁମେ ପ୍ରିନସିପାଲ ମ୍ୟାଡମ ଘର କୁ କାହିଁକି ଯାଇଥିଲ ?

A. Why are you going to Principal Madam's house?

B. Have you gone to Principal Madam's house?

C. Why did you go to Principal Madam's house? ✓

D. Will you go to Principal Madam's house?

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଚଳିତ ବର୍ଷ ଭୂସ୍ଖଳନ ଯୋଗୁଁ ଚାରଧାମ ଯାତ୍ରା ବାଧାପ୍ରାପ୍ତ ହୋଇଛି ।

A. This year, the Char Dham Yatra is going to be disrupted due to landslides.

B. This year, the Char Dham Yatra has been disrupted due to landslides. ✓

C. The Char Dham Yatra has been hampered due to landslides.

D. This year, the Char Dham Yatra has been hampered.

Q4 Odia

"ଆଗ ସୁନା ପାଗ"-ଏହି ଲୋକୋକ୍ତିର ଅର୍ଥ କଣ ?

A. ସୁନା ଧନରେ ମନୁଷ୍ୟର ମୂଲ୍ୟ ବଢେ ।

B. ଆଗରେ ଥିବା ଲୋକଙ୍କୁ ସମ୍ମାନ ଦିଆଯାଏ ।

C. ଧନୀ ଲୋକମାନେ ସବୁଠାରୁ ଆଗରେ ରହନ୍ତି ।

D. ପ୍ରତିଯୋଗିତାରେ ପ୍ରଥମ ବ୍ୟକ୍ତିର ଆଦର ବେଶି । ✓

Q5 Odia

'ନ ଦେଖିଲା ଓଉ ଛ ଫଡ଼ା' ଏହି ହିତବାଣୀର ଅର୍ଥ କ'ଣ ?

A. ସତ୍ୟ କଥା କହିବା

B. ଦେଖି ନ ଥିବା ବସ୍ତୁ ସମ୍ପର୍କରେ ଅତିଶୟୋକ୍ତି ବା ଆନୁମାନିକ ବକ୍ତବ୍ୟ ✓

C. ଓଉ ଛ ଫଡ଼ା ଅଟେ

D. ସଠିକ୍ ନିଷ୍କର୍ଷ ଦେବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q6 Odia

ରାମବାବୁଙ୍କ 'ଆୟ' ତୁଳନାରେ _____ ବହୁତ ଅଧିକ।
(ନିମ୍ନରେ ପ୍ରଦତ୍ତ ଶବ୍ଦ ମଧ୍ୟରୁ ସଠିକ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର)

A. ଖର୍ଚ୍ଚ

B. ବ୍ୟୟ ✓

C. ଦେୟ

D. ହାନି

Q7 Odia

ନୂଆବୋହୂଟି ମୋତେ ଥିରି ଥିରି କହୁଛି।ଏହି ବାକ୍ୟରେ ଥିବା କ୍ରିୟାବିଶେଷଣ ପଦଟିକୁ ଚିହ୍ନଟ କର।

A. ମୋତେ

B. ନୂଆବୋହୂଟି

C. ଥିରି ଥିରି ✓

D. କହୁଛି

Q8 Odia

"ଶିଙ୍ଗ ଧରିବି ମୁଁ, କ୍ଷୀର ଖାଇବ ତୁମେ । " ଏହି ବାକ୍ୟରେ 'ଧରିବି' ଓ 'ଖାଇବ' କେଉଁ ପ୍ରକାରର କ୍ରିୟା ?

A. ଅସମାପିକା କ୍ରିୟା

B. ନାମଧାତୁ କ୍ରିୟା

C. ସଂଯୁକ୍ତ କ୍ରିୟା

D. ସମାପିକା କ୍ରିୟା ✓

Q9 Odia

-------- ଆଜି କି ଗରମ ଲାଗୁଛି! - ଉପଯୁକ୍ତ ଅବ୍ୟୟ ପଦଟି ବାଛି ଶୂନ୍ୟ ସ୍ଥାନ ପୂରଣ କର ।

A. ହେ

B. ଓହୋ ✓

C. ଆହା

D. ଆହେ

Q10 Odia

"I am reading a story book." ଏହାର ଓଡ଼ିଆ ରୂପ ଚିହ୍ନଟ କର ।

A. ମୁଁ ଏକ ଗପ ବହି ପଢ଼ିଥିଲି ।

B. ମୁଁ ଏକ ଗପ ବହି ପଢୁଛି । ✓

C. ମୁଁ ଏକ ଗପ ବହି ପଢ଼ିବି ।

D. ମୁଁ ଗପ ବହିଟିଏ ପଢ଼େ ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q11 Odia

> ପ୍ରଦତ୍ତ ଅନୁଚ୍ଛେଦ ଆଧାରରେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ସଠିକ ଉତ୍ତର ଦିଅ|
> ପ୍ରାଚୀନ କାଳରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଗୁରୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପରିଚାଳିତ ହେଉଥିଲା| ବର୍ତ୍ତମାନ ସମୟ ବଦଳିଛି| ବିଜ୍ଞାନର ଅଗ୍ରଗତି ଫଳରେ ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଘଟିଛି| ସାମ୍ପ୍ରତିକ ସମୟରେ ପ୍ରଯୁକ୍ତିବିଦ୍ୟା ଛାତ୍ରମାନଙ୍କ ପଢ଼ିବା ଏବଂ ଯୋଗାଯୋଗ କରିବା ଶୈଳୀରେ ପରିବର୍ତ୍ତନ ଆଣିଛି। ଅନଲାଇନ୍ କ୍ଲାସ୍, ଶିକ୍ଷାଭିତ୍ତିକ ଆପ୍ ଏବଂ ଇ-ବୁକ୍ ଜ୍ଞାନକୁ ପୂର୍ବ ଅପେକ୍ଷା ଅଧିକ ସହଜଲଭ୍ୟ କରିଛି। ଅନେକ କ୍ଲିଷ୍ଟ ବିଷୟବସ୍ତୁ ନିମିଶକରେ ସହଜରେ ବୋଧଗମ୍ୟ ହୋଇ ପାରୁଛି| ସାମାଜିକ ଗଣମାଧ୍ୟମ ଛାତ୍ରମାନଙ୍କୁ ସହପାଠୀ ଏବଂ ଶିକ୍ଷକମାନଙ୍କ ସହିତ ସହଯୋଗ କରିବା, ଚିନ୍ତାଧାରା ବାଣ୍ଟିବା ଏବଂ ସଂଯୁକ୍ତ ରହିବା ପାଇଁ ଅନୁମତି ଦେଇଥାଏ। ତଥାପି, ଅତ୍ୟଧିକ ସ୍କ୍ରିନ୍ ସମୟ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ, ଏକାଗ୍ରତା ହ୍ରାସ କରିପାରେ ଏବଂ ବିଭ୍ରାନ୍ତି ବଢ଼ାଇପାରେ। ଏକ ସୁସ୍ଥ ଏବଂ ଉତ୍ପାଦନକ୍ଷମ ଜୀବନଶୈଳୀ ବଜାୟ ରଖିବା ପାଇଁ ଛାତ୍ରମାନେ ଅନଲାଇନ୍ କାର୍ଯ୍ୟକଳାପ ସହିତ ଅଫଲାଇନ୍ ଶିକ୍ଷା, ଶାରୀରିକ ବ୍ୟାୟାମ ଏବଂ ବ୍ୟକ୍ତିଗତ ପାରସ୍ପରିକ କଥାବାର୍ତ୍ତା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ। ଦୈନନ୍ଦିନ ଜୀବନରେ ଛାତ୍ରଛାତ୍ରୀ ଅନଲାଇନ କାର୍ଯ୍ୟକ୍ରମ ଆବଶ୍ୟକତା ଠାରୁ ଅଧିକ ନିର୍ଭରଶୀଳ ହେଲେ ତାଙ୍କ ଜୀବନରେ ସମ୍ପୂର୍ଣ୍ଣ ବୌଦ୍ଧିକ ବିକାଶ ହେବାରେ ପ୍ରତିବନ୍ଧକ ସୃଷ୍ଟିହେବ| ସାମାଜିକ ବ୍ୟବସ୍ଥା ଓ ପ୍ରଚଳିତ ବ୍ୟବସ୍ଥା ଠାରୁ ଦୂରେଇ ଗଲେ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ବିକାଶ ସମ୍ଭବ ହୋଇ ନଥାଏ|

ପ୍ରଯୁକ୍ତିବିଦ୍ୟା ଛାତ୍ରମାନଙ୍କ ପାଇଁ ଶିକ୍ଷାକୁ କିପରି ପରିବର୍ତ୍ତନ କରିଛି ?

A. ଏହା ଜ୍ଞାନ ଖୋଜିବା କଷ୍ଟକର କରିଦେଇଛି

B. ଏହା ଜ୍ଞାନକୁ ଅଧିକ ସହଜଲଭ୍ୟ କରିଛି

C. ଏହା ଶିକ୍ଷକମାନଙ୍କ ଆବଶ୍ୟକତାକୁ ଦୂର କରିଦେଇଛି

D. ଏହା କେବଳ ଯୋଗାଯୋଗରେ ପରିବର୍ତ୍ତନ ଆଣିଛି ✓

Q12 Odia

ପାଠ୍ୟରେ ଉଲ୍ଲେଖ କରାଯାଇଥିବା ସୋସିଆଲ ମିଡିଆର ପ୍ରାଥମିକ ଭୂମିକା କଣ?

A. ମନୋରଞ୍ଜନ ପାଇଁ ଭାଇରାଲ୍ ଭିଡିଓ ଦେଖିବା

B. ଚାକିରିର ସୁଯୋଗ ଖୋଜିବା

C. ସହପାଠୀମାନଙ୍କ ସହିତ ସହଯୋଗ ଏବଂ ଚିନ୍ତାଧାରା ବାଣ୍ଟିବା ✓

D. ଅଫଲାଇନ୍ ପାଠ୍ୟପୁସ୍ତକକୁ ବଦଳାଇବା

Q13 Odia

ଅନୁଚ୍ଛେଦ ଅନୁଯାୟୀ, ଅତ୍ୟଧିକ ସ୍କ୍ରିନ୍ ସମୟର ନକାରାତ୍ମକ ପ୍ରଭାବ କଣ?

A. ଶାରୀରିକ ସୁସ୍ଥତା ବୃଦ୍ଧି

B. ପାଠପଢ଼ାରେ ଏକାଗ୍ରତା ବୃଦ୍ଧି

C. ଏକାଗ୍ରତା ହ୍ରାସ ଏବଂ ବିଭ୍ରାନ୍ତି ବୃଦ୍ଧି ✓

D. ଉତ୍ତମ ଦୃଷ୍ଟିଶକ୍ତି

Q14 Odia

ଜ୍ଞାନକୁ ଅଧିକ ସହଜଲଭ୍ୟ କରିବା ପାଇଁ କେଉଁ ଉପକରଣଗୁଡ଼ିକୁ ଶ୍ରେୟ ଦିଆଯାଇଛି?

A. ସାମାଜିକ ଗଣମାଧ୍ୟମ ଏବଂ ଟେଲିଭିଜନ

B. ଅନଲାଇନ୍ କ୍ଲାସ୍, ଶିକ୍ଷାଭିତ୍ତିକ ଆପ୍ ଏବଂ ଇ-ବୁକ୍ ✓

C. ପାରମ୍ପରିକ ପାଠାଗାର ଏବଂ ଖବରକାଗଜ

D. ଭୌତିକ ନୋଟବୁକ୍ ଏବଂ କଲମ

Q15 Odia

ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ପାଇଁ ଲେଖକ କଣ ପରାମର୍ଶ ଦେଇଛନ୍ତି?

A. ଶିକ୍ଷାଭିତ୍ତିକ ଆପରେ ଅଧିକ ସମୟ ବିତାଇବା

B. ଅଫଲାଇନ୍ ଶିକ୍ଷାକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିବା

C. ଅନଲାଇନ୍ କାର୍ଯ୍ୟକଳାପ ସହିତ ଶାରୀରିକ ବ୍ୟାୟାମର ସନ୍ତୁଳନ ରକ୍ଷା କରିବା ✓

D. ସମସ୍ତ ଯୋଗାଯୋଗ ପାଇଁ କେବଳ ସୋସିଆଲ ମିଡିଆ ବ୍ୟବହାର କରିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Paper Set 66 · 18 Jun 2026 · 9:00 AM - 10:30 AM · Odia (Odia)

Odia

Q1 Odia

ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ
ସେ ଏକ "ଧନୀ" ବ୍ୟବସାୟୀ।

- **A.** A. ଗରିବ ✓
- **B.** B. ଭଲ
- **C.** D. ସୁନ୍ଦର
- **D.** C. ଶକ୍ତିଶାଳୀ

Q2 Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ସେ ଘରୁ ବାହାରିବା ଆଗରୁ ଜଳପାନ ଗ୍ରହଣ କରନ୍ତି ।

- **A.** A. He takes breakfast before leaving home. ✓
- **B.** C. He take breakfast before leave home.
- **C.** B. He taken breakfast before leaving house.
- **D.** D. He taking breakfast before to go.

Q3 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ରୋଜି ତା ସ୍କୁଲ ରେ ଅଲ ରାଉଣ୍ଡର ପୁରସ୍କାର ପାଇଲା ।

- **A.** C. Rosy won the all-rounder award in her school. ✓
- **B.** B. Rosy will win the all-rounder award in her school.
- **C.** A. Rosy is the all-rounder in her school.
- **D.** D. Rosy was the winner of the all-rounder award in her school.

Q4 Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ଲତା ମଙ୍ଗେଶ୍କରଙ୍କ ସୁମଧୁର କଣ୍ଠସ୍ୱର ର ଭଜନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦିଏ ।

- **A.** C. The melodious Bhajans of Lata Mangeshkar's voice enchant everyone. ✓
- **B.** B. Lata Mangeshkar's melodious voice of Bhajans were very beautiful .
- **C.** A. Lata Mangeshkar's Bhajans are very soothing .
- **D.** D. Lata Mangeshkar's melodious voice enchants everyone.

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q5 Odia

ନିମ୍ନଲିଖିତ ଅନୁଚ୍ଛେଦକୁ ପାଠ କରି ପ୍ରଶ୍ନଗୁଡିକର ଉତ୍ତର ବାଛ ।
କୁହାଯାଏ "ନଈ କେ ବାଙ୍କ,ଦେଶ କେ ଫାଙ୍କ" । ସାଧାରଣତଃ ମୃତ୍ତିକାର କୋମଳ ଅଂଶ ଦେଇ ନଈ ଧାର ଆଗେଇ ଚାଲେ । ଯେଉଁ ପାର୍ଶ୍ୱରେ ମାଟି ଯେତେ କୋହଳ ତାହା ସେହି ଆଡ଼କୁ ସେତେ ମୁହାଁଇ ଯାଏ । ତେଣୁ ସେହି ଆଡ଼କୁ ବଙ୍କାହୋଇ ଆଗକୁ ଯାଏ। ଏହି କ୍ରମରେ ପ୍ରତ୍ୟେକ ନଦୀର ଗତିପଥ ବକ୍ର ହୋଇଥାଏ । ଅନ୍ୟ ପକ୍ଷରେ 'ଫାଙ୍କ'ର ଅର୍ଥ ହେଉଛି ବିଭିନ୍ନ ରୀତି ବା ବିଶେଷ ରୀତି । ତେଣୁ ଦେଶକେ ଫାଙ୍କ'ର ଅର୍ଥ - ପ୍ରତ୍ୟେକ ଦେଶର ଚଳଣି ରୀତି ହେଉଛି ସ୍ୱତନ୍ତ୍ର । ତାହା ଅନ୍ୟ ଦେଶର ଚଳଣି ଠାରୁ ଭିନ୍ନ । ଯେପରିକି ; ଇଂଲଣ୍ଡରେ ବାସ କରୁଥିବା ଲୋକେ ଇଂରାଜୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କଲାବେଳେ ପାକିସ୍ଥାନର ଲୋକେ ଉର୍ଦ୍ଦୁଭାଷାକୁ ନିଜର କରି ନେଇଛନ୍ତି । ସେହିପରି ଆମ ଭାରତରେ ବିବିଧ ଭାଷା ପ୍ରଚଳିତ ଥିବା ସତ୍ତ୍ୱେ 'ହିନ୍ଦୀ' ରାଷ୍ଟ୍ରଭାଷାର ମାନ୍ୟତା ଲାଭ କରିଛି । ଖାଦ୍ୟ, ପାନୀୟ ତଥା ପୋଷାକ ଓ ପର୍ବପର୍ବାଣି ପାଳନରେ ମଧ୍ୟ ତାରତମ୍ୟ ରହିଛି । ଏଥିରୁ ଜଣାଯାଏ, ମନୁଷ୍ୟରୁ ମନୁଷ୍ୟ ଓ ଦେଶରୁ ଦେଶ ମଧ୍ୟରେ ଚଳଣି ତଥା ରୀତିନୀତିର ଭିନ୍ନତା ନିଶ୍ଚିତ ଭାବରେ ରହିବ ହିଁ ରହିବ। କିନ୍ତୁ ସମ୍ପର୍କ ସ୍ଥାପନ କରିବାକୁ ହେଲେ ତାଙ୍କ ରୀତିନୀତି ତଥା ପରିସ୍ଥିତି ପ୍ରତି ଅସୂୟା ଭାବ ପୋଷଣ ନକରି ନିଜକୁ ସାମିଲ କରିନେବା ହେଉଛି ବୁଦ୍ଧିମାନର କାମ ।

"ଫାଙ୍କ" ଶବ୍ଦର ଅର୍ଥ କଣ ?

- **A.** A. ଖାଲି ସ୍ଥାନ
- **B.** D. ବିଭିନ୍ନ ରୀତି ବା ବିଶେଷ ରୀତି ✓
- **C.** C. ଏକମାତ୍ର ପଦ୍ଧତି
- **D.** B. ଅନୁଶାସନ

Q6 Odia

ଅନ୍ୟ ଦେଶ ସହ ସମ୍ପର୍କ ସ୍ଥାପନ ପାଇଁ କଣ କରିବା ଉଚିତ ?

- **A.** D. ନିଜ ରୀତିକୁ ଜୋର କରିବା
- **B.** B. ଅସୁୟା ଭାବ ପୋଷଣ କରିବା
- **C.** C. ତାଙ୍କ ରୀତିନୀତିକୁ ଅସ୍ୱୀକାର କରିବା
- **D.** A. ତାଙ୍କ ରୀତିନୀତିକୁ ସ୍ୱୀକାର କରି ନିଜକୁ ସାମିଲ କରିବା ✓

Q7 Odia

ଭାରତ ବର୍ଷରେ କେଉଁ ଭାଷା ରାଷ୍ଟ୍ରଭାଷାର ମାନ୍ୟତା ଲାଭ କରିଛି ବୋଲି ଉଲ୍ଲେଖ ଅଛି ?

- **A.** B. ଓଡିଆ
- **B.** D. ଇଂରାଜୀ
- **C.** C. ଉର୍ଦ୍ଦୁ
- **D.** A. ହିନ୍ଦୀ ✓

Q8 Odia

ଅନୁଚ୍ଛେଦ ଅନୁସାରେ ପ୍ରତ୍ୟେକ ଦେଶର ଚଳଣି କିପରି ?

- **A.** B. ସମାନ
- **B.** A. ଅସ୍ଥାୟୀ
- **C.** D. ସ୍ୱତନ୍ତ୍ର ଓ ଭିନ୍ନ ✓
- **D.** C. ଅନିୟମିତ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q9 Odia

ନଦୀର ଗତିପଥ ବକ୍ର(ଅଙ୍କାବଙ୍କା) ହେବାର ପ୍ରମୁଖ କାରଣ କଣ ?

A. B. ପାଣିର ଅଭାବ

B. C. ପାହାଡର ଉପସ୍ଥିତି

C. A. ମୃତ୍ତିକାର କୋମଳତାର ଭିନ୍ନତା ✓

D. D. ବାୟୁର ଚାପ

Q10 Odia

କାଲି ମୋତେ ଜ୍ୱର ହୋଇଥିଲା , ତେଣୁ ମୁଁ ସ୍କୁଲକୁ ଯାଇ ନ ଥିଲି ।ଏଥିରେ ଥିବା ଅବ୍ୟୟ ପଦଟିକୁ ଚିହ୍ନଟ କର ।

A. A. ମୋତେ

B. D. ହୋଇଥିଲା

C. C. ସ୍କୁଲକୁ

D. B. ତେଣୁ ✓

Q11 Odia

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ 'ତଦ୍ଭବ' ଶବ୍ଦର ଉଦାହରଣ?

A. B. ଆକାଶ

B. D. ପର୍ବତ

C. A. ନଦୀ

D. C. ଘିଅ ✓

Q12 Odia

ନିମ୍ନୋକ୍ତ ବାକ୍ୟଗୁଡିକ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚିହ୍ନଟ କର।

A. C. ଜନସେବକମାନେ ବନା ସମୟରେ ସାହସର ଡଙ୍ଗାରେ ସହିତ ଯାଇ ଗାଁ' ଗଣ୍ଡାରେ ଚୁଡ଼ାଚାଉଳ ବାଣ୍ଟନ୍ତି ।

B. A. ସାହସର ଜନସେବକମାନେ ବନ୍ୟା ସମୟରେ ସହିତ ଡଙ୍ଗାରେ ଯାଇ ଗାଁ' ଗଣ୍ଡାରେ ଚୁଡ଼ାଚାଉଳ ବାଣ୍ଟନ୍ତି ।

C. D. ଜନସେବକମାନେ ବନ୍ୟା ସମୟରେ ସାହସର ସହିତ ଡଙ୍ଗାରେ ଯାଇ ଗାଁ' ଗଣ୍ଡାରେ ଚୁଡ଼ାଚାଉଳ ବାଣ୍ଟନ୍ତି । ✓

D. B. ଜନସେବକମାନେ ବନ୍ୟା ଡଙ୍ଗାରେ ସମୟରେ ସାହସର ଚୂଡ଼ାଚାଉଳ ସହିତ ଯାଇ ଗାଁ' ଗଣ୍ଡାରେ ବାଣ୍ଟନ୍ତି ।

Q13 Odia

ନିମ୍ନଲିଖିତ ମଧ୍ୟରୁ କେଉଁଟି ସମ୍ବୋଧନ ସୂଚକ ଅବ୍ୟୟ ନୁହେଁ ।

A. A. ହେ

B. D. ଆରେ

C. B. ଗୋ

D. C. ଏବେ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q14 Odia

ଦୀପ ମିଞ୍ଜିମିଞ୍ଜି ଜଳୁଛି ।- ରେଖାଙ୍କିତ ପଦଟି କେଉଁ ପ୍ରକାର କ୍ରିୟା ବିଶେଷଣ?

A. B. ବିଧେୟ ବିଶେଷଣ

B. C. କ୍ରିୟା ବିଶେଷଣ ✓

C. D. ବିଶେଷଣର ବିଶେଷଣ

D. A. ଅବସ୍ଥାବାଚକ ବିଶେଷଣ

Q15 Odia

ନିମ୍ନଲିଖିତ ମଧ୍ୟରୁ ତଦ୍ଭବ ଶବ୍ଦ କେଉଁଟି ?

A. C. ଆଚାର

B. B. ଆଲମାରି

C. A. କୋବି

D. D. କୁଆଁରୀ ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

